# ଭାରତର

# ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ

## 31 ମାର୍ଚ୍ଚ 2010 ରେ ସମାପ୍ତ ବର୍ଷ ପାଇଁ

## ପ୍ରତିବେଦନ

(ସଂଖ୍ୟା 3)

## ରାଜସ୍ୱ ପ୍ରାପ୍ତି



## ଓଡ଼ିଶା ସରକାର

# ଭାରତର

# ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ

# 31 ମାର୍ଚ୍ଚ 2010 ରେ ସମାପ୍ତ ବର୍ଷ ପାଇଁ

# ପ୍ରତିବେଦନ

(ସଂଖ୍ୟା 3)

## ରାଜସ୍ୱ ପ୍ରାପ୍ତି

## ଓଡ଼ିଶା ସରକାର

www.cag.gov.in

## ସୂଚୀପତ୍ର


| | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ମୁଖବନ୍ଧ | -- | vii |
| ବିହଙ୍ଗାବଲୋକନ | -- | ix-xiii |
| **ଅଧ୍ୟାୟ I: ସାଧାରଣ** | | |
| ରାଜସ୍ୱ ପ୍ରାପ୍ତିର ଧାରା | 1.1 | 1 |
| ବିଭାଗ ତଥା ସରକାରଙ୍କର ସମୀକ୍ଷା ପ୍ରତି ଜବାବ | 1.2 | 4 |
| ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଦାୟିତ୍ୱଧିନତା ପ୍ରବର୍ତ୍ତନରେ ଓ ରାଜ୍ୟ ସରକାରଙ୍କ ସ୍ୱାର୍ଥରକ୍ଷାରେ ବିଫଳତା | 1.2.1 | 4 |
| ବିଭାଗୀୟ ସମୀକ୍ଷା କମିଟି ବୈଠକ | 1.2.2 | 6 |
| ସମୀକ୍ଷାରେ ସମ୍ୟକ ପରୀକ୍ଷା ପାଇଁ ନଥିପତ୍ର ଅନୁପସ୍ଥାପନ | 1.2.3 | 7 |
| ଚିଠା ସମୀକ୍ଷା ଅନୁଚ୍ଛେଦ ଗୁଡିକ ପ୍ରତି ବିଭାଗମାନଙ୍କ ଜବାବ | 1.2.4 | 7 |
| ସମୀକ୍ଷା ପ୍ରତିବେଦନ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ – ସଂକ୍ଷିପ୍ତ ସ୍ଥିତି | 1.2.5 | 8 |
| ପୂର୍ବ ସମୀକ୍ଷା ପ୍ରତିବେଦନ ଗୁଡିକର ଅନୁପାଳନ | 1.2.6 | 9 |
| ସମୀକ୍ଷା ଦ୍ୱାରା ଉତ୍ଥାପିତ ବିଷୟ ଗୁଡିକ ପରିଚାଳିତ ହେଉଥିବା ପଦ୍ଧତିର ବିଶ୍ଳେଷଣ | 1.3 | 10 |
| ନିରୀକ୍ଷଣ ପ୍ରତିବେଦନର ସ୍ଥିତି | 1.3.1 | 10 |
| ସମୀକ୍ଷା ପ୍ରତିବେଦନ ଗୁଡିକର ପ୍ରଧାନ ଅଂଶ ପ୍ରତି ବିଭାଗ/ସରକାରଙ୍କର ଭରସା ପ୍ରଦାନ | 1.3.2 | 10 |
| ସମୀକ୍ଷା ଯୋଜନା | 1.4 | 12 |
| ସମୀକ୍ଷାର ପରିଣାମ | 1.5 | 12 |
| ବର୍ଷ ମଧ୍ୟରେ ଅନୁଷ୍ଠିତ ସ୍ଥାନୀୟ ସମୀକ୍ଷାର ସ୍ଥିତି | 1.5.1 | 12 |
| ଏହି ପ୍ରତିବେଦନ | 1.5.2 | 13 |
| **ଅଧ୍ୟାୟ II: ମୂଲ୍ୟଯୁକ୍ତ କର, ବିକ୍ରୟ କର, ପ୍ରବେଶ କର ଏବଂ ବୃତ୍ତି କର** | | |
| କର ପରିଚାଳନା | 2.1.1 | 15 |
| ରାଜସ୍ୱ ପ୍ରାପ୍ତିର ଧାରା | 2.1.2 | 15 |
| ଓଭାଟ୍ ଅଧିନିୟମରେ କରଦାତାଙ୍କ ପାର୍ଶ୍ୱଚିତ୍ର | 2.1.3 | 17 |
| ବିଚାରାଧୀନ ନିର୍ଦ୍ଧାରଣ ମାମଲା | 2.1.4 | 17 |
| ସଂଗ୍ରହ ଜନିତ ବ୍ୟୟ | 2.1.5 | 18 |
| ସଂଗ୍ରହର ବିଶ୍ଳେଷଣ | 2.1.6 | 18 |
| ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗର କାର୍ଯ୍ୟକାରିତା | 2.1.7 | 19 |
| ସମୀକ୍ଷାର ପ୍ରଭାବ | 2.1.8 | 19 |

| | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ସମୀକ୍ଷାର ପରିଣାମ | 2.1.9 | 20 |
| ସମୀକ୍ଷା ମନ୍ତବ୍ୟ | 2.2 | 21 |
| ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଏବଂ ନିୟମାବଳୀ ସମେତ ସରକାରଙ୍କ ଅଧିସୂଚନା ବ୍ୟବସ୍ଥା ପାଳନ/ଅନୁପାଳନ ନହେବା | 2.3 | 21 |
| ନିମ୍ନତର କର ହାର ପ୍ରୟୋଗ ହେତୁ କରର ସ୍ୱଳ୍ପାରୋପଣ | 2.3.1 | 22 |
| ସମୀକ୍ଷା ନିର୍ଦ୍ଧାରଣରେ ଜୋରିମାନା ଅନାରୋପଣ | 2.3.2.1 | 22 |
| ପ୍ରାରମ୍ଭିକ ଷ୍ଟକ୍ ଉପରେ ନିବେଶ କର ଜମାର ଭ୍ରମାତ୍ମକ ଦାବୀ ଉପରେ ଜୋରିମାନାର ଅନାରୋପଣ | 2.3.2.2 | 23 |
| ଓଡିଶା ବିକ୍ରୟ କର/କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ/ନିୟମାବଳୀ ସମେତ ସରକାରୀ ଅଧିସୂଚନା ଗୁଡିକର ବ୍ୟବସ୍ଥା ଅନୁପାଳନ/ପାଳନ ନହେବା | 2.4 | 24 |
| ତ୍ରୁଟିପୂର୍ଣ୍ଣ ଘୋଷଣାପତ୍ରର ଗ୍ରହଣ କିମ୍ବା ବୈଧ ଘୋଷଣାପତ୍ରର ଅଭାବ ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ କରର ଅନାରୋପଣ/ସ୍ୱଳ୍ପାରୋପଣ | 2.4.1.1 | 25 |
| ଘୋଷଣାପତ୍ରର ଉଲ୍ଲଙ୍ଘନ ହେତୁ ଭେଦାତ୍ମକ କର ଅନାରୋପଣ | 2.4.1.2 | 26 |
| ଅନିୟମିତ ବିୟୋଗୀକରଣ ଯୋଗୁଁ କରର ସ୍ୱଳ୍ପାରୋପଣ | 2.4.2 | 26 |
| ସମୀକ୍ଷା ନିର୍ଦ୍ଧାରଣରେ ନିର୍ଦ୍ଧାରିତ କିମ୍ବା ନିସ୍ତାର ପାଇଥିବା କାରବାର ଉପରେ ନିର୍ଦ୍ଧାରିତ କର ଉପରୁ ଜୋରିମାନା ଅନାରୋପଣ | 2.4.3 | 27 |
| ଓଡିଶା ପ୍ରବେଶ କର ଅଧିନିୟମ/ନିୟମାବଳୀ ସମେତ ସରକାରଙ୍କ ଅଧିସୂଚନା ବ୍ୟବସ୍ଥା ଗୁଡିକର ଅନୁପାଳନ/ପାଳନ ନହେବା | 2.5 | 28 |
| କ୍ରୟ ଗୋପନ ହେତୁ କର ସ୍ୱଳ୍ପାରୋପଣ | 2.5.1 | 28 |
| କରଯୋଗ୍ୟ କାରବାରର ନିସ୍ତାରଣ ଯୋଗୁଁ ପ୍ରବେଶ କରର ଅନାରୋପଣ | 2.5.2 | 29 |
| ବିଭିନ୍ନ କ୍ଷେତ୍ରରେ ଜୋରିମାନାର ଅନାରୋପଣ | 2.5.3 | 30 |
| ବୃତ୍ତି କରର ଅନାରୋପଣ | 2.6 | 32 |
| **ଅଧ୍ୟାୟ III: ମୋଟର ଯାନ କର** | | |
| କର ପରିକଳ୍ପନା | 3.1.1 | 33 |
| ପ୍ରାପ୍ତିର ଧାରା | 3.1.2 | 33 |
| ସଂଗ୍ରହ ଜନିତ ବ୍ୟୟ | 3.1.3 | 34 |
| ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗର କାର୍ଯ୍ୟକାରିତା | 3.1.4 | 34 |
| ସମୀକ୍ଷାର ପ୍ରଭାବ | 3.1.5 | 34 |
| ସମୀକ୍ଷାର ପରିଣାମ | 3.1.6 | 35 |
| ସମୀକ୍ଷା ମନ୍ତବ୍ୟ | 3.2 | 36 |
| ଅଧିନିୟମ/ନିୟମାବଳୀରେ ଥିବା ବ୍ୟବସ୍ଥାର ଅନୁପାଳନ ନହେବା | 3.3 | 36 |
| ମୋଟରଯାନ କର ଏବଂ ଅତିରିକ୍ତ କରର ଅନାଦାୟ/ସ୍ୱଳ୍ପାଦାୟ | 3.3.1 | 36 |

| | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ପରମିଟ୍ ବିନା ଚଳାଚଳ କରୁଥିବା ଯାତ୍ରୀବାହୀ ଗାଡିଗୁଡିକର କର ଅନାଦାୟ/ସ୍ୱଳ୍ପାଦାୟ | 3.3.2 | 37 |
| ଠିକା ଗାଡି ଭାବରେ ବ୍ୟବହୃତ ଯାତ୍ରୀବାହୀ ଗାଡିଗୁଡିକ ଠାରୁ ଭେଦାତ୍ମକ କର ଅନାଦାୟ | 3.3.3 | 38 |
| ଆନ୍ତଃରାଜ୍ୟ ମାର୍ଗରେ ଚଳାଚଳ କରୁଥିବା ଯାତ୍ରୀବାହୀ ଗାଡିଗୁଡିକ ବାବଦ ମୋଟରଯାନ କର/ଅତିରିକ୍ତ କର ଅନାଦାୟ/ସ୍ୱଳ୍ପାଦାୟ | 3.3.4 | 39 |
| ବିଳମ୍ବରେ ପୈଠ ହୋଇଥିବା ମୋଟରଯାନ କର ଏବଂ ଅତିରିକ୍ତ କର ବାବଦରେ ଜୋରିମାନାର ଅନାରୋପଣ/ସ୍ୱଳ୍ପାରୋପଣ | 3.3.5 | 39 |
| ସରକାରୀ ଅଧିସୂଚନା/ନିଷ୍ପତ୍ତିର ଅନୁପାଳନ ନହେବା | 3.4 | 40 |
| ପ୍ରତିସ୍ୱାକ୍ଷରିତ ଫିସ୍/ ପ୍ରକ୍ରୀୟା ଫିସ୍‌ର ଅନାଦାୟ/ସ୍ୱଳ୍ପାଦାୟ | 3.4.1 | 40 |
| ପାରସ୍ପରିକ ରାଜିନାମା ଅନ୍ତର୍ଗତ ମାଲବାହୀ ଗାଡିଗୁଡିକ ବାବଦ ମିଶ୍ରିତ କର ଅନାଦାୟ | 3.4.2 | 41 |
| **ଅଧ୍ୟାୟ IV: ଭୂ-ରାଜସ୍ୱ, ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍** | | |
| କର ପରିଚ୍ଛଳନା | 4.1.1 | 43 |
| ପ୍ରାପ୍ତିର ଧାରା | 4.1.2 | 43 |
| ଆଦାୟ ଜନିତ ବ୍ୟୟ | 4.1.3 | 45 |
| ସମୀକ୍ଷାର ପ୍ରଭାବ | 4.1.4 | 46 |
| ସମୀକ୍ଷାର ପରିଣାମ | 4.1.5 | 47 |
| ସରକାରୀ ଜମି ହସ୍ତାନ୍ତରଣ, ପଟ୍ଟା ଓ ଜବର ଦଖଲ | 4.2 | 48 |
| ଅନ୍ୟାନ୍ୟ ସମୀକ୍ଷା ଅବଲୋକନ | 4.3 | 61 |
| ସଂପରିବର୍ତ୍ତନ ଫିସ୍‌ର ସ୍ୱଳ୍ପାରୋପଣ | 4.3.1 | 61 |
| ଅଧିନିୟମ/ନିୟମାବଳୀ ତଥା ସରକାରୀ ନିର୍ଦ୍ଦେଶନାମାରେ ଥିବା ବ୍ୟବସ୍ଥାର ପାଳନ ନହେବା | 4.4 | 62 |
| ସରକାରୀ ବିଜ୍ଞପ୍ତିର ପ୍ରସାରଣ ବିଳମ୍ବିତ ହେବାରୁ ଅତିରିକ୍ତ ଷ୍ଟାମ୍ପ ଶୁଳ୍କ ହାନି | 4.4.1 | 62 |
| ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍‌ର ସ୍ୱଳ୍ପାରୋପଣ | 4.4.2 | 63 |
| **ଅଧ୍ୟାୟ V: ରାଜ୍ୟ ଅବକାରୀ ଶୁଳ୍କ** | | |
| କର ପରିଚ୍ଛଳନା | 5.1.1 | 65 |
| ରାଜସ୍ୱ ପ୍ରାପ୍ତିର ଧାରା | 5.1.2 | 65 |
| ସଂଗ୍ରହ ଜନିତ ବ୍ୟୟ | 5.1.3 | 66 |
| ସମୀକ୍ଷାର ପ୍ରଭାବ | 5.1.4 | 66 |
| ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗର କାର୍ଯ୍ୟକାରିତା | 5.1.5 | 66 |
| ସମୀକ୍ଷାର ପରିଣାମ | 5.1.6 | 67 |
| ସମୀକ୍ଷା ମନ୍ତବ୍ୟ | 5.2 | 67 |

| | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ଅଧିନିୟମ/ନିୟମାବଳୀ/ବାର୍ଷିକ ଅବକାରୀ ନୀତିର ବ୍ୟବସ୍ଥା ଏବଂ ସରକାରଙ୍କ ଅନୁଦେଶ ପାଳନ ନହେବା | 5.3 | 68 |
| ନ୍ୟୁନତମ ପ୍ରତ୍ୟାହୃତ ପରିମାଣ ମଦର ସ୍ୱଳ୍ପ ଉଠାଣ ବାବଦରେ ଶୁଳ୍କର ଅନାରୋପଣ | 5.3.1 | 68 |
| ପ୍ରତିଷ୍ଠାନ ଖର୍ଚ୍ଚ ଏବଂ ଅଧିକାଳୀନ ପାରିଶ୍ରମିକର ଅନାଦାୟ/ସ୍ୱଳ୍ପାଦାୟ | 5.3.2 | 69 |
| ନିର୍ଦ୍ଧାରିତ ସମୟସୀମା ବାହାରେ ପାତନଶାଳା ଚଲୁ ରଖିବା ଫିସ୍‌ର ଅନାରୋପଣ | 5.3.3 | 69 |
| ଦେଶୀ ସ୍ପିରିଟ୍‌ର ସ୍ୱଳ୍ପ ଯୋଗାଣରେ ଜୋରିମାନା ଅନାରୋପଣ | 5.3.4 | 70 |
| ମହୁଲ ଫୁଲର ଭେଦାତ୍ମକ ଗଛିତ ଫିସ୍ ଅନାଦାୟ | 5.3.5 | 70 |
| ଲେବୁଲ ରେଜିଷ୍ଟ୍ରେସନ ଫିସ୍‌ର ଅନାରୋପଣ | 5.3.6 | 71 |
| ମଣିଷ ବ୍ୟବହାର ଅନୁପଯୁକ୍ତ କାଣ୍ଟି ବିଅରକୁ ନଷ୍ଟ ନକରିବା ଏବଂ ଜୋରିମାନାର ଅନାରୋପଣ | 5.3.7 | 71 |
| ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଦୋକାନୀମାନଙ୍କ ଠାରୁ ପରିବହନ ଫିସ୍ ଅନାଦାୟ | 5.3.8 | 72 |
| ମଦ ଦୋକାନ ଗୁଡିକ ସ୍ଥିରିକୃତ ନହେବାରୁ ରାଜସ୍ୱ ହାନି | 5.3.9 | 72 |
| **ଅଧ୍ୟାୟ VI: ବନ ପ୍ରାପ୍ତି** | | |
| ଅଣକର ରାଜସ୍ୱ ପରିଚାଳନା | 6.1.1 | 75 |
| ରାଜସ୍ୱ ପ୍ରାପ୍ତିର ଧାରା | 6.1.2 | 75 |
| ସମୀକ୍ଷାର ପ୍ରଭାବ | 6.1.3 | 76 |
| ସମୀକ୍ଷାର ପରିଣାମ | 6.1.4 | 77 |
| ସମୀକ୍ଷା ମନ୍ତବ୍ୟ | 6.2 | 78 |
| ଆଇନ ବ୍ୟବସ୍ଥା ତଥା ସରକାରୀ ଆଦେଶର ଅନୁପାଳନ ନହେବା | 6.3 | 78 |
| ବିଳମ୍ବରେ ପ୍ରଦତ୍ତ ରାଜଭାଗ ଉପରେ ସୁଧ ଅନାରୋପଣ | 6.3.1 | 78 |
| ଗଡିକାଠ ଓ ଖୁଣ୍ଟ ଗୁଡିକର ଅଣନିକାଶ | 6.3.2 | 79 |
| ଅନୁଚିତ ହାର ପ୍ରୟୋଗ ହେତୁ ରାଜଭାଗ ସ୍ୱଳ୍ପଦାବୀ ଉତ୍ଥାପନ | 6.3.3 | 79 |
| **ଅଧ୍ୟାୟ VII: ଖଣିଜ ପ୍ରାପ୍ତି** | | |
| ଅଣକର ରାଜସ୍ୱ ପରିଚାଳନା | 7.1.1 | 81 |
| ରାଜସ୍ୱ ପ୍ରାପ୍ତିର ଧାରା | 7.1.2 | 81 |
| ସମୀକ୍ଷାର ପ୍ରଭାବ | 7.1.3 | 82 |
| ସମୀକ୍ଷାର ପରିଣାମ | 7.1.4 | 82 |
| ସମୀକ୍ଷା ମନ୍ତବ୍ୟ | 7.2 | 83 |
| ଅଧିନିୟମ/ନିୟମାବଳୀ ବ୍ୟବସ୍ଥା ଅନୁପାଳନ ନହେବା | 7.3 | 83 |
| ଲୌହ ପଥର ଉପରେ ରାଜଭାଗ ସ୍ୱଳ୍ପାରୋପଣ | 7.3.1 | 83 |

| | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ଭ୍ରମାତ୍ମକ ହାର ପ୍ରୟୋଗ ହେତୁ ରାଜଭାଗ ସ୍ୱଳ୍ପାରୋପଣ | 7.3.2 | 84 |
| **ଅଧ୍ୟାୟ VIII: ଅନ୍ୟାନ୍ୟ ବିଭାଗୀୟ ପ୍ରାପ୍ତି** | | |
| ସମୀକ୍ଷାର ପରିଣାମ | 8.1 | 87 |
| ସମୀକ୍ଷା ମନ୍ତବ୍ୟ | 8.2 | 88 |
| ଅଧିନିୟମ/ନିୟମାବଳୀ ବ୍ୟବସ୍ଥା ଏବଂ ନିଷ୍ପତ୍ତିର ଅନୁପାଳନ ନହେବା | 8.3 | 88 |
| ବିଦ୍ୟୁତ ଶକ୍ତିର ସହାୟକ ବ୍ୟବହାର ଉପରେ ବିଦ୍ୟୁତ ଶୁଳ୍କ ଅନାରୋପଣ | 8.3.1 | 89 |
| ବିଦ୍ୟୁତ ଶୁଳ୍କ ଅନାରୋପଣ | 8.3.2 | 89 |
| ବ୍ୟବହାର ବିବେଚିତ ବିଦ୍ୟୁତ ଶୁଳ୍କରୁ ନିସ୍ତାର | 8.3.3 | 90 |
| ଅଧିନିୟମ ଓ ନିୟମାବଳୀର ବ୍ୟବସ୍ଥା ପାଳନ ନହେବା | 8.4 | 93 |
| ଆରକ୍ଷୀ କର୍ମଚାରୀ ବର୍ଗଙ୍କ ମୁତୟନ ଦେୟ ସ୍ୱଳ୍ପାରୋପଣ | 8.4.1 | 93 |
| ବିଭାଗୀୟ ମତ୍ସ୍ୟ ଫାର୍ମ ଗୁଡିକ ଲିଜ୍ ଦେବାରେ ରାଜ୍ୟ ଜଳ ଭଣ୍ଡାର ମତ୍ସ୍ୟ ନୀତିର ଅନିୟମିତ କାର୍ଯ୍ୟାନ୍ୱୟନ ଏବଂ ସରକାରଙ୍କ ନିଷ୍ପତ୍ତି/ମାର୍ଗଦର୍ଶିକା ପାଳନ ନହେବା | 8.5 | 94 |
| ଲିଜ ଦିଆଯାଇଥିବା ଜଳ ଭଣ୍ଡାରରୁ ରାଜସ୍ୱ ସ୍ୱଳ୍ପାଦାୟ | 8.5.1 | 94 |
| ଜଳ ଭଣ୍ଡାର ଗୁଡିକ ଲିଜ ନଦେବା ହେତୁ ରାଜସ୍ୱ ହାନି | 8.5.2 | 95 |
| ଲିଜ ଦଲିଲ ଗୁଡିକ ରେଜେଷ୍ଟ୍ରି ନହେବାରୁ ରାଜସ୍ୱ ହାନି/ ଅନାଦାୟ | 8.5.3 | 96 |
| ବିକ୍ରୟଲବ୍ଧ ଅର୍ଥ ଅପ୍ରେରଣ | 8.5.4 | 96 |

# ମୁଖବନ୍ଧ

ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ ନିମନ୍ତେ ସମ୍ବିଧାନର 151(2) ଧାରା ଅନୁସାରେ 31 ମାର୍ଚ୍ଚ 2010 ରେ ସମାପ୍ତ ହୋଇଥିବା ବର୍ଷ ପାଇଁ ଏହି ପ୍ରତିବେଦନ ପ୍ରସ୍ତୁତ କରାଯାଇଅଛି ।

ରାଜ୍ୟ ସରକାରଙ୍କର ରାଜସ୍ୱପ୍ରାପ୍ତି ସମୁହର ସମୀକ୍ଷା ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ) ଅଧିନିୟମ, 1971 ର ଧାରା 16 ଅନୁସାରେ କରାଯାଏ । ଏହି ପ୍ରତିବେଦନରେ ରାଜ୍ୟର ବିକ୍ରୟ କର, ମୂଲ୍ୟଯୁକ୍ତ କର (ଭାଟ୍), ପ୍ରବେଶ କର, ମୋଟର ଯାନ କର, ଭୂ-ରାଜସ୍ୱ, ଷ୍ଟାମ୍ପ ଶୁଳ୍କ ଏବଂ ନିବନ୍ଧନ ଫିସ୍, ରାଜ୍ୟ ଅବକାରୀ ଶୁଳ୍କ ଓ ଫିସ୍, ବନ ପ୍ରାପ୍ତି, ଖଣିଜ ପ୍ରାପ୍ତି ଏବଂ ଅନ୍ୟାନ୍ୟ ବିଭାଗୀୟ ପ୍ରାପ୍ତି ସମୁହର ସମୀକ୍ଷା ଫଳାଫଳ ଉପସ୍ଥାପନ କରାଯାଇଅଛି ।

ଏହି ପ୍ରତିବେଦନରେ 2009-10 ମସିହା ତଥା ପୂର୍ବବର୍ଷ ମାନଙ୍କରେ ନଥିପତ୍ରର ନମୁନା ଯାଞ୍ଚ ସମୟରେ ପରିଲକ୍ଷିତ ବିଷୟମାନ ଯାହା ପୂର୍ବବର୍ତ୍ତୀ ପ୍ରତିବେଦନ ଗୁଡ଼ିକରେ ଅନ୍ତର୍ଭୁକ୍ତ କରାଯାଇ ପାରିନଥିଲା, ତାହା ଉଲ୍ଲେଖ କରାଯାଇଅଛି ।

ଅନୁବାଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ ।

# ବିହଙ୍ଗାବଲୋକନ

## I ସାଧାରଣ

ଏହି ପ୍ରତିବେଦନରେ 304.94 କୋଟି[1] ଟଙ୍କାର କର, ସୁଧ, ଜୋରିମାନା ଇତ୍ୟାଦିର ଅନାରୋପଣ/ ସ୍ୱଳ୍ପାରୋପଣ, ରାଜସ୍ୱ ହାନି ସମ୍ବନ୍ଧୀୟ ଗୋଟିଏ ପୁନର୍ବିଲୋକନ ସମେତ 42 ଗୋଟି ଅନୁଚ୍ଛେଦ ସ୍ଥାନ ପାଇଅଛି । କେତେକ ମୁଖ୍ୟ ସିଦ୍ଧାନ୍ତ ନିମ୍ନରେ ପ୍ରଦତ୍ତ ହେଲା ।

**(ଅନୁଚ୍ଛେଦ 1.5.2)**

ବିଗତ ବର୍ଷରେ ସରକାରଙ୍କ ସମୁଦାୟ ରାଜସ୍ୱ ପ୍ରାପ୍ତି[2] 24,610.01 କୋଟି ଟଙ୍କା ହୋଇଥିବା ସ୍ଥଳେ 2009-10 ବର୍ଷରେ ଏହା 26,430.21 କୋଟି ଟଙ୍କା ହୋଇଥିଲା । ଏଥି ମଧ୍ୟରୁ 46.14 ପ୍ରତିଶତ, କର ରାଜସ୍ୱ (8,982.34 କୋଟି ଟଙ୍କା) ଓ ଅଣକର ରାଜସ୍ୱ (3,212.20 କୋଟି ଟଙ୍କା) ବାବଦରେ ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହୀତ ହୋଇଥିଲା । ଅବଶିଷ୍ଟ 53.86 ପ୍ରତିଶତ, ବିଭାଜ୍ୟ କେନ୍ଦ୍ରୀୟ କରରୁ ରାଜ୍ୟର ଅଂଶ (8,518.65 କୋଟି ଟଙ୍କା) ଓ ସହାୟକ ଅନୁଦାନ (5,717.02 କୋଟି ଟଙ୍କା) ବାବଦରେ ଭାରତ ସରକାରଙ୍କ ଠାରୁ ପ୍ରାପ୍ତ ହୋଇଥିଲା ।

**(ଅନୁଚ୍ଛେଦ 1.1.1)**

31 ଡିସେମ୍ବର 2009 ସୁଦ୍ଧା ଜାରି ହୋଇଥିବା 3,251 ଗୋଟି ପ୍ରତିବେଦନରେ 4,685.50 କୋଟି ଟଙ୍କା ସମ୍ବଳିତ 9,285 ଗୋଟି ସମୀକ୍ଷା ଅବଲୋକନ, 30 ଜୁନ୍ 2010 ପର୍ଯ୍ୟନ୍ତ ସମ୍ପୃକ୍ତ ବିଭାଗ ଗୁଡ଼ିକର ଟିପ୍ପଣୀ/ ଅନ୍ତିମ କାର୍ଯ୍ୟାନୁଷ୍ଠାନ ଅଭାବରୁ ନିଷ୍ପତ୍ତି ନହୋଇ ପଡିରହିଥିଲା ।

**(ଅନୁଚ୍ଛେଦ 1.2.1)**

2009-10 ବର୍ଷ ମଧ୍ୟରେ ବିକ୍ରୟ କର/ମୂଲ୍ୟଯୁକ୍ତ କର (ଭାଟ୍), ପ୍ରବେଶ କର, ମୋଟରଯାନ କର, ଭୂ-ରାଜସ୍ୱ, ରାଜ୍ୟ ଅବକାରୀ, ବନ ପ୍ରାପ୍ତି, ଖଣିଜ ପ୍ରାପ୍ତି ଏବଂ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟାଳୟ ଗୁଡ଼ିକର ନଥିପତ୍ରର ନମୁନା ଯାଞ୍ଚକ୍ରମେ 2,47,648 ଗୋଟି ମାମଲାରେ 1,164.78 କୋଟି ଟଙ୍କାର ଅବନିର୍ଦ୍ଧାରଣ/ସ୍ୱଳ୍ପାରୋପଣ/ରାଜସ୍ୱ ହାନି ଇତ୍ୟାଦି ପରିଲକ୍ଷିତ ହୋଇଥିଲା । 2009-10 ବର୍ଷ ମଧ୍ୟରେ ସମ୍ପୃକ୍ତ ବିଭାଗ ଗୁଡ଼ିକ 84,399 ଗୋଟି ମାମଲାରେ 306.08 କୋଟି ଟଙ୍କାର ଅବନିର୍ଦ୍ଧାରଣ ଓ ଅନ୍ୟାନ୍ୟ ଅନିୟମିତତାକୁ ଗ୍ରହଣ କରିଥିଲେ, ଯାହା 2009-10 ଓ ପୂର୍ବବର୍ତ୍ତୀ ବର୍ଷ ମାନଙ୍କରେ ଦର୍ଶାଯାଇଥିଲା । ବିଭାଗ ଗୁଡ଼ିକ ମଧ୍ୟ 32,136 ଗୋଟି ମାମଲାରେ 23.04 କୋଟି ଟଙ୍କା ଅସୁଲ କରିଥିଲେ ।

**(ଅନୁଚ୍ଛେଦ 1.5.1)**

## II ବିକ୍ରୟ କର, ମୂଲ୍ୟଯୁକ୍ତ କର ଏବଂ ପ୍ରବେଶ କର

ସମୀକ୍ଷା ନିର୍ଦ୍ଧାରଣରେ ପାଞ୍ଚଜଣ ବ୍ୟବସାୟୀଙ୍କ କ୍ଷେତ୍ରରେ, ଯଦିଚ 23.72 ଲକ୍ଷ ଟଙ୍କା କର ନିର୍ଦ୍ଧାରିତ ହୋଇଥିଲା, ନିର୍ଦ୍ଧାରିତ କରର ଦୁଇଗୁଣ 47.45 ଲକ୍ଷ ଟଙ୍କା ଜୋରିମାନା ବାବଦକୁ ଧାର୍ଯ୍ୟ ହୋଇ ନଥିଲା ।

**(ଅନୁଚ୍ଛେଦ 2.3.2.1)**

---

1 ଏହା ମଧ୍ୟରେ ରାଜସ୍ୱ ହାନି ଓ ଅବରୋଧ ସମ୍ବନ୍ଧୀୟ ଅନୁଚ୍ଛେଦ ଗୁଡ଼ିକ ଅନ୍ତର୍ଭୁକ୍ତ ହୋଇନାହିଁ ।

2 ବିହଙ୍ଗାବଲୋକନରେ ଦର୍ଶାଯାଇଥିବା ପରିମାଣ ନିକଟବର୍ତ୍ତୀ କୋଟି ଟଙ୍କାରେ ଦର୍ଶା ଯାଇଅଛି ।

ଦୁଇଜଣ ବ୍ୟବସାୟୀଙ୍କର 12.40 ଲକ୍ଷ ଟଙ୍କାର ନିବେଶ କର ଜମାର ଦାବି ଓ ଉପାଦେୟତା ନିର୍ଦ୍ଧାରଣ ସମୟରେ ଅଗ୍ରହଣୀୟ ହୋଇଥିଲେ ମଧ୍ୟ ଉକ୍ତ ନିବେଶ କର ଜମାର 10 ଗୁଣ ଅର୍ଥାତ୍ 1.24 କୋଟି ଟଙ୍କାର ଜୋରିମାନା ଧାର୍ଯ୍ୟ ହୋଇନଥିଲା ।

**(ଅନୁଚ୍ଛେଦ 2.3.2.2)**

13 ଜଣ ବ୍ୟବସାୟୀଙ୍କର 18.92 କୋଟି ଟଙ୍କାର ବିକ୍ରୟ କାରବାରରେ ରିଆତି ହାରରେ କର ଦାବି, ବୈଧ ଘୋଷଣାପତ୍ର ଦାଖଲ ନହୋଇ କିମ୍ବା ଅବୈଧ, ତ୍ରୁଟିପୂର୍ଣ୍ଣ, ପ୍ରତିରୂପ ନକଲ, ଫଟୋ ନକଲ ଓ କାରସାଦି ହୋଇଥିବା ଘୋଷଣାପତ୍ର ଗ୍ରହଣ ହେବା ଫଳରେ 1.28 କୋଟି ଟଙ୍କାର କର ଅନାରୋପଣ/ସ୍ୱଳ୍ପାରୋପଣ ହୋଇଥିଲା ।

**(ଅନୁଚ୍ଛେଦ 2.4.1.1)**

ସମୀକ୍ଷା ନିର୍ଦ୍ଧାରଣରେ ନିର୍ଦ୍ଧାରିତ କିମ୍ବା ନିର୍ଦ୍ଧାରଣରେ ନିସ୍ତାର ପାଇଥିବା କାରବାର ଉପରେ ନିର୍ଦ୍ଧାରିତ 10.83 କୋଟି ଟଙ୍କା କରର ଦୁଇଗୁଣ ହିସାବରେ 21.66 କୋଟି ଟଙ୍କା ଜୋରିମାନା ଚାରିଜଣ ବ୍ୟବସାୟୀଙ୍କ ଉପରେ ଧାର୍ଯ୍ୟ ହୋଇନଥିଲା ।

**(ଅନୁଚ୍ଛେଦ 2.4.3)**

ଜଣେ ବ୍ୟବସାୟୀଙ୍କ ଦ୍ୱାରା 2.30 କୋଟି ଟଙ୍କାର କରଯୋଗ୍ୟ କ୍ରୟ କାରବାର ଗୋପନ ରଖାଯାଇ ଥିବାରୁ, ପ୍ରବେଶ କର ବାବଦ 27.61 ଲକ୍ଷ ଟଙ୍କା ଏବଂ ଜୋରିମାନା ବାବଦ 41.41 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପାରୋପଣ ହୋଇଥିଲା ।

**(ଅନୁଚ୍ଛେଦ 2.5.1)**

ବିଭିନ୍ନ ହିସାବରେ 18 ଜଣ ବ୍ୟବସାୟୀଙ୍କ ଠାରୁ ଧାର୍ଯ୍ୟଯୋଗ୍ୟ 16.40 କୋଟି ଟଙ୍କା ଜୋରିମାନା, ନିର୍ଦ୍ଧାରଣ ସମୟରେ ଧାର୍ଯ୍ୟ ହୋଇ ନଥିଲା ।

**(ଅନୁଚ୍ଛେଦ 2.5.3)**

19 ଗୋଟି ବାଣିଜ୍ୟ କର ମଣ୍ଡଳର ବିଭାଗୀୟ କର୍ତ୍ତୃପକ୍ଷ, ବୃତ୍ତି କର ଅଧିନିୟମ ଅନୁସାରେ ତାଲିକାଭୁକ୍ତ ହୋଇ ନଥିବା 23,075 ଜଣ କରଦାତାଙ୍କ ଠାରୁ ବୃତ୍ତି କର ବାବଦ 3.14 କୋଟି ଟଙ୍କା ଏବଂ ଜୋରିମାନା ବାବଦରେ 13.73 କୋଟି ଟଙ୍କା ଧାର୍ଯ୍ୟ କରିବାରେ ବିଫଳ ହୋଇଥିଲେ ।

**(ଅନୁଚ୍ଛେଦ 2.6)**

## III ମୋଟର ଯାନ କର

ବିଭିନ୍ନ ଶ୍ରେଣୀର 31,077 ଗୋଟି ମୋଟରଯାନର ଜୋରିମାନାକୁ ମିଶାଇ ମୋଟରଯାନ କର ଏବଂ ଅତିରିକ୍ତ କର ବାବଦକୁ 68.82 କୋଟି ଟଙ୍କା ଅନାଦାୟ କିମ୍ବା ସ୍ୱଳ୍ପାଦାୟ ହୋଇଥିଲା ।

**(ଅନୁଚ୍ଛେଦ 3.3.1)**

170 ଜଣ ଗାଡି ମାଲିକଙ୍କ ଠାରୁ ଠିକା ଗାଡି ରୂପେ ବ୍ୟବହୃତ ଯାତ୍ରୀବାହୀ ଗାଡି ଗୁଡିକ ବାବଦରେ 10.80 ଲକ୍ଷ ଟଙ୍କା ଜୋରିମାନାକୁ ମିଶାଇ 16.20 ଲକ୍ଷ ଟଙ୍କାର ଭେଦାତ୍ମକ କର ଆଦାୟ କରାଯାଇ ନଥିଲା ।

**(ଅନୁଚ୍ଛେଦ 3.3.3)**

ମୋଟର ଗାଡି ମାଲିକ ମାନଙ୍କ ଠାରୁ ପ୍ରକ୍ରିୟା/ପ୍ରତିସ୍ୱାକ୍ଷର ଫିସ୍ ବାବଦକୁ 1.35 ଲକ୍ଷ ମାମଲାରେ 1.44 କୋଟି ଟଙ୍କା ଅନାଦାୟ/ସ୍ୱଳ୍ପାଦାୟ ହୋଇଥିଲା ।

**(ଅନୁଚ୍ଛେଦ 3.4.1)**

## IV ଭୂ ରାଜସ୍ୱ, ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍

**"ସରକାରୀ ଜମି ହସ୍ତାନ୍ତରଣ, ପଟ୍ଟା ଏବଂ ଜବର ଦଖଲ"** ସମ୍ବନ୍ଧୀୟ ଏକ ପୁନର୍ବିଲୋକନରେ ନିମ୍ନଲିଖିତ ବିଷୟ ଗୁଡିକ ଦୃଷ୍ଟିଗୋଚର ହୋଇଥିଲା ।

- ଅପ୍ରାଧିକୃତ ଭାବେ ଦଖଲ ହୋଇଥିବା 17 ଗୋଟି ହସ୍ତାନ୍ତରଣ ମାମଲା ନିୟମିତ ନହେବାରୁ 928.616 ଏକର ପରିମିତ ସରକାରୀ ଜମିର ଅଧିମୂଲ୍ୟ, ଭୂ-କର, ସେସ୍ ଏବଂ ସୁଧ ବାବଦକୁ 347.25 କୋଟି ଟଙ୍କା ରାଜସ୍ୱ ଅବରୋଧ ହୋଇଥିଲା ।

**(ଅନୁଚ୍ଛେଦ 4.2.6.3.1 ଏବଂ 4.2.6.3.2)**

- ସରକାରଙ୍କ ଦ୍ୱାରା 1965 ରୁ 2004-05 ବର୍ଷମାନଙ୍କରେ ଜନକଲ୍ୟାଣ ଉଦ୍ଦେଶ୍ୟରେ ମଞ୍ଜୁର ହୋଇଥିବା 16 ଗୋଟି ମାମଲାରେ 340.760 ଏକର ପରିମିତ ସରକାରୀ ଜମିର ଆଗୁଆ ଦଖଲ ନିୟମିତ ନହେବାରୁ 90.31 କୋଟି ଟଙ୍କା ରାଜସ୍ୱ ଅବରୋଧ ହୋଇଥିଲା ।

**(ଅନୁଚ୍ଛେଦ 4.2.6.3.3)**

- 384.78 ଏକର ସରକାରୀ ଜମିର ପଟ୍ଟାଗ୍ରହୀତା ସାତ ଜଣ ପଟ୍ଟାଦାରଙ୍କ ଠାରୁ ଭୂ-କର, ସେସ୍ ଏବଂ ସୁଧ ବାବଦ 2.67 କୋଟି ଟଙ୍କା ଆଦାୟ ହୋଇ ନଥିଲା ।

**(ଅନୁଚ୍ଛେଦ 4.2.6.4)**

- 92.781 ଏକର ନିର୍ଦ୍ଧାରଣଯୋଗ୍ୟ ସରକାରୀ ଜମି ପରିବର୍ତ୍ତେ 73.629 ଏକର ନିର୍ମାଣଯୋଗ୍ୟ ଜମିର ଅଧିମୂଲ୍ୟ ନିର୍ଦ୍ଧାରଣ ହେବାରୁ ଅଧିମୂଲ୍ୟ, ଭୂ-କର, ସେସ୍ ଏବଂ ସୁଧ ବାବଦ 2.30 କୋଟି ଟଙ୍କା ସ୍ୱଳ୍ପାରୋପଣ ହୋଇଥିଲା ।

**(ଅନୁଚ୍ଛେଦ 4.2.6.5)**

- ଆଠ ଗୋଟି ମାମଲାରେ ପାଞ୍ଚଗୋଟି କେନ୍ଦ୍ର ସରକାରୀ ଅନୁଷ୍ଠାନ ଗୁଡିକୁ ହସ୍ତାନ୍ତରିତ ହୋଇଥିବା 1439.598 ଏକର ସରକାରୀ ଜମିର ସୁଧ ସହିତ 25.07 କୋଟି ଟଙ୍କାର ପୁଞ୍ଜିକୃତ ମୂଲ୍ୟ ଅନାରୋପଣ/ସ୍ୱଳ୍ପାରୋପଣ ହୋଇଥିଲା ।

**(ଅନୁଚ୍ଛେଦ 4.2.6.6)**

- ନଅ ଗୋଟି ଶିଳ୍ପସଂସ୍ଥାକୁ ଶିଳ୍ପ ଓ ବାଣିଜ୍ୟ ଉଦ୍ଦେଶ୍ୟରେ ମଞ୍ଜୁର ହୋଇଥିବା 4096.175 ଏକର ଜମିର (ପ୍ରତି ପ୍ରକଳ୍ପ 500 ଏକର ଓ ତଦୁର୍ଦ୍ଧ ପରିବ୍ୟାପ୍ତ) ଆନୁସଙ୍ଗିକ ଦେୟ ବାବଦ 13.56 କୋଟି ଟଙ୍କା ଅନାରୋପଣ/ସ୍ୱଳ୍ପାରୋପଣ ହୋଇଥିଲା ।

**(ଅନୁଚ୍ଛେଦ 4.2.6.7)**

- ବିଳମ୍ବରେ ପୈଠ ହୋଇଥିବା ସରକାରୀ ଦେୟ ବାବଦରେ 3.74 କୋଟି ଟଙ୍କାର ସୁଧ ଅନାରୋପଣ ହୋଇଥିଲା ।

**(ଅନୁଚ୍ଛେଦ 4.2.6.8)**

- ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ନିୟମିତ ହେବା ପାଇଁ ପଡିରହିଥିବା 42 ଗୋଟି ଜବର ଦଖଲ ମାମଲାରେ 7.33 କୋଟି ଟଙ୍କାର ରାଜସ୍ୱ ଅବରୋଧ ହୋଇଥିଲା ।

**(ଅନୁଚ୍ଛେଦ 4.2.8.1)**

- ପଟ୍ଟା ମଞ୍ଜୁରୀ ସର୍ତ୍ତାବଳୀର ଉଲ୍ଲଙ୍ଘନ କରିଥିବା ଗୋଟିଏ ଶିକ୍ଷ ସଂସ୍ଥା ଦ୍ୱାରା 13.94 ଏକର ଜମି ବାବଦରେ 1.09 କୋଟି ଟଙ୍କାର ରାଜସ୍ୱ ଅବରୋଧ ହୋଇଥିଲା ।

**(ଅନୁଚ୍ଛେଦ 4.2.8.2)**

## V ରାଜ୍ୟ ଅବକାରୀ ଶୁଳ୍କ

ନ୍ୟୁନତମ ପ୍ରତ୍ୟାଭୂତ ପରିମାଣ ମଦ ଠାରୁ ସ୍ୱଳ୍ପ ଉଠାଣ କରିଥିବା ସାତଜଣ ଲାଇସେନ୍ସ ଧାରୀଙ୍କ ଉପରେ 27.11 ଲକ୍ଷ ଟଙ୍କା ଅବକାରୀ ଶୁଳ୍କ ଧାର୍ଯ୍ୟ ହୋଇ ନଥିଲା ।

**(ଅନୁଚ୍ଛେଦ 5.3.1)**

ଦାବୀ ମୁତାବକ ଦେଶୀମଦ ଯୋଗାଇ ପାରିନଥିବା ଜଣେ ଲାଇସେନ୍ସ ଧାରୀଙ୍କ ଉପରେ ଜୋରିମାନା ବାବଦ 20 ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇ ନଥିଲା ।

**(ଅନୁଚ୍ଛେଦ 5.3.4)**

23 ଗୋଟି ମଦ ଦୋକାନ ସ୍ଥିରୀକୃତ ନହେବାରୁ ବିଭାଗକୁ 20.05 କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡିଥିଲା ।

**(ଅନୁଚ୍ଛେଦ 5.3.9)**

## VI ବନ ପ୍ରାପ୍ତି

ଓଡିଶା ବନ ଉନ୍ନୟନ ନିଗମ ଦ୍ୱାରା ବିଳମ୍ବରେ ପୈଠ କରାଯାଇଥିବା ରାଜଭାଗ ଉପରେ ସୁଧ ବାବଦକୁ 4.96 କୋଟି ଟଙ୍କା ଧାର୍ଯ୍ୟ ହୋଇ ନଥିଲା ।

**(ଅନୁଚ୍ଛେଦ 6.3.1)**

ସରକାରଙ୍କ ଦ୍ୱାରା ସ୍ଥିର ହୋଇଥିବା ଏକୀକୃତ ମୂଲ୍ୟ ଅପେକ୍ଷା କମ୍ ମୂଲ୍ୟରେ ଠିଆ ଗଛ ଥୋକ ଗୁଡିକ ଓଡିଶା ବନ ଉନ୍ନୟନ ନିଗମକୁ ପ୍ରଦାନ କରିବା ହେତୁ 5.93 ଲକ୍ଷ ଟଙ୍କାର ସ୍ୱଳ୍ପଦାବୀ ଉପସ୍ଥାପନ ହୋଇଥିଲା ।

**(ଅନୁଚ୍ଛେଦ 6.3.3)**

## VII ଖଣିଜ ପ୍ରାପ୍ତି

ଅଣ ପ୍ରକ୍ରୀୟାକୃତ ଲୁହାପଥର ପରିବର୍ତ୍ତେ ପ୍ରକ୍ରୀୟାକୃତ ଲୁହାପଥର ଉପରେ ରାଜଭାଗ ଦାବୀ କରାଯିବାରୁ 3.01 କୋଟି ଟଙ୍କାର ରାଜଭାଗ ସ୍ୱଳ୍ପାରୋପଣ ହୋଇଥିଲା ।

**(ଅନୁଚ୍ଛେଦ 7.3.1)**

## VIII ଅନ୍ୟାନ୍ୟ ବିଭାଗୀୟ ପ୍ରାପ୍ତି

ନ୍ୟାସନାଲ ଆଲୁମିନିୟମ କମ୍ପାନୀ (ନାଲକୋ) ଦ୍ୱାରା ବ୍ୟବହୃତ ସହାୟକ ବିଦ୍ୟୁତ ଶକ୍ତି ବାବଦକୁ ସୁଧ ସହିତ 15.48 କୋଟି ଟଙ୍କା ବିଦ୍ୟୁତ ଶୁଳ୍କ ନିର୍ଦ୍ଧାରିତ ହାରରେ ଧାର୍ଯ୍ୟ ହୋଇ ନଥିଲା ।

**(ଅନୁଚ୍ଛେଦ 8.3.1)**

ରାଜ୍ୟ ମୁଖ୍ୟ ବିଦ୍ୟୁତ ନୀରିକ୍ଷକଙ୍କ ଦ୍ୱାରା 2007-08 ଏବଂ 2008-09 ବର୍ଷ ପାଇଁ ସ୍ଥିର ହୋଇଥିବା ମାନାଦର୍ଶ ଠାରୁ ଭ୍ରମାତ୍ମକ ଭାବରେ ଦର୍ଶାଯାଇଥିବା ଅତ୍ୟଧିକ ରୂପାନ୍ତରଣ କ୍ଷତିକୁ ଗ୍ରହଣ କରିବା ହେତୁ ଓଡିଶା ହାଇଡ୍ରୋ ପାୱାର କର୍ପୋରେସନ୍ ଦ୍ୱାରା ନିଜସ୍ୱ ବ୍ୟବହୃତ ବିବେଚିତ 15.838 ମେଗା ୟୁନିଟ୍ ବିଦ୍ୟୁତ ଶକ୍ତି ଉପରେ 31.68 ଲକ୍ଷ ଟଙ୍କା ବିଦ୍ୟୁତ ଶୁଳ୍କ ନିସ୍ତାର ପାଇଥିଲା ।

**(ଅନୁଚ୍ଛେଦ 8.3.3)**

ଜାନୁଆରୀ 2006 ରୁ ମାର୍ଚ୍ଚ 2009 ମଧ୍ୟରେ 80 ଗୋଟି ସେବା ଗ୍ରହଣକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ନିୟୋଜିତ ହୋଇଥିବା ଆରକ୍ଷୀ କର୍ମଚାରୀଙ୍କ ଭେଦାତ୍ମକ ହାରାହାରି ଖର୍ଚ୍ଚ ବାବଦକୁ 29.97 କୋଟି ଟଙ୍କାର ସଂଶୋଧିତ ଦାବୀ ଉପସ୍ଥାପନ ହୋଇ ନଥିଲା ।

**(ଅନୁଚ୍ଛେଦ 8.4.1)**

ରାଜ୍ୟ ଜଳାଶୟ ମତ୍ସ୍ୟ ନୀତି ଅନୁଯାୟୀ 2004-05 ରୁ 2008-09 ବର୍ଷ ପାଇଁ 45 ଗୋଟି ଜଳଭଣ୍ଡାରର ପଟ୍ଟା ମୂଲ୍ୟ ଏବଂ ରାଜଭାଗ ବାବଦ 2.22 କୋଟି ଟଙ୍କା ସ୍ୱଳ୍ପାଦାୟ ହୋଇଥିବା ଦେଖାଯାଇଥିଲା ।

**(ଅନୁଚ୍ଛେଦ 8.5.1)**

# ଅଧ୍ୟାୟ-I : ସାଧାରଣ

## 1.1 ରାଜସ୍ୱ ପ୍ରାପ୍ତିର ଧାରା

**1.1.1** ଓଡିଶା ସରକାରଙ୍କ ଦ୍ୱାରା 2009-10 ବର୍ଷରେ କର ଏବଂ ଅଣକର ବାବଦରେ ସଂଗୃହୀତ ରାଜସ୍ୱ ଏବଂ ସେହି ବର୍ଷ ଭାରତ ସରକାରଙ୍କ ଠାରୁ ପ୍ରାପ୍ତ ବିଭାଜ୍ୟ କେନ୍ଦ୍ରୀୟ କର ଓ ଶୁଳ୍କରୁ ରାଜ୍ୟର ଅଂଶ ଓ ସହାୟକ ଅନୁଦାନ ତଥା ବିଗତ ଚାରି ବର୍ଷର ଅନୁରୂପ ଚିତ୍ର ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

(ଟଙ୍କା କୋଟି ଆକାରରେ)

| | | 2005-06 | 2006-07 | 2007-08 | 2008-09 | 2009-10 |
|---|---|---|---|---|---|---|
| **1.** | ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହୀତ ରାଜସ୍ୱ | | | | | |
| | • କର ରାଜସ୍ୱ | 5,002.28 | 6,065.07 | 6,856.09 | 7,995.20 | 8,982.34 |
| | • ଅଣକର ରାଜସ୍ୱ | 1,531.90 | 2,588.12 | 2,653.58 | 3,176.15 | 3,212.20 |
| | ମୋଟ | **6,534.18** | **8,653.19** | **9,509.67** | **11,171.35** | **12,194.54** |
| **2.** | ଭାରତ ସରକାରଙ୍କଠାରୁ ପ୍ରାପ୍ତି | | | | | |
| | • ନିଟ୍ ବିଭାଜ୍ୟ କେନ୍ଦ୍ରୀୟ କର/ଶୁଳ୍କରୁ ରାଜ୍ୟର ଅଂଶ | 4,876.75 | 6,220.42 | 7,846.50 | 8,279.96 | 8,518.65[1] |
| | • ସହାୟକ ଅନୁଦାନ | 2,673.78 | 3,159.02 | 4,611.02 | 5,158.70 | 5,717.02 |
| | ମୋଟ | **7,550.53** | **9,379.44** | **12,457.52** | **13,438.66** | **14,235.67** |
| **3.** | ରାଜ୍ୟ ସରକାରଙ୍କ ମୋଟ ରାଜସ୍ୱ ପ୍ରାପ୍ତି (1+2) | 14,084.71 | 18,032.63 | 21,967.19 | 24,610.01 | 26,430.21 |
| **4.** | **1 ର 3 ସହିତ ଶତକଡା ହାର** | **46.39** | **47.99** | **43.29** | **45.39** | **46.14** |

ଉପରୋକ୍ତ ସାରଣୀ ସୂଚିତ କରୁଅଛି ଯେ 2009-10 ବର୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହୀତ ରାଜସ୍ୱ (12,194.54 କୋଟି ଟଙ୍କା) ମୋଟ ରାଜସ୍ୱ ସଂଗ୍ରହର 46.14 ପ୍ରତିଶତ ଅଟେ ଯାହାକି ଗତବର୍ଷ 45.39 ପ୍ରତିଶତ ଥିଲା । 2009-10 ବର୍ଷର ଅବଶିଷ୍ଟ 53.86 ପ୍ରତିଶତ ରାଜସ୍ୱ ପ୍ରାପ୍ତି ଭାରତ ସରକାରଙ୍କଠାରୁ ପ୍ରାପ୍ତ ହୋଇଥିଲା ।

---

1 ବିଶଦ ବିବରଣୀ ପାଇଁ ଓଡିଶା ସରକାରଙ୍କ 2009-10 ବର୍ଷର ଅର୍ଥ ହିସାବ ପୁସ୍ତିକାଭୁକ୍ତ ବିବରଣୀ 11-ରାଜସ୍ୱର ଲଘୁ ଶୀର୍ଷ ମୁତାବକ ପୁଙ୍ଖାନୁପୁଙ୍ଖ ହିସାବ ଦ୍ରଷ୍ଟବ୍ୟ । ଉକ୍ତ ସାରଣୀରେ ରାଜ୍ୟ ସରକାରଙ୍କ ଅର୍ଥ ହିସାବ ପୁସ୍ତିକାରେ ଦର୍ଶାଯାଇଥିବା "କ କର ରାଜସ୍ୱ ଅନ୍ତର୍ଗତ ମୁଖ୍ୟଶୀର୍ଷ 0020-ନିଗମ କର, 0021-ନିଗମ କର ବ୍ୟତୀତ ଆୟ କର, 0028-ଆୟ ଏବଂ ବ୍ୟୟ ଉପରେ ଅନ୍ୟାନ୍ୟ କର, 0032-ସମ୍ପଦ କର, 0037-ସୀମା ଶୁଳ୍କ, 0038-କେନ୍ଦ୍ରୀୟ ଅବକାରୀ ଶୁଳ୍କ, 0044-ସେବା କର ଏବଂ 0045 -ପଣ୍ୟଦ୍ରବ୍ୟ ଓ ସେବା ଜନିତ ଅନ୍ୟାନ୍ୟ କର ଓ ଶୁଳ୍କ ଅଧିନସ୍ଥ ଲଘୁ ଶୀର୍ଷ, 901-ରାଜ୍ୟମାନଙ୍କୁ ଅର୍ପିତ ନିଟ୍ ଆଗମର ଅଂଶ" ଗୁଡିକୁ ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହୀତ ରାଜସ୍ୱ ମଧ୍ୟରୁ ବାଦ୍ ଦିଆଯାଇ ବିଭାଜ୍ୟ କେନ୍ଦ୍ରୀୟ କରରୁ ରାଜ୍ୟର ଅଂଶ ସ୍ୱରୂପ ଦର୍ଶାଯାଇଅଛି ।

**1.1.2** 2005-06 ଠାରୁ 2009-10 ବର୍ଷ ପର୍ଯ୍ୟନ୍ତ ସଂଗୃହୀତ କର ରାଜସ୍ୱର ଚିତ୍ର ନିମ୍ନ ସାରଣୀ ପ୍ରଦାନ କରୁଅଛି ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ରାଜସ୍ୱ ଶୀର୍ଷ | 2005-06 | 2006-07 | 2007-08 | 2008-09 | 2009-10 | 2008-09 ତୁଳନାରେ 2009-10 ରେ ଶତକଡା ବୃଦ୍ଧି (+)/ ହ୍ରାସ (-) |
|---|---|---|---|---|---|---|---|
| 1. | ବିକ୍ରୟ କର/ମୂଲ୍ୟଯୁକ୍ତ କର | 2,524.18 | 3,042.34 | 3,567.16 | 4,268.72 | 4,914.99 | (+) 15.14 |
| | କେନ୍ଦ୍ରୀୟ ବିକ୍ରୟ କର | 487.55 | 722.48 | 551.27 | 534.61 | 493.77 | (-) 7.64 |
| 2. | ବିଦ୍ୟୁତ କର ଓ ଶୁଳ୍କ | 353.13 | 282.58 | 327.46 | 365.03 | 459.96 | (+) 26.01 |
| 3. | ଭୂ-ରାଜସ୍ୱ | 69.62 | 226.38 | 276.16 | 348.79 | 292.18[2] | (-) 16.23 |
| 4. | ମୋଟରଯାନ କର | 405.86 | 426.54 | 459.42 | 524.43 | 611.23 | (+) 16.55 |
| 5. | ମାଲ ଓ ଯାତ୍ରୀ କର | 463.34 | 574.00 | 626.90 | 638.32 | 815.25 | (+) 27.72 |
| 6. | ରାଜ୍ୟ ଅବକାରୀ | 389.33 | 430.07 | 524.93 | 660.07 | 849.05 | (+) 28.63 |
| 7. | ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ | 236.06 | 260.49 | 404.76 | 495.66 | 359.96[2] | (-) 27.38 |
| 8. | ପଣ୍ୟଦ୍ରବ୍ୟ ଓ ସେବା ଜନିତ ଅନ୍ୟାନ୍ୟ କର ଓ ଶୁଳ୍କ | 6.75 | 26.59 | 31.59 | 47.39 | 50.40 | (+) 6.35 |
| 9. | ଆୟ ଓ ବ୍ୟୟ ଉପରେ ଅନ୍ୟାନ୍ୟ କର-ବୃତ୍ତି, ବାଣିଜ୍ୟ, ଆଜିବିକା ଓ ନିଯୋଜନ ଉପରେ କର | 66.46 | 73.60 | 86.44 | 112.18 | 135.55 | (+) 20.83 |
| | **ମୋଟ** | **5,002.28** | **6,065.07** | **6,856.09** | **7,995.20** | **8,982.34** | |

ରାଜସ୍ୱ ପ୍ରାପ୍ତିର ପରିବର୍ତ୍ତନର କାରଣ ଗୁଡିକ ସମ୍ପୃକ୍ତ ବିଭାଗ ମାନେ ନିମ୍ନ ମତେ ଦର୍ଶାଇଥିଲେ ।

**ବିକ୍ରୟ କର/ମୂଲ୍ୟଯୁକ୍ତ କର:** କରଦାତା ମାନଙ୍କର ସଂଖ୍ୟା ବୃଦ୍ଧି ଏବଂ ଶିଳ୍ପ ସଂସ୍ଥାମାନଙ୍କର ବ୍ୟବସାୟିକ କାର୍ଯ୍ୟକଳାପ ବୃଦ୍ଧି 15.14 ପ୍ରତିଶତ ରାଜସ୍ୱ ବୃଦ୍ଧିର କାରଣ ଥିଲା ।

**ବିଦ୍ୟୁତ କର ଓ ଶୁଳ୍କ:** ବିତରଣକାରୀ କମ୍ପାନୀ ଓ ନିଜସ୍ୱ ବିଦ୍ୟୁତ ଶକ୍ତି ସଂସ୍ଥାଗୁଡିକ ଦ୍ୱାରା ଅଧିକ ବିଦ୍ୟୁତ ଶକ୍ତି ବ୍ୟବହାର, ନୂତନ ଶିଳ୍ପ ସଂସ୍ଥା ମାନଙ୍କଠାରୁ ଅଧିକ ନିରୀକ୍ଷଣ ଫିସ୍ ଆଦାୟ ଏବଂ ନ୍ୟାୟପାଳିକା ଅନ୍ତର୍ଗତ ମାମଲା ମାନଙ୍କରୁ ଅଧିକତର ବକେୟା ଅସୁଲ 26.01 ପ୍ରତିଶତ ବୃଦ୍ଧିର କାରଣ ଥିଲା ।

**ମୋଟରଯାନ କର:** ମୁଖ୍ୟତଃ ମୋଟରଯାନ ଗୁଡିକର ପଞ୍ଜୀକରଣରେ ବୃଦ୍ଧି, ବକେୟା ଆଦାୟରେ ବୃଦ୍ଧି ଏବଂ ପ୍ରବର୍ତ୍ତନ କାର୍ଯ୍ୟକଳାପ 16.55 ପ୍ରତିଶତ ବୃଦ୍ଧିର କାରଣ ଥିଲା ।

**ରାଜ୍ୟ ଅବକାରୀ:** ନୂତନ ବିକ୍ରୟ କେନ୍ଦ୍ର ସ୍ଥାପନ ଓ ପ୍ରଭାବୀ ପ୍ରବର୍ତ୍ତନ କାର୍ଯ୍ୟକଳାପ 28.63 ପ୍ରତିଶତ ବୃଦ୍ଧିର କାରଣ ଥିଲା ।

---

[2] ବିଭାଗ ଦ୍ୱାରା ଯୋଗାଇ ଦିଆଯାଉଥିବା ପରିମାଣ ଓ ଅର୍ଥ ହିସାବ ପୁସ୍ତିକାରେ ଥିବା ପରିମାଣ ମଧ୍ୟରେ ଅମେଳ ଅଛି ।

ଏପ୍ରିଲ 2010 ରେ ଅନୁରୋଧ କରାଯାଇଥିଲେ ମଧ୍ୟ ଅନ୍ୟ ବିଭାଗଗୁଡିକ ରାଜସ୍ୱ ପ୍ରାପ୍ତିରେ ପରିବର୍ତ୍ତନର କାରଣ ଡିସେମ୍ବର 2010 ସୁଦ୍ଧା ଜଣାଇ ନଥିଲେ ।

**1.1.3** ନିମ୍ନ ସାରଣୀ 2005-06 ଠାରୁ 2009-10 ବର୍ଷ ମଧ୍ୟରେ ସଂଗୃହୀତ ଅଣକର ରାଜସ୍ୱର ବିଶଦ ବିବରଣୀ ପ୍ରଦାନ କରୁଅଛି ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ରାଜସ୍ୱ ଶୀର୍ଷ | 2005-06 | 2006-07 | 2007-08 | 2008-09 | 2009-10 | 2008-09 ତୁଳନାରେ 2009-10 ରେ ଶତକଡା ବୃଦ୍ଧି (+) ହ୍ରାସ (-) |
|---|---|---|---|---|---|---|---|
| 1 | ଅଣଲୌହ ଖଣିଜ ଓ ଧାତବ ଶିଳ୍ପ | 805.03 | 936.60 | 1,126.06 | 1,380.60 | 2,020.76 | (+) 46.37 |
| 2 | ସୁଧ ପ୍ରାପ୍ତି | 298.02 | 398.42 | 570.39 | 654.67 | 379.23 | (-) 42.07 |
| 3 | ବନ୍ୟ ଓ ବନ୍ୟପ୍ରାଣୀ | 59.13 | 130.63 | 82.66 | 139.29 | 109.03[3] | (-) 21.72 |
| 4 | ଜଳସେଚନ ଓ ଅନ୍ତର୍ଦ୍ଦେଶୀୟ ଜଳ ପରିବହନ | 44.05 | 54.41 | 48.90 | 52.95 | 70.13 | (+) 32.45 |
| 5 | ଅନ୍ୟାନ୍ୟ ପ୍ରଶାସନିକ ସେବା | 6.97 | 14.44 | 17.31 | 9.38 | 56.48 | (+) 502.13 |
| 6 | ପୂର୍ତ୍ତ | 18.23 | 24.96 | 31.61 | 38.31 | 41.99 | (+) 9.61 |
| 7 | ଆରକ୍ଷୀ ପ୍ରାପ୍ତି | 23.05 | 23.39 | 29.17 | 22.25 | 36.69 | (+) 64.90 |
| 8 | ଶିକ୍ଷା | 42.99 | 41.94 | 41.95 | 10.65 | 14.88 | (+) 39.72 |
| 9 | ଚିକିତ୍ସା ଓ ଜନସ୍ୱାସ୍ଥ୍ୟ | 9.26 | 13.07 | 14.28 | 32.18 | 12.96 | (-) 59.73 |
| 10 | ବିବିଧ ସାଧାରଣ ସେବା | 7.62 | 777.36 | 396.95 | 388.85 | 11.60 | (-) 97.02 |
| 11 | ଶକ୍ତି | 2.91 | 1.23 | 1.05 | 0.63 | 2.66 | (+) 322.22 |
| 12 | ସମବାୟ | 2.13 | 2.39 | 2.29 | 2.01 | 1.99 | (-) 1.00 |
| 13 | ଅନ୍ୟାନ୍ୟ ଅଣକର ପ୍ରାପ୍ତି | 212.51 | 169.28 | 290.96 | 444.38 | 453.80 | (+) 2.12 |
| | ମୋଟ | **1,531.90** | **2,588.12** | **2,653.58** | **3,176.15** | **3,212.20** | |

ସମ୍ପୃକ୍ତ ବିଭାଗ ଗୁଡିକ ଦ୍ୱାରା ପରିବର୍ତ୍ତନର କାରଣ ନିମ୍ନ ମତେ ଦର୍ଶାଯାଇଥିଲା ।

**ଅଣଲୌହ ଖଣିଜ ଓ ଧାତବ ଶିଳ୍ପ:** ଅଣ କୋଇଲା ଖଣିଜ ଦ୍ରବ୍ୟର ଦର ସଂଶୋଧନ 46.37 ପ୍ରତିଶତ ବୃଦ୍ଧିର କାରଣ ଥିଲା ।

---

[3] ବିଭାଗ ଦ୍ୱାରା ଯୋଗାଇ ଦିଆଯାଇଥିବା ପରିମାଣ ଓ ଅର୍ଥ ହିସାବ ପୁସ୍ତିକାରେ ଥିବା ପରିମାଣ ମଧ୍ୟରେ ଅମେଳ ଅଛି ।

**ଜଳସେଚନ ଓ ଅନ୍ତର୍ଦ୍ଦେଶୀୟ ଜଳ ପରିବହନ:** ନାଲକୋ, ଇମ୍ପା, ବେଦାନ୍ତ ଆଲୁମିନିୟମ, ଆଦିତ୍ୟ ଆଲୁମିନିୟମ ଓ ଏସାର୍ ଷ୍ଟିଲରୁ ବକେୟା ପ୍ରାପ୍ୟ ଆଦାୟ ଏବଂ ନୂତନ ଶିଳ୍ପ ସଂସ୍ଥାଗୁଡିକ ଠାରୁ ଦେୟ ଆଦାୟ 32.45 ପ୍ରତିଶତ ବୃଦ୍ଧିର ମୁଖ୍ୟ କାରଣ ଥିଲା ।

ଏପ୍ରିଲ 2010 ରେ ଅନୁରୋଧ କରାଯାଇଥିଲେ ମଧ୍ୟ ଅନ୍ୟ ବିଭାଗଗୁଡିକ ପରିବର୍ତ୍ତନର କାରଣ ଡିସେମ୍ବର 2010 ସୁଦ୍ଧା ଜଣାଇ ନଥିଲେ ।

## 1.2 ବିଭାଗ ତଥା ସରକାରଙ୍କର ସମୀକ୍ଷା ପ୍ରତି ଜବାବ

ସମୀକ୍ଷା ଦ୍ୱାରା ଦୃଷ୍ଟିଗୋଚର ହୋଇଥିବା କର, ଶୁଳ୍କ, ଫିସ୍ ଇତ୍ୟାଦିର ତ୍ରୁଟିପୂର୍ଣ୍ଣ ନିର୍ଦ୍ଧାରଣ, ଅନାରୋପଣ/ସ୍ୱଳ୍ପାରୋପଣ ଇତ୍ୟାଦିର ମୀମାଂସା ସମୀକ୍ଷା ସମୟ ମଧ୍ୟରେ ହୋଇ ନପାରିଲେ, ସେଗୁଡିକ କାର୍ଯ୍ୟାଳୟ ମୁଖ୍ୟ ଏବଂ ବିଭାଗୀୟ କର୍ତ୍ତୃପକ୍ଷମାନଙ୍କୁ ନିରୀକ୍ଷଣ ପ୍ରତିବେଦନ ଜରିଆରେ ଜଣାଇ ଦିଆଯାଇଥାଏ । ବିଭାଗ ନିରୀକ୍ଷଣ ପ୍ରତିବେଦନ ଉପରେ ସଂଶୋଧନକ୍ଷମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆବଶ୍ୟକ ଉତ୍ତର ଏକ ମାସ ମଧ୍ୟରେ ପଠାଇବା ବିଧେୟ । ମହାଲେଖାକାର (ବାଣିଜ୍ୟିକ, ନିର୍ମାଣ ଏବଂ ପ୍ରାପ୍ତି ସମୀକ୍ଷା) ଉକ୍ତ ଉତ୍ତର ଗୁଡିକୁ ଭିତ୍ତି କରି ସମୀକ୍ଷା ଅନୁଚ୍ଛେଦ ଗୁଡିକ ମୀମାଂସା କରିଥାନ୍ତି । ବିଗରାଧିନ ଅନୁଚ୍ଛେଦ ଗୁଡିକର ମୀମାଂସା ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ସମୀକ୍ଷା କମିଟି (ଟି.ସି. ମିଟିଙ୍ଗ୍) ମାନଙ୍କ ଦ୍ୱାରା ସେଗୁଡିକ ଆଲୋଚନା କରାଯାଇଥାଏ । ନିରୀକ୍ଷଣ ପ୍ରତିବେଦନ ତଥା କାର୍ଯ୍ୟ ସମ୍ପାଦନ ପୁନର୍ବିଲୋକନ ପ୍ରତିବେଦନ ଗୁଡିକର ଗୁରୁତ୍ୱପୂର୍ଣ୍ଣ ଅନୁଚ୍ଛେଦ ଗୁଡିକ ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଥାଏ ଯାହା ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ ହୁଏ ଏବଂ ସରକାରୀ ହିସାବ କମିଟି (ପି.ଏ.ସି.) ଦ୍ୱାରା ଆଲୋଚନା କରାଯାଇଥାଏ । ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ ହେବା ପୂର୍ବରୁ ଅନୁଚ୍ଛେଦ ଗୁଡିକୁ ସରକାରଙ୍କ ନିକଟକୁ ଛଅ ସପ୍ତାହ ମଧ୍ୟରେ ତାଙ୍କର ମତାମତ ଦେବା ନିମନ୍ତେ ପଠାଯାଇଥାଏ । ସମୀକ୍ଷା ପ୍ରତିବେଦନ ବିଧାନ ସଭାରେ ଉପସ୍ଥାପନ କରାଯିବାର ତିନିମାସ ମଧ୍ୟରେ ବିଭାଗ ଗୁଡିକ ଅନୁପାଳନ ଟିପ୍ପଣୀ ଦେବା ବିଧେୟ । ବିଭାଗ ଗୁଡିକରୁ ଟିପ୍ପଣୀ ପ୍ରାପ୍ତି ପରେ ପି.ଏ.ସି. ଅନୁଚ୍ଛେଦ ସମ୍ବନ୍ଧରେ ଆଲୋଚନା କରନ୍ତି ଏବଂ କେତେକ ବିଷୟରେ ସୁପାରିଶ ପ୍ରଦାନ କରିଥାନ୍ତି । ବିଭାଗ ଗୁଡିକ ଦ୍ୱାରା ପି.ଏ.ସି. ସୁପାରିଶ ଅନୁସାରେ ଗ୍ରହଣ ହୋଇଥିବା କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ ଛଅ ମାସ ମଧ୍ୟରେ ଉପସ୍ଥାପିତ ହେବା ବିଧେୟ । ସମୀକ୍ଷା ପ୍ରତିବେଦନରେ ଉତ୍ଥାପନ କରାଯାଇଥିବା ବିଷୟ ଗୁଡିକ ପି.ଏ.ସି. ଦ୍ୱାରା ଆଲୋଚିତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପରେ ସର୍ବଶେଷରେ ମୀମାଂସା ହୋଇଥାଏ ।

ବିଭାଗ ଗୁଡିକ ତଥା ସରକାରଙ୍କ ଦ୍ୱାରା ସମୀକ୍ଷା ସମ୍ବନ୍ଧରେ ଗ୍ରହଣ କରାଯାଇଥିବା ବିଭିନ୍ନ ପର୍ଯ୍ୟାୟ କାର୍ଯ୍ୟାନୁଷ୍ଠାନ ଗୁଡିକ ପରବର୍ତ୍ତୀ 1.2.1 ରୁ 1.2.6 ଅନୁଚ୍ଛେଦ ମଧ୍ୟରେ ପ୍ରଦାନ କରାଗଲା ।

### 1.2.1 ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଦାୟିତ୍ୱାଧିନତା ପ୍ରବର୍ତ୍ତନରେ ଓ ରାଜ୍ୟ ସରକାରଙ୍କ ସ୍ୱାର୍ଥରକ୍ଷାରେ ବିଫଳତା

ମହାଲେଖାକାର (ବାଣିଜ୍ୟିକ, ନିର୍ମାଣ ଏବଂ ରାଜସ୍ୱ ପ୍ରାପ୍ତି) ଓଡିଶା, ସାମୟିକ ଭାବେ ସରକାରୀ ବିଭାଗ ଗୁଡିକର କାର୍ଯ୍ୟ ସମ୍ପାଦନର ସମୀକ୍ଷା ଏବଂ ବିହିତ ନିୟମାବଳୀ ଓ କ୍ରିୟାବିଧି ଅନୁଯାୟୀ ଗୁରୁତ୍ତ୍ୱପୂର୍ଣ୍ଣ ହିସାବ ତଥା ଅନ୍ୟାନ୍ୟ ନଥିପତ୍ର ଗୁଡିକର ନମୁନା ଯାଞ୍ଚ କରିଥାନ୍ତି । ସମୀକ୍ଷା ସମୟରେ ଦୃଷ୍ଟିଗୋଚର ହେଉଥିବା ଅନିୟମିତତା ଗୁଡିକର ଘଟଣା ସ୍ଥଳରେ ମୀମାଂସା ହୋଇ ନପାରିଲେ ସେଗୁଡିକ କାର୍ଯ୍ୟାଳୟ ମୁଖ୍ୟମାନଙ୍କୁ ନିରୀକ୍ଷଣ ପ୍ରତିବେଦନ ଜରିଆରେ ପଠାଯାଇ ଥାଏ ଏବଂ ସେଗୁଡିକର ଅବିକଳ ନକଲ ପରବର୍ତ୍ତୀ ଉଚ୍ଚ କର୍ତ୍ତୃପକ୍ଷ ମାନଙ୍କୁ ତୁରନ୍ତ ସଂଶୋଧକ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇ ଥାଏ । କାର୍ଯ୍ୟାଳୟ ମୁଖ୍ୟ ଅଧିକାରୀ/ସରକାର ନିରୀକ୍ଷଣ ପ୍ରତିବେଦନ ଅନ୍ତର୍ଭୁକ୍ତ ମନ୍ତବ୍ୟ ଗୁଡିକର ତୁରନ୍ତ ଉତ୍ତର, ତ୍ରୁଟି ଏବଂ ଲଙ୍ଘନ କରିଥିବା କାର୍ଯ୍ୟ ଗୁଡିକର

ସଂଶୋଧନ ପ୍ରାଥମିକ ଉତ୍ତର ମାଧ୍ୟମରେ ମହାଲେଖାକାରଙ୍କୁ ନିରୀକ୍ଷଣ ପ୍ରତିବେଦନ ଜାରି ହେବା ଦିନଠାରୁ ଏକ ମାସ ମଧ୍ୟରେ ଜଣାଇବା ବିଧେୟ । ଗୁରୁତର ଆର୍ଥିକ ଅନିୟମିତତା ଗୁଡିକ ବିଭାଗୀୟ ମୁଖ୍ୟ/ସରକାରଙ୍କୁ ଜଣାଇ ଦିଆଯାଇଥାଏ ।

31 ଡିସେମ୍ବର 2009 ସୁଦ୍ଧା ପଠାଯାଇଥିବା ନିରୀକ୍ଷଣ ପ୍ରତିବେଦନ ଗୁଡିକରୁ ଜଣାଗଲା ଯେ ଜୁନ୍ 2010 ସୁଦ୍ଧା 3,251 ଗୋଟି ନିରୀକ୍ଷଣ ପ୍ରତିବେଦନ ଅନ୍ତର୍ଭୁକ୍ତ 4,685.50 କୋଟି ଟଙ୍କାର ରାଜସ୍ୱ ଜଡିତ 9,285 ଗୋଟି ଅନୁଚ୍ଛେଦ ନିଷ୍ପତ୍ତି ନହୋଇ ପଡିରହିଥିଲା ଯାହା ବିଗତ ଦୁଇ ବର୍ଷର ଅନୁରୂପ ସଂଖ୍ୟା ସହିତ ନିମ୍ନରେ ପ୍ରଦତ୍ତ ହେଲା ।

| | ଜୁନ୍ 2008 | ଜୁନ୍ 2009 | ଜୁନ୍ 2010 |
|---|---|---|---|
| ନିଷ୍ପତ୍ତି ନହୋଇ ବାକିଥିବା ପ୍ରତିବେଦନ ସଂଖ୍ୟା | 3,316 | 3,168 | 3,251 |
| ନିଷ୍ପତ୍ତି ନହୋଇ ବାକିଥିବା ସମୀକ୍ଷା ମନ୍ତବ୍ୟ ସଂଖ୍ୟା | 9,429 | 8,917 | 9,285 |
| **ଜଡିତ ଥିବା ରାଜସ୍ୱର ପରିମାଣ (ଟଙ୍କା କୋଟି ଆକାରରେ)** | **3,144.73** | **3,901.84** | **4,685.50** |

ନିଷ୍ପତ୍ତି ନହୋଇ ଜୁନ୍ 2010 ସୁଦ୍ଧା ବାକିଥିବା ନିରୀକ୍ଷଣ ପ୍ରତିବେଦନ ଓ ସମୀକ୍ଷା ମନ୍ତବ୍ୟ ଗୁଡିକର ବିଭାଗ ଅନୁଯାୟୀ ସବିଶେଷ ସ୍ଥିତି ନିମ୍ନ ସାରଣୀରେ ପ୍ରଦତ୍ତ ହେଲା ।

| କ୍ରମିକ ସଂଖ୍ୟା | ବିଭାଗର ନାମ | ପ୍ରାପ୍ତିର ସ୍ୱରୂପ | ନିଷ୍ପତ୍ତି ନହୋଇ ବାକିଥିବା ନିରୀକ୍ଷଣ ପ୍ରତିବେଦନ | ନିଷ୍ପତ୍ତି ନହୋଇ ବାକିଥିବା ସମୀକ୍ଷା ମନ୍ତବ୍ୟ | ସମ୍ପୃକ୍ତ ପରିମାଣ (ଟଙ୍କା କୋଟି ଆକାରରେ) | ପ୍ରଥମ ଉତ୍ତର ମିଳିନଥିବା ପ୍ରତିବେଦନର ସଂଖ୍ୟା |
|---|---|---|---|---|---|---|
| 1. | ଅର୍ଥ | ଓଡିଶା ବିକ୍ରୟ କର/ ମୂଲ୍ୟଯୁକ୍ତ କର/ କେନ୍ଦ୍ରିୟ ବିକ୍ରୟ କର | 549[4] | 1,573 | 634.13 | 62 |
| | | ପ୍ରବେଶ କର | 156 | 316[5] | 105.66 | |
| | | ବୃତ୍ତି କର | -- | 10[6] | 16.87 | |
| 2. | ଅବକାରୀ | ରାଜ୍ୟ ଅବକାରୀ | 226 | 473 | 135.96 | 23 |
| 3. | ଜଙ୍ଗଲ ଓ ପରିବେଶ | ବନ ପ୍ରାପ୍ତି | 507 | 1,115 | 270.57 | 76 |
| 4. | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | ଭୂ-ରାଜସ୍ୱ | 715 | 1,529 | 980.87 | 133 |
| | | ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ | 503 | 809 | 705.42 | 116 |
| 5. | ଇସ୍ପାତ ଓ ଖଣି | ଖଣିଜ ପ୍ରାପ୍ତି | 104 | 218 | 464.38 | 07 |
| 6. | ପରିବହନ | ମୋଟରଯାନ କର | 277 | 2,718 | 471.42 | 18 |
| | | ମାଲ ଓ ଯାତ୍ରୀ କର | 70 | 237 | 1.09 | -- |
| 7. | ଶକ୍ତି | ବିଦ୍ୟୁତ ଶୁଳ୍କ | 90 | 199 | 877.74 | 3 |
| 8. | ସମବାୟ | ବିଭାଗୀୟ ପ୍ରାପ୍ତି | 30 | 54 | 11.29 | 11 |
| 9. | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ବିଭାଗୀୟ ପ୍ରାପ୍ତି | 20 | 30 | 3.20 | 2 |
| 10. | ପୂର୍ତ୍ତ | ବିଭାଗୀୟ ପ୍ରାପ୍ତି | 4 | 4 | 6.90 | 3 |
| **ମୋଟ :** | | | **3,251** | **9,285** | **4,685.50** | **454** |

[4] ବର୍ଷ 2009-10 ରେ ଜାରିହୋଇଥିବା ରାଜ୍ୟ ବିକ୍ରୟ କର/କେନ୍ଦ୍ରୀୟ ବିକ୍ରୟ କର/ମୂଲ୍ୟଯୁକ୍ତ କର/ ପ୍ରବେଶ କର/ବୃତ୍ତି କର ସମ୍ପୃକ୍ତ 32 ଗୋଟି ମିଶ୍ରିତ ନିରୀକ୍ଷଣ ପ୍ରତିବେଦନ ଅନ୍ତର୍ଭୁକ୍ତ ଅଟେ ।

[5] 240 ସମୀକ୍ଷା ମନ୍ତବ୍ୟରେ 17.60 କୋଟି ଟଙ୍କା ସମ୍ପୃକ୍ତ ମିଶ୍ରିତ ନିରୀକ୍ଷଣ ପ୍ରତିବେଦନ ଗୁଡିକର ଅନ୍ତର୍ଭୁକ୍ତ ଅଟେ ।

[6] 2009-10 ରେ ଜାରି ହୋଇଥିବା ସମ୍ପୃକ୍ତ ମିଶ୍ରିତ ନିରୀକ୍ଷଣ ପ୍ରତିବେଦନର ଅନ୍ତର୍ଭୁକ୍ତ ଅଟେ ।

କାର୍ଯ୍ୟାଳୟ ମୁଖ୍ୟ ଅଧିକାରୀ ମାନଙ୍କଠାରୁ ନିରୀକ୍ଷଣ ପ୍ରତିବେଦନ ଜାରି ହେବା ଦିନଠାରୁ ଏକ ମାସ ମଧ୍ୟରେ ପ୍ରଥମ ଉତ୍ତର ପହଞ୍ଚିବା ଆବଶ୍ୟକ ଥିଲେ ସୁଦ୍ଧା ଡିସେମ୍ବର 2009 ପର୍ଯ୍ୟନ୍ତ ପଠାଯାଇଥିବା 454 ନିରୀକ୍ଷଣ ପ୍ରତିବେଦନ ଗୁଡିକର ଉତ୍ତର ମିଳି ନଥିଲା । ଏହିପରି ବହୁ ସଂଖ୍ୟକ ପ୍ରତିବେଦନ ଗୁଡିକର ଉତ୍ତର ନମିଳିବା କାର୍ଯ୍ୟାଳୟ ମୁଖ୍ୟ ଏବଂ ବିଭାଗୀୟ ମୁଖ୍ୟ ମାନଙ୍କର ପ୍ରତିବେଦନରେ ମହାଲେଖାକାରଙ୍କ ଦ୍ୱାରା ଦର୍ଶାଯାଇଥିବା ତୃଟି ଅକୃତି ଓ ଅନିୟମିତତା ଗୁଡିକର ପରିଶୋଧନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିବା ସୂଚିତ କରେ ।

**ସମୀକ୍ଷା ଟିପ୍ପଣୀ ଗୁଡିକର ଯଥାଶୀଘ୍ର ଓ ଉପଯୁକ୍ତ ଉତ୍ତର ଦେବାପାଇଁ ଏକ ଫଳପ୍ରଦ କାର୍ଯ୍ୟପ୍ରଣାଳୀ ନିର୍ଦ୍ଧାରଣ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଏବଂ ନିରୀକ୍ଷଣ ପ୍ରତିବେଦନ ଓ ସମୀକ୍ଷା ମନ୍ତବ୍ୟ ଗୁଡିକର ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ପଠାଇବା ତଥା ରାଜସ୍ୱ ହାନି ପ୍ରତିରୋଧ କରିବା ଏବଂ ବକେୟା ରାଜସ୍ୱ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆଦାୟ କରିବାରେ ବିଫଳ କର୍ମଚାରୀ ଏବଂ ଅଧିକାରୀଙ୍କ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରିବାପାଇଁ ସରକାରଙ୍କୁ ସୁପାରିଶ କରାଗଲା ।**

## 1.2.2 ବିଭାଗୀୟ ସମୀକ୍ଷା କମିଟି ବୈଠକ

ନିରୀକ୍ଷଣ ପ୍ରତିବେଦନ ଓ ପ୍ରତିବେଦନ ଅନ୍ତର୍ଭୁକ୍ତ ଅନୁଚ୍ଛେଦ ଗୁଡିକର ମୀମାଂସା ତ୍ୱରାନ୍ୱିତ କରିବା ନିମନ୍ତେ ସରକାର ବିଭିନ୍ନ ସମୟରେ ସମୀକ୍ଷା କମିଟି ଗୁଡିକ ଗଠନ କରିଥାନ୍ତି । 2009-10 ବର୍ଷରେ ଅନୁଷ୍ଠିତ ସମୀକ୍ଷା କମିଟି ବୈଠକ ଏବଂ ମୀମାଂସୀତ ଅନୁଚ୍ଛେଦ ଗୁଡିକ ନିମ୍ନ ସାରଣୀରେ ପ୍ରଦତ୍ତ ହେଲା ।

| ବିଭାଗର ନାମ | ରାଜସ୍ୱ ଶୀର୍ଷ | ଅନୁଷ୍ଠିତ ବୈଠକ ସଂଖ୍ୟା | ମୀମାଂସିତ ନିରୀକ୍ଷଣ ପ୍ରତିବେଦନ ସଂଖ୍ୟା | ମୀମାଂସିତ ସମୀକ୍ଷା ଅନୁଚ୍ଛେଦ ସଂଖ୍ୟା | ପରିମାଣ (ଟଙ୍କା କୋଟି ଆକାରରେ) |
|---|---|---|---|---|---|
| ଅର୍ଥ | ବିକ୍ରୟ କର, ମୂଲ୍ୟଯୁକ୍ତ କର, ପ୍ରବେଶ କର ଏବଂ ବୃତ୍ତି କର | 15 | 57 | 288 | 24.12 |
| ପରିବହନ | ମୋଟରଯାନ କର | 26 | -- | 20 | 0.17 |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | ଭୂ-ରାଜସ୍ୱ | 30 | 74 | 259 | 11.06 |
| ଅବକାରୀ | ରାଜ୍ୟ ଅବକାରୀ | 1 | 8 | 50 | 5.52 |
| ଜଙ୍ଗଲ ଓ ପରିବେଶ | ବନ ପ୍ରାପ୍ତି | 3 | -- | 20 | 0.67 |
| ଇସ୍ପାତ ଓ ଖଣି | ଖଣିଜ ପ୍ରାପ୍ତି | 1 | 11 | 25 | 10.14 |
| ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ବିଭାଗୀୟ ପ୍ରାପ୍ତି | 1 | 14 | 17 | 0.83 |
| **ମୋଟ** | | **77** | **164** | **679** | **52.51** |

2009-10 ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ ସମ୍ବନ୍ଧରେ ଓ ଶକ୍ତି ଏବଂ ସମବାୟ ବିଭାଗ ଦ୍ୱାରା କୌଣସି ସମୀକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇନଥିଲା । **ବର୍ଷକୁ ବର୍ଷ ନିରୀକ୍ଷଣ ପ୍ରତିବେଦନ ଓ ଅନୁଚ୍ଛେଦ ଗୁଡିକ ସଂଖ୍ୟା ବୃଦ୍ଧି ପାଉଥିବା ହେତୁ ଏଗୁଡିକର ମୀମାଂସା ତ୍ୱରାନ୍ୱିତ**

**କରିବା ନିମନ୍ତେ ଅଧିକରୁ ଅଧିକ ସମୀକ୍ଷା କମିଟି ବୈଠକ କରାଇବା ପାଇଁ ସରକାର ପ୍ରତ୍ୟେକ ବିଭାଗକୁ ନିର୍ଦ୍ଦେଶ ଦେବା ଆବଶ୍ୟକ ।**

## 1.2.3 ସମୀକ୍ଷାରେ ସମ୍ୟକ ପରୀକ୍ଷା ପାଇଁ ନଥିପତ୍ର ଅନୁପସ୍ଥାପନ

ମୁଖ୍ୟ କର ଓ ଅଣକର ପ୍ରାପ୍ତି ସମ୍ବନ୍ଧୀତ କାର୍ଯ୍ୟାଳୟ ଗୁଡିକର ସ୍ଥାନୀୟ ସମୀକ୍ଷା କାର୍ଯ୍ୟସୂଚୀ ଯଥେଷ୍ଟ ଆଗରୁ ପ୍ରସ୍ତୁତ ହୋଇଥାଏ ଏବଂ ସାଧାରଣତଃ ସମୀକ୍ଷା ଆରମ୍ଭ ହେବାର ଏକ ମାସ ପୂର୍ବରୁ ସମ୍ପୃକ୍ତ ନଥିପତ୍ର ଗୁଡିକୁ ସମୀକ୍ଷା-ସମ୍ୟକ ପରୀକ୍ଷା ପାଇଁ ପ୍ରସ୍ତୁତ କରି ରଖିବାକୁ ବିଭାଗମାନଙ୍କୁ ସୂଚନା ଜାରି କରାଯାଇଥାଏ ।

2009-10 ବର୍ଷ ମଧ୍ୟରେ 43 ଗୋଟି[7] ବଣିଜ୍ୟ କର କାର୍ଯ୍ୟାଳୟ ଦ୍ୱାରା 4,784 ଗୋଟି ବିକ୍ରୟ କର/ମୂଲ୍ୟଯୁକ୍ତ କର/ପ୍ରବେଶ କର/ପ୍ରମୋଦ କର ସମ୍ପର୍କୀତ ନିର୍ଦ୍ଧାରଣ ନଥିପତ୍ର ସମୀକ୍ଷା ପାଇଁ ଉପଲବ୍ଧ ହୋଇନଥିଲା । ଏଥିମଧ୍ୟରୁ 796 ଗୋଟି ମାମଲା 2009-10 ବର୍ଷ ସମ୍ପର୍କିତ ଏବଂ ଅବଶିଷ୍ଟ 3,988 ଗୋଟି ମାମଲା ବିଗତ ବର୍ଷ ମାନଙ୍କର ସମ୍ପର୍କିତ ଅଟେ । ସମୀକ୍ଷା ଯାଞ୍ଚ ପାଇଁ ଉପଲବ୍ଧ ହୋଇନଥିବା 2,658 ଗୋଟି ମାମଲା ଦଶଗୋଟି[8] ସ୍ୱତନ୍ତ୍ର ମଣ୍ଡଳ/ରେଞ୍ଜ ଅଧିନରେ ଥିଲା ଯେଉଁଠାରେ ମୁଖ୍ୟ ବ୍ୟବସାୟୀ ମାନଙ୍କର କର ନିର୍ଦ୍ଧାରଣ କାର୍ଯ୍ୟ ହୋଇଥାଏ ।

## 1.2.4 ଚିଠା ସମୀକ୍ଷା ଅନୁଚ୍ଛେଦ ଗୁଡିକ ପ୍ରତି ବିଭାଗମାନଙ୍କ ଜବାବ

ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ ପ୍ରତିବେଦନରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ମହାଲେଖାକାରଙ୍କ ଦ୍ୱାରା ପ୍ରସ୍ତାବିତ ଚିଠା ସମୀକ୍ଷା ଅନୁଚ୍ଛେଦ ଗୁଡିକର ଜବାବ, ହସ୍ତଗତ ହେବା ଦିନଠାରୁ ଛଅ ସପ୍ତାହ ମଧ୍ୟରେ ଦେବା ପାଇଁ ରାଜ୍ୟ ସରକାର ଅର୍ଥ ବିଭାଗ ଦ୍ୱାରା ମଇ 1967 ରେ ଜାରି କରାଯାଇଥିବା ସ୍ମାରକପତ୍ର ଜରିଆରେ ବିଭିନ୍ନ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନ ପ୍ରତି ରାଜ୍ୟ ସରକାରଙ୍କ ମନୋଭାବ/ ଜବାବ ସମ୍ପର୍କରେ ଉଚ୍ଚ କ୍ଷମତାପନ୍ନ କମିଟିର ସୁପାରିଶ ଗ୍ରହଣ କରିବାବେଳେ ଉପରୋକ୍ତ ନିର୍ଦ୍ଦେଶକୁ ମଧ୍ୟ ଦୋହରା ଯାଇଥିଲା (ଡିସେମ୍ବର 1993) । ଚିଠା ସମୀକ୍ଷା ଅନୁଚ୍ଛେଦ ଗୁଡିକର ତଥ୍ୟାବଳୀ ଦୃଢୀକରଣ କରିବା ସହିତ ତାହା ଉପରେ ନିର୍ଦ୍ଧାରିତ ଛଅ ସପ୍ତାହ ମଧ୍ୟରେ ମନ୍ତବ୍ୟ ଦେବା ନିମନ୍ତେ ସେଗୁଡିକ ସମ୍ପୃକ୍ତ ବିଭାଗୀୟ ପ୍ରମୁଖ ସଚିବ/ସଚିବମାନଙ୍କ ନିକଟକୁ ଅର୍ଦ୍ଧ ସରକାରୀ ପତ୍ର ଜରିଆରେ ମହାଲେଖାକାରଙ୍କ ଦ୍ୱାରା ପଠାଯାଇଥାଏ ।

ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଦୁଇଟି ସମୀକ୍ଷା ପୁନର୍ବିଲୋକନ ସମେତ 63 ଗୋଟି ଚିଠା ଅନୁଚ୍ଛେଦ (42 ଗୋଟି ଅନୁଚ୍ଛେଦରେ ଏକୀକୃତ) ର ତଥ୍ୟାବଳୀ ଦୃଢୀକରଣ କରିବା ସହିତ ତାହା ଉପରେ ମନ୍ତବ୍ୟ ଦେବା ପାଇଁ ଅନୁରୋଧ କରି ଜାନୁଆରୀ ରୁ ସେପ୍ଟେମ୍ବର 2010 ମଧ୍ୟରେ ସମ୍ପୃକ୍ତ ବିଭାଗୀୟ ପ୍ରମୁଖ ସଚିବ/ସଚିବମାନଙ୍କ ନିକଟକୁ ଅର୍ଦ୍ଧ ସରକାରୀ ପତ୍ର ଜରିଆରେ ପଠାଯାଇଥିଲା । ନିର୍ଦ୍ଧାରିତ ଛଅ ସପ୍ତାହ ଅତିକ୍ରାନ୍ତ ହେବା ପରେ ପ୍ରତ୍ୟେକ କ୍ଷେତ୍ରରେ ଅର୍ଦ୍ଧ ସରକାରୀ ପତ୍ର ଜରିଆରେ ଅନୁସ୍ମାରକ ମାନ ମଧ୍ୟ ପଠାଯାଇଥିଲା । ଚିଠା ଅନୁଚ୍ଛେଦ ଗୁଡିକ ପ୍ରତି ଜବାବର ସ୍ଥିତି ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

---

7 ଅନୁଗୁଳ, ବାଲେଶ୍ୱର, ଭୁବନେଶ୍ୱର, ବଲାଙ୍ଗୀର, କଟକ-I, କଟକ-II, ଗଞ୍ଜାମ, ଯାଜପୁର, ସମ୍ବଲପୁର, ସୁନ୍ଦରଗଡ ରେଞ୍ଜ ଏବଂ ଅନୁଗୁଳ, ବାଲେଶ୍ୱର, ବରଗଡ, ବଲାଙ୍ଗୀର, ଭୁବନେଶ୍ୱର-I, ଭୁବନେଶ୍ୱର-II, ଭୁବନେଶ୍ୱର-III, ଭୁବନେଶ୍ୱର-IV, କଟକ-I (କେନ୍ଦ୍ରୀୟ), କଟକ-I(ସହର), କଟକ-I(ପୂର୍ବ), କଟକ-I(ପଶ୍ଚିମ), କଟକ-II, ଢେଙ୍କାନାଳ, ଗଞ୍ଜାମ-I, ଜଗତସିଂହପୁର, ଯାଜପୁର, ଜଟଣୀ, ଝାରସୁଗୁଡା, କଳାହାଣ୍ଡି, କଣ୍ଢାବାଞ୍ଜୀ, କେନ୍ଦ୍ରାପଡା, କେନ୍ଦୁଝର, ମାଲକାନଗିରି, ମୟୁରଭଞ୍ଜ, ନବରଙ୍ଗପୁର, ନୂଆପଡା, ଫୁଲବାଣୀ, ପୁରୀ, ରାଉରକେଲା-I, ରାଉରକେଲା-II, ସମ୍ବଲପୁର-I ଏବଂ ସୋନପୁର ମଣ୍ଡଳ ।

8 ବାଲେଶ୍ୱର, ଭୁବନେଶ୍ୱର-I, ଭୁବନେଶ୍ୱର-II, ଭୁବନେଶ୍ୱର-III, କଟକ -II, ଗଞ୍ଜାମ, ଯାଜପୁର, ମୟୁରଭଞ୍ଜ, ରାଉରକେଲା-I ମଣ୍ଡଳ ଏବଂ ଯାଜପୁର ରେଞ୍ଜ ।

| କ୍ରମିକ ସଂଖ୍ୟା | ବିଭାଗର ନାମ/ ପ୍ରାପ୍ତିର ସ୍ୱରୂପ | ସମୀକ୍ଷା ପୁନର୍ବିଲୋକନ ସହ ପଠାଯାଇଥିବା ଚିଠା ଅନୁଚ୍ଛେଦ ସଂଖ୍ୟା | ଜବାବ ମିଳିଥିବା ଚିଠା ଅନୁଚ୍ଛେଦ ସଂଖ୍ୟା | ଜବାବ ମିଳିନଥିବା ଚିଠା ଅନୁଚ୍ଛେଦ ସଂଖ୍ୟା |
|---|---|---|---|---|
| 1. | ଅର୍ଥ (ଓଡିଶା ବିକ୍ରୟ କର, ମୂଲ୍ୟଯୁକ୍ତ କର/କେନ୍ଦ୍ରୀୟ ବିକ୍ରୟ କର, ପ୍ରବେଶ କର ଏବଂ ବୃତ୍ତି କର) | 13 | 12 | 1 |
| 2. | ପରିବହନ (ମୋଟରଯାନ କର) | 10 | -- | 10 |
| 3. | ରାଜସ୍ୱ (ଭୂ-ରାଜସ୍ୱ, ଷ୍ଟାମ୍ପ ଶୁଳ୍କ ଏବଂ ନିବନ୍ଧନ ଫିସ୍) | 17 | 4 | 13 |
| 4. | ଅବକାରୀ (ଅବକାରୀ ଶୁଳ୍କ ଏବଂ ଫିସ୍) | 6 | 1 | 5 |
| 5. | ଜଙ୍ଗଲ ଓ ପରିବେଶ (ବନ ପ୍ରାପ୍ତି) | 4 | - | 4 |
| 6. | ଇସ୍ପାତ ଓ ଖଣି (ଖଣିଜ ପ୍ରାପ୍ତି) | 5 | 5 | - |
| 7. | ମତ୍ସ୍ୟ ଓ ପଶୁସମ୍ପଦ ଉନ୍ନୟନ (ମତ୍ସ୍ୟ ପ୍ରାପ୍ତି) | 1 | 1 | - |
| 8. | ଶକ୍ତି (ବିଦ୍ୟୁତ ଶୁଳ୍କ) | 6 | 6 | - |
| 9. | ଗୃହ (ଆରକ୍ଷୀ ପ୍ରାପ୍ତି) | 1 | 1 | - |
| | **ମୋଟ** | **63** | **30** | **33** |

## 1.2.5 ସମୀକ୍ଷା ପ୍ରତିବେଦନ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ - ସଂକ୍ଷିପ୍ତ ସ୍ଥିତି

ଡିସେମ୍ବର 1993 ରେ ଅର୍ଥବିଭାଗ ଦ୍ୱାରା ଜାରି ଅନୁଦେଶାନୁସାରେ, ଓଡିଶା ବିଧାନ ସଭାରେ ଉପସ୍ଥାପିତ ହୋଇଥିବା ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ ଅନୁଚ୍ଛେଦ ମାନଙ୍କର ବ୍ୟାଖାତ୍ମକ ଟିପ୍ପଣୀ ସମସ୍ତ ବିଭାଗମାନଙ୍କ ଦ୍ୱାରା ଗୃହରେ ପ୍ରତିବେଦନ ଉପସ୍ଥାପିତ ହେବା ଦିନଠାରୁ ତିନିମାସ ମଧ୍ୟରେ ବିଧାନ ସଭାକୁ ପ୍ରଦାନ କରାଯିବା ଆବଶ୍ୟକ ।

ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନ (ରାଜସ୍ୱ ପ୍ରାପ୍ତି) ରେ ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ ମାନଙ୍କର ଡିସେମ୍ବର 2010 ସୁଦ୍ଧା ବ୍ୟାଖାତ୍ମକ ଟିପ୍ପଣୀ ଗୁଡିକର ପୁନର୍ବିଲୋକନରୁ ଜଣାଗଲା ଯେ ସମ୍ପୃକ୍ତ ବିଭାଗମାନେ 1999-2000 ଠାରୁ 2008-2009 ଅବଧି ପାଇଁ 40 ଗୋଟି ଅନୁଚ୍ଛେଦର ବ୍ୟାଖ୍ୟାତ୍ମକ ଟିପ୍ପଣୀ ଦେଇ ନଥିଲେ, ଯାହାର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ବର୍ଷ | ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ ଅନୁଚ୍ଛେଦ ସଂଖ୍ୟା | ସରକାରୀ ହିସାବ କମିଟିରେ ଆଲୋଚିତ ଅନୁଚ୍ଛେଦ ସଂଖ୍ୟା | ଆଲୋଚନା ପାଇଁ ବାକିଥିବା ଅନୁଚ୍ଛେଦ ସଂଖ୍ୟା | ବିଭାଗମାନଙ୍କ ଠାରୁ ଅନୁପାଳନ ଟିପ୍ପଣୀ ଅପେକ୍ଷାରେ ଥିବା ଅନୁଚ୍ଛେଦ ସଂଖ୍ୟା |
|---|---|---|---|---|
| 1991-92 | 63 | 62 | 1 | -- |
| 1992-93 | 54 | 53 | 1 | -- |
| 1993-94 | 44 | 43 | 1 | -- |
| 1994-95 | 47 | 44 | 3 | -- |
| 1997-98 | 38 | 3 | 35 | -- |
| 1998-99 | 40 | 1 | 39 | -- |
| 1999-00 | 34 | -- | 34 | 3 |
| 2000-01 | 45 | 5 | 40 | -- |
| 2001-02 | 45 | 7 | 38 | -- |
| 2002-03 | 57 | 10 | 47 | -- |
| 2003-04 | 63 | 9 | 54 | -- |
| 2004-05 | 62 | 12 | 50 | -- |

| ବର୍ଷ | ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ ଅନୁଚ୍ଛେଦ ସଂଖ୍ୟା | ସରକାରୀ ହିସାବ କମିଟିରେ ଆଲୋଚିତ ଅନୁଚ୍ଛେଦ ସଂଖ୍ୟା | ଆଲୋଚନା ପାଇଁ ବାକିଥିବା ଅନୁଚ୍ଛେଦ ସଂଖ୍ୟା | ବିଭାଗମାନଙ୍କ ଠାରୁ ଅନୁପାଳନ ଟିପ୍ପଣୀ ଅପେକ୍ଷାରେ ଥିବା ଅନୁଚ୍ଛେଦ ସଂଖ୍ୟା |
|---|---|---|---|---|
| 2005-06 | 53 | 33 | 20 | 1 |
| 2006-07 | 48 | 9 | 39 | 2 |
| 2007-08 | 44 | -- | 44 | 10 |
| 2008-09 | 47 | -- | 47 | 24 |
| ମୋଟ | **784** | **291** | **493** | **40** |

ଏଥିରୁ ଜଣାଗଲା ଯେ ସମ୍ପର୍କିତ ବର୍ଷରେ ବିଧାନ ସଭାରେ ଉପସ୍ଥାପନ କରାଯାଇଥିବା ମୋଟ ଅନୁଚ୍ଛେଦ (226) ର ଶତକଡା 17.70 ଅନୁଚ୍ଛେଦ ଉପରେ ଅନୁପାଳନ ଟିପ୍ପଣୀ ଆସିନଥିଲା ।

ସମୀକ୍ଷା ପ୍ରତିବେଦନ ଅନ୍ତର୍ଭୁକ୍ତ ସମସ୍ତ ବିଷୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କର ଦାୟିତ୍ୱବୋଧତା ସୁନିଶ୍ଚିତ କରିବା ନିମନ୍ତେ ସରକାରୀ ହିସାବ କମିଟି (ପି.ଏ.ସି) ତାଙ୍କର ସମୀକ୍ଷା ପ୍ରତିବେଦନ ବିଧାନ ସଭାରେ ଉପସ୍ଥାପନ କରାଯିବାର ଛଅମାସ ମଧ୍ୟରେ ସୁପାରିଶ ଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ ଅଧିକତର ବିଚାରାର୍ଥେ ଉପସ୍ଥାପନ କରିବାକୁ ମଇ 1966 ରେ ରାଜ୍ୟ ସରକାର ସମସ୍ତ ବିଭାଗ ମାନଙ୍କୁ ଅନୁଦେଶ ଜାରି କରିଥିଲେ । ଦଶମ, ଏକାଦଶ, ଦ୍ୱାଦଶ ଓ ତ୍ରୟୋଦଶ ବିଧାନ ସଭାରେ ଉପସ୍ଥାପିତ ପି.ଏ.ସି. ପ୍ରତିବେଦନ ଗୁଡିକରୁ ଦେଖାଗଲା ଯେ ଏହି କମିଟି 1985-86 ରୁ 2005-06 ବର୍ଷ ମାନଙ୍କରେ 14 ଗୋଟି ବିଭାଗର ରାଜସ୍ୱ ପ୍ରାପ୍ତି ପ୍ରତିବେଦନ ଗୁଡିକର ପରୀକ୍ଷା କରି 501 ଗୋଟି ଅନୁଚ୍ଛେଦ/ସୁପାରିଶ ଅନ୍ତର୍ଗତ ଥିବା 56 ଗୋଟି ପି.ଏ.ସି. ପ୍ରତିବେଦନ ବିଧାନ ସଭାରେ ଫେବୃଆରୀ 1991 ଏବଂ ଡିସେମ୍ବର 2008 ମଧ୍ୟରେ ଉପସ୍ଥାପନ କରିଥିଲେ । ମାତ୍ର ଉକ୍ତ କମିଟିର 36 ଗୋଟି ସୁପାରିଶ ଉପରେ ସମ୍ପୃକ୍ତ ସାତଟି[9] ବିଭାଗ ମାନଙ୍କର କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ ଡିସେମ୍ବର 2010 ସୁଦ୍ଧା ପ୍ରାପ୍ତ ହୋଇନଥିଲା ।

ଏହା ସୂଚିତ କରୁଅଛି ଯେ ସମୀକ୍ଷା ପ୍ରତିବେଦନରେ ଦର୍ଶାଯାଇଥିବା ରାଜସ୍ୱ ଅନାଦାୟ ସମ୍ପର୍କିତ ମୁଖ୍ୟାଂଶ ଗୁଡିକରେ କାର୍ଯ୍ୟନିର୍ବାହୀ ମାନେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିଲେ ।

## 1.2.6 ପୂର୍ବ ସମୀକ୍ଷା ପ୍ରତିବେଦନ ଗୁଡିକର ଅନୁପାଳନ

2004-05 ରୁ 2008-09 ବର୍ଷର ସମୀକ୍ଷା ପ୍ରତିବେଦନ ଗୁଡିକରେ ଅନ୍ତର୍ଭୁକ୍ତ ହୋଇଥିବା ସମୀକ୍ଷା ଅବଲୋକନ ଗୁଡିକରେ ଜଡିତ 2,277.46 କୋଟି ଟଙ୍କାର ଅବନିର୍ଦ୍ଧାରଣ, କର ଅନାରୋପଣ/ସ୍ୱଳ୍ପାରୋପଣ, ରାଜସ୍ୱ ହାନି, ଦାବୀ ଉତ୍ଥାପନର ବିଫଳତା ଇତ୍ୟାଦି ସ୍ଥାନ ପାଇଥିଲା । ଏହା ମଧ୍ୟରୁ ସେପ୍ଟେମ୍ବର 2010 ପର୍ଯ୍ୟନ୍ତ ବିଭାଗମାନେ 900.44 କୋଟି ଟଙ୍କାର ଅବନିର୍ଦ୍ଧାରଣ ଆଦି ସ୍ୱୀକାର କରିଥିଲେ ଏବଂ 354.55 କୋଟି ଟଙ୍କା ଆଦାୟ କରିଥିଲେ । ସମୀକ୍ଷା ପ୍ରତିବେଦନ ଓ୍ୱାରୀ ସବିଶେଷ ସ୍ୱୀକୃତି ଓ ଅସୁଲିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବର୍ଷ | ସମୀକ୍ଷା ପ୍ରତିବେଦନର ଆର୍ଥିକ ପରିମାଣ | ବିଭାଗ ଦ୍ୱାରା ସ୍ୱୀକୃତିର ପରିମାଣ | ଅସୁଲିର ପରିମାଣ |
|---|---|---|---|---|
| 1. | 2004-05 | 560.81 | 221.43 | 45.56 |
| 2. | 2005-06 | 136.70 | 47.37 | 21.61 |
| 3. | 2006-07 | 516.32 | 431.34 | 276.43 |
| 4. | 2007-08 | 484.80 | 133.90 | 6.54 |
| 5. | 2008-09 | 578.83 | 66.40 | **4.41** |
| ମୋଟ | | **2,277.46** | **900.44** | **354.55** |

[9] କୃଷି, ଅବକାରୀ, ଜଙ୍ଗଲ ଓ ପରିବେଶ, ଆଇନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଇସ୍ପାତ ଓ ଖଣି ଏବଂ ଜଳ ସମ୍ପଦ ବିଭାଗ ।

## 1.3 ସମୀକ୍ଷା ଦ୍ୱାରା ଉତ୍ଥାପିତ ବିଷୟ ଗୁଡିକ ପରିଚାଳିତ ହେଉଥିବା ପଦ୍ଧତିର ବିଶ୍ଳେଷଣ

ବିଗତ ପାଞ୍ଚ ବର୍ଷ ମଧ୍ୟରେ ସ୍ଥାନୀୟ ସମୀକ୍ଷାରେ ସନ୍ଧାନ ହୋଇଥିବା ଓ 1999-2000 ରୁ 2008-09 ବର୍ଷରେ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇଥିବା ମାମଲା ଗୁଡିକ ପ୍ରତି ଇସ୍ପାତ ଓ ଖଣି ବିଭାଗର କାର୍ଯ୍ୟ ସମ୍ପାଦନର ଧାରା ପରବର୍ତ୍ତୀ 1.3.1 ରୁ 1.3.2.2 ଅନୁଚ୍ଛେଦ ଗୁଡିକରେ ଆଲୋଚନା କରାଗଲା ।

### 1.3.1 ନିରୀକ୍ଷଣ ପ୍ରତିବେଦନର ସ୍ଥିତି

ଗତ ପାଞ୍ଚ ବର୍ଷ ମଧ୍ୟରେ ଜାରି ହୋଇଥିବା ନିରୀକ୍ଷଣ ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ ଗୁଡିକ ଏବଂ 2010 ବର୍ଷ ମାର୍ଚ୍ଚ ସୁଦ୍ଧା ସେଗୁଡିକର ସ୍ଥିତିର ସଂକ୍ଷିପ୍ତ ସାର ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

(ଟଙ୍କା କୋଟି ଆକାରରେ)

| ବର୍ଷ | ପ୍ରାରମ୍ଭିକ ଅବଶେଷ | | | ବର୍ଷ ମଧ୍ୟରେ ସଂଯୁକ୍ତ ସଂଖ୍ୟା | | | ବର୍ଷ ମଧ୍ୟରେ ନିଷ୍କାସିତ ସଂଖ୍ୟା | | | ବର୍ଷ ଶେଷରେ ଅନ୍ତିମ ଅବଶେଷ | | |
|---|---|---|---|---|---|---|---|---|---|---|---|---|
| | ନିରୀକ୍ଷଣ ପ୍ରତିବେଦନ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଆର୍ଥିକ ମୂଲ୍ୟ | ନିରୀକ୍ଷଣ ପ୍ରତିବେଦନ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଆର୍ଥିକ ମୂଲ୍ୟ | ନିରୀକ୍ଷଣ ପ୍ରତିବେଦନ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଆର୍ଥିକ ମୂଲ୍ୟ | ନିରୀକ୍ଷଣ ପ୍ରତିବେଦନ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଆର୍ଥିକ ମୂଲ୍ୟ |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 2005-06 | 113 | 238 | 24.12 | 16 | 43 | 59.71 | 22 | 101 | 3.58 | 107 | 180 | 80.25 |
| 2006-07 | 107 | 180 | 80.25 | 14 | 37 | 148.16 | -- | 12 | 103.62 | 121 | 205 | 124.79 |
| 2007-08 | 121 | 205 | 124.79 | 12 | 44 | 35.43 | 32 | 89 | 9.05 | 101 | 160 | 151.17 |
| 2008-09 | 101 | 160 | 151.17 | 14 | 45 | 15.26 | 15 | 42 | 13.51 | 100 | 163 | 152.92 |
| 2009-10 | 100 | 163 | 152.92 | 19 | 79 | 216.25 | 16 | 41 | 30.19 | 103 | 201 | 338.98 |

ଉପରୋକ୍ତ ସମୟ ମଧ୍ୟରେ ଅମୀମାଂସୀତ ନିରୀକ୍ଷଣ ପ୍ରତିବେଦନ/ ଅନୁଚ୍ଛେଦ ଗୁଡିକର ମୀମାଂସା ତ୍ୱରାନ୍ୱିତ କରିବା ପାଇଁ 26 ଥର ବିଭାଗୀୟ ସମୀକ୍ଷା କମିଟି ଅନୁଷ୍ଠିତ ହୋଇଥିଲା ଯେଉଁଥିରେ 49 ଗୋଟି ନିରୀକ୍ଷଣ ପ୍ରତିବେଦନ ଏବଂ 149 ଗୋଟି ଅନୁଚ୍ଛେଦ ଗୁଡିକର ମୀମାଂସା ହୋଇଥିଲା । ଫଳସ୍ୱରୂପ 2005 ମାର୍ଚ୍ଚ ସୁଦ୍ଧା ବିଚାରାଧିନ ଥିବା ନିରୀକ୍ଷଣ ପ୍ରତିବେଦନ/ଅନୁଚ୍ଛେଦ ଗୁଡିକର ସଂଖ୍ୟା ତୁଳନାତ୍ମକ ଭାବେ 2010 ମାର୍ଚ୍ଚ ସୁଦ୍ଧା ହ୍ରାସ ପାଇଥିଲା । ଯାହାହେଉ, 2007-08 ମଧ୍ୟରେ କୌଣସି ବିଭାଗୀୟ ସମୀକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇନଥିଲା ।

ଏତଦ୍ ବ୍ୟତୀତ କାର୍ଯ୍ୟାଳୟ ଗୁଡିକର ନିୟମିତ ନିରୀକ୍ଷଣ ସମୟରେ ଅମୀମାଂସୀତ ନିରୀକ୍ଷଣ ପ୍ରତିବେଦନ/ ଅନୁଚ୍ଛେଦ ଗୁଡିକ ଘଟଣାସ୍ଥଳରେ ପ୍ରାପ୍ତ ଉତ୍ତର ଭିତ୍ତିରେ ପୁନର୍ବିଲୋକନ କରାଯାଇଥାଏ । ବିଭାଗଠାରୁ ଉତ୍ତର ପ୍ରାପ୍ତ ହେବା ପରେ ଏବଂ ସ୍ୱତଃ ପୁନର୍ବିଲୋକନ ଦ୍ୱାରା ମଧ ନିରୀକ୍ଷଣ ପ୍ରତିବେଦନ/ଅନୁଚ୍ଛେଦ ଗୁଡିକର ମୀମାଂସା କରାଯାଇଥାଏ ।

### 1.3.2 ସମୀକ୍ଷା ପ୍ରତିବେଦନ ଗୁଡିକର ପ୍ରଧାନ ଅଂଶ ପ୍ରତି ବିଭାଗ/ସରକାରଙ୍କର ଭରସା ପ୍ରଦାନ

#### 1.3.2.1 ସ୍ୱୀକୃତ ମାମଲା ଗୁଡିକରେ ଆଦାୟ

ସରକାରଙ୍କ ଦ୍ୱାରା ସ୍ୱୀକୃତ ଗତ 10 ବର୍ଷର ସମୀକ୍ଷା ପ୍ରତିବେଦନ ଅନ୍ତର୍ଭୁକ୍ତ ଅନୁଚ୍ଛେଦ ଗୁଡିକର ସ୍ଥିତି ଏବଂ ଆଦାୟ ପରିମାଣର ବିବରଣୀ ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

(ଟଙ୍କା କୋଟି ଆକାରରେ)

| ସମୀକ୍ଷା ପ୍ରତିବେଦନ ବର୍ଷ | ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ ଗୁଡିକର ସଂଖ୍ୟା | ଅନୁଚ୍ଛେଦ ଗୁଡିକର ଆର୍ଥିକ ମୂଲ୍ୟ | ସ୍ୱୀକୃତ ହୋଇଥିବା ଅନୁଚ୍ଛେଦ ସଂଖ୍ୟା | ସ୍ୱୀକୃତ ଅନୁଚ୍ଛେଦ ଗୁଡିକର ଆର୍ଥିକ ମୂଲ୍ୟ | ବର୍ଷ ମଧ୍ୟରେ ଆଦାୟ ପରିମାଣ | ସ୍ୱୀକୃତ ହୋଇଥିବା ମାମଲାରେ ଆଦାୟ ପରିମାଣର କ୍ରମବର୍ଦ୍ଧିଷ୍ଣୁ ସ୍ଥିତି |
|---|---|---|---|---|---|---|
| 1999-00 | 3 | 2.00 | 3 | 2.00 | 0.16 | 1.54 |
| 2000-01 | 5 | 13.64 | 3 | 10.57 | 0.04 | 0.49 |
| 2001-02 | 5 | 2.74 | 3 | 2.23 | -- | 0.23 |
| 2002-03 | 3 | 2.15 | 2 | 1.26 | - | 1.16 |
| 2003-04 | 1(ଆର)[10] (9 ଗୋଟି ଉପ ଅନୁଚ୍ଛେଦ) | 313.42 | 3 ଗୋଟି ଉପ ଅନୁଚ୍ଛେଦ | 4.25 | - | 0.89 |
| 2004-05 | 6 | 29.49 | 4 | 26.05 | 0.03 | 25.68 |
| 2005-06 | 2 | 3.13 | 1 | 1.99 | 0.16 | 1.95 |
| 2006-07 | 4 | 9.26 | 3 | 9.18 | - | 1.97 |
| 2007-08 | 1(ଆର) (12 ଗୋଟି ଉପ ଅନୁଚ୍ଛେଦ) | 206.20 | 5 ଗୋଟି ଉପ ଅନୁଚ୍ଛେଦ | 8.38 | 0.08 | 2.41 |
| 2008-09 | 4 | 6.39 | 2 | 0.23 | -- | 0.23 |
| ମୋଟ | **53** | **588.42** | **29** | **66.14** | **0.47** | **36.55** |

ଉପରୋକ୍ତ ସମୟ ମଧ୍ୟରେ ସମୀକ୍ଷାକୁ ଦର୍ଶାଯାଇଥିବା ସ୍ୱୀକୃତ ମାମଲା ଗୁଡିକରୁ ଅସୁଲ ପରିମାଣ 55.26 ପ୍ରତିଶତ ଥିଲା । **ଯେହେତୁ ବକେୟା ଖଣିଜ ପ୍ରାପ୍ତି ଦାବୀ ବକେୟା ଭୂ-ରାଜସ୍ୱ ଭଳି ଓଡିଶା ସରକାରୀ ଦେୟ ଆଦାୟ ଅଧିନିୟମ, 1962 ଅନୁସାରେ ଆଦାୟଯୋଗ୍ୟ, ସରକାର ସ୍ୱୀକୃତ ମାମଲା ଗୁଡିକର ଅବଶିଷ୍ଟ ପରିମାଣ ଆଦାୟ କରିବା ପାଇଁ କାର୍ଯ୍ୟାରମ୍ଭ କରିବା ଦରକାର ।**

## 1.3.2.2 ବିଭାଗ/ସରକାରଙ୍କ ଦ୍ୱାରା ସ୍ୱୀକୃତ ସୁପାରିଶ ଉପରେ କାର୍ଯ୍ୟାନୁଷ୍ଠାନ

ମହାଲେଖାକାରଙ୍କ ଦ୍ୱାରା ପରିଚାଳିତ ଚିଠା କାର୍ଯ୍ୟ ସମ୍ପାଦନ ପୁନର୍ବିଲୋକନ ଗୁଡିକୁ ସମ୍ପୃକ୍ତ ବିଭାଗ/ସରକାରଙ୍କ ଅବଗତି ଓ ସେମାନଙ୍କର ଉତ୍ତର ପ୍ରଦାନ ନିମନ୍ତେ ଅନୁରୋଧ ପୂର୍ବକ ଜଣାଇ ଦିଆଯାଇଥାଏ । ଏହି ପୁନର୍ବିଲୋକନ ଗୁଡିକ ଏକ ପ୍ରସ୍ଥାନ ସମ୍ମିଳନୀରେ ଆଲୋଚିତ ହୋଇଥାଏ ଏବଂ ବିଭାଗ/ସରକାରଙ୍କ ମତାମତ ଗୁଡିକୁ ପୁନର୍ବିଲୋକନର ଅନ୍ତିମ ରୂପ ଦେବା ସମୟରେ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଥାଏ ।

ଇସ୍ପାତ ଓ ଖଣି ବିଭାଗ ଉପରେ ଶେଷ 10 ଗୋଟି ସମୀକ୍ଷା ପ୍ରତିବେଦନରେ ସ୍ଥାନିତ ପୁନର୍ବିଲୋକନ ଗୁଡିକର ପ୍ରଧାନ ଅଂଶ ଅନ୍ତର୍ଭୁକ୍ତ ସୁପାରିଶ ଗୁଡିକ ଉପରେ ବିଭାଗ ତଥା ସରକାରଙ୍କ କାର୍ଯ୍ୟାନୁଷ୍ଠାନ ନିମ୍ନ ଅନୁଚ୍ଛେଦ ଗୁଡିକରେ ଆଲୋଚନା କରାଗଲା ।

| ସମୀକ୍ଷା ପ୍ରତିବେଦନର ବର୍ଷ | ପୁନର୍ବିଲୋକନର ନାମ | ସୁପାରିଶ ସଂଖ୍ୟା | ସ୍ଥିତି |
|---|---|---|---|
| 2003-04 | ମୁଖ୍ୟ ଖଣିଜ ଦ୍ରବ୍ୟର ଖଣିଜ ଦେୟର ନିର୍ଦ୍ଧାରଣ, ସଂଗ୍ରହ ଓ ଆଦାୟ | 3 | ସମୀକ୍ଷା ପ୍ରତିବେଦନର ଅନୁଚ୍ଛେଦ 7.2.18 ରେ ସୁପାରିଶ ଗୁଡିକ ସରକାରଙ୍କ ଦୃଷ୍ଟିକୁ ନିଆଯାଇଥିଲା । ଏହି ସୁପାରିଶ ଉପରେ ଅନୁପାଳନ ଟିପ୍ପଣୀ ନିରବ । |
| **2007-08** | **ମୁଖ୍ୟ ଖଣିଜ ସମ୍ପଦରୁ ରାଜସ୍ୱ ପ୍ରାପ୍ତି** | **6** | ସରକାର ଜୁନ୍ 2010 ରେ ଜଣାଇଲେ ଯେ ସୁପାରିଶ ଗୁଡିକ ଭବିଷ୍ୟତ ଦିଗଦର୍ଶନ ନିମନ୍ତେ ଟିପ୍ପଣୀକୃତ ହେଲା । |

10 ପଦ୍ଧତି/କାର୍ଯ୍ୟ ସମ୍ପାଦନ ପୁନର୍ବିଲୋକନ ।

## 1.4 ସମୀକ୍ଷା ଯୋଜନା

ବିଭିନ୍ନ ବିଭାଗ ଅଧିନସ୍ଥ ସମୀକ୍ଷା ଉଦ୍ଦିଷ୍ଟ କାର୍ଯ୍ୟାଳୟ ଗୁଡ଼ିକୁ ସେମାନଙ୍କର ରାଜସ୍ୱ ସ୍ଥିତି, ସମୀକ୍ଷା ମନ୍ତବ୍ୟର ପୂର୍ବ ଧାରା ଏବଂ ଅନ୍ୟାନ୍ୟ ମାପକାଠି ଅନୁସାରେ ଉଚ୍ଚ, ମଧ୍ୟମ ଏବଂ ନିମ୍ନ ଶଙ୍କା ସମ୍ଭାବନା ୟୁନିଟ ରୂପେ ଶ୍ରେଣୀ ବିଭାଗ କରାଯାଇଥାଏ । ଶଙ୍କା ସମ୍ଭାବନାକୁ ଆଧାର କରି ଅନ୍ୟାନ୍ୟ ବିଷୟ ମଧ୍ୟରେ ସରକାରୀ ରାଜସ୍ୱ ଓ କର ପ୍ରଶାସନର ସମାଲୋଚନାତ୍ମକ ବିଷୟକୁ ଅନ୍ତର୍ଭୁକ୍ତ କରି ଯଥା ବଜେଟ ଭାଷଣ, ରାଜ୍ୟ ଅର୍ଥ ବ୍ୟବସ୍ଥାର ଶ୍ୱେତପତ୍ର, ଅର୍ଥ କମିଶନଙ୍କ ରିପୋର୍ଟ (ରାଜ୍ୟ ଓ କେନ୍ଦ୍ର), ଟିକସ୍ ସଂସ୍କାର କମିଟିର ସୁପାରିଶ, ଗତ ପାଞ୍ଚ ବର୍ଷର ରାଜସ୍ୱ ଆଦାୟ ପରିସଂଖ୍ୟାନର ବିଶ୍ଳେଷଣ, କର ପ୍ରଶାସନର ରୂପଚିତ୍ର, ସମୀକ୍ଷା ପରିସରର ଅନ୍ତର୍ଭୁକ୍ତି ଓ ଗତ ପାଞ୍ଚ ବର୍ଷରେ ଏହାର ପ୍ରଭାବକୁ ଦୃଷ୍ଟିରେ ରଖି ବାର୍ଷିକ ସମୀକ୍ଷା ଯୋଜନା ପ୍ରସ୍ତୁତ ହୋଇଥାଏ ।

2009-10 ବର୍ଷ ମଧ୍ୟରେ ସମୀକ୍ଷାଯୋଗ୍ୟ 800 ଗୋଟି ୟୁନିଟ୍ ମଧ୍ୟରୁ 321 ୟୁନିଟ୍ ଯୋଜନା ମୁତାବକ ସମୀକ୍ଷା କରାଯାଇଥିଲା । ଏହା ସମସ୍ତ ସମୀକ୍ଷାଯୋଗ୍ୟ ୟୁନିଟର 40.13 ପ୍ରତିଶତ ଅଟେ । ନିମ୍ନ ସାରଣୀରେ ବିଶଦ ବିବରଣୀ ଦର୍ଶାଗଲା ।

ଉପରୋକ୍ତ ସମୀକ୍ଷା କାର୍ଯ୍ୟ ଅନୁପାଳନ ବ୍ୟତୀତ ରାଜସ୍ୱ ପ୍ରାପ୍ତିରେ କର ପ୍ରଶାସନର ସାମର୍ଥ୍ୟ ପରୀକ୍ଷା ନିମନ୍ତେ ଦୁଇଗୋଟି ପୁନର୍ବିଲୋକନ ମଧ୍ୟ ସଞ୍ଚାଳନ କରାଯାଇଥିଲା ।

**ବାର୍ଷିକ ସମୀକ୍ଷା ଯୋଜନା – 2009-10**

| କ୍ରମିକ ସଂଖ୍ୟା | ପ୍ରଧାନ ରାଜସ୍ୱ ଶୀର୍ଷ | ମୋଟ ସମୀକ୍ଷା ଯୋଗ୍ୟ ୟୁନିଟ ସଂଖ୍ୟା | ଯୋଜନାଭୁକ୍ତ ଓ ସମୀକ୍ଷା ହୋଇଥିବା ୟୁନିଟ ସଂଖ୍ୟା |
|---|---|---|---|
| 1. | ବିକ୍ରି କର/ମୂଲ୍ୟଯୁକ୍ତ କର ଇତ୍ୟାଦି | 60 | 56 |
| 2. | ମୋଟରଯାନ କର | 34 | 27 |
| 3. | ଭୂ-ରାଜସ୍ୱ | 315 | 62 |
| 4. | ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ | 174 | 34 |
| 5. | ରାଜ୍ୟ ଅବକାରୀ ଶୁଳ୍କ | 34 | 27 |
| 6. | ବନ ପ୍ରାପ୍ତି | 74 | 51 |
| 7. | ଖଣିଜ ପ୍ରାପ୍ତି | 24 | 20 |
| 8. | ବିଭାଗୀୟ ପ୍ରାପ୍ତି | 85 | 44 |
| | ମୋଟ | **800** | **321** |

## 1.5 ସମୀକ୍ଷାର ପରିଣାମ

### 1.5.1 ବର୍ଷ ମଧ୍ୟରେ ଅନୁଷ୍ଠିତ ସ୍ଥାନୀୟ ସମୀକ୍ଷାର ସ୍ଥିତି

ବାଣିଜ୍ୟ କର, ମୋଟରଯାନ କର, ଭୂ-ରାଜସ୍ୱ, ଷ୍ଟାମ୍ପ ଶୁଳ୍କ ଏବଂ ନିବନ୍ଧନ ଫିସ୍, ରାଜ୍ୟ ଅବକାରୀ, ବନ, ଖଣି ଓ ଖଣିଜ ଦ୍ରବ୍ୟ ଏବଂ ଅନ୍ୟ ବିଭାଗୀୟ କାର୍ଯ୍ୟାଳୟ ମାନଙ୍କର ନଥିପତ୍ରର 2009-10 ବର୍ଷରେ 321 ଗୋଟି ୟୁନିଟର ନମୁନା ଯାଞ୍ଚରେ 2,47,648 ଗୋଟି ମାମଲାରେ ମୋଟ 1,164.78 କୋଟି ଟଙ୍କାର କର ଅବନିର୍ଦ୍ଧାରଣ/ସ୍ୱଳ୍ପାରୋପଣ ଓ ରାଜସ୍ୱହାନି ଇତ୍ୟାଦି ଦୃଷ୍ଟିଗୋଚର ହୋଇଥିଲା । ସେହିବର୍ଷ ମଧ୍ୟରେ ସମ୍ପୃକ୍ତ ବିଭାଗମାନେ 84,399 ଗୋଟି ମାମଲାରେ 306.08 କୋଟି ଟଙ୍କାର ଅବନିର୍ଦ୍ଧାରଣ ଓ ଅନ୍ୟାନ୍ୟ ଅନିୟମିତତା ସ୍ୱୀକାର କରିଥିଲେ, ଯାହା ମଧ୍ୟରୁ 21,728 ଗୋଟି ମାମଲାରେ ସମ୍ପୃକ୍ତ 207.93 କୋଟି ଟଙ୍କା 2009-10 ବର୍ଷର ସମୀକ୍ଷାରେ ଏବଂ ଅବଶିଷ୍ଟ ପୂର୍ବବର୍ଷ ମାନଙ୍କରେ ଦର୍ଶାଯାଇଥିଲା । 2009-10 ବର୍ଷରେ ବିଭାଗମାନେ 32,136 ଗୋଟି ମାମଲାରେ 23.04 କୋଟି ଟଙ୍କା ଆଦାୟ କରିଥିଲେ ।

## 1.5.2 ଏହି ପ୍ରତିବେଦନ

ଏହି ପ୍ରତିବେଦନରେ ସରକାରୀ ଜମି ହସ୍ତାନ୍ତରଣ, ପଟ୍ଟାସୂତ୍ରେ ପ୍ରଦାନ ଓ ଜବର ଦଖଲ ବିଷୟକ ଏକ ପୁନର୍ବିଲୋକନ ସମେତ 42 ଗୋଟି ଅନୁଚ୍ଛେଦରେ କର, ଶୁଳ୍କ ଓ ସୁଧ, ଜୋରିମାନା ଇତ୍ୟାଦିର ସ୍ୱଳ୍ପାରୋପଣ/ ଅନାରୋପଣ ବାବଦରେ 304.94 କୋଟି[11] ଟଙ୍କାର ଆର୍ଥିକ ପରିଣାମ ଦର୍ଶାଯାଇଅଛି । ସରକାର/ବିଭାଗମାନେ 181.72 କୋଟି ଟଙ୍କାର ସମୀକ୍ଷା ମନ୍ତବ୍ୟ ଗ୍ରହଣ କରିଥିଲେ । ଏଥିମଧ୍ୟରୁ ଡିସେମ୍ବର 2010 ସୁଦ୍ଧା 25.40 ଲକ୍ଷ ଟଙ୍କା ଆଦାୟ ହୋଇଥିଲା । ଏହି ଅବଲୋକନ ଗୁଡିକ ପରବର୍ତ୍ତୀ ଅଧ୍ୟାୟ II ରୁ VIII ରେ ଆଲୋଚନା କରାଯାଇଅଛି ।

[11] ଏହା ମଧ୍ୟରେ ରାଜସ୍ୱ ହାନି ଓ ଅବରୋଧ ଅନୁଚ୍ଛେଦ ଅନ୍ତର୍ଭୁକ୍ତ ହୋଇନାହିଁ ।

# ଅଧ୍ୟାୟ-II : ମୂଲ୍ୟଯୁକ୍ତ କର, ବିକ୍ରୟ କର, ପ୍ରବେଶ କର ଏବଂ ବୃତ୍ତି କର

## 2.1.1. କର ପରିଚାଳନା

ରାଜ୍ୟରେ ବିଭିନ୍ନ କର ଯଥା ବିକ୍ରୟ କର, ମୂଲ୍ୟଯୁକ୍ତ କର, ପ୍ରବେଶ କର, ପ୍ରମୋଦ କର, ବିଳାସ କର ଓ ବୃତ୍ତି କର ଗୁଡିକର ନିର୍ଦ୍ଧାରଣ ଓ ଆଦାୟ ମାର୍ଚ୍ଚ 2005 ପର୍ଯ୍ୟନ୍ତ ବୈଧ ଥିବା ଓଡିଶା ବିକ୍ରୟ କର (ଓଏସ୍‌ଟି) ଅଧିନିୟମ, 1947, କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି) ଅଧିନିୟମ, 1956, ଓଡିଶା ମୂଲ୍ୟଯୁକ୍ତ କର (ଓଭାଟ) ଅଧିନିୟମ 2004, ଓଡିଶା ପ୍ରବେଶ କର (ଓଇଟି) ଅଧିନିୟମ, 1999, ଓଡିଶା ପ୍ରମୋଦ କର (ଓଇଟି) ଅଧିନିୟମ, 2007, ଓଡିଶା ବିଳାସ କର (ଓଏଲ୍‌ଟି) ଅଧିନିୟମ, 1995 ଏବଂ ଓଡିଶା ରାଜ୍ୟ ବୃତ୍ତି, ବ୍ୟାପାର, ଆଜୀବିକା ଓ ନିୟୋଜନ କର (ପିଟି) ଅଧିନିୟମ, 2000 ଅଧିନରେ ନିୟନ୍ତ୍ରିତ ହୁଏ । ଅର୍ଥ ବିଭାଗର ପ୍ରମୁଖ ସଚିବଙ୍କ ପ୍ରଶାସନିକ ନିୟନ୍ତ୍ରଣରେ ବାଣିଜ୍ୟ କର ଆୟୁକ୍ତ (ସିସିଟି) ଉପରୋକ୍ତ ଅଧିନିୟମ ଓ ନିୟମାବଳୀ ଗୁଡିକୁ ପରିଚାଳନା କରନ୍ତି ଏବଂ ତାଙ୍କୁ ଅତିରିକ୍ତ ବାଣିଜ୍ୟ କର ଆୟୁକ୍ତ, ଯୁଗ୍ମ ବାଣିଜ୍ୟ କର ଆୟୁକ୍ତ, ସହକାରୀ ବାଣିଜ୍ୟ କର ଆୟୁକ୍ତ ଓ ବାଣିଜ୍ୟ କର ଅଧିକାରୀ (ସିଟିଓ) ମାନେ  ମୁଖ୍ୟ ଦପ୍ତର, ଜୋନ, ରେଞ୍ଜ ଓ ସର୍କଲ ସ୍ତରରେ ସାହାଯ୍ୟ କରିଥାଆନ୍ତି ।

## 2.1.2 ରାଜସ୍ୱ ପ୍ରାପ୍ତିର ଧାରା

2005-06 ରୁ 2009-10 ବର୍ଷ ମଧ୍ୟରେ ବିଗତ ପାଞ୍ଚବର୍ଷର ବିକ୍ରୟ କର/ମୂଲ୍ୟଯୁକ୍ତ କର/କେନ୍ଦ୍ରୀୟ ବିକ୍ରୟ କର/ପ୍ରବେଶ କର/ବୃତ୍ତି କର ଏବଂ ପ୍ରମୋଦ କର/ବିଳାସ କରର ବାସ୍ତବ କରପ୍ରାପ୍ତି ନିମ୍ନରେ ଦିଆଗଲା ।

### A. ଓଏସ୍‌ଟି/ଓଭାଟ୍/ସିଏସ୍‌ଟି

(ଟଙ୍କା କୋଟି ଆକାରରେ)

| ବର୍ଷ | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | ପରିବର୍ତ୍ତନ ଅଧିକ (+) | ପରିବର୍ତ୍ତନର ଶତକଡା ହାର | ରାଜ୍ୟର ମୋଟ କର ପ୍ରାପ୍ତି | ରାଜ୍ୟର ମୋଟ କର ପ୍ରାପ୍ତି ତୁଳନାରେ ବାସ୍ତବ କର ପ୍ରାପ୍ତିର ଶତକଡା ହାର |
|---|---|---|---|---|---|---|
| 2005-06 | 2,140.00 | 3,011.73 | (+) 871.73 | (+) 40.73 | 5,002.28 | 60.21 |
| 2006-07 | 2,817.47 | 3,764.82 | (+) 947.35 | (+) 33.62 | 6,065.07 | 62.07 |
| 2007-08 | 4,054.71 | 4,118.43 | (+) 63.72 | (+) 1.57 | 6,856.09 | 60.07 |
| 2008-09 | 4,770.37 | 4,803.33 | (+) 32.96 | (+) 0.69 | 7,995.20 | 60.08 |
| 2009-10 | 5,382.38 | 5,408.76 | (+) 26.38 | (+) 0.49 | 8,982.34 | 60.22 |

ରାଜସ୍ୱ ପ୍ରାପ୍ତିର ଧାରା ଦର୍ଶାଇଲା ଯେ 2005-06 ରେ ଏହା 3011.73 କୋଟି ଟଙ୍କାରୁ ବୃଦ୍ଧି ପାଇ 2009-10 ବର୍ଷରେ 5408.76 କୋଟି ଟଙ୍କା (79.59 ପ୍ରତିଶତ) ହୋଇଥିଲା ଏବଂ ଏହା ରାଜ୍ୟର ମୋଟ କର ରାଜସ୍ୱର 60.67 ଓ 62.07 ଶତକଡା ମଧ୍ୟରେ ରହିଥିଲା । ରାଜ୍ୟର ଉପରୋକ୍ତ ସମୟ ପାଇଁ ବଜେଟ ଅଟକଳ ଏବଂ ବାସ୍ତବ ପ୍ରାପ୍ତି ତୁଳନାରେ ମୋଟ କର ରାଜସ୍ୱ ପ୍ରାପ୍ତିର ସ୍ତମ୍ଭ ଲେଖାଚିତ୍ର ନିମ୍ନରେ ଦିଆଗଲା ।




## B. ପ୍ରବେଶ କର

(ଟଙ୍କା କୋଟି ଆକାରରେ)

| ବର୍ଷ | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | ପରିବର୍ତ୍ତନ ଅଧିକ (+) | ପରିବର୍ତ୍ତନର ଶତକଡା ହାର | ରାଜ୍ୟର ମୋଟ କର ପ୍ରାପ୍ତି | ମୋଟ କର ପ୍ରାପ୍ତି ତୁଳନାରେ ବାସ୍ତବ କର ପ୍ରାପ୍ତିର ଶତକଡା ହାର |
|---|---|---|---|---|---|---|
| 2005-06 | 280.00 | 463.34 | (+) 183.34 | (+) 65.48 | 5,002.28 | 9.26 |
| 2006-07 | 370.00 | 574.00 | (+) 204.00 | (+) 55.13 | 6,065.07 | 9.46 |
| 2007-08 | 602.70 | 626.90 | (+) 24.20 | (+) 4.02 | 6,856.09 | 9.14 |
| 2008-09 | 580.90 | 638.32 | (+) 57.42 | (+) 9.88 | 7,995.20 | 7.98 |
| 2009-10 | 689.38 | 815.25 | (+) 125.87 | (+) 18.26 | 8,982.34 | 9.08 |

ରାଜସ୍ୱ ପ୍ରାପ୍ତିର ଧାରା ଦର୍ଶାଇଲା ଯେ 2005-06 ରେ ଏହା 463.34 କୋଟି ଟଙ୍କାରୁ ବୃଦ୍ଧି ପାଇ 2009-10 ରେ 815.25 କୋଟି ଟଙ୍କା (75.95 ପ୍ରତିଶତ) ହୋଇଥିଲା ।

## C. ବୃତ୍ତି କର

(ଟଙ୍କା କୋଟି ଆକାରରେ)

| ବର୍ଷ | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | ପରିବର୍ତ୍ତନ ଅଧିକ (+) | ପରିବର୍ତ୍ତନର ଶତକଡା ହାର | ରାଜ୍ୟର ମୋଟ କର ପ୍ରାପ୍ତି | ମୋଟ କର ପ୍ରାପ୍ତି ତୁଳନାରେ ବାସ୍ତବ କର ପ୍ରାପ୍ତିର ଶତକଡା ହାର |
|---|---|---|---|---|---|---|
| 2005-06 | 60.05 | 66.46 | (+) 6.41 | (+) 10.67 | 5,002.28 | 1.33 |
| 2006-07 | 72.00 | 73.60 | (+) 1.60 | (+) 2.22 | 6,065.07 | 1.21 |
| 2007-08 | 80.96 | 86.44 | (+) 5.48 | (+) 6.77 | 6,856.09 | 1.26 |
| 2008-09 | 89.06 | 112.18 | (+) 23.12 | (+) 25.96 | 7,995.20 | 1.40 |
| 2009-10 | 134.48 | 135.55 | (+) 1.07 | (+) 0.80 | 8,982.34 | 1.51 |

ରାଜସ୍ୱ ପ୍ରାପ୍ତି 2005-06 ରେ 66.46 କୋଟି ଟଙ୍କାରୁ 2009-10 ରେ 135.55 କୋଟି ଟଙ୍କା (103.96 ପ୍ରତିଶତ) କୁ ବୃଦ୍ଧି ପାଇଥିଲା ।

## D. ପ୍ରମୋଦ କର ଏବଂ ବିଳାସ କର

ପ୍ରମୋଦ କର ଓ ବିଳାସ କରରୁ ବାସ୍ତବ ପ୍ରାପ୍ତି ରାଜ୍ୟର ମୋଟ କରପ୍ରାପ୍ତି ତୁଳନାରେ ଅତି ନଗଣ୍ୟ ଅଟେ ।

## 2.1.3 ଓଭାଟ୍ ଅଧିନିୟମରେ କରଦାତାଙ୍କ ପାର୍ଶ୍ୱଚିତ୍ର

ବାଣିଜ୍ୟ କର ଆୟୁକ୍ତଙ୍କ ସୂଚନା ଅନୁଯାୟୀ ବିଗତ ତିନି ବର୍ଷ ମଧ୍ୟରେ ମୁଲ୍ୟଯୁକ୍ତ କର ଅଧିନିୟମ ଅଧିନରେ ପଞ୍ଜିକୃତ ବିଭିନ୍ନ ପ୍ରକାରର ବ୍ୟବସାୟୀ ସଂଖ୍ୟା ନିମ୍ନରେ ଦିଆଯାଇଅଛି ।

| ବର୍ଷ | ବୃହତ କର ପ୍ରଦାନକାରୀ ବ୍ୟବସାୟୀଙ୍କ ସଂଖ୍ୟା | ବୃହତ କର ପ୍ରଦାନ କାରୀ ବ୍ୟତୀତ ଅନ୍ୟ ଟିନ୍ ବ୍ୟବସାୟୀଙ୍କ ସଂଖ୍ୟା | ଶ୍ରୀନ ବ୍ୟବସାୟୀଙ୍କ ସଂଖ୍ୟା | ପୁଞ୍ଜୀକୃତ ହୋଇଥିବା ମୋଟ ବ୍ୟବସାୟୀଙ୍କ ସଂଖ୍ୟା | ରିଟର୍ଣ୍ଣ ଦାଖଲ କରିବାକୁ ଥିବା ବ୍ୟବସାୟୀଙ୍କ ସଂଖ୍ୟା | ସମୟାନୁସାରେ ରିଟର୍ଣ୍ଣ ଦାଖଲ କରୁଥିବା ବ୍ୟବସାୟୀ ସଂଖ୍ୟା | ସମୟାନୁସାରେ ରିଟର୍ଣ୍ଣ ଦାଖଲ କରିନଥିବା କିମ୍ବା ବିଳମ୍ବରେ ରିଟର୍ଣ୍ଣ ଦାଖଲ କରୁଥିବା ବ୍ୟବସାୟୀଙ୍କ ସଂଖ୍ୟା | ଖିଲାପକାରୀ ବ୍ୟବସାୟୀଙ୍କୁ ନୋଟିସ ଜାରି କରାଯାଇଥିବା ମାମଲା ଗୁଡିକର ସଂଖ୍ୟା | ଖିଲାପକାରୀ ବ୍ୟବସାୟୀଙ୍କୁ ନୋଟିସ ଜାରି କରାଯାଇନଥିବା ମାମଲାଗୁଡିକର ସଂଖ୍ୟା |
|---|---|---|---|---|---|---|---|---|---|
| 2007-08 | 615 | 88,618 | 26,815 | 1,16,048 | 1,13,767 | 74,571 | 45,432 | 27,178 | 18,254 |
| 2008-09 | 615 | 97,187 | 27,104 | 1,24,906 | 1,23,457 | 85,669 | 48,995 | 30,241 | 18,754 |
| 2009-10 | 689 | 1,03,319 | 27,287 | 1,31,295 | 1,30,193 | 91,847 | 51,494 | 31,969 | 19,525 |
| ମୋଟ | 1919 | 2,89,124 | 81,206 | 3,72,249 | 3,67,417 | 2,52,087 | 1,45,921 | 89,388 | 56,533 |

56,533 ଜଣ ଖିଲାପକାରୀ ବ୍ୟବସାୟୀଙ୍କୁ ନୋଟିସ ଜାରି ନହେବା ଦର୍ଶାଉଥିଲା ଯେ ବାଣିଜ୍ୟ କର ବିଭାଗ ଦ୍ୱାରା ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଏବଂ ନିୟମାବଳୀରେ ଥିବା ବ୍ୟବସ୍ଥା ଗୁଡିକ କାର୍ଯ୍ୟକାରୀ ହୋଇନଥିଲା । ସରକାର ଅକ୍ଟୋବର 2010 ରେ କହିଲେ ଯେ ରିଟର୍ଣ୍ଣ ଦାଖଲ କରୁନଥିବା ବ୍ୟକ୍ତିମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଧାନିକ କର୍ତ୍ତୃପକ୍ଷମାନେ କ୍ଷମତାପନ୍ନ ଏବଂ ଯୋଗ୍ୟ ମାମଲା ଗୁଡିକରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହୋଇଅଛି ।

## 2.1.4 ବିଚାରାଧିନ ନିର୍ଦ୍ଧାରଣ ମାମଲା

ନିର୍ଦ୍ଧାରଣ ମାମଲାର ବିଶଦ ବିବରଣୀ ଯଥା ସେହି ବର୍ଷ ନିର୍ଦ୍ଧାରଣ ଯୋଗ୍ୟ ହେଉଥିବା ମାମଲା ସଂଖ୍ୟା, ନିର୍ଦ୍ଧାରଣ ଚୂଡାନ୍ତ ହୋଇଥିବା ମାମଲା ସଂଖ୍ୟା ଓ 2009-10 ବର୍ଷ ଶେଷରେ ନିର୍ଦ୍ଧାରଣ ପାଇଁ ବାକିଥିବା ମାମଲା ସଂଖ୍ୟା ନିମ୍ନରେ ପ୍ରଦାନ କରାଗଲା ।

| 2009-10 | ଓଏସ୍‌ଟି | ସିଏସ୍‌ଟି | ଭ୍ୟାଟ | ପ୍ରବେଶ କର | ବୃତ୍ତି କର | ଆମୋଦ କର |
|---|---|---|---|---|---|---|
| ପ୍ରାରମ୍ଭିକ ଅବଶେଷ | 13,374 | 4,596 | 1,300 | 1,664 | 1,04,587 | 212 |
| ବର୍ଷ ମଧ୍ୟରେ ନିର୍ଦ୍ଧାରଣଯୋଗ୍ୟ ନୂତନ ମାମଲା ସଂଖ୍ୟା | 67 | 2,186 | 4,061 | 5,458 | 9,276 | 117 |
| ବର୍ଷ ପାଇଁ ମୋଟ ନିର୍ଦ୍ଧାରଣଯୋଗ୍ୟ ମାମଲା ସଂଖ୍ୟା | 13,441 | 6,782 | 5,361 | 7,122 | 1,13,863 | 329 |
| ବର୍ଷ ମଧ୍ୟରେ ଫଏସଲା ହୋଇଥିବା ମାମଲା ସଂଖ୍ୟା | 3,615 | 3,421 | 3,012 | 5,002 | 29,516 | 134 |
| ବର୍ଷ ଶେଷରେ ଥିବା ଅବଶେଷ ମାମଲା ସଂଖ୍ୟା | 9,826 | 3,361 | 2,349 | 2,120 | 84,347 | 195 |
| ଚୂଡାନ୍ତ ହୋଇଥିବା ମାମଲାର ଶତକଡା ହାର | 26.90 | 50.44 | 56.18 | 70.23 | 25.92 | 40.73 |

ସରକାର ଅକ୍ଟୋବର 2010 ରେ କହିଲେ ଯେ ନିର୍ଦ୍ଧାରଣ ମାମଲା ଗୁଡିକ ବିଭିନ୍ନ ଅଧିନିୟମ ବ୍ୟବସ୍ଥାନୁସାରେ ଫଏସଲା ହୁଏ । ଯଥେଷ୍ଟ ସଂଖ୍ୟକ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଅଭାବ ହେତୁ ବର୍ଷ ମଧ୍ୟରେ ଫଏସଲା ହେବାକୁ ଥିବା ସମୁଦାୟ ମାମଲା ଗୁଡିକ ବିଭାଗ ଦ୍ୱାରା ସମ୍ପୂର୍ଣ୍ଣ ହୋଇ ନଥିଲା ।

**ବିଚାରାଧିନ ନିର୍ଦ୍ଧାରଣଯୋଗ୍ୟ ମାମଲା ଗୁଡିକର ଶୀଘ୍ର ଫଏସଲା ନିମନ୍ତେ ବିଭାଗ ଉପଯୁକ୍ତ ପଦକ୍ଷେପ ନେବା ଦରକାର ।**

## 2.1.5 ସଂଗ୍ରହ ଜନିତ ବ୍ୟୟ

ବାଣିଜ୍ୟ କର ବିଭାଗ ଅଧିନରେ ମୋଟ କର ରାଜସ୍ୱ ପ୍ରାପ୍ତି ଓ ତାହାର ସଂଗ୍ରହ ଜନିତ ବ୍ୟୟ ସହିତ ଆଦାୟ ପାଇଁ 2007-08, 2008-09 ଏବଂ 2009-10 ବର୍ଷରେ ହୋଇଥିବା ଖର୍ଚ୍ଚର 2008-09 ବର୍ଷର ପ୍ରାସଙ୍ଗିକ ସର୍ବଭାରତୀୟ ଖର୍ଚ୍ଚର ହାରାହାରି ଶତକଡା ହାର ସହ ତୁଳନାତ୍ମକ ସ୍ଥିତି ନିମ୍ନରେ ପ୍ରଦାନ କରାଗଲା ।

(ଟଙ୍କା କୋଟି ଆକାରରେ)

| ବର୍ଷ | ସଂଗ୍ରହ[1] | ରାଜସ୍ୱ ଆଦାୟ ପାଇଁ ବ୍ୟୟ | ମୋଟ ଆଦାୟ ଉପରେ ଖର୍ଚ୍ଚର ଶତକଡା ହାର | 2008-09 ମସିହାରେ ସର୍ବଭାରତୀୟ ସ୍ତରରେ ହାରାହାରି ଶତକଡା ହାର |
|---|---|---|---|---|
| 2007-08 | 4,863.36 | 30.11 | 0.62 | 0.88 |
| 2008-09 | 5,601.22 | 44.45 | 0.79 | |
| 2009-10 | 6,409.96 | 53.90 | 0.84 | |

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ ବାଣିଜ୍ୟ କର ବିଭାଗରେ ସଂଗ୍ରହ ଜନିତ ବ୍ୟୟ ସର୍ବଭାରତୀୟ ସ୍ତରର ହାରାହାରି ମଧ୍ୟରେ ଥିଲେ ମଧ୍ୟ ବର୍ଦ୍ଧିତ ଧାରାରେ ଥିଲା ।

## 2.1.6 ସଂଗ୍ରହର ବିଶ୍ଳେଷଣ

ବିଭାଗ ଦ୍ୱାରା ଉପଲବ୍ଧ ହୋଇଥିବା ବିକ୍ରୟ କର/ମୂଲ୍ୟଯୁକ୍ତ କର/ ପ୍ରବେଶ କର/ପ୍ରମୋଦ କର/ ବିଳାସ କର/ କେନ୍ଦ୍ରୀୟ ବିକ୍ରି କର ଓ ବୃତ୍ତି କର ଗୁଡିକରେ 2009-10 ବର୍ଷରେ ମୋଟ କର ସଂଗ୍ରହର ପ୍ରାକ୍ ନିର୍ଦ୍ଧାରଣ ସ୍ତର ଏବଂ ନିୟମିତ ନିର୍ଦ୍ଧାରଣ ପରବର୍ତ୍ତୀ ସ୍ତରର ବିଭାଜନ, ପୂର୍ବବର୍ତ୍ତୀ ଦୁଇ ବର୍ଷର ଅନୁରୂପ ଚିତ୍ର ସହିତ ନିମ୍ନ ସାରଣୀରେ ଦର୍ଶାଗଲା ।

(ଟଙ୍କା କୋଟି ଆକାରରେ)

| ରାଜସ୍ୱର ଶୀର୍ଷକ | ବର୍ଷ | ପ୍ରାକ ନିର୍ଦ୍ଧାରଣ ସ୍ତରରେ ସଂଗୃହୀତ ପରିମାଣ | ନିୟମିତ ନିର୍ଦ୍ଧାରଣ ପରେ ସଂଗୃହୀତ ପରିମାଣ (ଅତିରିକ୍ତ ଦାବୀ) | ବକେୟା ଦାବୀରୁ ସଂଗୃହୀତ ପରିମାଣ | ଫେରସ୍ତ ପରିମାଣ | ବିଭାଗ ଅନୁସାରେ ବାସ୍ତବିକ ସଂଗ୍ରହ | ଆର୍ଥିକ ହିସାବ ଅନୁସାରେ ବାସ୍ତବିକ ସଂଗ୍ରହ | ସ୍ତମ୍ଭ 3 ର ସ୍ତମ୍ଭ 8 ସହିତ ଶତକଡା ହାର |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| ବିକ୍ରୟ କର/ କେନ୍ଦ୍ରୀୟ ବିକ୍ରୟ କର/ ମୂଲ୍ୟଯୁକ୍ତ କର | 2007-08 | 4,036.30 | 31.66 | 77.69 | 27.22 | 4,118.43 | 4,118.43 | 98.01 |
| | 2008-09 | 4,790.08 | 15.19 | 32.26 | 34.19 | 4,803.34 | 4,803.33 | 99.72 |
| | 2009-10 | 5,404.63 | 24.90 | 31.60 | 52.37 | 5,408.76 | 5,408.76 | 99.92 |
| ପ୍ରବେଶ କର | 2007-08 | 612.71 | 19.84 | 8.61 | 0.29 | 640.87 | 626.90 | 97.74 |
| | 2008-09 | 629.94 | 7.52 | 2.37 | 0.84 | 638.99 | 638.32 | 98.69 |
| | 2009-10 | 772.72 | 26.63 | 2.88 | 0.50 | 801.73 | 815.25 | 94.78 |
| ବିଳାସ କର | 2007-08 | 0.01 | -- | -- | -- | 0.01 | 0.01 | 100 |
| | 2008-09 | 0.03 | -- | -- | -- | 0.03 | 0.03 | 100 |
| | 2009-10 | 0.05 | -- | -- | -- | 0.05 | 7.57 | 0.66 |

[1] ଅର୍ଥ ବିଭାଗ ହିସାବ ଅନୁସାରେ ଏହି ଆଦାୟରେ ବାଣିଜ୍ୟ କର ବିଭାଗ ଦ୍ୱାରା ବିଭିନ୍ନ ଅଧିନିୟମ ଅଧୀନରେ ସଂଗୃହୀତ ସମସ୍ତ କର ଅନ୍ତର୍ଭୁକ୍ତ ହୋଇଅଛି ଯାହାକି ବିଭାଗ ଦ୍ୱାରା ଦିଆଯାଇଥିବା ଅଙ୍କ ସହିତ ଅମେଳ ଅଛି ।

| | | | | | | | | |
|---|---|---|---|---|---|---|---|---|
| ପ୍ରମୋଦ କର | 2007-08 | 2.45 | 0.01 | 0.19 | -- | 2.65 | 2.22 | 110.36 |
| | 2008-09 | 2.33 | - | 0.07 | -- | 2.40 | 18.58 | 12.54 |
| | 2009-10 | 2.76 | 0.01 | 0.05 | -- | 2.82 | 9.28 | 29.74 |
| ବୃତ୍ତି କର | 2007-08 | 76.85 | 0.11 | 0.20 | -- | 77.16 | 86.44 | 88.91 |
| | 2008-09 | 91.96 | 0.02 | 0.08 | -- | 92.06 | 112.18 | 81.98 |
| | 2009-10 | 116.43 | 0.54 | 0.74 | -- | 117.71 | 135.55 | 85.89 |

ଅତଏବ ବିଗତ ତିନି ବର୍ଷରେ ପ୍ରାକ୍ ନିର୍ଦ୍ଧାରଣ ସ୍ତରରେ ରାଜସ୍ୱ ଆଦାୟ ବିକ୍ରୟ କରରେ 98.01 ରୁ 99.22 ପ୍ରତିଶତ ମଧ୍ୟରେ ଏବଂ ପ୍ରବେଶ କରରେ 94.78 ରୁ 98.69 ପ୍ରତିଶତ ମଧ୍ୟରେ ଏବଂ ବୃତ୍ତି କରରେ 81.98 ରୁ 88.91 ପ୍ରତିଶତ ମଧ୍ୟରେ ଥିଲା ।

ସରକାର ଅକ୍ଟୋବର 2010 ରେ କହିଲେ ଯେ ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମର ସ୍ୱେଚ୍ଛାକୃତ କର ଅନୁପାଳନ ପଦ୍ଧତି ଏବଂ ପ୍ରଭାବୀ କର ପ୍ରଶାସନ କାରଣରୁ ସ୍ୱୀକୃତ କର ଆଦାୟ ଧାରାରେ ବୃଦ୍ଧି ହୋଇଥିଲା ।

## 2.1.7 ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗର କାର୍ଯ୍ୟକାରିତା

ସେପ୍ଟେମ୍ବର ଓ ଅକ୍ଟୋବର 2010 ରେ ବିଭାଗ ଜଣାଇଲେ ଯେ ପର୍ଯ୍ୟାପ୍ତ ପରିମାଣର କର୍ମଚାରୀଙ୍କ ଅଭାବରୁ ବର୍ତ୍ତମାନ ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ ବିଲୁପ୍ତ, ଏବଂ ତାହାକୁ ପୁନଃରୁଜ୍ଜୀବିତ କରିବା ପାଇଁ ପଦକ୍ଷେପ ନିଆଯାଉଅଛି ।

**ପର୍ଯ୍ୟାପ୍ତ କର୍ମଚାରୀ ମାନଙ୍କ ମୁତୟନ ସହିତ ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ବିଭାଗ ବ୍ୟବସ୍ଥା କରିବା ଉଚିତ ।**

## 2.1.8 ସମୀକ୍ଷାର ପ୍ରଭାବ

### 2.1.8.1 ରାଜସ୍ୱ ପ୍ରଭାବ

2004-05 ରୁ 2008-09 ସମୟ ମଧ୍ୟରେ ବିଭିନ୍ନ ଅଧିନିୟମ ଅଧୀନରେ ବର୍ଷ ଓ୍ୱାରୀ ସମୀକ୍ଷିତ ୟୁନିଟ୍ ଗୁଡିକର ବିଶଦ ବିବରଣୀ ଏବଂ ଆପତ୍ତି ହୋଇଥିବା ପରିମାଣ, ବିଭାଗର ସ୍ୱୀକାର ଓ ଆଦାୟରେ ସମୀକ୍ଷାର ପ୍ରଭାବ ନିମ୍ନରେ ଦର୍ଶାଗଲା ।

(ଟଙ୍କା କୋଟି ଆକାରରେ)

| ବର୍ଷ | ଅଧିନିୟମ | ସମୀକ୍ଷିତ ୟୁନିଟ୍ ସଂଖ୍ୟା | ଆପତ୍ତିର ପରିମାଣ | | ସ୍ୱୀକୃତିର ପରିମାଣ | | ଅସୁଲିର ପରିମାଣ | |
|---|---|---|---|---|---|---|---|---|
| | | | ମାମଲା ସଂଖ୍ୟା | ପରିମାଣ | ମାମଲା ସଂଖ୍ୟା | ପରିମାଣ | ମାମଲା ସଂଖ୍ୟା | ପରିମାଣ |
| 2004-05 | ବିକ୍ରୟ କର/ ମୂଲ୍ୟଯୁକ୍ତ କର | 33 | 266 | 90.55 | 53 | 21.75 | 15 | 2.49 |
| | ପ୍ରବେଶ କର | | 42 | 3.60 | 7 | 0.53 | 1 | **0.01** |
| | ମୋଟ | **33** | **308** | **94.15** | **60** | **22.28** | **16** | **2.50** |
| 2005-06 | ବିକ୍ରୟ କର/ ମୂଲ୍ୟଯୁକ୍ତ କର | 31 | 196 | 58.46 | 47 | 16.24 | 12 | 5.54 |
| | ପ୍ରବେଶ କର | | 54 | 5.49 | 13 | 1.81 | 3 | 0.11 |
| | ମୋଟ | **31** | **250** | **63.95** | **60** | **18.05** | **15** | **5.65** |
| 2006-07 | ବିକ୍ରୟ କର/ ମୂଲ୍ୟଯୁକ୍ତ କର | 31 | 215 | 83.64 | 51 | 30.10 | 8 | 2.60 |
| | ପ୍ରବେଶ କର | | 2,050 | 43.74 | 11 | 4.29 | 3 | 0.60 |
| | ମୋଟ | **31** | **2,265** | **127.38** | **62** | **34.39** | **11** | **3.20** |
| 2007-08 | ବିକ୍ରୟ କର/ ମୂଲ୍ୟଯୁକ୍ତ କର | 38 | 155 | 160.16 | 9 | 0.66 | 1 | 0.36 |
| | ପ୍ରବେଶ କର | | 34 | 112.13 | Nil | Nil | Nil | Nil |
| | ମୋଟ | **38** | **189** | **272.29** | **9** | **0.66** | **1** | **0.36** |
| 2008-09 | ବିକ୍ରୟ କର/ ମୂଲ୍ୟଯୁକ୍ତ କର | 44 | 241 | 282.77 | 9 | 1.32 | Nil | Nil |
| | ପ୍ରବେଶ କର | | 99 | 27.84 | Nil | Nil | Nil | Nil |
| | ମୋଟ | **44** | **340** | **310.61** | **9** | **1.32** | **Nil** | **Nil** |
| ଗାଏ ମୋଟ | | **177** | **3,352** | **868.38** | **200** | **76.70** | **43** | **11.71** |

ବିଗତ ପାଞ୍ଚ ବର୍ଷ ମଧ୍ୟରେ ଆଦାୟ ହୋଇଥିବା ପରିମାଣ ସ୍ୱୀକାର ହୋଇଥିବା ପରିମାଣ ତୁଳନାରେ ମାତ୍ର 15.27 ପ୍ରତିଶତ ହୋଇଥିବାରୁ ଅତ୍ୟନ୍ତ ଅଳ୍ପ ଥିଲା । ବିଭାଗ ଜଣାଇଲେ ଯେ ବୈଧାନିକ ବ୍ୟବସ୍ଥାନୁଯାୟୀ ବ୍ୟବସାୟୀମାନେ ପ୍ରଥମ/ଦ୍ୱିତୀୟ ଅପିଲର ସୁଯୋଗ ନେଉଥିବାରୁ ମାମଲା ଗୁଡ଼ିକର ଯୋଗ୍ୟତା ଭିତ୍ତିରେ ନିର୍ଦ୍ଧାରଣ ଆଧାରରେ ହୋଇଥିବା ଦାବୀରେ ହ୍ରାସ, ବୃଦ୍ଧି, ନାକଚ କିମ୍ବା ରଦ୍ଦ ହୋଇଅଛି । ସରକାର ଅନ୍ତତଃ ପକ୍ଷେ ସ୍ୱୀକୃତ ମାମଲାରେ ଜଡ଼ିତ ଥିବା ପରିମାଣ ଅବିଳମ୍ବେ ଆଦାୟ ସୁନିଶ୍ଚିତ କରନ୍ତୁ ।

### 2.1.8.2 ସମୀକ୍ଷା ଦୃଷ୍ଟାନ୍ତ ହେତୁ ଅଧିନିୟମ, ନିୟମାବଳୀ ଓ ସରକାରଙ୍କ ଦ୍ୱାରା ଜାରି ଅଧିସୂଚନାର ସଂଶୋଧନ

ସମୀକ୍ଷା ମନ୍ତବ୍ୟ ଫଳରେ ସରକାର 1 ଅଗଷ୍ଟ 2009 ରେ କେନ୍ଦ୍ରୀୟ ବିକ୍ରୟ କର (ଓଡ଼ିଶା) ନିୟମାବଳୀ 1957 ର ସଂଶୋଧନ କରି ଫାରମ 'ଗ' ବ୍ୟବହାରର ହିସାବ ପାଇଁ ବିହିତ ଫାରମ ବଦଳରେ ନୂତନ ଭାବେ ଫାରମ VI ର ପ୍ରଚଳନ କରିଥିଲେ ।

## 2.1.9 ସମୀକ୍ଷାର ପରିଣାମ

ବାଣିଜ୍ୟ କର କାର୍ଯ୍ୟାଳୟ ଗୁଡ଼ିକର 2009-10 ବର୍ଷ ମଧ୍ୟରେ ବିକ୍ରୟ କର, ମୂଲ୍ୟଯୁକ୍ତ କର, ଓଡ଼ିଶା ପ୍ରବେଶ କର ଓ ବୃତ୍ତି କର ସମ୍ବନ୍ଧୀୟ 56 ଗୋଟି ୟୁନିଟର ନଥିପତ୍ର ଗୁଡ଼ିକର ଆମେ ନମୁନା ଯାଞ୍ଚ କରି 23,365 ଗୋଟି ମାମଲାରେ ଜଡ଼ିତ 118.83 କୋଟି ଟଙ୍କାର କର/ସୁଧ/ଜୋରିମାନା/ଅଧିଭାରର ଅନାରୋପଣ/ ସ୍ୱଳ୍ପାରୋପଣ ଇତ୍ୟାଦି ହୋଇଥିବାର ଲକ୍ଷ୍ୟ କରିଥିଲୁ, ଯାହାର ବର୍ଗୀକରଣ ନିମ୍ନରେ ପ୍ରଦତ୍ତ ହେଲା ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| **ବିକ୍ରୟ କର/ ମୂଲ୍ୟଯୁକ୍ତ କର (ଭ୍ୟାଟ୍)** | | | |
| 1. | ସୁଧ/ ଜୋରିମାନା/ ଅଧିଭାରର ଅନାରୋପଣ/ସ୍ୱଳ୍ପାରୋପଣ | 70 | 42.78 |
| 2. | ଅନିୟମିତ ଅବ୍ୟାହତି ପ୍ରଦାନ ହେତୁ କର ଅବନିର୍ଦ୍ଧାରଣ | 51 | 9.96 |
| 3. | ଭ୍ରମାତ୍ମକ/ରିହାତି କର ହାର ପ୍ରୟୋଗ ହେତୁ କର ଅବନିର୍ଦ୍ଧାରଣ | 57 | 6.76 |
| 4. | କରଯୋଗ୍ୟ କାରବାରର ତ୍ରୁଟିପୂର୍ଣ୍ଣ ହିସାବ ହେତୁ କର ସ୍ୱଳ୍ପନିର୍ଦ୍ଧାରଣ | 17 | 1.54 |
| 5. | ନିବେଶ କର ଜମାର ଭ୍ରମାତ୍ମକ ମଞ୍ଜୁରୀ/ସମାୟୋଜନକରଣ | 11 | 0.51 |
| 6. | ଅନ୍ୟାନ୍ୟ ଅନିୟମିତତା | 18 | 20.90 |
| | **ମୋଟ** | **224** | **82.45** |
| **ପ୍ରବେଶ କର** | | | |
| 1. | ସୁଧ/ ଜୋରିମାନର ଅନାରୋପଣ/ ସ୍ୱଳ୍ପାରୋପଣ | 31 | 17.28 |
| 2. | କରଯୋଗ୍ୟ କାରବାରର ତ୍ରୁଟିପୂର୍ଣ୍ଣ ହିସାବ | 14 | 1.33 |
| 3. | ଭ୍ରମାତ୍ମକ/ରିହାତି କର ହାର ପ୍ରୟୋଗ ହେତୁ କରର ଅନାରୋପଣ ଏବଂ ସ୍ୱଳ୍ପାରୋପଣ | 11 | 0.61 |
| 4. | ଅନିୟମିତ ଅବ୍ୟାହତି ପ୍ରଦାନ/ ପ୍ରତିବଦଳ | 6 | 0.23 |
| 5. | ଅନ୍ୟାନ୍ୟ ଅନିୟମିତତା | 4 | 0.06 |
| | **ମୋଟ** | **66** | **19.51** |
| **ବୃତ୍ତି କର** | | | |
| 1. | କର ଓ ଜୋରିମାନାର ଅନାରୋପଣ ଇତ୍ୟାଦି | 23,075 | 16.87 |
| | **ମୋଟ** | **23,075** | **16.87** |
| | **ଗାଏ ମୋଟ** | **23,365** | **118.83** |

ପୂର୍ବ ବର୍ଷ ମାନଙ୍କରେ ଆମେ ଦର୍ଶାଇଥିବା 313 ଗୋଟି ମାମଲାରେ 51.22 କୋଟି ଟଙ୍କାର କର ଅବନିର୍ଦ୍ଧାରଣ 2009-10 ବର୍ଷରେ ବିଭାଗ ଗ୍ରହଣ କରିଥିଲେ ଓ ଏହି ବର୍ଷରେ ବିଭାଗ 98 ଗୋଟି ମାମଲାରେ 13.47 କୋଟି ଟଙ୍କା ଆଦାୟ କରିଥଲେ ।

59.26 କୋଟି ଟଙ୍କା ଜଡିତ ଦୃଷ୍ଟାନ୍ତଯୁକ୍ତ କେତେକ ସମୀକ୍ଷା ମନ୍ତବ୍ୟ ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଆଲୋଚନା କରାଗଲା ।

## 2.2 ସମୀକ୍ଷା ମନ୍ତବ୍ୟ

ଆମେ ରାଜ୍ୟର ବାଣିଜ୍ୟ କର ରେଞ୍ଜ ଓ ମଣ୍ଡଳ କାର୍ଯ୍ୟାଳୟ ମାନଙ୍କରେ ଓଡିଶା ମୂଲ୍ୟଯୁକ୍ତ କର/ଓଡିଶା ବିକ୍ରୟ କର, କେନ୍ଦ୍ରୀୟ ବିକ୍ରୟ କର, ଓଡିଶା ପ୍ରବେଶ କର ଓ ବୃତ୍ତି କର ନିର୍ଦ୍ଧାରଣ ନଥିପତ୍ରର ନମୁନା ଯାଞ୍ଚ କରି ଅନେକ ମାମଲାରେ ପ୍ରାସଙ୍ଗିକ ଅଧିନିୟମ/ନିୟମାବଳୀର ଅନୁପାଳନ ନହେବା ଦ୍ୱାରା ବିଭିନ୍ନ ପରିପ୍ରେକ୍ଷୀରେ କର ଏବଂ ଜୋରିମାନାର ଅନାରୋପଣ/ସ୍ୱଳ୍ପାରୋପଣ ଇତ୍ୟାଦି ହୋଇଥିବାର ଲକ୍ଷ୍ୟ କରିଥିଲୁ, ଯାହାକି ଏହି ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଦର୍ଶାଗଲା । ଏହି ମାମଲା ଗୁଡିକ ଦୃଷ୍ଟାନ୍ତଯୁକ୍ତ ଓ ଆମ ଦ୍ୱାରା ସମୀକ୍ଷାର ନମୁନା ଯାଞ୍ଚ ଉପରେ ଆଧାରିତ, ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ଭଳି ତ୍ରୁଟି ପ୍ରତିବର୍ଷ ଆମ ଦ୍ୱାରା ଦର୍ଶାଯାଉଥିଲେ ମଧ ଏହା କେବଳ ଲାଗି ରହିନଥିଲା ବରଂ ସମୀକ୍ଷା ହେବା ପର୍ଯ୍ୟନ୍ତ ସନ୍ଧାନ ହୋଇନଥିଲା । ଏହି ତ୍ରୁଟିର ପୁନରାବୃତ୍ତିକୁ ଏଡାଇବା ନିମନ୍ତେ ସରକାର ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ ବଳଶାଳୀ କରିବା ସହିତ ଆନ୍ତଃନିୟନ୍ତ୍ରଣ ପଦ୍ଧତିର ବିକାଶ ଘଟାଇବା ଦରକାର ।

**ମୂଲ୍ୟଯୁକ୍ତ କର**

## 2.3 ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଏବଂ ନିୟମାବଳୀ ସମେତ ସରକାରଙ୍କ ଅଧିସୂଚନା ବ୍ୟବସ୍ଥା ପାଳନ/ଅନୁପାଳନ ନହେବା

*ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ/ନିୟମାବଳୀରେ -*

*(i)* *ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦୁର୍ନିତୀ ନିବାରଣ ଦଳ ଓ ରେଞ୍ଜ ସମୀକ୍ଷା ଦଳ ଦ୍ୱାରା ପ୍ରଦତ୍ତ ସମୀକ୍ଷା ପରିଦର୍ଶନ ରିପୋର୍ଟ ଆଧାରରେ ସମୀକ୍ଷା ନିର୍ଦ୍ଧାରଣ ଓ କାରବାର ନିସ୍ତାରଣ ନିର୍ଦ୍ଧାରଣ ଚୂଡାନ୍ତ ହେବା ଏବଂ ଦତ୍ତ ନିବେଶ କରର ଯଥାଯୋଗ୍ୟ ଜମା/ସମାୟୋଜନ କରି ଦ୍ରବ୍ୟର କରଯୋଗ୍ୟ କାରବାରର ସଠିକ ନିର୍ଦ୍ଧାରଣ ପୂର୍ବକ କରଧାର୍ଯ୍ୟ ହେବା; ଏବଂ*

*(ii)* *କର ନିର୍ଦ୍ଧାରଣ ସହିତ ନିର୍ଦ୍ଧାରିତ ହାରରେ ଜୋରିମାନା ବିଭିନ୍ନ କ୍ଷେତ୍ରରେ ଆରୋପ କରିବା ପାଇଁ ବ୍ୟବସ୍ଥା ମାନ ଅଛି ।*

*ନିର୍ଦ୍ଧାରଣ କର୍ତ୍ତୃପକ୍ଷ, ବ୍ୟବସାୟୀ ମାନଙ୍କର କର ଅବଧି ପାଇଁ ସମୀକ୍ଷା ନିର୍ଦ୍ଧାରଣ କିମ୍ବା କାରବାର ନିସ୍ତାରଣ ନିର୍ଦ୍ଧାରଣ ଚୁଡାନ୍ତ କରିବା ସମୟରେ ସମୟକୁ ସମୟ ଜାରି ହେଉଥିବା ସରକାରୀ ଅଧିସୂଚନା ସହ ଉପରୋକ୍ତ କେତେକ ବ୍ୟବସ୍ଥା ପାଳନ ନକରିବା ଫଳରେ ସମୁଦାୟ 1.75 କୋଟି ଟଙ୍କାର କର ଅନାରୋପଣ/ସ୍ୱଳ୍ପାରୋପଣ ହୋଇଥିଲା ଯାହା ନିମ୍ନ ଅନୁଚ୍ଛେଦ 2.3.1 ରୁ 2.3.2.2 ରେ ଦର୍ଶାଗଲା । ଏତଦ୍‌ବ୍ୟତୀତ କେତେକ ମାମଲାରେ ଜୋରିମାନା ଧାର୍ଯ୍ୟ କରାଯାଇନଥିଲା ଏବଂ ଜୋରିମାନା ଧାର୍ଯ୍ୟ ନହେବାର କାରଣ ନିର୍ଦ୍ଧାରଣ ଆଦେଶରେ ଲିପିବଦ୍ଧ ହୋଇ ନଥିଲା ।*

### 2.3.1 ନିମ୍ନତର କର ହାର ପ୍ରୟୋଗ ହେତୁ କରର ସ୍ୱଳ୍ପାରୋପଣ

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଅଧିନରେ କୌଣସି ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ହୋଇନଥିବା ଦ୍ରବ୍ୟଗୁଡିକ 12.5 ପ୍ରତିଶତ ହାରରେ କରଯୋଗ୍ୟ ଅଟେ । 1 ଜୁଲାଇ 2005 ରୁ 31 ମଇ 2007 ସମୟ ମଧ୍ୟରେ "କୌଣସି ପ୍ରକାରର ମଶା ନିବାରକ" ଅନୁସୂଚିରେ ବିନିର୍ଦ୍ଦିଷ୍ଟ ହୋଇ ନଥିଲା । ଜଣେ ବ୍ୟବସାୟୀଙ୍କ କୌଣସି କର ଅବଧି ପାଇଁ କର ନିର୍ଦ୍ଧାରଣ କରିବା ବେଳେ ଯଦି ନିର୍ଦ୍ଧାରଣ କର୍ତ୍ତୃପକ୍ଷ ସନ୍ତୁଷ୍ଟ ହୁଅନ୍ତି ଯେ କରର ନିସ୍ତାରଣ କୌଣସି ଯୁକ୍ତିଯୁକ୍ତ କାରଣ ବିନା ହୋଇଥିଲା, ତେବେ ସେ ଅତିରିକ୍ତ ଭାବରେ ନିର୍ଦ୍ଧାରଣ ହୋଇଥିବା କରର ଦୁଇଗୁଣ ପରିମାଣ ଜୋରିମାନା ଧାର୍ଯ୍ୟ କରିପାରିବେ ।

ଜାନୁଆରୀ 2010 ରେ କଟକ-II ମଣ୍ଡଳର ନଥିପତ୍ରର ନମୁନା ଯାଞ୍ଚ ବେଳେ ଆମେ ଦେଖିଲୁ ଯେ ଜଣେ ପଞ୍ଜିକୃତ ବ୍ୟବସାୟୀଙ୍କ 1 ଏପ୍ରିଲ 2005 ରୁ 30 ଏପ୍ରିଲ 2008 ଅବଧି ପାଇଁ ଜୁନ 2008 ରେ ସମୀକ୍ଷା ପରିଦର୍ଶନ ରିପୋର୍ଟ ଆଧାରରେ ନିର୍ଦ୍ଧାରଣ ଚୂଡାନ୍ତ କରିବା ବେଳେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମଶା ନିବାରକର 49.88 ଲକ୍ଷ ଟଙ୍କାର ବିକ୍ରୟ କାରବାର ଉପରେ 1 ଜୁଲାଇ 2005 ରୁ 31 ମଇ 2007 ଅବଧି ମଧ୍ୟରେ 12.5 ପ୍ରତିଶତ ଉପଯୁକ୍ତ କର ହାର ବଦଳରେ ନିମ୍ନତର କର ହାର ଚାରି ପ୍ରତିଶତରେ କରଧାର୍ଯ୍ୟ କରିଥିଲେ । ଏହା ଫଳରେ 4.24 ଲକ୍ଷ ଟଙ୍କାର କର ସ୍ୱଳ୍ପାରୋପଣ ହୋଇଥିଲା । ଅଧିକନ୍ତୁ ବ୍ୟବସାୟୀ ଜଣକ ତାଙ୍କର ସାମୟିକ ନିଜସ୍ୱ ନିର୍ଦ୍ଧାରିତ ରିଟର୍ଣ୍ଣ ଗୁଡିକରେ କୌଣସି ଯୁକ୍ତିଯୁକ୍ତ କାରଣ ନଦର୍ଶାଇ ନିମ୍ନ ହାରରେ କର ପ୍ରଦତ୍ତ କରିଥିବା ଦର୍ଶାଇଥିବାରୁ 8.48 ଲକ୍ଷ ଟଙ୍କାର ଜୋରିମାନା ଦେବାକୁ ଦାୟୀ ଥିଲେ ।

ମାମଲାଟିକୁ ଆମେ ଦର୍ଶାଇଲା ପରେ ସରକାର ଅଗଷ୍ଟ 2010 ରେ କହିଲେ ଯେ କାରବାରରୁ ନିସ୍ତାର ପାଇଥିବା କର ନିର୍ଦ୍ଧାରଣ କରିବା ପାଇଁ ବ୍ୟବସାୟୀଙ୍କୁ ନୋଟିସ ଜାରି କରାଯାଇଥିଲା । ଅଧିକତର ବିବରଣୀ ମିଳି ନଥିଲା (ଡିସେମ୍ବର 2010) ।

### 2.3.2.1 ସମୀକ୍ଷା ନିର୍ଦ୍ଧାରଣରେ ଜୋରିମାନା ଅନାରୋପଣ

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ବ୍ୟବସ୍ଥାନୁଯାୟୀ ଜଣେ ବ୍ୟବସାୟୀଙ୍କର କୌଣସି ଅବଧି ପାଇଁ କର ସମୀକ୍ଷା ନିର୍ଦ୍ଧାରଣ କଲାବେଳେ କର ପରିମାଣର ଦୁଇ ଗୁଣ ଜୋରିମାନା ଧାର୍ଯ୍ୟ କରାଯାଏ ।

ଜୁନ ଏବଂ ଅକ୍ଟୋବର 2009 ମଧ୍ୟରେ ତିନି ଗୋଟି[2] ରେଞ୍ଜ ଓ ଗୋଟିଏ ମଣ୍ଡଳର[3] ନମୁନା ଯାଞ୍ଚରୁ ଆମେ ଲକ୍ଷ୍ୟ କଲୁ ଯେ ପାଞ୍ଚଜଣ ବ୍ୟବସାୟୀଙ୍କର ବିଭିନ୍ନ କର ଅବଧି ପାଇଁ ଏପ୍ରିଲ 2005 ଓ ଅକ୍ଟୋବର 2008 ମଧ୍ୟରେ ନିର୍ଦ୍ଧାରଣ ଚୂଡାନ୍ତ କରିବା ସମୟରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ ବ୍ୟବସାୟୀଙ୍କ ଦ୍ୱାରା କ୍ରୟ ଓ ବିକ୍ରୟ ସଂଗୋପନ, ନିମ୍ନତମ କରହାର ପ୍ରୟୋଗ କିମ୍ବା ନିବେଶ କର ଜମାର ତ୍ରୁଟିପୂର୍ଣ୍ଣ ଫେରସ୍ତ ଦାବୀର ସନ୍ଧାନ କରି 23.72 ଲକ୍ଷ ଟଙ୍କାର ଅତିରିକ୍ତ କରଧାର୍ଯ୍ୟ କରିଥିଲେ, କିନ୍ତୁ ଅଧିନିୟମ ଅଧିନରେ ଧାର୍ଯ୍ୟଯୋଗ୍ୟ 47.45 ଲକ୍ଷ ଟଙ୍କାର ଜୋରିମାନା ଧାର୍ଯ୍ୟ କରିନଥିଲେ । ଏହାର ବିଶଦ ବିବରଣୀ ନିମ୍ନରେ ଦର୍ଶାଗଲା ।

---

[2] ଅନୁଗୁଳ, ବାଲେଶ୍ୱର ଏବଂ ବଲାଙ୍ଗୀର ।

[3] ଯାଜପୁର ।

(ଟଙ୍କା ଲକ୍ଷ ଆକାରରେ)

| ରେଞ୍ଜ/ ମଣ୍ଡଳର ନାମ | ବ୍ୟବସାୟୀ/ ମାମଲା ଗୁଡ଼ିକର ସଂଖ୍ୟା | ନିର୍ଦ୍ଧାରଣ ଅବଧି | ଅତିରିକ୍ତ ଧାର୍ଯ୍ୟ କର | ଧାର୍ଯ୍ୟ ହୋଇନଥିବା ଧାର୍ଯ୍ୟଯୋଗ୍ୟ ଜୋରିମାନା |
|---|---|---|---|---|
| ଅନୁଗୁଳ ରେଞ୍ଜ | 1/1 | ଏପ୍ରିଲ 2005 ରୁ ଡିସେମ୍ବର 2007 | 18.14 | 36.29 |
| ଯାଜପୁର ମଣ୍ଡଳ | 2/2 | ଏପ୍ରିଲ 2005 ରୁ ଅକ୍ଟୋବର 2008 | 2.36 | 4.72 |
| ବାଲେଶ୍ୱର ରେଞ୍ଜ | 1/1 | ଜୁନ୍ 2006 ରୁ ମାର୍ଚ୍ଚ 2008 | 1.18 | 2.36 |
| ବଲାଙ୍ଗୀର ରେଞ୍ଜ | 1/1 | ଏପ୍ରିଲ 2005 ରୁ 30 ମାର୍ଚ୍ଚ 2007 | 2.04 | 4.08 |
| ମୋଟ | **5/5** | | **23.72** | **47.45** |

ଗୋଟିଏ ଦୃଷ୍ଟାନ୍ତମୂଳକ ମାମଲା ନିମ୍ନରେ ଦର୍ଶାଗଲା ।

ଅଗଷ୍ଟ 2009 ରେ ଅନୁଗୁଳ ରେଞ୍ଜର ନଥିପତ୍ରର ନମୁନା ଯାଞ୍ଚ ସମୟରେ ଆମେ ଲକ୍ଷ୍ୟ କଲୁ ଯେ କର ସମୀକ୍ଷା ସିଦ୍ଧାନ୍ତ ଆଧାରରେ ଏପ୍ରିଲ 2005 ରୁ ଡିସେମ୍ବର 2007 ଅବଧି ମଧ୍ୟରେ ଜଣେ ବ୍ୟବସାୟୀ ମେସର୍ସ ଏଆରଏସ ଏସ ଇନଫ୍ରାଷ୍ଟ୍ରକ୍ଚର ପ୍ରୋଜେକ୍ଟସ୍ ଲିଃର ନିର୍ଦ୍ଧାରଣ ଚୂଡାନ୍ତ କଲାବେଳେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ରିଟର୍ଣ୍ଣରେ କେତେକ କାରବାରର ପ୍ରଘଟ ନକରିବା ଏବଂ ଠିକା କାର୍ଯ୍ୟରେ ବ୍ୟବହୃତ ହୋଇଥିବା ନିର୍ଦ୍ଦିଷ୍ଟ କେତେକ ଦ୍ରବ୍ୟ ଉପରେ ନିମ୍ନତମ କର ହାରର ପ୍ରୟୋଗ ହେତୁ 18.14 ଲକ୍ଷ ଟଙ୍କାର ଅତିରିକ୍ତ କରଧାର୍ଯ୍ୟ କରିଥିଲେ । କିନ୍ତୁ ସେ ଅଧିନିୟମ ଅଧିନରେ ଆବଶ୍ୟକ ଥିବା 36.29 ଲକ୍ଷ ଟଙ୍କାର ଜୋରିମାନା ଧାର୍ଯ୍ୟ କରିନଥିଲେ ।

ଆମେ ମାମଲାଗୁଡିକୁ ଦର୍ଶାଇବା ପରେ ଅଗଷ୍ଟ 2010 ରେ ସରକାର କହିଲେ ଯେ ବଲାଙ୍ଗୀର ରେଞ୍ଜର ଜଣେ ବ୍ୟବସାୟୀଙ୍କ ଉପରେ 4.07 ଲକ୍ଷ ଟଙ୍କାର ଜୋରିମାନା ଧାର୍ଯ୍ୟ ହୋଇଥିଲା । ଉପରୋକ୍ତ ଦାବୀ ଅସୁଲି ଓ ଅବଶିଷ୍ଟ ଚାରିଜଣ ବ୍ୟବସାୟୀଙ୍କ କ୍ଷେତ୍ରରେ ଏହାର ପରବର୍ତ୍ତୀ କାର୍ଯ୍ୟପନ୍ଥା ହସ୍ତଗତ ହୋଇ ନଥିଲା (ଡିସେମ୍ବର 2010)।

## 2.3.2.2 ପ୍ରାରମ୍ଭିକ ଷ୍ଟକ୍ ଉପରେ ନିବେଶ କର ଜମାର ଭ୍ରମାତ୍ମକ ଦାବୀ ଉପରେ ଜୋରିମାନାର ଅନାରୋପଣ

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ, 2004 ରେ ବ୍ୟବସ୍ଥା ଅଛି ଯେ କୌଣସି ବ୍ୟବସାୟୀଙ୍କ ଦ୍ୱାରା ନିବେଶ କର ଜମାର ଦାବୀ/ ପ୍ରାପ୍ତିର ପରିମାଣ ଯାହାକୁ ପାଇବାକୁ ସେ ହକ୍‌ଦାର ନୁହେଁ କିମ୍ବା ଯାହାକୁ ପାଇବା ପାଇଁ ସେ ଯୋଗ୍ୟ ନୁହେଁ ବୋଲି ପରବର୍ତ୍ତୀ ସମୟରେ ଦେଖାଯିବ ତାହାର 10 ଗୁଣ ପରିମାଣ ଜୋରିମାନା ଧାର୍ଯ୍ୟ କରାଯିବ ।

ଏପ୍ରିଲ ଏବଂ ଜୁଲାଇ 2009 ମଧ୍ୟରେ ଯାଜପୁର ରେଞ୍ଜ ଓ ଜଟଣୀ ମଣ୍ଡଳର ନିର୍ଦ୍ଧାରଣ ନଥିପତ୍ରର ନମୁନା ଯାଞ୍ଚ ସମୟରେ ଆମେ ଲକ୍ଷ୍ୟ କଲୁ ଯେ ଦୁଇଜଣ ବ୍ୟବସାୟୀ 1 ଏପ୍ରିଲ 2005 ଓ 31 ଅଗଷ୍ଟ 2008 କର ଅବଧି ମଧ୍ୟରେ 1 ଏପ୍ରିଲ 2005 ସୁଦ୍ଧା ପ୍ରାରମ୍ଭିକ ଷ୍ଟକ ଉପରେ ତ୍ରୁଟିପୂର୍ଣ୍ଣ ବିଶଦ ବିବରଣ ଦାଖଲ କରି 12.40 ଲକ୍ଷ ଟଙ୍କାର ଅଧିକ ନିବେଶ କର ଜମା ଦାବୀ କରିଥିଲେ ଓ ଫେରସ୍ତ ନେଇଥିଲେ । ନଭେମ୍ବର 2008 ଓ ଫେବୃଆରୀ 2009 ମଧ୍ୟରେ ନିର୍ଦ୍ଧାରଣ ଚୂଡାନ୍ତ କଲାବେଳେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ସେହି ଦାବୀକୁ ନାମଞ୍ଜୁର କରିଥିଲେ ମଧ୍ୟ ସେହି ବ୍ୟବସାୟୀମାନଙ୍କ ବିରୁଦ୍ଧରେ 1.24 କୋଟି ଟଙ୍କାର ଜୋରିମାନା ଧାର୍ଯ୍ୟ କରିନଥିଲେ କିମ୍ବା ଜୋରିମାନା ଧାର୍ଯ୍ୟ ନହେବାର କାରଣ ନିର୍ଦ୍ଧାରଣ ଆଦେଶରେ ଲିପିବଦ୍ଧ କରିନଥିଲେ ଯାହା ନିମ୍ନରେ ଦର୍ଶାଗଲା ।

(ଟଙ୍କା ଲକ୍ଷ ଆକାରରେ)

| ରେଞ୍ଜ/ମଣ୍ଡଳର ନାମ ବ୍ୟବସାୟୀଙ୍କ ସଂଖ୍ୟା | ହିସାବ ବର୍ଷ (ନିର୍ଦ୍ଧାରଣର ତାରିଖ) | ପ୍ରାରମ୍ଭିକ ଷ୍ଟକ ଉପରେ ନିବେଶ କର ଜମାର ଦାବୀ ଓ ପ୍ରାପ୍ତି | ନିର୍ଦ୍ଧାରଣରେ ନାମଞ୍ଜୁର ନିବେଶ କର ଜମା | ଧାର୍ଯ୍ୟ ହୋଇନଥିବା ଧାର୍ଯ୍ୟ ଯୋଗ୍ୟ ଜୋରିମାନାର ପରିମାଣ |
|---|---|---|---|---|
| ଯାଜପୁର ରେଞ୍ଜ 1 | 2005-06 (7.11.2008) | 11.43 | 11.43 | 114.34 |
| ଜଟଣୀ ମଣ୍ଡଳ 1 | ଏପ୍ରିଲ 2005 ରୁ ଅଗଷ୍ଟ 2008 (26.2.2009) | 0.97 | 0.97 | 9.69 |
| ଦୁଇଜଣ ବ୍ୟବସାୟୀ | | **12.40** | **12.40** | **124.03** |

ମାମଲା ଗୁଡିକୁ ଆମେ ଦର୍ଶାଇବା ପରେ ମଇ 2009 ରେ ଯାଜପୁର ରେଞ୍ଜର ନିର୍ଦ୍ଧାରଣ କର୍ତ୍ତୃପକ୍ଷ କହିଲେ ଯେ ବିଷୟଟିକୁ ବାଣିଜ୍ୟ କର କମିଶନରଙ୍କ ବିଚାରାର୍ଥେ ପଠାଯାଉଅଛି ଏବଂ ତାଙ୍କଠାରୁ ସ୍ପଷ୍ଟୀକରଣ ପ୍ରାପ୍ତି ପରେ ଫଳାଫଳ ଜଣାଇବେ । ଜୁଲାଇ 2009 ରେ ଜଟଣୀ ମଣ୍ଡଳର ନିର୍ଦ୍ଧାରଣ କର୍ତ୍ତୃପକ୍ଷ କହିଲେ ଯେ ଧାରା 107(4) ଅଧିନରେ କରର ଦଶଗୁଣକୁ ଜୋରିମାନା ରୂପେ ଆରୋପଣ କରିବା ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ବିବେକ ସାପେକ୍ଷ ହେବା ଉଚିତ । ମାମଲାରେ କେଉଁ ତଥ୍ୟ ଓ ପରିସ୍ଥିତି ଆଧାରରେ ଜୋରିମାନା ଅନାରୋପଣ ହେଲା ତାହା ପରୀକ୍ଷା କରାଯିବ ଓ ସମୀକ୍ଷାକୁ ଜଣାଇଦିଆଯିବ । ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ସ୍ଥିତି ଅର୍ନ୍ତବିରୋଧି ଥିଲା ଯେହେତୁ ନିର୍ଦ୍ଧାରଣ ଆଦେଶରେ ଲିଖିତଥିବା ଆଲୋଚନା ଅନୁଯାୟୀ ବ୍ୟବସାୟୀ ଜଣକ 0.97 ଲକ୍ଷ ଟଙ୍କାର ନିବେଶ କର ଜମା ବିକ୍ରୟ କର ଅଧିକାରୀଙ୍କଠାରୁ ଫର୍ମ 608 ରେ ପ୍ରାଧିକାର ବିନା ଉଦ୍ଦେଶ୍ୟ ମୂଳକ ଭାବେ ଦାବୀ କରି ପ୍ରାପ୍ତ ହୋଇଥିଲେ ଯାହା ନିୟମର ବ୍ୟବସ୍ଥା ବିରୁଦ୍ଧରେ ଥିଲା । ଅତଏବ ନିବେଶ କର ଜମାର ପ୍ରାପ୍ତିକୁ ବେନିୟମ ବୋଲି ବିଚାର କରାଯାଇ ତାହାକୁ ନାମଞ୍ଜୁର କରାଯାଇଥିଲା । ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କର ନିଜ ନିର୍ଦ୍ଧାରଣ ଆଦେଶରେ ଥିବା ଉପରୋକ୍ତ ମନ୍ତବ୍ୟରେ ଜୋରିମାନା ଅନାରୋପଣ ବିଷୟରେ ବିବେକାଧିକାରର ପ୍ରୟୋଗ କରିବା ପାଇଁ କୌଣସି ସୁଯୋଗ ନଥିଲା । ପୁନଶ୍ଚ, ନିର୍ଦ୍ଧାରଣ ଆଦେଶରେ ଜୋରିମାନା ଅନାରୋପଣ ପାଇଁ କୌଣସି କାରଣ ଲିପିବଦ୍ଧ ହୋଇ ନଥିଲା । ମାମଲାର ଅଧିକତର ବିଶଦ ବିବରଣୀ ପ୍ରାପ୍ତ ହୋଇ ନଥିଲା (ଡିସେମ୍ବର 2010) ।

ଫେବୃଆରୀ 2010 ରେ ଆମେ ଏ ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ; ସରକାରଙ୍କର ଉତ୍ତର ଏପର୍ଯ୍ୟନ୍ତ ଆସିନାହିଁ (ଡିସେମ୍ବର 2010) ।

## ବିକ୍ରୟ କର

## 2.4 ଓଡିଶା ବିକ୍ରୟ କର/କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ/ନିୟମାବଳୀ ସମେତ ସରକାରୀ ଅଧିସୂଚନା ଗୁଡିକର ବ୍ୟବସ୍ଥା ଅନୁପାଳନ/ ପାଳନ ନହେବା

*ଓଡିଶା ବିକ୍ରୟ କର/କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ ଏବଂ ନିୟମାବଳୀ ସହିତ ସମୟକୁ ସମୟ ଜାରି ହୋଇଥିବା ସରକାରୀ ଅଧିସୂଚନା ଗୁଡିକରେ -*

*(i)* *ନିର୍ଦ୍ଧାରଣ/ପୁନଃନିର୍ଦ୍ଧାରଣ କାଳରେ କର/ଅଧିଭାର ଇତ୍ୟାଦିର ବିହିତ ହାରରେ କିମ୍ବା ରିଆତି ହାରରେ ଦ୍ରବ୍ୟ ଗୁଡିକର ବିବେଚିତ କରଯୋଗ୍ୟ ନିଟ୍ କାରବାର ଉପରେ ସଠିକ ନିର୍ଦ୍ଧାରଣ; ଏବଂ*

*(ii)* *ବିହିତ ହାରରେ ବିଭିନ୍ନ କ୍ଷେତ୍ରରେ ଜୋରିମାନାର ଆରୋପଣ ପାଇଁ ବ୍ୟବସ୍ଥା ମାନ ଅଛି ।*

*ଆମେ ଲକ୍ଷ୍ୟ କଲୁ ଯେ କେତେଗୁଡିଏ ମାମଲାରେ, ନିର୍ଦ୍ଧାରଣ/ପୁନଃନିର୍ଦ୍ଧାରଣର ଚୂଡାନ୍ତ କଲାବେଳେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ସରକାରୀ ଅଧିସୂଚନା/ଆଦେଶ ସହ ପଠିତ ଉପରୋକ୍ତ ବ୍ୟବସ୍ଥା ଗୁଡିକ ମଧ୍ୟରୁ କେତେକ ବ୍ୟବସ୍ଥାର ପାଳନ କରିନଥିବା ଫଳରେ 23.24 କୋଟି ଟଙ୍କାର କର ଓ ଜୋରିମାନାର ଅନାରୋପଣ/ସ୍ୱଳ୍ପାରୋପଣ ହୋଇଥିଲା ଯାହା ପରବର୍ତ୍ତୀ ଅନୁଚ୍ଛେଦ 2.4.1.1 ରୁ 2.4.3 ଗୁଡିକରେ ଦର୍ଶାଗଲା ।*

## 2.4.1.1 ତୃଟିପୂର୍ଣ୍ଣ ଘୋଷଣାପତ୍ରର ଗ୍ରହଣ କିମ୍ବା ବୈଧ ଘୋଷଣାପତ୍ରର ଅଭାବ ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ କରର ଅନାରୋପଣ/ସ୍ୱଳ୍ପାରୋପଣ

କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ, 1956 ଏବଂ ତଦଧୀନ ପ୍ରଣୀତ ନିୟମାବଳୀ ସହ ପଠିତ 31 ମାର୍ଚ୍ଚ 2001 ର ସରକାରୀ ଅଧିସୂଚନା ଅନୁଯାୟୀ ଜଣେ ପଞ୍ଜିକୃତ ବ୍ୟବସାୟୀଙ୍କ ଦ୍ୱାରା ବିହିତ କର୍ତ୍ତୃପକ୍ଷଙ୍କ ନିକଟରୁ ହାସଲ ହୋଇଥିବା ଏବଂ କ୍ରୟ କରୁଥିବା ବ୍ୟବସାୟୀଙ୍କ ଦ୍ୱାରା ଯଥା ଯୋଗ୍ୟ ପୂରଣ ଓ ଦସ୍ତଖତ ହୋଇଥିବା ବୈଧ ମୂଳ ଫର୍ମ 'ସି' ଘୋଷଣାପତ୍ର ଦାଖଲ ହୋଇଥିଲେ, ଦ୍ରବ୍ୟ ଗୁଡିକର ଆନ୍ତଃରାଜ୍ୟ ବିକ୍ରୟ କାରବାର ଉପରେ 31 ମାର୍ଚ୍ଚ 2007 ପର୍ଯ୍ୟନ୍ତ ରିଆତି ଚାରି ପ୍ରତିଶତ ହାରରେ କିମ୍ବା ସେହି ଦ୍ରବ୍ୟ ଗୁଡିକ ଉପରେ ରାଜ୍ୟ ମଧ୍ୟରେ ବିକ୍ରୟ କର ଅଧିନିୟମ ଅନୁସାରେ ଲାଗୁ ହେଉଥିବା କର ହାର ମଧ୍ୟରୁ ଯାହା ନିମ୍ନତର ସେହି ହାର ପ୍ରୟୋଗ କରାଯାଏ । ପୁନଶ୍ଚ କ୍ଷୁଦ୍ରଶିଳ୍ପ ସଂସ୍ଥା ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ଆନ୍ତଃରାଜ୍ୟ ବିକ୍ରୟ, କ୍ରୟ କରୁଥିବା ବ୍ୟବସାୟୀଙ୍କ ଦ୍ୱାରା ଯଥାଯୋଗ୍ୟ ପୂରଣ ଓ ଦସ୍ତଖତ ଥାଇ ବୈଧ 'ସି' ଘୋଷଣାପତ୍ର ଦ୍ୱାରା ସମର୍ଥିତ ହୋଇଥିଲେ 15 ଜୁନ୍ 2006 ପର୍ଯ୍ୟନ୍ତ ରିଆତି ଏକ ପ୍ରତିଶତ ହାରରେ ଏବଂ ତାହା ପରେ ଦୁଇ ପ୍ରତିଶତ ହାରରେ କରଯୋଗ୍ୟ ଅଟେ । ବୈଧ ଫାରମ୍ 'ସି' ଘୋଷଣାପତ୍ର ଉପଲବ୍ଧ ନଥିଲେ ବିକ୍ରୟ କାରବାର ଉପରେ 31 ମାର୍ଚ୍ଚ 2007 ପର୍ଯ୍ୟନ୍ତ ଘୋଷିତ ଦ୍ରବ୍ୟ ଗୁଡିକ କ୍ଷେତ୍ରରେ ରାଜ୍ୟ ମଧ୍ୟରେ ଦ୍ରବ୍ୟ ଗୁଡିକର ବିକ୍ରୟ କିମ୍ବା କ୍ରୟ ଉପରେ ଲାଗୁ ହେଉଥିବା କର ହାରର ଦୁଇଗୁଣ ଏବଂ ଅନ୍ୟ ଦ୍ରବ୍ୟ ଗୁଡିକ କ୍ଷେତ୍ରରେ 10 ପ୍ରତିଶତ କିମ୍ବା ରାଜ୍ୟ ମଧ୍ୟରେ ସେହି ଦ୍ରବ୍ୟର ବିକ୍ରୟ ଉପରେ ଲାଗୁ ହେଉଥିବା କର ହାର ମଧ୍ୟରୁ ଯାହା ଅଧିକ ସେହି କର ହାର ପ୍ରୟୋଗ କରାଯାଏ ।

ନଭେମ୍ବର 2008 ଓ ନଭେମ୍ବର 2009 ମଧ୍ୟରେ ଦୁଇଗୋଟି ରେଞ୍ଜ[4] ଓ ପାଞ୍ଚଗୋଟି ମଣ୍ଡଳର[5] ନଥିପତ୍ରର ନମୁନା ଯାଞ୍ଚ କଲାବେଳେ ଆମେ ଲକ୍ଷ୍ୟ କଲୁ ଯେ ଏପ୍ରିଲ 2004 ଏବଂ ମାର୍ଚ୍ଚ 2007 ମଧ୍ୟରେ ବିଭିନ୍ନ କର ଅବଧି ପାଇଁ 18.92 କୋଟି ଟଙ୍କାର ବିକ୍ରୟ କାରବାର ଉପରେ 13 ଜଣ ବ୍ୟବସାୟୀ ବୈଧ ଘୋଷଣାପତ୍ର ଦେଇ ନଥିଲେ କିମ୍ବା ଅବୈଧ, ତୃଟିପୂର୍ଣ୍ଣ, ପ୍ରତିଲିପି, ଫଟୋ ନକଲ ଏବଂ କାରସାଦି ହୋଇଥିବା ଘୋଷଣାପତ୍ର ଦାଖଲ କରିଥିଲେ । ସେମାନଙ୍କର କର ନିର୍ଦ୍ଧାରଣ ଚୂଡାନ୍ତ କଲାବେଳେ ରିହାତି କର ହାରରେ କରଧାର୍ଯ୍ୟ କରିବା ପାଇଁ ସେମାନଙ୍କ ଦାବୀ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗ୍ରହଣ ହୋଇଥିଲା । ଫଳରେ 1.28 କୋଟି ଟଙ୍କାର କରର ସ୍ୱଳ୍ପାରୋପଣ ହୋଇଥିଲା ଯାହା ପରିଶିଷ୍ଟ-I ରେ ବିଶଦ ଭାବେ ଦର୍ଶାଗଲା ।

ଫେବୃଆରୀ 2010 ରେ ଏହି ବିଷୟଟିକୁ ଆମ୍ଭେ ସରକାରଙ୍କୁ ଦର୍ଶାଇବା ପରେ, ଅଗଷ୍ଟ 2010 ରେ ସରକାର କହିଲେ ଯେ ଭଦ୍ରକ ମଣ୍ଡଳରେ ଜଣେ ବ୍ୟବସାୟୀ ଓ ରାଉରକେଲା II ମଣ୍ଡଳରେ ଚାରିଜଣ ବ୍ୟବସାୟୀଙ୍କ କ୍ଷେତ୍ରରେ ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା ବେଳେ କଟକ ମଣ୍ଡଳ ଓ ଅନୁଗୁଳ ମଣ୍ଡଳର ଦୁଇଜଣ ବ୍ୟବସାୟୀଙ୍କ ଉପରେ ମଇ 2009 ଏବଂ ମାର୍ଚ୍ଚ 2010 ରେ ଯଥାକ୍ରମେ 17.50 ଲକ୍ଷ ଟଙ୍କା ଓ 15.29 ଲକ୍ଷ ଟଙ୍କାର ଅତିରିକ୍ତ ଦାବୀ ଉତ୍ଥାପନ ହୋଇଅଛି । ଅବଶିଷ୍ଟ ଆଠଗୋଟି ମାମଲାରେ ଛଅଜଣ ବ୍ୟବସାୟୀଙ୍କ ସଂକ୍ରାନ୍ତରେ ଯଥା ଅନୁଗୁଳ ରେଞ୍ଜ (ଗୋଟିଏ ମାମଲା), ବାଲେଶ୍ୱର ରେଞ୍ଜ (ତିନିଗୋଟି ମାମଲା) ଏବଂ ଭୁବନେଶ୍ୱର-II ମଣ୍ଡଳ (ଦୁଇଗୋଟି ମାମଲା) ରେ ଉତ୍ତର ଏପର୍ଯ୍ୟନ୍ତ ମିଳି ନଥିଲା (ଡିସେମ୍ବର 2010) ।

---

4 ଅନୁଗୁଳ ଏବଂ ବାଲେଶ୍ୱର ।

5 ଅନୁଗୁଳ, ଭଦ୍ରକ, ଭୁବନେଶ୍ୱର-III, କଟକ ଏବଂ ରାଉରକେଲା-II ।

## 2.4.1.2 ଘୋଷଣାପତ୍ରର ଉଲ୍ଲଙ୍ଘନ ହେତୁ ଭେଦାତ୍ମକ କର ଅନାରୋପଣ

ଓଡିଶା ବିକ୍ରୟ କର ଅଧିନିୟମ ଅନୁସାରେ ଜଣେ ପଞ୍ଜିକୃତ ବ୍ୟବସାୟୀଙ୍କର ପଞ୍ଜୀକରଣ ପ୍ରମାଣପତ୍ରରେ ଉଲ୍ଲିଖିତ ହୋଇଥିବା ଦ୍ରବ୍ୟ ଗୁଡିକ ଯଦି ଓଡିଶା ରାଜ୍ୟ ମଧ୍ୟରେ ବିକ୍ରୟ ନିମନ୍ତେ ଦ୍ରବ୍ୟର ଉତ୍ପାଦନ କିମ୍ବା ପ୍ରକ୍ରୀୟାକରଣ ନିମନ୍ତେ ବ୍ୟବହୃତ ହୋଇଥାଏ, ତେବେ ଏହି ଦ୍ରବ୍ୟଗୁଡିକ ଫର୍ମ IV ଘୋଷଣାପତ୍ର ବଳରେ ଚାରି ପ୍ରତିଶତ ରିହାତି କର ହାରରେ କ୍ରୟ କରାଯାଏ ଏବଂ କ୍ରୟ ହୋଇଥିବା ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ହୋଇଥିଲେ, ସେ ଭେଦାତ୍ମକ କର ଅର୍ଥାତ ବିନା ଘୋଷଣାପତ୍ରରେ ଧାର୍ଯ୍ୟଯୋଗ୍ୟ ହେଉଥିବା ସ୍ୱାଭାବିକ କର ବିଯୁକ୍ତ ଘୋଷଣାପତ୍ରର ଉଲ୍ଲଙ୍ଘନ ନିମନ୍ତେ ରିହାତି ହାରରେ ଦିଆଯାଇଥିବା କର ଦେବାକୁ ଦାୟୀ ରହିବେ । ଅଧିନିୟମ ଅଧିନରେ ବିଦ୍ୟୁତବାହୀ ତାର ସ୍ୱଭାବିକ 12 ପ୍ରତିଶତ ହାରରେ କରଯୋଗ୍ୟ ।

ଜାନୁଆରୀ 2009 ରେ ଝାରସୁଗୁଡା ମଣ୍ଡଳର ନଥିପତ୍ରର ନମୁନା ଯାଞ୍ଚ କଲାବେଳେ ଆମ୍ଭେ ଲକ୍ଷ୍ୟ କଲୁ ଯେ ବିଭିନ୍ନ ପ୍ରକାରର ବିଦ୍ୟୁତବାହୀ ତାର ଗୁଡିକର ବିକ୍ରୟ ଓ ଉତ୍ପାଦନକାରୀ ଜଣେ ପୁଞ୍ଜୀକୃତ ବ୍ୟବସାୟୀ 2004-05 ମଧ୍ୟରେ 1.33 କୋଟି ଟଙ୍କା ମୂଲ୍ୟର ସମ୍ପୂର୍ଣ୍ଣ ଆଲୁମିନିୟମ ମିଶ୍ରଧାତୁ (AAA) ବିଦ୍ୟୁତବାହୀ ତାର ଗୁଡିକୁ ଅନ୍ୟ ଜଣେ ପୁଞ୍ଜୀକୃତ ବ୍ୟବସାୟୀଙ୍କ ଠାରୁ ଫର୍ମ IV ଘୋଷଣାପତ୍ର ଦାଖଲ କରି ଚାରି ପ୍ରତିଶତ ରିହାତି କର ହାରରେ କର ପ୍ରଦାନ କରି କ୍ରୟ କରିଥିଲେ । ବ୍ୟବସାୟୀ ଜଣଙ୍କ ଦ୍ୱାରା 2004-05 ମଧ୍ୟରେ 1.47 କୋଟି ଟଙ୍କାରେ ଏହି AAA ବିଦ୍ୟୁତବାହୀ ତାର ଗୁଡିକର ପୁନଃବିକ୍ରୟ ହୋଇଥିଲା ଏବଂ କ୍ରୟ ସମୟରେ କର ଦିଆଯାଇଥିବା ଦର୍ଶାଯାଇ ବିକ୍ରୟ କାରବାର ପାଇଁ କର ନଦେବା ପାଇଁ ଦାବୀ କରାଯାଇଥିଲା । କ୍ରୟ ଦ୍ରବ୍ୟଗୁଡିକ ଉତ୍ପାଦନ  କିମ୍ବା ପ୍ରକ୍ରୀୟାକରଣ ନିମନ୍ତେ ବ୍ୟବହାର କରି ନଥିବାରୁ ବ୍ୟବସାୟୀ ଜଣକ ଫର୍ମ IV ଘୋଷଣାପତ୍ରର ଉଲ୍ଲଙ୍ଘନ କରିଥିଲେ । ଫେବୃଆରୀ 2008 ରେ ନିର୍ଦ୍ଧାରଣ ଚୂଡାନ୍ତ କଲାବେଳେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ AAA ବିଦ୍ୟୁତବାହୀ ତାର ଗୁଡିକର କ୍ରୟ ମୂଲ୍ୟ ଉପରେ ଆଠ ପ୍ରତିଶତ ହାରରେ ଭେଦାତ୍ମକ କର ଧାର୍ଯ୍ୟ କରିନଥିଲେ । ଏହା ଫଳରେ ଅଧିଭାର ସହ 11.72 ଲକ୍ଷ ଟଙ୍କାର ଭେଦାତ୍ମକ କର ଅନାରୋପଣ ହୋଇଥିଲା ।

ଆମେ ମାମଲାଟିକୁ ଦର୍ଶାଇବା ପରେ ଜୁଲାଇ 2010 ରେ ସରକାର ଉତ୍ତର ଦେଲେ ଯେ 22 ଜାନୁଆରୀ 2010 ରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମାମଲାଟିର ପୁନଃନିର୍ଦ୍ଧାରଣ କରି 11.72 ଲକ୍ଷ ଟଙ୍କାର ଅଧିକ ଦାବୀ ଉତ୍ଥାପନ କରିଥିଲେ । ଅସୁଲିର ଅଧିକତର ତଥ୍ୟ ଏପର୍ଯ୍ୟନ୍ତ ମିଳି ନଥିଲା (ଡିସେମ୍ବର 2010) ।

## 2.4.2 ଅନିୟମିତ ବିୟୋଗୀକରଣ ଯୋଗୁଁ କରର ସ୍ୱଳ୍ପାରୋପଣ

କେନ୍ଦ୍ରୀୟ ବିକ୍ରି କର ଅଧିନିୟମ ଅଧିନରେ ଫର୍ମ 'ସି' ଦ୍ୱାରା ସମର୍ଥିତ ହୋଇ ନଥିବା ଘୋଷିତ ଦ୍ରବ୍ୟ ବ୍ୟତୀତ ଅନ୍ୟ ଦ୍ରବ୍ୟର ଆନ୍ତଃରାଜ୍ୟ ବିକ୍ରି ଉପରେ 31 ମାର୍ଚ୍ଚ 2007 ପର୍ଯ୍ୟନ୍ତ 10 ପ୍ରତିଶତ ହାରରେ କିମ୍ବା ସେହି ରାଜ୍ୟ ଭିତରେ ଉକ୍ତ ଦ୍ରବ୍ୟ ଗୁଡିକ ଉପରେ ପ୍ରଚଳିତ କର ହାର ମଧ୍ୟରୁ ଯାହା ଅଧିକ ହେବ ଏବଂ ଏପ୍ରିଲ 2007 ରୁ ରାଜ୍ୟ ଭିତରେ ସେହି ଦ୍ରବ୍ୟ ଗୁଡିକର ପ୍ରଚଳିତ କର ହାରରେ ହିସାବ ହେବ । କେନ୍ଦ୍ରୀୟ ବିକ୍ରି କର ଅଧିନିୟମ ଅଧିନରେ ଗୁଡାଖୁ ଏକ ଘୋଷିତ ଦ୍ରବ୍ୟ ନଥିଲା ଏବଂ ଉତ୍ପାଦନ ସ୍ଥଳ ନିର୍ବିଶେଷରେ ଜୁଲାଇ 2005 ରୁ ମଇ 2007 ମଧ୍ୟରେ ମୂଲ୍ୟଯୁକ୍ତ କର ଅଧିନିୟମ ଅଧିନରେ ଚାରି ପ୍ରତିଶତ ହାରରେ କରଯୋଗ୍ୟ ଥିଲା ।

ଜୁଲାଇ 2009 ରେ ମୟୁରଭଞ୍ଜ ମଣ୍ଡଳର ନିର୍ଦ୍ଧାରଣ ନଥିପତ୍ରର ନମୁନା ଯାଞ୍ଚ କଲାବେଳେ ଆମେ ଲକ୍ଷ୍ୟ କଲୁ ଯେ 1 ଏପ୍ରିଲ 2005 ରୁ 20 ମଇ 2008 ଅବଧି ମଧ୍ୟରେ ଗୁଡାଖୁ ଉତ୍ପାଦନ କରୁଥିବା ଜଣେ ପଞ୍ଜିକୃତ ବ୍ୟବସାୟୀଙ୍କ ଗୁଡାଖୁର ମୋଟ ବିକ୍ରୟ କାରବାର, କରକୁ ମିଶାଇ 2.96 କୋଟି ଟଙ୍କାରେ ଅବଧାରିତ ହୋଇଥିଲା । କିନ୍ତୁ 1 ଜୁନ୍ 2007 ରୁ 20 ମଇ 2008 ମଧ୍ୟରେ 86.35 ଲକ୍ଷ ଟଙ୍କା ମୂଲ୍ୟର ଗୁଡାଖୁ ବିକ୍ରୟ ଉପରେ ଉପଯୁକ୍ତ ହାରରେ କରଧାର୍ଯ୍ୟ ହେଲା ବେଳେ 1 ଜୁଲାଇ 2005 ରୁ 31 ମଇ 2007 ମଧ୍ୟରେ 1.88 କୋଟି ଟଙ୍କା ମୂଲ୍ୟର ଗୁଡାଖୁ ବିକ୍ରୟକୁ କରମୁକ୍ତ ହିସାବରେ ଗଣ୍ୟହେଲା ଏବଂ ମୋଟ ବିକ୍ରୟ କାରବାରରୁ ବାଦ ଦେବା ପାଇଁ ଅନୁମତି ଦିଆଯାଇଥିଲା । ଏହା ଫଳରେ 17.96 ଲକ୍ଷ ଟଙ୍କା କର ସ୍ୱଳ୍ପାରୋପଣ ହୋଇଥିଲା ।

ମାମଲାଟିକୁ ଆମେ ଦର୍ଶାଇବା ପରେ ଅଗଷ୍ଟ 2010 ରେ ସରକାର ଉତ୍ତର ଦେଲେ ଯେ 22 ଡିସେମ୍ବର 2009 ରେ ବ୍ୟବସାୟୀଙ୍କ ବିରୋଧରେ ବିଭାଗୀୟ ମାମଲା ଫଏସଲା ହୋଇ 17.96 ଲକ୍ଷ ଟଙ୍କା ଦାବୀ ଉତ୍ଥାପନ ହୋଇଥିଲା । ଅସୁଲିର ବିବରଣୀ ମିଳି ନଥିଲା (ଡିସେମ୍ବର 2010) ।

## 2.4.3 ସମୀକ୍ଷା ନିର୍ଦ୍ଧାରଣରେ ନିର୍ଦ୍ଧାରିତ କିମ୍ବା ନିସ୍ତାର ପାଇଥିବା କାରବାର ଉପରେ ନିର୍ଦ୍ଧାରିତ କର ଉପରୁ ଜୋରିମାନା ଅନାରୋପଣ

6 ଜୁଲାଇ 2007 ରେ ସଂଶୋଧିତ ହୋଇଥିବା କେନ୍ଦ୍ରୀୟ ବିକ୍ରୟ କର (ଓଡିଶା) ନିୟମାବଳୀ, 1957 ରେ ବ୍ୟବସ୍ଥା ଅଛି ଯେ ସମୀକ୍ଷା ନିର୍ଦ୍ଧାରଣରେ ନିର୍ଦ୍ଧାରିତ କର ପରିମାଣର ଦୁଇଗୁଣ ଜୋରିମାନା ଧାର୍ଯ୍ୟ କରାଯିବ ।

ମଇ ଓ ଅକ୍ଟୋବର 2009 ରେ ଗୋଟିଏ ରେଞ୍ଜ ଓ ଗୋଟିଏ ମଣ୍ଡଳର ନିର୍ଦ୍ଧାରଣ ନଥିପତ୍ରର ନମୁନା ଯାଞ୍ଚ ବେଳେ ଆମେ ଲକ୍ଷ୍ୟ କଲୁ ଯେ ଜୁଲାଇ ଓ ସେପ୍ଟେମ୍ବର 2007 ଅବଧି ମଧ୍ୟରେ ବିଭିନ୍ନ ନିର୍ଦ୍ଧାରଣ ଚୂଡାନ୍ତ କରିବା ସମୟରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଚାରିଗୋଟି ମାମଲାରେ ଚାରି ଜଣ କରଦାତାଙ୍କ ଦ୍ୱାରା କ୍ରୟ ଓ ବିକ୍ରୟ ଗୋପନ ଏବଂ କରର ନିମ୍ନତର ହାର ପ୍ରୟୋଗ ଇତ୍ୟାଦିକୁ ପ୍ରତିପାଦନ କରି 10.83 କୋଟି ଟଙ୍କାର କର ନିର୍ଦ୍ଧାରଣ କରିଥିଲେ; କିନ୍ତୁ ଉପରୋକ୍ତ ନିୟମାବଳୀ ଅଧୀନରେ ଆବଶ୍ୟକ 21.66 କୋଟି ଟଙ୍କାର ଜୋରିମାନା ଧାର୍ଯ୍ୟ କରିନଥିଲେ । ନିର୍ଦ୍ଧାରଣ ଆଦେଶରେ ଜୋରିମାନାର ଅନାରୋପଣ ପାଇଁ କାରଣ ଆଲୋଚିତ ହୋଇନଥିଲା । ଏହି ଚାରିଗୋଟି ବ୍ୟବସାୟୀଙ୍କ ରେଞ୍ଜ/ମଣ୍ଡଳ ଅନୁସାରେ ଜୋରିମାନାର ଅନାରୋପଣ ନିମ୍ନରେ ଦର୍ଶାଗଲା ।

(ଟଙ୍କା କୋଟି ଆକାରରେ)

| ରେଞ୍ଜ/ ମଣ୍ଡଳ ଗୁଡିକର ନାମ | ବ୍ୟବସାୟୀ/ମାମଲା ଗୁଡିକର ସଂଖ୍ୟା | ନିର୍ଦ୍ଧାରଣ ଅବଧି | ଧାର୍ଯ୍ୟ କର | ଧାର୍ଯ୍ୟ ହୋଇନଥିବା ଧାର୍ଯ୍ୟଯୋଗ୍ୟ ଜୋରିମାନା |
|---|---|---|---|---|
| ଅନୁଗୁଳ ରେଞ୍ଜ | 1/1 | ଜୁଲାଇ 2006 ରୁ ସେପ୍ଟେମ୍ବର 2007 | 1.37 | 2.74 |
| ବଡବିଲ ମଣ୍ଡଳ | 3/3 | ଜୁଲାଇ 2006 ରୁ ମାର୍ଚ୍ଚ 2007 | 9.46 | 18.92 |
| ମାର୍ଚ୍ଚ | **4/4** | | **10.83** | **21.66** |

ଏହି ମାମଲା ଗୁଡିକୁ ଆମେ ଦର୍ଶାଇଲା ପରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମାମଲା ଗୁଡିକର ପୁନଃ ପରୀକ୍ଷା ପାଇଁ ରାଜି ହୋଇଥିଲେ । ଏ ବିଷୟର ଅଧିକତର ଅଗ୍ରଗତି ମୂଳକ ବିବରଣୀ ମିଳି ନଥିଲା (ଡିସେମ୍ବର 2010) ।

ଫେବୃଆରୀ 2010 ରେ ଆମେ ବିଷୟଟିକୁ ସରକାରଙ୍କୁ ଜଣାଇଥିଲୁ; ସରକାରଙ୍କର ଉତ୍ତର ମିଳି ନାହିଁ (ଡିସେମ୍ବର 2010) ।

# ପ୍ରବେଶ କର

## 2.5 ଓଡିଶା ପ୍ରବେଶ କର ଅଧିନିୟମ/ ନିୟମାବଳୀ ସମେତ ସରକାରଙ୍କ ଅଧିସୂଚନା ବ୍ୟବସ୍ଥା ଗୁଡିକର ଅନୁପାଳନ/ପାଳନ ନହେବା

*ଓଡିଶା ପ୍ରବେଶ କର ଅଧିନିୟମ/ନିୟମାବଳୀ ସହିତ ସମୟକୁ ସମୟ ଜାରି ହୋଇଥିବା ସରକାରୀ ଅଧିସୂଚନା ଗୁଡିକରେ ବ୍ୟବସ୍ଥା ଅଛି ଯେ:-*

*(i)* *କୌଣସି ସ୍ଥାନୀୟ ଅଞ୍ଚଳକୁ ଅନୁସୂଚିତ ଦ୍ରବ୍ୟଗୁଡିକ ବିକ୍ରୟ, ବ୍ୟବହାର ଓ ସେଠାରେ ଉପଯୋଗ ପାଇଁ ପ୍ରବେଶ କରିଥିଲେ ବିହିତ ହାରରେ କରଧାର୍ଯ୍ୟ ହେବ; ଏବଂ*

*(ii)* *ସର୍ବୋପରି ଧାର୍ଯ୍ୟ କର ଉପରେ ବିଭିନ୍ନ କ୍ଷେତ୍ରରେ ନିର୍ଦ୍ଧାରିତ ହାରରେ ଜୋରିମାନା ଧାର୍ଯ୍ୟ କରାଯିବ ।*

*ଆମେ ଲକ୍ଷ୍ୟ କଲୁ ଯେ ନିର୍ଦ୍ଧାରଣ/ ପୁନଃନିର୍ଦ୍ଧାରଣ ଚୁଡାନ୍ତ କଲାବେଳେ ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ ନିମ୍ନ ଅନୁଚ୍ଛେଦ 2.5.1 ରୁ 2.5.3 ରେ ଉଲ୍ଲିଖିତ କେତେକ ମାମଲାରେ ଉପରୋକ୍ତ ବ୍ୟବସ୍ଥା ଗୁଡିକର ପାଳନ କରିନଥିଲେ ଯାହା ଫଳରେ 17.40 କୋଟି ଟଙ୍କାର କର ଓ ଜୋରିମାନା ଅନାରୋପଣ/ ସ୍ୱଳ୍ପାରୋପଣ ହୋଇଥିଲା ।*

### 2.5.1 କ୍ରୟ ଗୋପନ ହେତୁ କର ସ୍ୱଳ୍ପାରୋପଣ

ଓଡିଶା ପ୍ରବେଶ କର ଅଧିନିୟମ, 1999 ଅଧିନରେ ଯେତେବେଳେ କୌଣସି କାରଣରୁ ଜଣେ ପଞ୍ଜିକୃତ ବ୍ୟବସାୟୀଙ୍କ ଦ୍ୱାରା ଅଣାଯାଇଥିବା ଅନୁସୂଚିତ ଦ୍ରବ୍ୟଗୁଡିକ କର ନିର୍ଦ୍ଧାରଣରୁ ନିସ୍ତାର ପାଇଥାଏ ତେବେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ନିର୍ଦ୍ଧାରିତ ଅବଧି ମଧ୍ୟରେ ନିଜର ସର୍ବୋତ୍ତମ ବିଚାର ଅନୁଯାୟୀ ବ୍ୟବସାୟୀଙ୍କୁ ନିର୍ଦ୍ଧାରଣ କରି ପାରିବେ ଏବଂ ସେହି ଦ୍ରବ୍ୟ ଗୁଡିକର ପ୍ରବେଶ ଉପରେ ନିର୍ଦ୍ଧାରିତ କର ଦେବା ସହ ବ୍ୟବସାୟୀଙ୍କ ଜ୍ଞାତସାରରେ ସେହି ଦ୍ରବ୍ୟର ଗୋପନ ପ୍ରବେଶ ହୋଇଥିଲେ ପ୍ରବେଶ କରର ଦେଢଗୁଣରୁ ଅଧିକ ହେଉନଥିବା ପରିମାଣର ଜୋରିମାନା ଦେବାପାଇଁ ନିର୍ଦ୍ଦେଶ ଦେଇ ପାରିବେ । ଦୁଇଚକିଆ ଯାନଗୁଡିକ 12 ପ୍ରତିଶତ ହାରରେ ପ୍ରବେଶ କରଯୋଗ୍ୟ ଅଟେ ।

ଡିସେମ୍ବର 2007 ରେ ଭୁବନେଶ୍ୱର-I ମଣ୍ଡଳର ନିର୍ଦ୍ଧାରଣ ନଥିପତ୍ରର ନମୁନା ଯାଞ୍ଚ କଲାବେଳେ ଆମେ ଲକ୍ଷ୍ୟ କଲୁ ଯେ 2003-04 ବର୍ଷ ପାଇଁ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଦୁଇ ଚକିଆ ଯାନ କାରବାର କରୁଥିବା ଜଣେ ପଞ୍ଜୀକୃତ ବ୍ୟବସାୟୀଙ୍କ କ୍ରୟ କାରବାରକୁ 7.74 କୋଟି ଟଙ୍କାରେ ଅବଧାରଣ କଲେ । ବ୍ୟବସାୟୀ ଦ୍ୱାରା ଦାଖଲ ହୋଇଥିବା ୱେ ବିଲ୍ ସହିତ ରାଜ୍ୟ ବାହାରୁ ରିହାତି କର ହାରରେ କ୍ରୟ କରୁଥିବା ଦ୍ରବ୍ୟଗୁଡିକର ଘୋଷଣାକୁ ପ୍ରତିସତ୍ୟାପନ କରି ଆମେ ଦେଖିଲୁ ଯେ ବ୍ୟବସାୟୀ ପ୍ରକୃତରେ 10.04 କୋଟି ଟଙ୍କା ମୂଲ୍ୟର ଦୁଇଚକିଆ ଯାନ କଣିଥିଲେ । ଏହିପରି ବ୍ୟବସାୟୀ ଜଣକ 2.30 କୋଟି ଟଙ୍କା ମୂଲ୍ୟର ଦୁଇଚକିଆ ଯାନର କ୍ରୟ ଓ ପ୍ରବେଶ ଗୋପନ କରିଥିଲେ । ଏହା ଫଳରେ 27.61 ଲକ୍ଷ ଟଙ୍କାର ପ୍ରବେଶ କର ଅବନିର୍ଦ୍ଧାରଣ ହୋଇଥିଲା । ଏତଦ୍‌ବ୍ୟତୀତ, ବ୍ୟବସାୟୀ ଜଣକ ଅନୁସୂଚିତ ଦ୍ରବ୍ୟ ଗୁଡିକର କ୍ରୟ ଓ ପ୍ରବେଶକୁ ଜାଣିଶୁଣି ଲୁଚାଇ ଥିବାରୁ ଅଧିକତମ ଜୋରିମାନା ବାବଦରେ 41.41 ଲକ୍ଷ ଟଙ୍କା ଦେବା ପାଇଁ ଦାୟୀ ଥିଲେ ।

ମାମଲାଟିକୁ ଆମେ ଦର୍ଶାଇବା ପରେ ଜୁଲାଇ 2010 ରେ ସରକାର ଉତ୍ତର ଦେଲେ ଯେ ନଭେମ୍ବର 2009 ରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମାମଲାଟିର ପୁନଃନିର୍ଦ୍ଧାରଣ କରି 41.45 ଲକ୍ଷ ଟଙ୍କାର ଜୋରିମାନାକୁ ମିଶାଇ 69.02 ଲକ୍ଷ ଟଙ୍କାର ଅତିରିକ୍ତ ଦାବୀ ଉତ୍ଥାପନ କରିଥିଲେ । ଅସୁଲିର ଅଧିକତର ବିବରଣୀ ମିଳି ନଥିଲା (ଡିସେମ୍ବର 2010) ।

## 2.5.2 କରଯୋଗ୍ୟ କାରବାରର ନିସ୍ତାରଣ ଯୋଗୁଁ ପ୍ରବେଶ କରର ଅନାରୋପଣ

ଓଡିଶା ପ୍ରବେଶ କର ଅଧିନିୟମ ଓ ତଦଧିନ ପ୍ରଣୀତ ନିୟମାବଳୀ ଅଧିନରେ ଗୋଟିଏ ସ୍ଥାନୀୟ ଅଞ୍ଚଳ ଭିତରେ ବିକ୍ରୟ, ବ୍ୟବହାର ଓ ଉପଯୋଗ ପାଇଁ ଅନୁସୂଚିତ ଦ୍ରବ୍ୟଗୁଡିକ ପ୍ରବେଶ କଲେ ତାହାର କ୍ରୟ ମୂଲ୍ୟ ଉପରେ କର ନିର୍ଦ୍ଧାରିତ ହାରରେ ଧାର୍ଯ୍ୟ ହେବ ଏବଂ ଏହି କର ସମ୍ପୃକ୍ତ ବ୍ୟବସାୟୀ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ଏହି ଦ୍ରବ୍ୟକୁ ଆଣିଥିଲେ କିମ୍ବା ନିଜ ପାଇଁ କିମ୍ବା ତାଙ୍କର ମୁଖିଆଙ୍କ ତରଫରୁ କିମ୍ବା ଗ୍ରାହକମାନଙ୍କ ପାଇଁ କିମ୍ବା ସେହି ଦ୍ରବ୍ୟକୁ ଗ୍ରହଣ କରୁଥିବା ବ୍ୟକ୍ତି କିମ୍ବା ସେହି ଦ୍ରବ୍ୟକୁ ଗ୍ରହଣ କରିବାର ହକ ଥିବା ବ୍ୟକ୍ତିଙ୍କ ନିକଟରୁ ଆଦାୟ କରାଯିବ । ପୁନଶ୍ଚ କୌଣସି ଯୁକ୍ତିଯୁକ୍ତ କାରଣ ନଥାଇ ଅନୁସୂଚିତ ଦ୍ରବ୍ୟ ଗୁଡିକର କାରବାର ନିସ୍ତାର ହୋଇଥିଲେ ଅତିରିକ୍ତ ନିର୍ଦ୍ଧାରିତ କର ପରିମାଣର ଦୁଇଗୁଣ ଜୋରିମାନା ମଇ 2005 ରୁ ଧାର୍ଯ୍ୟ ହେବ । କୋକ୍ ସମେତ କୋଇଲାର ସବୁପ୍ରକାର ରୂପ ଏକ ପ୍ରତିଶତ ହାରରେ କରଯୋଗ୍ୟ ।

ଡିସେମ୍ବର 2009 ଓ ଜାନୁଆରୀ 2010 ଭିତରେ କଟକ-II ରେଞ୍ଜର ନଥିପତ୍ରର ନମୁନା ଯାଞ୍ଚ କଲାବେଳେ ଆମେ ଲକ୍ଷ୍ୟ କଲୁ ଯେ ଆମଦାନୀ କରାଯାଉଥିବା କୋକିଙ୍ଗ କୋଇଲା ଓ କୋଇଲା ଗୁଣ୍ଡରୁ ବିହାଇଭ୍ ହାର୍ଡକୋଲ ଉତ୍ପାଦନ କରୁଥିବା ଏବଂ ଅନ୍ୟମାନଙ୍କ ପକ୍ଷରୁ ସଂପରିବର୍ତ୍ତନ କାମ ପାଇଁ ଅଙ୍ଗୀକାରବଦ୍ଧ ଥିବା ଜଣେ ପଞ୍ଜିକୃତ ବ୍ୟବସାୟୀ ନିଜ କାରଖାନା ପରିସର ମଧ୍ୟରେ 21 ସେପ୍ଟେମ୍ବର 2005 ରୁ 4 ଏପ୍ରିଲ 2006 ମଧ୍ୟରେ ସଂପରିବର୍ତ୍ତନ ପାଇଁ ରାଜ୍ୟ ବାହାରରୁ ଜଣେ ବ୍ୟବସାୟୀଠାରୁ 24,281.890 ମେଟ୍ରିକ୍ ଟନ୍‌ର ଆମଦାନୀ ହୋଇଥିବା କୋକିଙ୍ଗ କୋଇଲା (କଞ୍ଚାମାଲ) ଆଣିଥିଲେ; ତେଣୁ ଏହାର କ୍ରୟ ମୂଲ୍ୟ ଉପରେ ପ୍ରବେଶ କର ଦେବା ପାଇଁ ସେ ବ୍ୟବସାୟୀ ଦାୟୀଥିଲେ । କିନ୍ତୁ ଓଡିଶା ପ୍ରବେଶ କର ଅଧିନିୟମ ଅଧିନରେ ଏପ୍ରିଲ 2005 ରୁ ଜୁନ୍ 2007 ର କର ଅବଧି ମଧ୍ୟରେ ବ୍ୟବସାୟୀ ଜଣଙ୍କୁ ନିର୍ଦ୍ଧାରଣ କଲାବେଳେ, ନିର୍ଦ୍ଧାରଣ କର୍ତ୍ତୃପକ୍ଷ ସେହି ଅନୁସୂଚିତ ଦ୍ରବ୍ୟ ଗୁଡିକର ପ୍ରବେଶ ଉପରେ କରଧାର୍ଯ୍ୟ କରିନଥିଲେ । ସ୍ଥାନୀୟ ଅଞ୍ଚଳରେ ପ୍ରବେଶ କରୁଥିବା ଉପରୋକ୍ତ ଦ୍ରବ୍ୟର କ୍ରୟ ମୂଲ୍ୟର ଅନୁପସ୍ଥିତିରେ ସମୀକ୍ଷା, ସେହି କର ଅବଧି ପାଇଁ ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ ଅଧିନରେ ବ୍ୟବସାୟୀଙ୍କୁ ନିର୍ଦ୍ଧାରଣ କଲାବେଳେ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗୃହୀତ ହୋଇଥିବା ମେଟ୍ରିକ ଟନ୍ ପ୍ରତି 4,190 ଟଙ୍କା ହାରକୁ ବିଚାର କରି, କ୍ରୟ ମୂଲ୍ୟକୁ 10.17 କୋଟି ଟଙ୍କାରେ ଆକଳନ କରିଥିଲା । ଏହିପରି ବ୍ୟବସାୟୀଙ୍କ ମୋଟ କାରବାର/କରଯୋଗ୍ୟ କାରବାରରେ 10.17 କୋଟି ଟଙ୍କା ମୂଲ୍ୟର ଅନୁସୂଚିତ ଦ୍ରବ୍ୟଗୁଡିକର ପ୍ରବେଶକୁ ମିଶାନଯିବା ଫଳରେ 10.17 ଲକ୍ଷ ଟଙ୍କାର ପ୍ରବେଶ କର ଅନାରୋପଣ ହୋଇଥିଲା । ପୁନଶ୍ଚ, କୌଣସି ଯୁକ୍ତିଯୁକ୍ତ କାରଣ ବିନା ସ୍ୱନିର୍ଦ୍ଧାରଣ ସ୍ତରରେ ସେହି କରର ଅପ୍ରଦାନ ଓ କାରବାରର ନିସ୍ତାରଣ ପାଇଁ ବ୍ୟବସାୟୀଜଣଙ୍କୁ କର ଦେୟର ଦୁଇଗୁଣ ହିସାବରେ 20.35 ଲକ୍ଷ ଟଙ୍କାର ଜୋରିମାନା ଧାର୍ଯ୍ୟ ହେବାର ଥିଲା ।

ମାମଲାଟିକୁ ଆମେ ଦର୍ଶାଇବା ପରେ, ଅଗଷ୍ଟ 2010 ରେ ସରକାର କହିଲେ ଯେ ମାମଲାର ପୁନଃପରୀକ୍ଷା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହା ଉପରେ ଅଧିକତର ଅଗ୍ରଗତି ମୂଳକ ବିବରଣୀ ମିଳି ନଥିଲା (ଡିସେମ୍ବର 2010) ।

## 2.5.3 ବିଭିନ୍ନ କ୍ଷେତ୍ରରେ ଜୋରିମାନାର ଅନାରୋପଣ

ଓଡିଶା ପ୍ରବେଶ କର ଅଧିନିୟମ ଏବଂ ତଦଧୀନ ପ୍ରଣୀତ ନିୟମାବଳୀରେ -

1. ସମୀକ୍ଷା ପରିଦର୍ଶନ ରିପୋର୍ଟ ଅଧାରରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମୀକ୍ଷା ନିର୍ଦ୍ଧାରଣରେ ନିର୍ଦ୍ଧାରିତ କରର ଦୁଇଗୁଣ ପରିମାଣ,
2. ନିସ୍ତାରିତ କାରବାରର ନିର୍ଦ୍ଧାରଣ ଉପରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଦ୍ୱାରା ନିର୍ଦ୍ଧାରିତ ଅତିରିକ୍ତ କରର ଦୁଇଗୁଣ ପରିମାଣ, ଯଦି ସେ ସନ୍ତୁଷ୍ଟ ହୁଅନ୍ତି ଯେ ନିସ୍ତାରଣ କୌଣସି ଯୁକ୍ତିଯୁକ୍ତ କାରଣ ବିନା ହୋଇଥିଲା,
3. ଯେଉଁ ଅବଧି ପାଇଁ କିମ୍ବା ପରବର୍ତ୍ତୀ ସମସ୍ତ ଅବଧିଗୁଡିକ ପାଇଁ କର ଦେବାକୁ ଦାୟୀଥିବା ବ୍ୟବସାୟୀ ଜଣକ ଯଦି ସେଥିରେ ବିଫଳ ହୁଅନ୍ତି ଏବଂ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଯଦି ସନ୍ତୁଷ୍ଟ ହୁଅନ୍ତି ଯେ ଖିଲାପ କୌଣସି ଯୁକ୍ତିଯୁକ୍ତ କାରଣ ବିନା ହୋଇଅଛି ତେବେ ନିର୍ଦ୍ଧାରିତ କରର ସମପରିମାଣ; ଏବଂ
4. ଯଦି ବର୍ଷ ଶେଷରେ ଦେଖାଗଲା ଯେ କୌଣସି ବ୍ୟବସାୟୀଙ୍କ ଦ୍ୱାରା କୌଣସି ଅବଧି ପାଇଁ ଅଗ୍ରୀମ ଦିଆଯାଇଥିବା କର ଚୂଡାନ୍ତ ନିର୍ଦ୍ଧାରିତ କର ଠାରୁ 15 ପ୍ରତିଶତରୁ ଅଧିକ କମ ଥିଲେ ପ୍ରଦେୟ କର ଓ ଦିଆଯାଇଥିବା କରର ଭେଦାତ୍ମକ କର ପରିମାଣର ଦେଢଗୁଣ ପର୍ଯ୍ୟନ୍ତ ଜୋରିମାନା ଧାର୍ଯ୍ୟ କରାଯିବାର ବ୍ୟବସ୍ଥା ଅଛି ।

ଫେବୃଆରୀ ଓ ଡିସେମ୍ବର 2009 ମଧ୍ୟରେ ଚାରିଗୋଟି ରେଞ୍ଜ[6] ଛଅଗୋଟି ମଣ୍ଡଳର[7] ନଥିପତ୍ରର ନମୁନା ଯାଞ୍ଚ କଲାବେଳେ ଆମେ ଲକ୍ଷ୍ୟ କଲୁ ଯେ ଫେବୃଆରୀ 2007 ଓ ମାର୍ଚ୍ଚ 2009 ମଧ୍ୟରେ 18 ଜଣ ପଞ୍ଜିକୃତ ବ୍ୟବସାୟୀଙ୍କର 20 ଗୋଟି ମାମଲାରେ ଏପ୍ରିଲ 2003 ଓ ଜାନୁଆରୀ 2009 ମଧ୍ୟରେ ବିଭିନ୍ନ ସମୟ ପାଇଁ ନିର୍ଦ୍ଧାରଣ ଚୁଡାନ୍ତ କଲାବେଳେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ବିଭିନ୍ନ କ୍ଷେତ୍ରରେ ବିହିତ ହାରରେ 16.40 କୋଟି ଟଙ୍କାର ଜୋରିମାନା ଧାର୍ଯ୍ୟ କରିନଥିଲେ । ନିର୍ଦ୍ଧାରଣ ଆଦେଶରେ ଜୋରିମାନା ଅନାରୋପଣର କାରଣ ଉଲ୍ଲିଖିତ ହୋଇନଥିଲା । ପରିଶିଷ୍ଟ-II ରେ ରେଞ୍ଜ/ମଣ୍ଡଳ ଅନୁଯାୟୀ ବିଶଦ ବିବରଣୀ ପ୍ରଦାନ କରାଗଲା । ଦୃଷ୍ଟାନ୍ତମୂଳକ ମାମଲା ଗୁଡିକ ନିମ୍ନରେ ଦର୍ଶାଗଲା ।

### 2.5.3.1 ସମୀକ୍ଷା ନିର୍ଦ୍ଧାରଣ ଉପରେ ଜୋରିମାନାର ଅନାରୋପଣ

ଅଗଷ୍ଟ 2009 ରେ ଅନୁଗୁଳ ରେଞ୍ଜର ନଥିପତ୍ରର ନମୁନା ଯାଞ୍ଚ କଲାବେଳେ ଆମେ ଲକ୍ଷ୍ୟ କଲୁ ଯେ ସମୀକ୍ଷା ପରିଦର୍ଶନ ରିପୋର୍ଟ ଆଧାରରେ 1 ଏପ୍ରିଲ 2005 ରୁ 31 ଡିସେମ୍ବର 2007 ଅବଧି ପାଇଁ ଡିସେମ୍ବର 2008 ରେ ଜଣେ ପଞ୍ଜିକୃତ ବ୍ୟବସାୟୀଙ୍କ ନିର୍ଦ୍ଧାରଣ ଚୂଡାନ୍ତ କଲାବେଳେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ବ୍ୟବସାୟୀ ଦାଖଲ କରିଥିବା ରିଟର୍ଣ୍ଣରେ କରଯୋଗ୍ୟ କାରବାରକୁ ବାଦ ଦେବା ଏବଂ ନିମ୍ନତର କର ହାରର ପ୍ରୟୋଗ କରିଥିବା ଯୋଗୁଁ 12.30 ଲକ୍ଷ ଟଙ୍କାର କର ଦେୟ ନିର୍ଦ୍ଧାରଣ କରିଥିଲେ । କିନ୍ତୁ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଅଧିନିୟମ ଅଧିନରେ ଆବଶ୍ୟକ ଥିବା 24.60 ଲକ୍ଷ ଟଙ୍କାର ଜୋରିମାନା ଧାର୍ଯ୍ୟ କରିନଥିଲେ । ନିର୍ଦ୍ଧାରଣ ଆଦେଶରେ ଜୋରିମାନା ଅନାରୋପଣର କାରଣ ମଧ୍ୟ ଉଲ୍ଲିଖିତ ହୋଇନଥିଲା ।

### 2.5.3.2 ନିର୍ଦ୍ଧାରଣରେ ନିସ୍ତାରିତ କାରବାର ଉପରେ ଜୋରିମାନା ଅନାରୋପଣ

ନଭେମ୍ବର 2009 ରେ କୋରାପୁଟ ରେଞ୍ଜର ନଥିପତ୍ରର ନମୁନା ଯାଞ୍ଚ କଲାବେଳେ ଆମେ ଲକ୍ଷ୍ୟ କଲୁ ଯେ ଫେବୃଆରୀ ରୁ ଅକ୍ଟୋବର 2008 ଅବଧି ପାଇଁ ପଞ୍ଜୀକୃତ ଜଣେ ବ୍ୟବସାୟୀଙ୍କ ନିର୍ଦ୍ଧାରଣ ଚୂଡାନ୍ତ କଲାବେଳେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ବ୍ୟବସାୟୀଙ୍କ କରଯୋଗ୍ୟ କାରବାରକୁ 1055.48 କୋଟି ଟଙ୍କାରେ ଅବଧାରଣ କରି 11.67 କୋଟି ଟଙ୍କାର କର ଧାର୍ଯ୍ୟ କରିଥିଲେ । ନିର୍ଦ୍ଧାରଣ ଅବଧି ପାଇଁ ବ୍ୟବସାୟୀ ପୂର୍ବରୁ 6.14 କୋଟି

[6] ଅନୁଗୁଳ, ଗଞ୍ଜାମ, ଯାଜପୁର ଏବଂ କୋରାପୁଟ ।

[7] ବଡବିଲ, ବରଗଡ, ଯାଜପୁର, କେନ୍ଦୁଝର, କୋରାପୁଟ ଏବଂ ଫୁଲବାଣୀ ।

ଟଙ୍କା କର ଘୋଷଣା କରି ଜମା କରିଥିଲେ । ଯଦିଚ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ବ୍ୟବସାୟୀଙ୍କୁ 5.53 କୋଟି ଟଙ୍କାର ଅତିରିକ୍ତ କର ଧାର୍ଯ୍ୟ କଲେ, ଅଧିନିୟମ ଅଧିନରେ ଆବଶ୍ୟକଥିବା 11.05 କୋଟି ଟଙ୍କାର ଜୋରିମାନା ଧାର୍ଯ୍ୟ କରିନଥିଲେ । ନିର୍ଦ୍ଧାରଣ ଆଦେଶରେ ଜୋରିମାନା ଅନାରୋପଣର କାରଣ ମଧ୍ୟ ଉଲ୍ଲିଖିତ ହୋଇନଥିଲା ।

## 2.5.3.3 ଅଣପଞ୍ଜୀକୃତ ଅବଧି ପାଇଁ ନିର୍ଦ୍ଧାରଣ ଉପରେ ଜୋରିମାନା ଅନାରୋପଣ

ନଭେମ୍ବର 2009 ରେ କୋରାପୁଟ ମଣ୍ଡଳର ନଥିପତ୍ରର ନମୁନା ଯାଞ୍ଚ କଲାବେଳେ ଆମେ ଲକ୍ଷ୍ୟ କଲୁ ଯେ ଜଣେ ଅଣପଞ୍ଜୀକୃତ ବ୍ୟବସାୟୀ 28 ଜୁଲାଇ 2006 ରୁ ବ୍ୟବସାୟ ଆରମ୍ଭ କରି ଆଠମାସ ପରେ 28 ମାର୍ଚ୍ଚ 2007 ରେ ମଧ୍ୟବର୍ତ୍ତୀ ଅବଧି ପାଇଁ କରଦାୟୀ ଥିଲେ ମଧ୍ୟ କୌଣସି ରିଟର୍ଣ୍ଣ ଦାଖଲ ନକରି ଓଡିଶା ପ୍ରବେଶ କର ଅଧିନିୟମ ଅଧିନରେ ପଞ୍ଜୀକରଣ ମଞ୍ଜୁରୀ ନିମନ୍ତେ ଆବେଦନ କରିଥିଲେ । 28 ଜୁଲାଇ 2006 ରୁ 27 ମାର୍ଚ୍ଚ 2007 ଅବଧି ପାଇଁ ଏବଂ ଏଥିସହିତ ପରବର୍ତ୍ତୀ କର ଅବଧି ପାଇଁ ଅଗଷ୍ଟ 2008 ରେ ନିର୍ଦ୍ଧାରଣ ଚୂଡାନ୍ତ କଲାବେଳେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ବ୍ୟବସାୟୀଙ୍କ ଅଣପଞ୍ଜୀକୃତ ସମୟ ପାଇଁ 15.17 ଲକ୍ଷ ଟଙ୍କାର କର ନିର୍ଦ୍ଧାରଣ କରିଥିଲେ । କିନ୍ତୁ ବ୍ୟବସାୟୀଙ୍କୁ ନିର୍ଦ୍ଧାରିତ କରର ସମାନ ପରିମାଣ 15.17 ଲକ୍ଷ ଟଙ୍କାର ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇନଥିଲେ । ଅଧିକନ୍ତୁ, ନିର୍ଦ୍ଧାରଣ ଆଦେଶରେ ଜୋରିମାନା ଅନାରୋପଣର କାରଣ ଉଲ୍ଲିଖିତ ହୋଇନଥିଲା ।

## 2.5.3.4 ଅଗ୍ରୀମ କର ଦେୟର ସ୍ୱଳ୍ପତା ପାଇଁ ଜୋରିମାନା ଅନାରୋପଣ

ଜୁଲାଇ 2009 ରେ ବଡବିଲ ମଣ୍ଡଳର ନଥିପତ୍ରର ନମୁନା ଯାଞ୍ଚ କଲାବେଳେ ଆମେ ଲକ୍ଷ୍ୟ କଲୁ ଯେ 2003-04 ବର୍ଷ ପାଇଁ ଜଣେ ପୁଞ୍ଜୀକୃତ ବ୍ୟବସାୟୀଙ୍କ ନିର୍ଦ୍ଧାରଣ କଲାବେଳେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ 3.39 ଲକ୍ଷ ଟଙ୍କାର କର ନିର୍ଦ୍ଧାରଣ କରିଥିଲେ; କିନ୍ତୁ ବ୍ୟବସାୟୀ ଜଣକ ସମ୍ପୂର୍ଣ୍ଣ ବର୍ଷର ଦେୟ ଯୋଗ୍ୟ ମୋଟ କର ପରିମାଣର 18.46 ପ୍ରତିଶତ ଦେୟକୁ ବାଦ ଦେଇ ମାତ୍ର 2.77 ଲକ୍ଷ ଟଙ୍କା ପୈଠ କରିଥିଲେ । କିନ୍ତୁ ବ୍ୟବସାୟୀଙ୍କ ଅଦେୟ ପରିମାଣର ଦେଢଗୁଣ 93,961 ଟଙ୍କାର ଜୋରିମାନା ଆରୋପଣ ହୋଇ ନଥିଲା । ନିର୍ଦ୍ଧାରଣ ଆଦେଶରେ ମଧ୍ୟ ଜୋରିମାନା ଅନାରୋପଣର କାରଣ ଉଲ୍ଲିଖିତ ହୋଇନଥିଲା ।

ଆମେ ଏହି ମାମଲା ଗୁଡିକୁ ଦର୍ଶାଇବା ପରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ ମାମଲା ଗୁଡିକର ପୁନଃପରୀକ୍ଷା ପାଇଁ ରାଜି ହୋଇଥିଲେ । ମାମଲା ଗୁଡିକର ଅଧିକତର ଅଗ୍ରଗତି ମୂଳକ ବିବରଣୀ ମିଳି ନଥିଲା (ଡିସେମ୍ବର 2010) ।

ଫେବୃଆରୀ 2010 ରେ ବିଷୟଟିକୁ ସରକାରଙ୍କୁ ଜଣାଇ ଦିଆଯାଇଥିଲା, ସରକାରଙ୍କର ଉତ୍ତର ଏପର୍ଯ୍ୟନ୍ତ ମିଳି ନଥିଲା (ଡିସେମ୍ବର 2010) ।

## ବୃତ୍ତି କର

ରାଜସ୍ୱ ସଂଗ୍ରହ ବୃଦ୍ଧି ଉଦ୍ଦେଶ୍ୟରେ ଓଡିଶା ବାଣିଜ୍ୟ କର କମିଶନର ଯିଏକି ଓଡିଶା ବୃତ୍ତି କର କମିଶନର ଭାବେ କାର୍ଯ୍ୟ କରନ୍ତି ନଭେମ୍ବର 2004 ରେ ନିର୍ଦ୍ଦିଷ୍ଟ ସୂତ୍ରରୁ ତଥ୍ୟ ସଂଗ୍ରହ କରି କର ଦେବାକୁ ଦାୟୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରତି ମଣ୍ଡଳରେ ଥିବା ବୃତ୍ତି କର ସେଲ ରେ ପଞ୍ଜୀକରଣ କରିବାକୁ କ୍ଷେତ୍ର କର୍ମଚାରୀଙ୍କୁ ଅନୁଦେଶ ଦେଇଥିଲେ । କର ସଂଗ୍ରହକୁ ଗତିଶୀଳ କରିବା ପାଇଁ ସମ୍ଭାବ୍ୟ କରଦାତାଙ୍କୁ ଚିହ୍ନଟ କରିବା ଏବଂ ଉଠାଣ ଓ ବିତରଣ ଅଧିକାରୀ ଓ କରଦାତାଙ୍କୁ ସହାୟତା ଦେବା ତଥା ତାଲିକା ପ୍ରସ୍ତୁତ ଓ ପଞ୍ଜୀକରଣ କାର୍ଯ୍ୟ ପାଇଁ ଡିସେମ୍ବର 2004 ରୁ ପ୍ରତି ମଣ୍ଡଳରେ ଗୋଟିଏ ଲେଖାଏଁ ବୃତ୍ତି କର ସେଲ୍ ପ୍ରତିଷ୍ଠା କରିବାକୁ ସ୍ଥିର ହୋଇଥିଲା ।

## 2.6 ବୃତ୍ତି କରର ଅନାରୋପଣ

ଓଡିଶା ରାଜ୍ୟ ବୃତ୍ତି, ବ୍ୟାପାର, ଆଜୀବିକା ଓ ନିୟୋଜନ କର ଅଧିନିୟମ, 2000 ଅନୁଯାୟୀ କର ପ୍ରଦାନଯୋଗ୍ୟ ପ୍ରତ୍ୟେକ ବ୍ୟକ୍ତି ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଠାରୁ ତାଲିକାଭୁକ୍ତ ପ୍ରମାଣ ପତ୍ର ହାସଲ କରିବା ଆବଶ୍ୟକ । ଉକ୍ତ ଅଧିନିୟମରେ ମଧ୍ୟ ବ୍ୟବସ୍ଥା ଅଛି ଯେ ଯଦି ଜଣେ ତାଲିକାଭୁକ୍ତ ଯୋଗ୍ୟ ବ୍ୟକ୍ତି ଏଭଳି ପ୍ରମାଣପତ୍ର ପାଇବା ପାଇଁ ଆବେଦନ ନକରନ୍ତି ତେବେ ବିଳମ୍ବ ପାଇଁ ଦିନପ୍ରତି ସର୍ବାଧିକ ପାଞ୍ଚଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆରୋପଣ ହେବ । ପୁନଶ୍ଚ, ଅଧିନିୟମ ଅଧିନରେ ବିଭିନ୍ନ ଶ୍ରେଣୀର କରଦାତାଙ୍କ ଉପରେ ତାଲିକାଭୁକ୍ତ ବିହିତ ହାରରେ ନିର୍ଦ୍ଦିଷ୍ଟ କାଳିକ କରଧାର୍ଯ୍ୟ ହୋଇଥାଏ ।

ଜୁଲାଇ ଏବଂ ଡିସେମ୍ବର 2009 ରେ 19 ଗୋଟି[8] ମଣ୍ଡଳର ବୃତ୍ତିକର ଅଧିକାରୀଙ୍କ ନଥିପତ୍ରର ନମୁନା ଯାଞ୍ଚ ବେଳେ ଆମେ ଲକ୍ଷ୍ୟକଲୁ ଯେ 10 ଗୋଟି ବର୍ଗ ଅଧିନରେ 23,075 ଜଣ କରଦାତା ଏହି କର ଜାଲରେ ଅନ୍ତର୍ଭୁକ୍ତ ହେବା କଥା ଓ ଏପ୍ରିଲ 2004 ଓ ମାର୍ଚ୍ଚ 2009 ମଧ୍ୟରେ 3.14 କୋଟି ଟଙ୍କାର କର ଦେବା କଥା ଯେଉଁମାନେ କି ଅଧିନିୟମ ଅଧିନରେ ତାଲିକାଭୁକ୍ତ ହେବା ପାଇଁ ଆବେଦନ କରିନଥିଲେ ଓ ସମ୍ପୃକ୍ତ ବୃତ୍ତିକର ଅଧିକାରୀଙ୍କ ଠାରୁ ତାଲିକାଭୁକ୍ତର ପ୍ରମାଣପତ୍ର ପାଇ ନଥିଲେ । ସୁତରାଂ ସେମାନଙ୍କ ଉପରେ 3.14 କୋଟି ଟଙ୍କାର କର ବ୍ୟତୀତ 13.73 କୋଟି ଟଙ୍କାର ଜୋରିମାନା ଧାର୍ଯ୍ୟ ହେବା କଥା । ଅଧିନିୟମ ଅଧିନରେ 16.87 କୋଟି ଟଙ୍କାର ମୋଟ କର ଓ ଜୋରିମାନା ଅନାରୋପଣର ବିଶଦ ବିବରଣୀ **ପରିଶିଷ୍ଟ-III** ରେ ଦିଆଗଲା । ଏହା ଦର୍ଶାଉଛି ଯେ ଯୋଗ୍ୟ ବ୍ୟକ୍ତିଙ୍କୁ କର ଜାଲକୁ ଆଣିବା ପାଇଁ ସୂଚନା ସଂଗ୍ରହ ଓ ସର୍ବେକ୍ଷଣ ପରିଚାଳନା ପାଇଁ ପ୍ରଭାବୀ ସଂକ୍ରିୟାର ଅନୁପସ୍ଥିତି/ନିଷ୍କ୍ରିୟତା ରାଜ୍ୟରେ ଅଧିନିୟମ ଅଧୀନରେ କର ପରିଚାଳନା ଉଦ୍ଦେଶ୍ୟକୁ କ୍ଷତିଗ୍ରସ୍ତ କରିଥିଲା ।

ଆମେ ଏହି ମାମଲାଗୁଡିକୁ ଦର୍ଶାଇବା ପରେ ଓଡିଶା ବାଣିଜ୍ୟ କର କମିଶନର ମଇ 2010 ରେ କହିଲେ ଯେ ଜୟପୁର ମଣ୍ଡଳର 597 ଜଣ ବୀମା ଏଜେଣ୍ଟ ଏବଂ 44 ଗୋଟି ପାଥୋଲୋଜିକାଲ ଲାବରୋଟୋରିଜ୍, ଡାଇଗୋନଷ୍ଟିକ, ଏକ୍ସରେ ଓ ସ୍କାନିଂ ସେଣ୍ଟର ମଧ୍ୟରୁ 110 ଜଣ ବୀମା ଏଜେଣ୍ଟ ଓ ଚାରିଜଣ ପାଥୋଲୋଜିକାଲ ଲାବରେଟୋରି ଡାଇଗୋନଷ୍ଟିକସ୍, ଏକ୍ସରେ ଓ ସ୍କାନିଂ ସେଣ୍ଟର ତାଲିକାଭୁକ୍ତ ହୋଇଥିଲେ ଓ 1.32 ଲକ୍ଷ ଟଙ୍କାର ବୃତ୍ତିକର ଦେଇଥିଲେ । ଅବଶିଷ୍ଟ ମାମଲାଗୁଡିକରେ ଓଡିଶା ବାଣିଜ୍ୟ କର କମିଶନରଙ୍କ ଉତ୍ତର ମିଳି ନଥିଲା (ଡିସେମ୍ବର 2010) । ଯାହାହେଉ, ଅଗଷ୍ଟ 2010 ରେ ସରକାର କହିଲେ ଯେ ମଣ୍ଡଳ କାର୍ଯ୍ୟାଳୟ ଗୁଡିକରେ କାର୍ଯ୍ୟ ପୁନର୍ଗଠନ ପାଇଁ କ୍ଷେତ୍ର କାର୍ଯ୍ୟାଳୟ ଗୁଡିକୁ ମଇ 2009 ରେ ନିର୍ଦ୍ଦେଶ ଜାରି କରାଯାଇଥିଲା । ଏହା ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଯେହେତୁ ମଣ୍ଡଳ କାର୍ଯ୍ୟାଳୟ ମାନଙ୍କରେ ବୃତ୍ତିକରକୁ ପର୍ଯ୍ୟାଲୋଚନା କରାଯାଉଛି ବୃତ୍ତିକର ପାଇଁ ନିର୍ଦ୍ଦିଷ୍ଟ ସିଟିଓ/ ଏସିଟିଓ (ବୃତ୍ତି କର) ଏବଂ ବୃତ୍ତି କର କିରାଣିଙ୍କୁ ଦାୟୀ କରାଯିବ । ଅଧିକନ୍ତୁ, କାର୍ଯ୍ୟାଳୟ ମାନଙ୍କରେ ଅନ୍ୟାନ୍ୟ କାର୍ଯ୍ୟଭାର ଏବଂ ଯଥେଷ୍ଟ କର୍ମଚାରୀଙ୍କ ଅଭାବ ହେତୁ ଉତ୍ସର୍ଗୀକୃତ ଅଧିକାରୀମାନଙ୍କ ଦ୍ୱାରା ବୃତ୍ତିକର ଏକାନ୍ତ ଭାବରେ ପର୍ଯାଲୋଚନା ହୋଇ ନଥିଲା ।

---

[8] ଅନୁଗୁଳ, ଭଦ୍ରକ, ବାଲେଶ୍ୱର, ବଡବିଲ, ଭଞ୍ଜନଗର, ଢେଙ୍କାନାଳ, ଗଞ୍ଜାମ-I, ଗଞ୍ଜାମ-II, ଗଜପତି, ଜଗତସିଂହପୁର, ଯାଜପୁର, କୋରାପୁଟ-I, କୋରାପୁଟ-II, କେନ୍ଦୁଝର, କେନ୍ଦ୍ରାପଡା, ମୟୁରଭଞ୍ଜ, ଫୁଲବାଣୀ, ସମ୍ବଲପୁର-I ଏବଂ ସମ୍ବଲପୁର-II.

# ଅଧ୍ୟାୟ -III : ମୋଟରଯାନ କର

## 3.1.1 କର ପରିଚାଳନା

ମୋଟରଯାନ କର ଅଧିନିୟମ, 1988 ଓ ଓଡିଶା ମୋଟରଯାନ କର ଧାର୍ଯ୍ୟ ଅଧିନିୟମ, 1975 ଅନୁଯାୟୀ ମୋଟରଯାନ କର ବସାଣ ଓ ଅସୁଲ ନିୟନ୍ତ୍ରିତ ହୁଏ । ପ୍ରମୁଖ ସଚିବ, ବାଣିଜ୍ୟ ଓ ପରିବହନ ବିଭାଗଙ୍କ ସାମଗ୍ରିକ ନିୟନ୍ତ୍ରଣରେ ପରିବହନ କମିଶନର ତଥା ଚେୟାରମ୍ୟାନ, ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍.ଟି.ଏ.), ଉପରୋକ୍ତ ଅଧିନିୟମ ଓ ତଦଧୀନ ପ୍ରଣୀତ ନିୟମାବଳୀର ପରିଚାଳନା କରନ୍ତି । ତାଙ୍କୁ ମୁଖ୍ୟ ଦପ୍ତରରେ ଜଣେ ସଚିବ ତଥା ଅତିରିକ୍ତ କମିଶନର, ଜଣେ ଯୁଗ୍ମ କମିଶନର (କର ଆରୋପଣ) ଏବଂ ତିନି ଜଣ ଅତିରିକ୍ତ କମିଶନର, ପ୍ରଶାସନ, ବୈଷୟିକ ବିଷୟ ଓ ପ୍ରବର୍ତ୍ତନ କାର୍ଯ୍ୟକଳାପରେ ସାହାଯ୍ୟ କରନ୍ତି । ଆଞ୍ଚଳିକ ସ୍ତରରେ ତିନି ଜଣ ଉପ କମିଶନର ଓ 31 ଜଣ ଆଞ୍ଚଳିକ ପରିବହନ ଅଧିକାରୀ କାର୍ଯ୍ୟରତ । ଆଞ୍ଚଳିକ ପରିବହନ ଅଧିକାରୀମାନେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଏବଂ କର ଅସୁଲ ଅଧିକାରୀ ଅଟନ୍ତି ।

## 3.1.2 ପ୍ରାପ୍ତିର ଧାରା

2005-06 ରୁ 2009-10 ବର୍ଷରେ ମୋଟରଯାନ କରର ବାସ୍ତବିକ ପ୍ରାପ୍ତି ଓ ସେହି ସମୟରେ ସଂଗୃହୀତ ମୋଟ କରପ୍ରାପ୍ତି ନିମ୍ନ ସାରଣୀ ଓ ଲେଖାଚିତ୍ରରେ ପ୍ରଦର୍ଶିତ ହୋଇଛି ।

(ଟଙ୍କା କୋଟି ଆକାରରେ)

| ବର୍ଷ | ବଜେଟ୍ ଅଟକଳ | ବାସ୍ତବିକ ପ୍ରାପ୍ତି | ପରିବର୍ତ୍ତନ ଅଧିକ (+)/କମତି (-) | ପରିବର୍ତ୍ତନର ପ୍ରତିଶତ | ରାଜ୍ୟର ମୋଟ ପ୍ରାପ୍ତି | ମୋଟ ପ୍ରାପ୍ତି ସହ ମୋଟ କର ପ୍ରାପ୍ତିର ତୁଳନାତ୍ମକ ପ୍ରତିଶତ |
|---|---|---|---|---|---|---|
| 2005-06 | 380.00 | 405.86 | (+) 25.86 | (+) 6.80 | 5,002.28 | 8.11 |
| 2006-07 | 480.00 | 426.54 | (-) 53.46 | (-) 11.13 | 6,065.07 | 7.03 |
| 2007-08 | 552.00 | 459.42 | (-) 92.58 | (-) 16.77 | 6,856.09 | 6.70 |
| 2008-09 | 590.79 | 524.43 | (-) 66.36 | (-) 11.23 | 7,995.20 | 6.56 |
| 2009-10 | 603.09 | 611.23 | (+) 8.14 | (+) 1.35 | 8,982.34 | 6.80 |



2005-06 ବର୍ଷରେ ବର୍ଦ୍ଧିତ ଆଦାୟର କୌଣସି କାରଣ ବିଭାଗ ଦର୍ଶାଇ ନାହିଁ । 2006-07 ରୁ 2007-08 ର ବଜେଟ୍ ଅଟକଳ ଓ ବାସ୍ତବିକ ଆଦାୟରେ ବ୍ୟାପକ ହ୍ରାସ ଓ ବୃଦ୍ଧିର କାରଣ ସ୍ୱରୂପ ପୂର୍ବବର୍ଷ ତୁଳନାରେ ଯାନଗୁଡିକର ପଞ୍ଜୀକରଣରେ ହ୍ରାସ ଓ ଅତିରିକ୍ତ ମାଲ ପରିବହନ ବିରୋଧରେ ଅଭିଯାନ ଇତ୍ୟାଦି ଦର୍ଶାଯିବା ସ୍ଥଳେ 2008-09 ରେ ନୂତନ ବାଣିଜ୍ୟିକ ଯାନର ପୂର୍ବବର୍ଷ ତୁଳନାରେ ପଞ୍ଜୀକରଣ ନିମ୍ନଗାମୀ ହୋଇଥିବା ଦର୍ଶାଯାଇ ଅଛି ।

## 3.1.3 ସଂଗ୍ରହ ଜନିତ ବ୍ୟୟ

ମୋଟରଯାନ କରର ମୋଟ ଆଦାୟ ଏବଂ ତାହାର ସଂଗ୍ରହ ଜନିତ ବ୍ୟୟ ଏବଂ 2007-08, 2008-09 ଏବଂ 2009-10 ବର୍ଷରେ ହୋଇଥିବା ମୋଟ ଆଦାୟ ସହ ସଂଗ୍ରହ ଜନିତ ବ୍ୟୟର ଶତକଡା ହାର, 2008-09 ବର୍ଷର ପ୍ରାସଙ୍ଗିକ ସର୍ବଭାରତୀୟ ଖର୍ଚ୍ଚର ହାରାହାରି ଶତକଡା ହାର ସହ ନିମ୍ନରେ ପ୍ରଦାନ କରାଗଲା ।

(ଟଙ୍କା କୋଟି ଆକାରରେ)

| ବର୍ଷ | ମୋଟ ଆଦାୟ | ଆଦାୟ ପାଇଁ ବ୍ୟୟ | ମୋଟ ଆଦାୟ ଉପରେ ଖର୍ଚ୍ଚର ଶତକଡା ହାର | 2008-09 ମସିହାରେ ସର୍ବଭାରତୀୟ ହାରାହାରି ଶତକଡା ହାର |
|---|---|---|---|---|
| 2007-08 | 459.42 | 14.71 | 3.20 | 2.93 |
| 2008-09 | 524.43 | 32.59 | 6.21 | |
| 2009-10 | 611.23 | 27.78 | 4.54 | |

ସଂଗ୍ରହ ଜନିତ ବ୍ୟୟର ଶତକଡା ହାର ସର୍ବଭାରତୀୟ ଶତକଡା ହାର ତୁଳନାରେ ଯଥେଷ୍ଟ ଅଧିକ ଥିଲା । ଅତଏବ ସରକାରଙ୍କ ନିକଟରେ ସଂଗ୍ରହ ଦକ୍ଷତାରେ ଉନ୍ନତି କରିବାକୁ ବିପୁଳ ପରିସର ବିଦ୍ୟମାନ ଅଛି ।

## 3.1.4 ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗର କାର୍ଯ୍ୟକାରିତା

ବିଭାଗ ଆମକୁ ଜଣାଇଥିଲା ଯେ 2007-08 ରୁ 2009-10 ରେ 78 ଗୋଟି ୟୁନିଟ୍‌ର ଆଭ୍ୟନ୍ତରୀଣ ସମୀକ୍ଷା ନିମନ୍ତେ ଯୋଜନା କରାଯାଇ ଥିଲେହେଁ ମାତ୍ର 14 ଗୋଟି ୟୁନିଟ୍ (17.95 ଶତକଡା) ର ଆଭ୍ୟନ୍ତରୀଣ ସମୀକ୍ଷା ହୋଇଥିଲା ଓ 64 ଗୋଟି ୟୁନିଟ୍ ବଳକା ରହିଯାଇଥିଲା । 2008-09 ବର୍ଷର ଯୋଜନା ହୋଇଥିବା ୟୁନିଟ୍ ମଧ୍ୟରୁ ଗୋଟିଏ ୟୁନିଟ୍ ମଧ୍ୟ ସମୀକ୍ଷା ହୋଇ ନଥିଲା । ଏହାର କାରଣ କର୍ମଚାରୀ ଅଭାବ ବୋଲି ଦର୍ଶାଯାଇଛି । **ଅଧିନିୟମ ଓ ନିୟମାବଳୀର ପ୍ରଭାବୀ କାର୍ଯ୍ୟାନ୍ୱୟନ ପୂର୍ବକ ଅବିଳମ୍ବେ ଓ ସଠିକ ରାଜସ୍ୱ ଆଦାୟ ନିମନ୍ତେ ବିଭାଗ, ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗକୁ ଜୋରଦାର କରିବାକୁ ବିଚାର କରିପାରେ ।**

## 3.1.5 ସମୀକ୍ଷାର ପ୍ରଭାବ

### ରାଜସ୍ୱ ପ୍ରଭାବ

ପୂର୍ବ ପାଞ୍ଚବର୍ଷ (2004-05 ରୁ 2008-09) ରେ 9,38,102 ଗୋଟି ମାମଲାରେ 290.99 କୋଟି ଟଙ୍କାର କର ଓ ଫିସ୍ ଅନାରୋପଣ, ସ୍ୱଳ୍ପାରୋପଣ, ଅନାଦାୟ, ସ୍ୱଳ୍ପାଦାୟ ଇତ୍ୟାଦି ହୋଇଥିବାର ଆମେ ଦର୍ଶାଇଥିଲୁ । ତନ୍ମଧ୍ୟରୁ ବିଭାଗ/ସରକାର 1,10,197 ଗୋଟି ମାମଲାରେ ଜଡିତ 93.33 କୋଟି ଟଙ୍କାର ସମୀକ୍ଷା ମନ୍ତବ୍ୟ ସ୍ୱୀକାର କରିଥିଲେ ଏବଂ 36,081 ଗୋଟି ମାମଲାରେ 9.19 କୋଟି ଟଙ୍କା ଆଦାୟ କରିଥିଲେ । ବିଶଦ ବିବରଣୀ ନିମ୍ନଲିଖିତ ସାରଣୀରେ ପ୍ରଦତ୍ତ ହେଲା ।

(ଟଙ୍କା କୋଟି ଆକାରରେ)

| ବର୍ଷ | ସମୀକ୍ଷିତ ୟୁନିଟ୍ ସଂଖ୍ୟା | ଆପତ୍ତିର ପରିମାଣ | | ସ୍ୱୀକୃତିର ପରିମାଣ | | ଅସୁଲିର ପରିମାଣ | | ସ୍ୱୀକୃତ ପରିମାଣ ତୁଳନାରେ ଅସୁଲି ପରିମାଣର ଶତକଡା ହାର |
|---|---|---|---|---|---|---|---|---|
| | | ମାମଲା ସଂଖ୍ୟା | ପରିମାଣ | ମାମଲା ସଂଖ୍ୟା | ପରିମାଣ | ମାମଲା ସଂଖ୍ୟା | ପରିମାଣ | |
| 2004-05 | 27 | 2,18,915 | 40.70 | 33,691 | 20.18 | 1,831 | 1.62 | 8.03 |
| 2005-06 | 27 | 2,02,391 | 50.89 | 17,693 | 22.87 | 2,028 | 1.84 | 8.05 |
| 2006-07 | 27 | 1,76,591 | 59.46 | 14,408 | 22.11 | 1,108 | 0.98 | 4.43 |
| 2007-08 | 27 | 1,62,866 | 64.70 | 8,457 | 15.77 | 195 | 0.23 | 1.46 |
| 2008-09 | 27 | 1,77,339 | 75.24 | 35,948 | 12.40 | **30,919** | 4.52 | 36.45 |
| ମୋଟ | **135** | **9,38,102** | **290.99** | **1,10,197** | **93.33** | **36,081** | **9.19** | |

2004-05 ରୁ 2007-08 ମଧ୍ୟରେ ଅସୁଲିର ସ୍ଥିତି ଆପତ୍ତିର ସ୍ୱୀକୃତି ପରିମାଣ ତୁଳନାରେ ଅତି ସ୍ୱଳ୍ପ ଥିଲା ଯାହାକି 1.46 ଶତକଡାରୁ 8.05 ଶତକଡା ମଧ୍ୟରେ ସୀମିତ ଥିଲା ଏବଂ 2008-09 ରେ ଏହାର ଉଲ୍ଲେଖନୀୟ ବୃଦ୍ଧି ହୋଇ ଅସୁଲିର ହାର 36.45 ଶତକଡା ହୋଇଥିଲା । ସରକାର ଅସୁଲିର ବୃଦ୍ଧି ପାଇଁ ଉଚିତ ପଦକ୍ଷେପ ନେଇପାରନ୍ତି ।

## 3.1.6 ସମୀକ୍ଷାର ପରିଣାମ

2009-10 ବର୍ଷ ମଧ୍ୟରେ 27 ଗୋଟି ୟୁନିଟ୍‌ର ମୋଟରଯାନ କର ସମ୍ବନ୍ଧୀୟ ନଥିପତ୍ରର ଆମେ ନମୁନା ଯାଞ୍ଚ କରି 1,70,691 ଗୋଟି ମାମଲାରେ ଜଡିତ 74.92 କୋଟି ଟଙ୍କାର କର, ଫିସ୍ ଓ ଜୋରିମାନା ଅନାଦାୟ, ସ୍ୱଳ୍ପାଦାୟ, ଅନାରୋପଣ, ସ୍ୱଳ୍ପାରୋପଣ ଇତ୍ୟାଦି ହୋଇଥିବାର ଲକ୍ଷ୍ୟ କରିଥିଲୁ ଯାହାର ବର୍ଗୀକରଣ ନିମ୍ନରେ ପ୍ରଦତ୍ତ ହେଲା ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| 1. | ମୋଟରଯାନ କର/ଅତିରିକ୍ତ କର ଓ ଜୋରିମାନାର ଅନାରୋପଣ/ଅନାଦାୟ | 32,286 | 71.85 |
| 2. | ରଫାଯୋଗ୍ୟ ଫିସ୍/ ପରମିଟ ଫିସ୍/ପ୍ରକ୍ରିୟା ଫିସ୍ ଅନାଦାୟ/ ସ୍ୱଳ୍ପାଦାୟ | 1,36,733 | 1.46 |
| 3. | ମିଶ୍ରିତ କର ଓ ଜୋରିମାନାର ଅନାଦାୟ/ସ୍ୱଳ୍ପାଦାୟ | 819 | 0.38 |
| 4. | ମୋଟରଯାନ କର/ଅତିରିକ୍ତ କର ଓ ଜୋରିମାନାର ସ୍ୱଳ୍ପାରୋପଣ/ସ୍ୱଳ୍ପାଦାୟ | 163 | 0.65 |
| 5. | ବ୍ୟବସାୟିକ ପ୍ରମାଣପତ୍ର କର/ଫିସ୍‌ର ଅନାଦାୟ/ ସ୍ୱଳ୍ପାଦାୟ | 91 | 0.03 |
| 6. | ବିଳମ୍ବରେ ପୈଠ ହୋଇଥିବା କର ବାବଦରେ ଜୋରିମାନାର ଅନାରୋପଣ/ ସ୍ୱଳ୍ପାରୋପଣ | 181 | 0.25 |
| 7. | ଅନ୍ୟାନ୍ୟ ଅନିୟମିତତା | 418 | 0.30 |
| ମୋଟ | | **1,70,691** | **74.92** |

ଏହି ବର୍ଷ ମଧ୍ୟରେ ବିଭାଗ 63,776 ଗୋଟି ମାମଲାର 50.07 କୋଟି ଟଙ୍କାର କର ଅନାଦାୟ/ସ୍ୱଳ୍ପାଦାୟ/ ଅନାରୋପଣ/ସ୍ୱଳ୍ପାରୋପଣ ଓ ଅନ୍ୟାନ୍ୟ ଅନିୟମିତତା ଗ୍ରହଣ କରିଥିଲା, ସେଥିମଧ୍ୟରୁ 1,418 ଗୋଟି ମାମଲାରେ 3.14 କୋଟି ଟଙ୍କା 2009-10 ବର୍ଷର ସମୀକ୍ଷାରେ ଦର୍ଶାଯାଇଥିଲା ଏବଂ ବଳକାଗୁଡିକ ପୂର୍ବ ବର୍ଷମାନଙ୍କର ଥିଲା । ବିଭାଗ 2009-10 ବର୍ଷ ମଧ୍ୟରେ 31,413 ଗୋଟି ମାମଲାରେ 5.01 କୋଟି ଟଙ୍କା ଆଦାୟ କରିଥିଲା ।

ଦୃଷ୍ଟାନ୍ତଯୁକ୍ତ ଭାବେ 71.42 କୋଟି ଟଙ୍କାର କେତେକ ମାମଲା ନିମ୍ନ ଅନୁଚ୍ଛେଦ ମାନଙ୍କରେ ବର୍ଣ୍ଣନା କରାଯାଇଛି ।

## 3.2 ସମୀକ୍ଷା ମନ୍ତବ୍ୟ

ପରିବହନ କମିଶନର୍ ତଥା ରାଜ୍ୟ ପରିବହନ ପ୍ରାଧିକରଣ ଏବଂ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କ କାର୍ଯ୍ୟାଳୟରେ ମୋଟରଯାନ କର ନିର୍ଦ୍ଧାରଣ ତଥା ଆଦାୟ ସମ୍ପର୍କିତ ନଥିପତ୍ରର ଆମେ ସମ୍ୟକ ପରୀକ୍ଷା କରିବାପରେ ଅଧିନିୟମ/ନିୟମାବଳୀର ବ୍ୟବସ୍ଥା ପାଳନ ହୋଇନଥିବା ଏବଂ ନାନା ଘଟଣାମାନ ପରିଲକ୍ଷିତ ହୋଇଥିଲା ଯାହା ଏହି ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଦର୍ଶାଗଲା । ଉକ୍ତ ମାମଲାଗୁଡ଼ିକ କେବଳ ଦୃଷ୍ଟାନ୍ତଯୁକ୍ତ ଏବଂ ସମୀକ୍ଷାରେ କରାଯାଇଥିବା ନମୁନା ଯାଞ୍ଚ ଉପରେ ଆଧାରିତ । ଏ ପ୍ରକାର ତ୍ରୁଟିଗୁଡ଼ିକ ଆମର ସମୀକ୍ଷା ହେବା ପର୍ଯ୍ୟନ୍ତ ସନ୍ଧାନ ନହୋଇ ରହିଯାଇଥିଲା । ଭବିଷ୍ୟତରେ ଏପ୍ରକାର ତ୍ରୁଟିଗୁଡ଼ିକ ଏଡାଇବା ଏବଂ ସନ୍ଧାନ କରି ସଂଶୋଧନ କରିବା ସକାଶେ ସରକାର ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ ସମେତ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପଦ୍ଧତିରେ ଉନ୍ନତି ଆଣିବା ନିମନ୍ତେ ବିଭାଗକୁ ନିର୍ଦ୍ଦେଶ ଦେଇପାରନ୍ତି ।

## 3.3 ଅଧିନିୟମ/ନିୟମାବଳୀରେ ଥିବା ବ୍ୟବସ୍ଥାର ଅନୁପାଳନ ନହେବା

ଓଡ଼ିଶା ମୋଟରଯାନ କର ଅଧିନିୟମ, 1975 ଓ ତଦଧିନ ପ୍ରଣୀତ ନିୟମାବଳୀରେ କର ଆରୋପଣ ଓ ଆଦାୟ ନିମନ୍ତେ ବ୍ୟବସ୍ଥା ଅଛି ଯେ –

*(i)* *ଗାଡ଼ିମାଲିକ ମୋଟରଯାନ କର/ଅତିରିକ୍ତ କର ସମୁଚିତ ଦରରେ ଦେବେ;*

*(ii)* *ବ୍ୟବସ୍ଥା କରାଯାଇଥିବା ଅନୁଗ୍ରହ ସମୟ ମଧ୍ୟରେ କର/ଅତିରିକ୍ତ କର ଅଗ୍ରିମ ଆକାରରେ ଦେବେ;*

*(iii)* *ଯଦି କୌଣସି ଯାତ୍ରୀବାହୀ ଗାଡ଼ି ଅନୁମତିପତ୍ର ବିନା ଯାତାୟାତ କରୁଥିବା ଅବସ୍ଥାରେ ଧରାପଡ଼େ, ତେବେ ଅନୁସୂଚୀତ ସର୍ବୋଚ୍ଚ ହାରରେ କର/ଅତିରିକ୍ତ କର ଦେବେ;*

*(iv)* *ଠିକା ଗାଡ଼ି ଭାବରେ ବ୍ୟବହୃତ ଯାତ୍ରୀବାହୀ ଗାଡ଼ିଗୁଡ଼ିକ ଠାରୁ ଭେଦାତ୍ମକ କର ଆଦାୟ ହେବ; ଏବଂ*

*(v)* *ଯଦି 15 ଦିନର ଅନୁଗ୍ରହ ସମୟ ସମାପ୍ତି ପରେ ଦୁଇ ମାସ ମଧ୍ୟରେ କର ପୈଠ ନହୁଏ ତେବେ କରର ଦୁଇଗୁଣ ପର୍ଯ୍ୟନ୍ତ ଜୋରିମାନା ଆଦାୟ ହେବ ।*

ଅଧିନିୟମ/ନିୟମାବଳୀରେ ଥିବା ବ୍ୟବସ୍ଥା କେତେକ ମାମଲାରେ ଅନୁପାଳନ ନହେବା ହେତୁ 69.60 କୋଟି ଟଙ୍କାର ଅନାଦାୟ/ସ୍ୱଳ୍ପାଦାୟ ହୋଇଥିଲା ଯାହା 3.3.1 ଠାରୁ 3.3.5 ଅନୁଚ୍ଛେଦ ମାନଙ୍କରେ ଉଲ୍ଲେଖ କରାଗଲା ।

### 3.3.1 ମୋଟରଯାନ କର ଏବଂ ଅତିରିକ୍ତ କରର ଅନାଦାୟ/ସ୍ୱଳ୍ପାଦାୟ

ଓଡ଼ିଶା ମୋଟରଯାନ କର ଅଧିନିୟମ, 1975 ଅନୁଯାୟୀ ମୋଟରଯାନ ଗୁଡ଼ିକର ଦେୟ କର/ଅତିରିକ୍ତ କର, ଗାଡ଼ିଗୁଡ଼ିକ ଚଳାଚଳ ରହିତ ଘୋଷଣାନାମାର ଅନ୍ତର୍ଭୁକ୍ତ ହୋଇ କର/ଅତିରିକ୍ତ କର ଛାଡ଼ ନିମନ୍ତେ ଅନୁମତି ପ୍ରାପ୍ତ ହୋଇ ନଥିଲେ, ଧାର୍ଯ୍ୟ ଅବଧି ମଧ୍ୟରେ ଓ ଅଧିନିୟମରେ ଉଲ୍ଲେଖ ଥିବା ହାରରେ ଅଗ୍ରୀମ ପୈଠ ହେବା ଉଚିତ । 15 ଦିନର ଅନୁଗ୍ରହ ସମୟ ସମାପ୍ତିର ପରବର୍ତ୍ତୀ ଦୁଇମାସ ମଧ୍ୟରେ ଯଦି ମୋଟରଯାନ କର/ଅତିରିକ୍ତ କର ପୈଠ କରାନଯାଏ, ତେବେ କର/ଅତିରିକ୍ତ କରର ଦୁଇଗୁଣ ଜୋରିମାନା ଆକାରରେ ଆଦାୟ କରାଯିବ । କର/ଅତିରିକ୍ତ କର ପୈଠ ନିମନ୍ତେ ଥିବା ଅନୁଗ୍ରହ ସମୟ ପରିସମାପ୍ତିର 30 ଦିନ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀମାନେ ଦାବି ନୋଟିସ୍ ଜାରି କରିବା ଆବଶ୍ୟକ ।

ଆଞ୍ଚଳିକ ପରିବହନ ଅଧିକାରୀ ମାନଙ୍କର ନଥିପତ୍ରର ନମୁନା ଯାଞ୍ଚକ୍ରମେ ଜୁନ୍ 2009 ଓ ମାର୍ଚ୍ଚ 2010 ମଧ୍ୟରେ ଆମେ ଅନୁଧ୍ୟାନ କଲୁ ଯେ ଜାନୁଆରୀ 2008 ଓ ମାର୍ଚ୍ଚ 2009 ମଧ୍ୟରେ ଚଳାଚଳ ରହିତ ଘୋଷଣାନାମାର ଅନ୍ତର୍ଭୁକ୍ତ ନଥାଇ 31,077 ଗୋଟି ମୋଟରଯାନର କର/ଅତିରିକ୍ତ କର ଅନାଦାୟ କିମ୍ବା ସ୍ୱଳ୍ପାଦାୟ ହୋଇଥିଲା । ଫଳସ୍ୱରୂପ 45.88 କୋଟି ଟଙ୍କାର

ଜୋରିମାନା ସମେତ 68.82 କୋଟି ଟଙ୍କାର ରାଜସ୍ୱ ଅନାଦାୟ/ସ୍ୱଳ୍ପାଦାୟ ଥିଲା ଯାହାର ବିଶଦ ବିବରଣୀ ନିମ୍ନ ସାରଣୀରେ ପ୍ରଦତ୍ତ ହେଲା ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ଅଞ୍ଚଳର ସଂଖ୍ୟା / ଯାନର ପ୍ରକାର | ମୋଟରଯାନ ସଂଖ୍ୟା | ଅନାଦାୟ/ସ୍ୱଳ୍ପାଦାୟ କର/ଅତିରିକ୍ତ କର | ଆଦାୟଯୋଗ୍ୟ ଜୋରିମାନା | ମୋଟ |
|---|---|---|---|---|---|
| 1. | 26[1] ମାଲବାହୀ ଗାଡି | 16,720 | 17.50 | **34.99** | **52.49** |
| 2. | 26[2] ଅନୁଯାନ ସଂଯୁକ୍ତ କଳଲଙ୍ଗଳ | 9,672 | 2.61 | 5.23 | 7.84 |
| 3. | 25[3] ଠିକା ଗାଡି | 4,492 | 2.61 | 5.21 | 7.82 |
| 4. | 23[4] ଯାତ୍ରୀବାହୀ ଗାଡି | 193 | 0.22 | 0.45 | 0.67 |
| **ମୋଟ** | | **31,077** | **22.94** | **45.88** | **68.82** |

ଆମେ ମାମଲାଗୁଡିକ ଦର୍ଶାଇବା ପରେ ପରିବହନ କମିଶନର ମଇ 2010 ରେ କହିଲେ ଯେ ବାଲେଶ୍ୱର ଓ ଭଦ୍ରକ ଆଞ୍ଚଳିକ ପରିବହନ ଅଧିକାରୀମାନେ 339 ଗୋଟି ମାମଲାରେ 50.11 ଲକ୍ଷ ଟଙ୍କାର ଦାବି ନୋଟିସ୍ ଜାରି କରିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ, ଜଗତସିଂହପୁର 179 ଗୋଟି ମାମଲାରେ 59.12 ଲକ୍ଷ ଟଙ୍କାର ଅସୁଲି ମାମଲା ଦାଏର କରିଥିଲେ ଏବଂ ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଜଗତସିଂହପୁର ଏବଂ ସୁନ୍ଦରଗଡର ଆଞ୍ଚଳିକ ପରିବହନ ଅଧିକାରୀମାନେ 88 ଗୋଟି ମାମଲାରେ 10.29 ଲକ୍ଷ ଟଙ୍କା ଅସୁଲ କରିଥିଲେ । ଅବଶିଷ୍ଟ ମାମଲା ଗୁଡିକର ଉତ୍ତର ମିଳି ନଥିଲା (ଡିସେମ୍ବର 2010) ।

ବିଷୟଟି ଏପ୍ରିଲ 2010 ରେ ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା; ସରକାରଙ୍କ ଉତ୍ତର ହସ୍ତଗତ ହୋଇ ନଥିଲା (ଡିସେମ୍ବର 2010) ।

## 3.3.2 ପରମିଟ୍ ବିନା ଚଳାଚଳ କରୁଥିବା ଯାତ୍ରୀବାହୀ ଗାଡିଗୁଡିକର କର ଅନାଦାୟ/ସ୍ୱଳ୍ପାଦାୟ

ଓଡିଶା ମୋଟରଯାନ କର ଅଧିନିୟମ ଅନୁଯାୟୀ ପ୍ରତି ଯାତ୍ରୀବାହୀ ଗାଡିର ମୋଟରଯାନ କର ଓ ଅତିରିକ୍ତ କର ସେହି ଗାଡିର ଅନୁମୋଦିତ ଯାତ୍ରୀ (ଦଣ୍ଡାୟମାନ ଯାତ୍ରୀ ସମେତ) ଓ ଅନୁମତିପତ୍ରରେ ସେହି ଗାଡି ପ୍ରତ୍ୟେହ ଅତିକ୍ରମ କରିବାକୁଥିବା ଦୂରତା ଆଧାରରେ ସ୍ଥିର କରାଯାଏ । ଯେତେବେଳେ କୌଣସି ଗାଡି ଅନୁମତିପତ୍ର ବିନା ଯାତାୟାତ କରୁଥିବା ଅବସ୍ଥାରେ ଧରାପଡେ ତେବେ ଦେୟ କର/ଅତିରିକ୍ତ କର ସେହି ଗାଡିର ଅନୁସୂଚିତ ସର୍ବୋଚ୍ଚ ହାରରେ ନିର୍ଦ୍ଧାରଣ କରାଯିବ । ଏଥିରେ ଖିଳାପ ହେଲେ ଦେୟ କରର ଦୁଇଗୁଣ ଜୋରିମାନା ଆରୋପଣଯୋଗ୍ୟ ହେବ ।

ଜୁନ୍ 2009 ଓ ମାର୍ଚ୍ଚ 2010 ମଧ୍ୟରେ 19 ଗୋଟି ଆଞ୍ଚଳିକ ପରିବହନ ଅଧିକାରୀ ମାନଙ୍କ[5], ନଥିପତ୍ର ନମୁନା ଯାଞ୍ଚକ୍ରମେ ଆମେ ଜାଣିଲୁ ଯେ ଡିସେମ୍ବର 2007 ଓ ମାର୍ଚ୍ଚ 2009 ଅବଧି ମଧ୍ୟରେ ବିନା ପରମିଟରେ ଚଳାଚଳ କରୁଥିବା ଅବସ୍ଥାରେ 86

---

[1] ଅନୁଗୁଳ, ବାଲେଶ୍ୱର, ବରଗଡ, ଭଦ୍ରକ, ଭୁବନେଶ୍ୱର, ବଲାଙ୍ଗୀର, ଚଣ୍ଡିଖୋଲ, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ୍, ମୟୁରଭଞ୍ଜ, ନବରଙ୍ଗପୁର, ନୟାଗଡ, ନୂଆପଡା, ଫୁଲବାଣୀ, ପୁରୀ, ରାୟଗଡା, ରାଉରକେଲା, ସମ୍ବଲପୁର ଓ ସୁନ୍ଦରଗଡ ।

[2] ଉପରୋକ୍ତ ସବୁ ଅଞ୍ଚଳ ।

[3] ନୟାଗଡ ବ୍ୟତୀତ ଉପରୋକ୍ତ ସବୁ ଅଞ୍ଚଳ ।

[4] ଭଦ୍ରକ, ଗଜପତି ଓ ନୟାଗଡ ବ୍ୟତୀତ ଉପରୋକ୍ତ ସବୁ ଅଞ୍ଚଳ ।

[5] ଅନୁଗୁଳ, ବାଲେଶ୍ୱର, ବରଗଡ, ଭଦ୍ରକ, ବଲାଙ୍ଗୀର, କଟକ, ଗଜପତି, ଗଞ୍ଜାମ, ଝାରସୁଗୁଡା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ୍, ମୟୁରଭଞ୍ଜ, ନୂଆପଡା, ଫୁଲବାଣୀ, ପୁରୀ, ରାୟଗଡା, ରାଉରକେଲା ଏବଂ ସମ୍ବଲପୁର ।

ଗୋଟି ଯାତ୍ରୀବାହୀ ଗାଡି ପ୍ରବର୍ତ୍ତନ ଅଙ୍ଗ ଦ୍ୱାରା ଧରା ପଡିଥିଲେ । ପ୍ରବର୍ତ୍ତନ ଅଙ୍ଗ ଗାଡି ଗୁଡିକର ଯାଞ୍ଚ ରିପୋର୍ଟ କରିବା ସତ୍ତ୍ୱେ ଆଞ୍ଚଳିକ ପରିବହନ ଅଧିକାରୀମାନେ ଗାଡି ଯାଞ୍ଚ ରିପୋର୍ଟ ଗୁଡିକର ଯଥାଶୀଘ୍ର ଫଏସଲା ନକରିବା ଫଳରେ 10.47 ଲକ୍ଷ ଟଙ୍କାର କର ଅନାଦାୟ/ସ୍ୱଳ୍ପାଦାୟ ହୋଇଥିଲା (11 ଗୋଟି ମାମଲାରେ 3.77 ଲକ୍ଷ ଟଙ୍କା ଅନାଦାୟ ଓ 75 ଗୋଟି ମାମଲାରେ 6.70 ଲକ୍ଷ ଟଙ୍କା ସ୍ୱଳ୍ପାଦାୟ) । ଏହାଛଡା 20.94 ଲକ୍ଷ ଟଙ୍କାର ଜୋରିମାନା ମଧ୍ୟ ଆଦାୟଯୋଗ୍ୟ ଥିଲା ।

ଆମେ ଏହି ମାମଲା ଗୁଡିକ ଦର୍ଶାଇବା ପରେ ପରିବହନ କମିଶନର ମଇ 2010 ରେ କହିଲେ ଯେ ଆଞ୍ଚଳିକ ପରିବହନ ଅଧିକାରୀ ବାଲେଶ୍ୱର ତିନି ଗୋଟି ମାମଲାରେ 2.74 ଲକ୍ଷ ଟଙ୍କା ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ଭଦ୍ରକ ଦୁଇ ଗୋଟି ମାମଲାରେ 53,004 ଟଙ୍କାର ଦାବି ନୋଟିସ୍ ଜାରି କରିଥିଲେ । ଅବଶିଷ୍ଟ ମାମଲାର ଉତ୍ତର ମିଳି ନଥିଲା (ଡିସେମ୍ବର 2010) ।

ଆମେ ବିଷୟଟି ଏପ୍ରିଲ 2010 ରେ ସରକାରଙ୍କ ଦୃଷ୍ଟିକୁ ଆଣିଥିଲୁ; ସରକାରଙ୍କ ଉତ୍ତର ହସ୍ତଗତ ହୋଇ ନଥିଲା (ଡିସେମ୍ବର 2010) ।

## 3.3.3 ଠିକା ଗାଡି ଭାବରେ ବ୍ୟବହୃତ ଯାତ୍ରୀବାହୀ ଗାଡିଗୁଡିକ ଠାରୁ ଭେଦାତ୍ମକ କର ଅନାଦାୟ

ଓଡିଶା ମୋଟରଯାନ କର ଅଧିନିୟମ ଅନୁଯାୟୀ ଯଦି ଗୋଟିଏ ଗାଡିର ମୋଟରଯାନ କର/ଅତିରିକ୍ତ କର କୌଣସି ଅବଧି ପାଇଁ ଦାଖଲ କରାଯାଇଥାଏ ଓ ଗାଡିଟି ଉଚ୍ଚତର ହାରରେ ମୋଟରଯାନ କର/ ଅତିରିକ୍ତ କର ପ୍ରଦେୟ ହେଉଥିବା ଗାଡି ଭାବରେ ବ୍ୟବହୃତ ହୋଇଥାଏ, ତେବେ ଗାଡି ମାଲିକଙ୍କୁ ସେଥିପାଇଁ ଭେଦାତ୍ମକ କର ଦେବାକୁ ପଡେ । 15 ଦିନ ଅନୁଗ୍ରହ ସମୟ ଶେଷଠାରୁ ଦୁଇମାସ ମଧ୍ୟରେ କର/ ଅତିରିକ୍ତ କର ପୈଠ ହେବାର ଖିଲାପ ହେଲେ ଭେଦାତ୍ମକ କର/ ଅତିରିକ୍ତ କରର ଦୁଇଗୁଣ ଜୋରିମାନା ଆରୋପଣଯୋଗ୍ୟ ହୋଇଥାଏ । ପୁନଶ୍ଚ ଠିକା ଗାଡିଗୁଡିକ ଯାହାର ବସିବା କ୍ଷମତା 25 ରୁ ଉର୍ଦ୍ଧ୍ୱ ସେଗୁଡିକ ସାଧାରଣ ପରମିଟ୍‌ରେ ଚାଲୁଥିବା ଯାତ୍ରୀବାହୀ ଗାଡି ଓ ଅନ୍ୟକିଛି ଦୃତଗାମୀ ପରମିଟ୍‌ରେ ଚାଲୁଥିବା ଗାଡିଠାରୁ ଅଧିକ କର ଦେୟଯୋଗ୍ୟ ହୋଇଥାଏ ।

ଜୁନ୍ 2009 ଓ ମାର୍ଚ୍ଚ 2010 ମଧ୍ୟରେ 17 ଗୋଟି ଆଞ୍ଚଳିକ ପରିବହନ ଅଧିକାରୀଙ୍କ[6], ନଥିପତ୍ରର ନମୁନା ଯାଞ୍ଚକ୍ରମେ ଆମେ ଜାଣିଲୁ ଯେ 170 ଗୋଟି ଯାତ୍ରୀବାହୀ ଗାଡିକୁ ଅସ୍ଥାୟୀ ଭାବରେ ଉଚ୍ଚତର ହାରରେ କର ପ୍ରଯୋଜ୍ୟ ହେଉଥିବା ଠିକାଗାଡି ଭାବରେ ଏପ୍ରିଲ 2008 ଓ ମାର୍ଚ୍ଚ 2009 ମଧ୍ୟରେ ଚଳାଚଳ କରିବାକୁ ଅନୁମତି ପ୍ରଦାନ କରାଯାଇଥିଲା । ଭେଦାତ୍ମକ କର ଅଗ୍ରିମ ପୈଠ ହୋଇନଥିଲେ ମଧ୍ୟ ଆଞ୍ଚଳିକ ପରିବହନ ଅଧିକାରୀମାନେ ଦେୟ ଆଦାୟ ପାଇଁ ଦାବି ନୋଟିସ୍ ଜାରି କରିବା ନିମନ୍ତେ କୌଣସି ପଦକ୍ଷେପ ନେଇନଥିଲେ । ଫଳସ୍ୱରୂପ 10.80 ଲକ୍ଷ ଟଙ୍କା ଜୋରିମାନା ସହିତ 16.20 ଲକ୍ଷ ଟଙ୍କାର ଭେଦାତ୍ମକ କର/ଅତିରିକ୍ତ କର ଅନାଦାୟ ରହିଥିଲା ।

ଆମେ ମାମଲାଗୁଡିକ ଜଣାଇବା ପରେ ପରିବହନ କମିଶନର ମଇ 2010 ରେ କହିଲେ ଯେ ଆଞ୍ଚଳିକ ପରିବହନ ଅଧିକାରୀ ବାଲେଶ୍ୱର 0.11 ଲକ୍ଷ ଟଙ୍କା ଆଦାୟ କରିଥିଲେ । ବଳକା ମାମଲାଗୁଡିକର ଉତ୍ତର ପ୍ରାପ୍ତି ହୋଇନଥିଲା (ଡିସେମ୍ବର 2010) ।

ବିଷୟଟି ଏପ୍ରିଲ 2010 ରେ ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା; ସରକାରଙ୍କର ଉତ୍ତର ପ୍ରାପ୍ତି ହୋଇ ନଥିଲା (ଡିସେମ୍ବର 2010) ।

---

6 ଅନୁଗୁଳ, ବାଲେଶ୍ୱର, ବରଗଡ, ଭୁବନେଶ୍ୱର, ଚଣ୍ଡିଖୋଲ, କଟକ, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡା, କଳାହାଣ୍ଡି, କୋରାପୁଟ୍, ମୟୁରଭଞ୍ଜ, ଫୁଲବାଣୀ, ପୁରୀ, ରାୟଗଡା, ସମ୍ବଲପୁର ଓ ସୁନ୍ଦରଗଡ ।

## 3.3.4 ଆନ୍ତଃରାଜ୍ୟ ମାର୍ଗରେ ଚଳାଚଳ କରୁଥିବା ଯାତ୍ରୀବାହୀ ଗାଡିଗୁଡିକ ବାବଦ ମୋଟରଯାନ କର/ଅତିରିକ୍ତ କର ଅନାଦାୟ/ସ୍ୱଳ୍ପାଦାୟ

ଓଡିଶା ମୋଟରଯାନ କର ଅଧିନିୟମ 1975 ଓ ତଦଧିନ ପ୍ରଣୀତ ନିୟମାବଳୀ ଅନୁଯାୟୀ ପାରସ୍ପରିକ ରାଜିନାମା ବଳରେ ଆନ୍ତଃରାଜ୍ୟ ମାର୍ଗରେ ପ୍ରାଧିକୃତ ଯାତ୍ରୀବାହୀ ଗାଡିଗୁଡିକ ଚଳାଚଳ କରି ଓଡିଶାରେ ତାର ଅନୁମୋଦିତ ମାର୍ଗରେ ଅତିକ୍ରମ କରୁଥିବା ଦୂରତା ଅନୁସାରେ କର/ଅତିରିକ୍ତ କର ନିର୍ଦ୍ଧାରଣ ହୁଏ । ଅନୁଗ୍ରହୀତ ଅବଧି 15 ଦିନକୁ ବାଦ୍ ଦେଲେ ଦୁଇମାସ ମଧ୍ୟରେ କର ପୈଠ ନହେଲେ ଦେୟ କରର ଦୁଇଗୁଣ ଜୋରିମାନା ଆକାରରେ ଦେବାକୁ ପଡେ ।

ଅଗଷ୍ଟ 2009 ଓ ଫେବୃୟାରୀ 2010 ମଧ୍ୟରେ ରାଜ୍ୟ ପରିବହନ ପ୍ରାଧିକରଣ ଏବଂ ତିନି ଗୋଟି ଆଞ୍ଚଳିକ ପରିବହନ ଅଧିକାରୀଙ୍କ[7], ନଥିପତ୍ରର ନମୁନା ଯାଞ୍ଚକ୍ରମେ ଆମେ ଜାଣିଲୁ ଯେ ଏପ୍ରିଲ 2008 ରୁ ମାର୍ଚ୍ଚ 2009 ଅବଧିରେ ପାରସ୍ପରିକ ରାଜିନାମା ଅନୁଯାୟୀ ଆନ୍ତଃରାଜ୍ୟ ମାର୍ଗରେ ଚଳାଚଳ କରିବାର କ୍ଷମତାପ୍ରାପ୍ତ ଥିବା 10 ଗୋଟି ମାମଲାରେ 3.01 ଲକ୍ଷ ଟଙ୍କାର କର/ଅତିରିକ୍ତ କର ଅନାଦାୟ ଓ ସ୍ୱଳ୍ପାଦାୟ ହୋଇଥିଲା (ସାତ ଗୋଟି ମାମଲାରେ 2.71 ଲକ୍ଷ ଟଙ୍କାର ଅନାଦାୟ ଓ ତିନି ଗୋଟି ମାମଲାରେ 30,327 ଟଙ୍କାର ସ୍ୱଳ୍ପାଦାୟ ହୋଇଥିଲା) । ଏହା ବ୍ୟତୀତ 6.02 ଲକ୍ଷ ଟଙ୍କାର ଜୋରିମାନା ଆଦାୟଯୋଗ୍ୟ ଥିଲା ।

ଆମେ ମାମଲାଗୁଡିକ ଦର୍ଶାଇବା ପରେ ପରିବହନ କମିଶନର ଏବଂ ସମ୍ପୃକ୍ତ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅଗଷ୍ଟ 2009 ଏବଂ ଫେବୃୟାରୀ 2010 ମଧ୍ୟରେ କହିଲେ ଯେ ଦେୟ ଆଦାୟ ନିମନ୍ତେ ନୋଟିସ୍ ଜାରି କରାଯିବ ।

ଆମେ ଏପ୍ରିଲ 2010 ରେ ବିଷୟଟିକୁ ସରକାରଙ୍କ ଦୃଷ୍ଟିକୁ ଆଣିଥିଲୁ, ସରକାରଙ୍କ ଉତ୍ତର ପ୍ରାପ୍ତି ହୋଇ ନଥିଲା (ଡିସେମ୍ବର 2010) ।

## 3.3.5 ବିଳମ୍ବରେ ପୈଠ ହୋଇଥିବା ମୋଟରଯାନ କର ଏବଂ ଅତିରିକ୍ତ କର ବାବଦରେ ଜୋରିମାନାର ଅନାରୋପଣ/ସ୍ୱଳ୍ପାରୋପଣ

ଓଡିଶା ମୋଟରଯାନ କର ଅଧିନିୟମ ଅନୁଯାୟୀ ଯଦି ଦେୟ କର ଓ ଅତିରିକ୍ତ କର ବିନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ପୈଠ ହୋଇନଥାଏ ତେବେ ବିଳମ୍ବର ବ୍ୟାପ୍ତି ଉପରେ ଆଧାରକରି କର/ଅତିରିକ୍ତ କରର 25 ରୁ 200 ପ୍ରତିଶତ ପର୍ଯ୍ୟନ୍ତ ଜୋରିମାନା ଆଦାୟଯୋଗ୍ୟ ।

ଜୁନ୍ 2009 ଓ ମାର୍ଚ୍ଚ 2010 ମଧ୍ୟରେ ଓଡିଶା ରାଜ୍ୟ ପରିବହନ ପ୍ରାଧିକରଣ ଓ 23 ଗୋଟି ଆଞ୍ଚଳିକ ପରିବହନ ଅଧିକାରୀଙ୍କ[8], ନଥିପତ୍ରର ନମୁନା ଯାଞ୍ଚକ୍ରମେ ଆମେ ଜାଣିଲୁ ଯେ 176 ଗୋଟି ମୋଟରଯାନର ଏପ୍ରିଲ 2004 ଓ ମାର୍ଚ୍ଚ 2009 ଅବଧି ନିମନ୍ତେ କର ଦୁଇଦିନରୁ 59 ମାସ ବିଳମ୍ବରେ ପୈଠ ହୋଇଥିଲେ ମଧ୍ୟ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କ ଦ୍ୱାରା 40 ଗୋଟି ଯାନ କ୍ଷେତ୍ରରେ 5.08 ଲକ୍ଷ ଟଙ୍କାର ଜୋରିମାନା ଆରୋପଣ କରାଯାଇ ନଥିବା ବେଳେ 136 ଗୋଟି ମାମଲାରେ 16.84 ଲକ୍ଷ ଟଙ୍କାର ଜୋରିମାନା ସ୍ୱଳ୍ପାରୋପିତ ହୋଇଥିଲା । ଫଳସ୍ୱରୂପ 21.92 ଲକ୍ଷ ଟଙ୍କାର ଜୋରିମାନା ଅନାରୋପଣ/ସ୍ୱଳ୍ପାରୋପଣ ହୋଇଥିଲା ।

---

7 କଟକ, କଳାହାଣ୍ଡି ଏବଂ ରାଉରକେଲା ।

8 ଅନୁଗୁଳ, ବାଲେଶ୍ୱର, ବରଗଡ, ଭଦ୍ରକ, ଭୁବନେଶ୍ୱର, ବଲାଙ୍ଗୀର, ଚଣ୍ଡିଖୋଲ, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, କୋରାପୁଟ୍, ମୟୁରଭଞ୍ଜ, ନବରଙ୍ଗପୁର, ନୂଆପଡା, ଫୁଲବାଣୀ, ପୁରୀ, ରାୟଗଡା, ରାଉରକେଲା, ସମ୍ବଲପୁର ଏବଂ ସୁନ୍ଦରଗଡ ।

ଆମେ ମାମଲାଗୁଡିକ ଦର୍ଶାଇବା ପରେ ପରିବହନ କମିଶନର ମଇ 2010 ରେ କହିଲେ ଯେ ଆଞ୍ଚଳିକ ପରିବହନ ଅଧିକାରୀ ବାଲେଶ୍ୱର ଗୋଟିଏ ମାମଲାରେ 6,894 ଟଙ୍କା ଆଦାୟ କରିଥିଲେ, ଅବଶିଷ୍ଟ ମାମଲା ଗୁଡ଼ିକର ଉତ୍ତର ହସ୍ତଗତ ହୋଇନଥିଲା (ଡିସେମ୍ବର 2010) ।

ଆମେ ବିଷୟଟି ଏପ୍ରିଲ 2010 ରେ ସରକାରଙ୍କ ଦୃଷ୍ଟିକୁ ଆଣିଥିଲୁ, ସରକାରଙ୍କର ଉତ୍ତର ପ୍ରାପ୍ତି ହୋଇ ନଥିଲା (ଡିସେମ୍ବର 2010) ।

## 3.4 ସରକାରୀ ଅଧିସୂଚନା/ନିଷ୍ପତ୍ତିର ଅନୁପାଳନ ନହେବା

*ସରକାରଙ୍କ 2001 ଏବଂ 2003 ମସିହାରେ ଅନୁସୂଚିତ ହୋଇଥିବା ନିଷ୍ପତ୍ତି ଅନୁଯାୟୀ -*

*(i)* *ବିହିତ ହାରରେ ପ୍ରତିସ୍ୱାକ୍ଷରିତ ଫିସ୍/ପ୍ରକ୍ରିୟା ଫିସ୍ ଆଦାୟ ହେବ; ଏବଂ*

*(ii)* *ଓଡିଶାରେ ଚଳାଚଳ କରୁଥିବା ଆନ୍ଧ୍ରପ୍ରଦେଶର ଗାଡି ଏକକାଳୀନ ମିଶ୍ରିତ କର ଦେବେ ।*

*ଏହି ନିଷ୍ପତ୍ତିର ଅନୁପାଳନ ନହେବା ହେତୁ କେତେକ ମାମଲାରେ 1.82 କୋଟି ଟଙ୍କାର କର ଓ ଫିସ୍ ଅନାଦାୟ/ସ୍ୱଳ୍ପାଦାୟ ହୋଇଥିଲା ଯାହା ଅନୁଚ୍ଛେଦ 3.4.1 ଏବଂ 3.4.2 ରେ ଦର୍ଶାଗଲା ।*

### 3.4.1 ପ୍ରତିସ୍ୱାକ୍ଷରିତ ଫିସ୍/ ପ୍ରକ୍ରିୟା ଫିସ୍‌ର ଅନାଦାୟ/ସ୍ୱଳ୍ପାଦାୟ

ମୋଟରଯାନ ଅଧିନିୟମ ଏବଂ ତତ୍‌ସହିତ ପଠିତ ସରକାରଙ୍କ 24 ଜାନୁଆରୀ 2003 ରେ ଜାରି ଅଧିସୂଚନା ଅନୁଯାୟୀ 28 ଜାନୁଆରୀ 2003 ଠାରୁ ପ୍ରତିସ୍ୱାକ୍ଷରିତ ଫିସ୍‌ର ହାର ବୃଦ୍ଧି କରାଗଲା ଏବଂ ପ୍ରତ୍ୟେକ ଦରଖାସ୍ତ / ଆପତ୍ତି ନିମନ୍ତେ 100 ଟଙ୍କା ହିସାବରେ ପ୍ରକ୍ରିୟା ଫିସ୍ ପ୍ରବର୍ତ୍ତନ ହୋଇଥିଲା । ମାତ୍ର ମାର୍ଚ୍ଚ 2003 ର ଏକ ଆଦେଶ ବଳରେ ବିଭାଗୀୟ ଅଧିସୂଚନାରେ ବ୍ୟବସ୍ଥିତ ହାରରେ ଫିସ୍ ଆଦାୟକୁ ସ୍ଥଗିତ ରଖିଥିଲା ।

ଜୁନ୍ 2009 ଓ ମାର୍ଚ୍ଚ 2010 ମଧ୍ୟରେ ରାଜ୍ୟ ପରିବହନ ପ୍ରାଧିକରଣ ଏବଂ 19 ଗୋଟି ତନଖିଫାଟକ ସମେତ 24 ଗୋଟି ଆଞ୍ଚଳିକ ପରିବହନ ଅଧିକାରୀଙ୍କ[9] ନଥିପତ୍ରର ନମୁନା ଯାଞ୍ଚକ୍ରମେ ଆମେ ଜାଣିଲୁ ଯେ 188 ଗୋଟି ମାଲବାହୀ ଗାଡି ଠାରୁ ପ୍ରତିସ୍ୱାକ୍ଷରିତ ଫିସ୍ ସଂଶୋଧନ ପୂର୍ବବର୍ତ୍ତୀ ହାରରେ ଏପ୍ରିଲ 2008 ଓ ମାର୍ଚ୍ଚ 2009 ମଧ୍ୟରେ ଆଦାୟ ହୋଇଥିଲା ଏବଂ 1,35,174 ଗୋଟି ମାମଲାରେ ପ୍ରକ୍ରିୟା ଫିସ୍ ଏପ୍ରିଲ 2008 ଓ ମାର୍ଚ୍ଚ 2009 ମଧ୍ୟରେ ଆଦାୟ ହୋଇନଥିଲା । ଫଳସ୍ୱରୂପ ପ୍ରତିସ୍ୱାକ୍ଷରିତ ଫିସ୍ ବାବଦରେ 9.10 ଲକ୍ଷ ଟଙ୍କାର ସ୍ୱଳ୍ପାଦାୟ ଏବଂ ପ୍ରକ୍ରିୟା ଫିସ୍ ବାବଦରେ 1.35 କୋଟି ଟଙ୍କା ଅନାଦାୟ ହୋଇଥିଲା ।

ଆମେ ମାମଲାଗୁଡିକ ଦର୍ଶାଇବା ପରେ ରାଜ୍ୟ ପରିବହନ ପ୍ରାଧିକରଣ ଏବଂ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀମାନେ ଜୁନ୍ 2009 ଏବଂ ମାର୍ଚ୍ଚ 2010 ମଧ୍ୟରେ ଜଣାଇଲେ ଯେ ସରକାରଙ୍କ ମାର୍ଚ୍ଚ 2003 ର ଏକ ଆଦେଶ ବଳରେ ଅଧିସୂଚନାରେ ବ୍ୟବସ୍ଥିତ ହାରରେ ଫିସ୍ ଆଦାୟକୁ ସ୍ଥଗିତ ରଖାଯାଇଥିଲା । ପ୍ରକୃତ କଥା ହେଉଛି ଯେ ରାଜପତ୍ରରେ ପ୍ରକାଶିତ ହାର କାର୍ଯ୍ୟକ୍ଷମ ହୋଇଥିଲା ଏବଂ ଏକ କାର୍ଯ୍ୟନିର୍ବାହୀ ଆଦେଶାନୁସାରେ ପୂର୍ବ ନିର୍ଦ୍ଧାରିତ ହାରରେ ଫିସ୍ ଆଦାୟ ଅନିୟମିତ ଥିଲା ଯେହେତୁ କାର୍ଯ୍ୟନିର୍ବାହୀ ଆଦେଶରେ ବୈଧାନିକ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରିବା ବିଧିସମ୍ମତ ନୁହେଁ । ପୂର୍ବ ସମୀକ୍ଷା ପ୍ରତିବେଦନ ଗୁଡିକରେ ବାରମ୍ବାର ମନ୍ତବ୍ୟ ପରେ ମଧ୍ୟ ସରକାର ଜାନୁଆରୀ 2003 ରେ ଜାରି ଅଧିସୂଚନାକୁ କାର୍ଯ୍ୟାନ୍ୱିତ କିମ୍ବା ନାକଚ କରିନାହାନ୍ତି ।

---

9 ଅନୁଗୁଳ, ବାଲେଶ୍ୱର, ବରଗଡ, ଭଦ୍ରକ, ଭୁବନେଶ୍ୱର, ବଲାଙ୍ଗୀର, ଚଣ୍ଡିଖୋଲ, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ, ନୂଆପଡା, ଫୁଲବାଣୀ, ପୁରୀ, ରାଉରକେଲା, ସମ୍ବଲପୁର ଓ ସୁନ୍ଦରଗଡ ।

ଆମେ ଏପ୍ରିଲ 2010 ରେ ବିଷୟଟି ସରକାରଙ୍କ ଦୃଷ୍ଟିକୁ ଆଣିଥିଲୁ; ସରକାରଙ୍କର ଉତ୍ତର ପ୍ରାପ୍ତି ହୋଇ ନଥିଲା (ଡିସେମ୍ବର 2010) ।

## 3.4.2 ପାରସ୍ପରିକ ରାଜିନାମା ଅନ୍ତର୍ଗତ ମାଲବାହୀ ଗାଡିଗୁଡିକ ବାବଦ ମିଶ୍ରିତ କର ଅନାଦାୟ

ଓଡିଶା ସରକାରଙ୍କ ଫେବୃୟାରୀ 2001 ର ନିଷ୍ପତ୍ତି ଅନୁସାରେ ପାରସ୍ପରିକ ରାଜିନାମା ବଳରେ ଓଡିଶାରେ ଚଳାଚଳ କରିବାକୁ ଅନୁମତିପ୍ରାପ୍ତ ଆନ୍ଧ୍ରପ୍ରଦେଶର ପ୍ରତି ମାଲବାହୀ ଗାଡି ପ୍ରତି ବାର୍ଷିକ 3000 ଟଙ୍କା ମିଶ୍ରିତ କର ଆଦାୟଯୋଗ୍ୟ । ଏହି କର ପ୍ରତିବର୍ଷ ଏପ୍ରିଲ ମାସ 15 ତାରିଖ ବା ତତ୍‌ପୂର୍ବରୁ ଅଗ୍ରିମ ଆକାରରେ ଓଡିଶା ରାଜ୍ୟ ପରିବହନ ପ୍ରାଧିକରଣଙ୍କ ନିକଟରେ ଜମା ଦେବା ଆବଶ୍ୟକ । ଦେୟ ବିଳମ୍ବିତ ହେଲେ ପ୍ରତି ପୂର୍ଣ୍ଣାଙ୍ଗ ମାସ ବା ତା'ର ଅଂଶ ବିଶେଷ ପାଇଁ 100 ଟଙ୍କା ହିସାବରେ ଜୋରିମାନା ମିଶ୍ରିତ କର ସହ ଆରୋପଣ ଯୋଗ୍ୟ ।

ଅଗଷ୍ଟ 2009 ରେ ରାଜ୍ୟ ପରିବହନ ପ୍ରାଧିକରଣଙ୍କ ନଥିପତ୍ରର ନମୁନା ଯାଞ୍ଚକ୍ରମେ ଆମେ ଜାଣିଲୁ ଯେ 2008-09 ବର୍ଷ ମଧ୍ୟରେ ବିଧିମାନ୍ୟ ପରମିଟ୍ ବଳରେ ପାରସ୍ପରିକ ରାଜିନାମା ଅନୁସାରେ 819 ଗୋଟି ମାଲବାହୀ ଗାଡି ବାବଦରେ 24.57 ଲକ୍ଷ ଟଙ୍କାର ମିଶ୍ରିତ କର ଆଦାୟ ହୋଇନଥିଲା । ଏହା ବ୍ୟତୀତ ଜୁଲାଇ 2009 ପର୍ଯ୍ୟନ୍ତ ହିସାବ କରାଯାଇଥିବା ଜୋରିମାନା ବାବଦ 13.10 ଲକ୍ଷ ଟଙ୍କା ମଧ୍ୟ ଆଦାୟ ଯୋଗ୍ୟଥିଲା ।

ଆମେ ମାମଲାଟି ଦର୍ଶାଇବା ପରେ ଅଗଷ୍ଟ 2009 ରେ ରାଜ୍ୟ ପରିବହନ କମିଶନର କହିଲେ ଯେ ଆନ୍ଧ୍ର ପ୍ରଦେଶ ପରିବହନ ପ୍ରାଧିକରଣକୁ ମିଶ୍ରିତ କର ଆଦାୟ ବିଷୟ ଜଣାଇ ଦିଆଯିବ ।

ଜାନୁଆରୀ 2010 ରେ ବିଷୟଟି ସରକାରଙ୍କୁ ଜଣାଇଥିଲୁ; ସରକାରଙ୍କର ଉତ୍ତର ପ୍ରାପ୍ତି ହୋଇ ନଥିଲା (ଡିସେମ୍ବର 2010) ।

# ଅଧ୍ୟାୟ -IV : ଭୂ-ରାଜସ୍ୱ, ଷ୍ଟାମ୍ପଶୁଳ୍କ ଓ ନିବନ୍ଧନ ଫିସ୍

## 4.1.1 କର ପରିଚାଳନା

ଭୂ-ରାଜସ୍ୱ ଆରୋପଣ ଓ ଆଦାୟ, ଓଡିଶା ସରକାରୀ ଭୂ-ବନ୍ଦୋବସ୍ତ ଅଧିନିୟମ, 1962, ଓଡିଶା ଜବର ଦଖଲ ଉଚ୍ଛେଦ ଅଧିନିୟମ, 1972, ଓଡିଶା ଭୂ-ସଂସ୍କାର ଅଧିନିୟମ, 1960 ଓ ତଦଧୀନ ପ୍ରଣୀତ ନିୟମାବଳୀ ଅନୁସାରେ ନିୟନ୍ତ୍ରିତ ହୁଏ । ରାଜସ୍ୱ ପର୍ଷଦ ଉକ୍ତ ଅଧିନିୟମ ଓ ନିୟମାବଳୀ ଗୁଡ଼ିକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ସଚିବଙ୍କ ସାମଗ୍ରୀକ ତତ୍ତ୍ୱାବଧାନରେ ପରିଚାଳନା କରିଥାନ୍ତି ।

ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ ଆରୋପଣ ଓ ଆଦାୟ, ଭାରତୀୟ ଷ୍ଟାମ୍ପ ଅଧିନିୟମ, 1899, ଭାରତୀୟ ନିବନ୍ଧନ ଅଧିନିୟମ, 1908, ଓ ତଦଧୀନ ପ୍ରଣୀତ ନିୟମାବଳୀ ଅନୁସାରେ ନିୟନ୍ତ୍ରିତ ହୁଏ । ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ସଚିବଙ୍କ ସାମଗ୍ରୀକ ତତ୍ତ୍ୱାବଧାନରେ ନିବନ୍ଧନ ମହାନିରୀକ୍ଷକ, ଓ ତାଙ୍କୁ ସହାୟତା କରୁଥିବା ଜଣେ ଯୁଗ୍ମ ମହାନିରୀକ୍ଷକ, ତିନିଜଣ ଉପମହାନିରୀକ୍ଷକ ତଥା ଜିଲ୍ଲା ସ୍ତରରେ 30 ଜଣ ଜିଲ୍ଲା ଉପନିବନ୍ଧକ ଏବଂ ୟୁନିଟ ସ୍ତରରେ ଉପନିବନ୍ଧକଙ୍କ ତତ୍ତ୍ୱାବଧାନରେ ଉକ୍ତ ନିୟମାବଳୀ ଗୁଡିକ ପରିଚାଳନା କରିଥାନ୍ତି ।

## 4.1.2 ପ୍ରାପ୍ତିର ଧାରା

2005-06 ରୁ 2009-10 ମଧ୍ୟରେ ଭୂ-ରାଜସ୍ୱ ଓ ଷ୍ଟାମ୍ପ ଶୁଳ୍କ ତଥା ନିବନ୍ଧନ ଫିସ୍ ବାବଦରେ ବାସ୍ତବ ପ୍ରାପ୍ତି ସହିତ ଉକ୍ତ ଅବଧିରେ ପ୍ରାପ୍ତ ସମସ୍ତ କର ନିମ୍ନୋକ୍ତ ସାରଣୀ ଓ ସ୍ତମ୍ଭଚିତ୍ର ମାଧ୍ୟମରେ 2009-10 ରେ ପ୍ରାପ୍ତ ସମସ୍ତ କର ପ୍ରାପ୍ତିରୁ ଭୂ-ରାଜସ୍ୱ ଓ ଷ୍ଟାମ୍ପ ଶୁଳ୍କ ତଥା ନିବନ୍ଧନ ଫିସ୍‌ର ଅଂଶଦାନ କ୍ରମରେ ଉଲ୍ଲେଖ କରାଗଲା ।

### A. ଭୂ-ରାଜସ୍ୱ

(ଟଙ୍କା କୋଟି ଆକାରରେ)

| ବର୍ଷ | ବଜେଟ୍ ଅଟକଳ | ବାସ୍ତବ ପ୍ରାପ୍ତି | ପରିବର୍ତ୍ତନର ଆଧିକ୍ୟ (+)/ ସ୍ୱଳ୍ପତା (-) | ପରିବର୍ତ୍ତନର ପ୍ରତିଶତ | ରାଜ୍ୟର ମୋଟ କର ପ୍ରାପ୍ତି | ମୋଟ ପ୍ରାପ୍ତିରୁ ବାସ୍ତବ ପ୍ରାପ୍ତିର ଶତାଂଶ |
|---|---|---|---|---|---|---|
| 2005-06 | 132.00 | 69.62 | (-) 62.38 | (-) 47.26 | 5,002.28 | 1.39 |
| 2006-07 | 180.00 | 226.38 | (+) 46.38 | (+) 25.77 | 6,065.07 | 3.73 |
| 2007-08 | 230.91 | 276.16 | (+) 45.25 | (+) 19.60 | 6,856.09 | 4.03 |
| 2008-09 | 260.24 | 348.79 | (+) 88.55 | (+) 34.03 | 7,995.20 | 4.36 |
| 2009-10 | 348.79 | 292.18 | (-) 56.61 | (-) 16.23 | 8,982.34 | 3.25 |




2006-07 ରୁ 2008-09 ବର୍ଷର ବଜେଟ୍ ଅଟକଳ ଓ ବାସ୍ତବ ପ୍ରାପ୍ତି ମଧ୍ୟରେ ହୋଇଥିବା ବ୍ୟାପକ ତାରତମ୍ୟର କାରଣ ସ୍ୱରୂପ ଜମିର କିସମ ପରିବର୍ତ୍ତନ, ବିଭିନ୍ନ ସଂସ୍ଥାକୁ ସରକାରୀ ଜମି ହସ୍ତାନ୍ତରଣ ଓ ତଦ୍‌ଜନିତ ଅଧିମୂଲ୍ୟ ତଥା ଅଧିକ ରାଜଭାଗ ଆଦାୟ ଇତ୍ୟାଦି ଦର୍ଶାଯାଇଥିଲେ ମଧ୍ୟ ବିଭାଗ 2005-06 ଓ 2009-10 ବର୍ଷ ଅବଧିରେ ରାଜସ୍ୱ ସ୍ୱଳ୍ପାଦାୟର କୌଣସି କାରଣ ଉଲ୍ଲେଖ କରି ପାରିନଥିଲେ ।

## B. ଷ୍ଟାମ୍ପ ଶୁଳ୍କ ଏବଂ ନିବନ୍ଧନ ଫିସ୍

(ଟଙ୍କା କୋଟି ଆକାରରେ)

| ବର୍ଷ | ବଜେଟ୍ ଅଟକଳ | ବାସ୍ତବ ପ୍ରାପ୍ତି | ପରିବର୍ତ୍ତନ ଆଧିକ୍ୟ (+)/ ସ୍ୱଳ୍ପତା (-) | ପରିବର୍ତ୍ତନର ପ୍ରତିଶତ | ରାଜ୍ୟର ମୋଟ କର ପ୍ରାପ୍ତି | ମୋଟ ପ୍ରାପ୍ତିରୁ ବାସ୍ତବ ପ୍ରାପ୍ତିର ଶତାଂଶ |
|---|---|---|---|---|---|---|
| 2005-06 | 230.00 | 236.06 | (+) 6.06 | (+) 2.63 | 5,002.28 | 4.72 |
| 2006-07 | 290.00 | 260.49 | (-) 29.51 | (-) 10.17 | 6,065.07 | 4.29 |
| 2007-08 | 359.84 | 404.76 | (+) 44.92 | (+) 12.48 | 6,856.09 | 5.90 |
| 2008-09 | 350.54 | 495.66 | (+) 145.12 | (+) 41.40 | 7,995.20 | 6.20 |
| 2009-10 | 495.66 | 359.96 | (-) 135.70 | (-) 27.38 | 8,982.34 | 4.01 |




2006-07 ବର୍ଷରେ ରାଜସ୍ୱ ହାନିର କାରଣ ସ୍ୱରୂପ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ଅଧିକ ସ୍ତରରେ ସ୍ଥିର ହେବାର ଦର୍ଶାଯାଇଥିଲେ ମଧ୍ୟ ବିଭାଗ 2007-08 ରୁ 2009-10 ବର୍ଷରେ ରାଜସ୍ୱ ପ୍ରାପ୍ତିର ବ୍ୟାପକ ତାରତମ୍ୟର କୌଣସି କାରଣ ଉଲ୍ଲେଖ କରିନଥିଲା ।

**ସରକାର ଏହି ତାରତମ୍ୟର ବ୍ୟାପକତାକୁ ହ୍ରାସ କରିବା ପାଇଁ ବାସ୍ତବଧର୍ମୀ ରାଜସ୍ୱ ବଜେଟ୍ ପ୍ରସ୍ତୁତ କରିବା ବାଞ୍ଛନୀୟ ।**

## 4.1.3 ଆଦାୟ ଜନିତ ବ୍ୟୟ

2007-08, 2008-09 ଏବଂ 2009-10 ବର୍ଷ ମାନଙ୍କରେ ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ ବାବଦରେ ମୋଟ ଆଦାୟ, ଆଦାୟ ଜନିତ ବ୍ୟୟ ତଥା ମୋଟ ଆଦାୟ ତୁଳନାରେ ଶତକଡା ବ୍ୟୟ ସହିତ 2008-09 ବର୍ଷ ପାଇଁ ପ୍ରାସଙ୍ଗିକ ସର୍ବଭାରତୀୟ ସ୍ତରରେ ହାରାହାରି ମୋଟ ଆଦାୟ ଜନିତ ଶତକଡା ବ୍ୟୟର ବିବରଣୀ ନିମ୍ନରେ ଉଲ୍ଲେଖ କରାଗଲା ।

(ଟଙ୍କା କୋଟି ଆକାରରେ)

| ବର୍ଷ | ମୋଟ ଆଦାୟ | ଆଦାୟ ଜନିତ ବ୍ୟୟ | ମୋଟ ଆଦାୟ ତୁଳନାରେ ଶତକଡା ବ୍ୟୟ | 2008-09 ବର୍ଷ ପାଇଁ ସର୍ବଭାରତୀୟ ସ୍ତରରେ ହାରାହାରି ଆଦାୟ ଜନିତ ଶତକଡା ବ୍ୟୟ |
|---|---|---|---|---|
| 2007-08 | 404.76 | 11.81 | 2.92 | |
| 2008-09 | 495.66 | 15.23 | 3.07 | 2.09 |
| 2009-10 | 359.96 | 15.91 | 4.42 | |

ଆଦାୟ ଜନିତ ଶତକଡା ବ୍ୟୟ ସର୍ବଭାରତୀୟ ଶତକଡା ବ୍ୟୟ ଠାରୁ ଅଧିକ ଥିଲା । **ସରକାର ସର୍ବ ଭାରତୀୟ ହାରାହାରି ବ୍ୟୟ ତୁଳନାରେ ଆଦାୟ ଜନିତ ବ୍ୟୟ ହ୍ରାସ କରିବା ନିମନ୍ତେ ବିହିତ ପଦକ୍ଷେପ ନେବା ବାଞ୍ଛନୀୟ ।**

## 4.1.4 ସମୀକ୍ଷାର ପ୍ରଭାବ

### ରାଜସ୍ୱ ପ୍ରଭାବ

### A ଭୂ-ରାଜସ୍ୱ

ବିଗତ ପାଞ୍ଚବର୍ଷ ମଧ୍ୟରେ (2004-05 ରୁ 2008-09) 34,109 ଗୋଟି ମାମଲା ବାବଦ 921.40 କୋଟି ଟଙ୍କାର ଭୂ-ରାଜସ୍ୱ ଓ ଫିସ୍ ଅନାରୋପଣ/ସ୍ୱଳ୍ପାରୋପଣ, ଅବରୋଧ, ଅନାଦାୟ ତଥା ସ୍ୱଳ୍ପାଦାୟ ହୋଇଥିବା ଆମେ ଦର୍ଶାଇଥିଲୁ । ତନ୍ମଧ୍ୟରୁ ବିଭାଗ/ସରକାର 19,026 ଗୋଟି ମାମଲାରେ 42.67 କୋଟି ଟଙ୍କାର ସମୀକ୍ଷା ଅବଲୋକନ ଗ୍ରହଣ କରିଥିଲେ ଓ 4,019 ଗୋଟି ମାମଲାରେ 7.65 କୋଟି ଟଙ୍କା ଆଦାୟ କରିଥିଲେ । ଏହାର ବିସ୍ତୃତ ବିବରଣୀ ନିମ୍ନ ସାରଣୀରେ ପ୍ରଦତ୍ତ ହେଲା ।

(ଟଙ୍କା କୋଟି ଆକାରରେ)

| ବର୍ଷ | ସମୀକ୍ଷାିତ ୟୁନିଟ୍ ସଂଖ୍ୟା | ଆପତ୍ତି ହୋଇଥିବା ପରିମାଣ | | ସ୍ୱୀକୃତ ପରିମାଣ | | ଅସୁଲିର ପରିମାଣ | |
|---|---|---|---|---|---|---|---|
| | | ମାମଲା ସଂଖ୍ୟା | ପରିମାଣ | ମାମଲା ସଂଖ୍ୟା | ପରିମାଣ | ମାମଲା ସଂଖ୍ୟା | ପରିମାଣ |
| 2004-05 | 95 | 5,475 | 75.54 | 2,100 | 5.03 | 1,850 | 4.39 |
| 2005-06 | 86 | 2,783 | 179.67 | 1,621 | 1.49 | 1,377 | 1.24 |
| 2006-07 | 92 | 6,193 | 146.53 | 598 | 1.73 | 540 | 1.60 |
| 2007-08 | 82 | 1,664 | 397.15 | 218 | 0.30 | 218 | 0.30 |
| 2008-09 | 74 | 17,994 | 122.51 | 14,489 | 34.12 | 34 | 0.12 |
| ମୋଟ | **429** | **34,109** | **921.40** | **19,026** | **42.67** | **4,019** | **7.65** |

ତୁଳନାତ୍ମକ ଭାବରେ ଅସୁଲିର ସ୍ଥିତି ଗ୍ରହଣ ହୋଇଥିବା ଆପତ୍ତି ପରିମାଣ ଠାରୁ ଅତ୍ୟନ୍ତ କମ୍ । **ସରକାର ଆଦାୟର ସ୍ଥିତି ସୁଧାରିବା ପାଇଁ ବିହିତ ପଦକ୍ଷେପ ନେବା ବାଞ୍ଛନୀୟ ।**

### B. ଷ୍ଟାମ୍ପ ଶୁଳ୍କ ଏବଂ ନିବନ୍ଧନ ଫିସ୍

ବିଗତ ପାଞ୍ଚବର୍ଷ ମଧ୍ୟରେ (2004-05 ରୁ 2008-09) 2,19,236 ଗୋଟି ମାମଲା ବାବଦ 835.45 କୋଟି ଟଙ୍କାର ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ ଅନାରୋପଣ/ସ୍ୱଳ୍ପାରୋପଣ, ଅନାଦାୟ/ସ୍ୱଳ୍ପାଦାୟ ହୋଇଥିବା ଆମେ ଦର୍ଶାଇଥିଲୁ । ତନ୍ମଧ୍ୟରୁ ବିଭାଗ/ସରକାର 19,867 ଗୋଟି ମାମଲାରେ 15.24 କୋଟି ଟଙ୍କାର ସମୀକ୍ଷା ଅବଲୋକନ ଗ୍ରହଣ କରିଥିଲେ ଓ 4,444 ଗୋଟି ମାମଲାରେ 6.00 କୋଟି ଟଙ୍କା ଆଦାୟ କରିଥିଲେ । ଏହାର ବିସ୍ତୃତ ବିବରଣୀ ନିମ୍ନ ସାରଣୀରେ ପ୍ରଦତ୍ତ ହେଲା ।

(ଟଙ୍କା କୋଟି ଆକାରରେ)

| ବର୍ଷ | ସମୀକ୍ଷା ୟୁନିଟ୍ ସଂଖ୍ୟା | ଆପତ୍ତି ହୋଇଥିବା ପରିମାଣ | | ସ୍ୱୀକୃତ ପରିମାଣ | | ଅସୁଲିର ପରିମାଣ | |
|---|---|---|---|---|---|---|---|
| | | ମାମଲା ସଂଖ୍ୟା | ପରିମାଣ | ମାମଲା ସଂଖ୍ୟା | ପରିମାଣ | ମାମଲା ସଂଖ୍ୟା | ପରିମାଣ |
| 2004-05 | **96** | 41,752 | 47.79 | 6,476 | 3.73 | 1,339 | 0.35 |
| 2005-06 | **103** | 40,950 | 77.53 | 964 | 0.90 | 776 | 0.39 |
| 2006-07 | **94** | 42,077 | 355.24 | 1,487 | 1.66 | 1,195 | 1.61 |
| 2007-08 | **89** | 37,310 | 42.93 | 3,301 | **4.92** | 632 | 2.71 |
| 2008-09 | **109** | 57,147 | 311.96 | 7,639 | 4.03 | 502 | 0.94 |
| ମୋଟ | **491** | **2,19,236** | **835.45** | **19,867** | **15.24** | **4,444** | **6.00** |

## 4.1.5 ସମୀକ୍ଷାର ପରିଣାମ

2009-10 ବର୍ଷରେ ଭୂ-ରାଜସ୍ୱ, ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ ସମ୍ପର୍କିତ 96 ଗୋଟି ୟୁନିଟର ନଥିପତ୍ର ଗୁଡିକର ଆମେ ନମୁନା ଯାଞ୍ଚ କରି 46,001 ଗୋଟି ମାମଲାରେ 400.51 କୋଟି ଟଙ୍କାର ରାଜସ୍ୱ ଅନାଦାୟ, ଅବନିର୍ଦ୍ଧାରଣ/ ସ୍ୱଳ୍ପନିର୍ଦ୍ଧାରଣ, ରାଜସ୍ୱ ଅବରୋଧ ଆଦି ହୋଇଥିବାର ଲକ୍ଷ୍ୟ କରିଥିଲୁ; ଯାହାର ବର୍ଗୀକରଣ ନିମ୍ନରେ ପ୍ରଦତ୍ତ ହେଲା ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| **ଭୂ-ରାଜସ୍ୱ** | | | |
| 1. | ସରକାରୀ ଜମି ହସ୍ତାନ୍ତରଣ, ପଟ୍ଟା ଓ ଜବର ଦଖଲ (ଏକ ପୁନର୍ବିଲୋକନ) | 1 | 47.35[1] |
| 2. | ସ୍ଥାନୀୟ ଅନୁଷ୍ଠାନ ମାନଙ୍କ ଦ୍ୱାରା ଅଧିକୃତ ଜମିର ଅଧିମୂଲ୍ୟ ଇତ୍ୟାଦି ସ୍ୱଳ୍ପାଦାୟ/ଅନାଦାୟ | 151 | 107.73 |
| 3. | ଓଡିଶା ମାହାଲ ଉଚ୍ଛେଦ ଅଧିନିୟମ (ବେବନ୍ଦୋବସ୍ତ) ଅଧିନ ମାମଲା ଗୁଡିକର ବିଳମ୍ବିତ ଫଏସଲା ହେତୁ ରାଜସ୍ୱ ଅନାଦାୟ | 9,901 | 3.44 |
| 4. | ଓଡିଶା ଭୂ-ସଂସ୍କାର ମାମଲା ଗୁଡିକ ଫଏସଲା ନହେବାରୁ ରାଜସ୍ୱ ଅବରୋଧ | 707 | 3.12 |
| 5. | ସୈରାତ ଉତ୍ସ ଗୁଡିକୁ ଅନିୟମିତ ଭାବରେ ପଟ୍ଟା ଦେବା/ପଟ୍ଟା ନଦେବା | 278 | 1.89 |
| 6. | ଅନ୍ୟାନ୍ୟ ଅନିୟମିତତା | 5,855 | 4.10 |
| | ମୋଟ | **16,893** | **167.63** |
| **ଷ୍ଟାମ୍ପ ଶୁଳ୍କ ଏବଂ ନିବନ୍ଧନ ଫିସ୍** | | | |
| 1. | ଅବମୂଲ୍ୟାଙ୍କିତ ମାମଲା (47-A) ଗୁଡିକ ଫଏସଲା ନହେବା ଫଳରେ ରାଜସ୍ୱ ଅବରୋଧ | 27,421 | 226.30 |
| 2. | ବିଚାରାଧୀନ ପରିବର୍ଦ୍ଧିତ ମାମଲା ଜନିତ ରାଜସ୍ୱ ଅବରୋଧ | 1,471 | 0.30 |
| 3. | ଦସ୍ତାବିଜ ଗୁଡିକ ଅବମୂଲ୍ୟାଙ୍କିତ ହେବା ଫଳରେ ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ ସ୍ୱଳ୍ପାଦାୟ | 169 | 6.16 |
| 4. | ବିବିଧ ମାମଲା | 47 | 0.12 |
| | ମୋଟ | **29,108** | **232.88** |
| | ଗାଏ ମୋଟ | **46,001** | **400.51** |

2009-10 ବର୍ଷରେ ଦର୍ଶାଯାଇଥିବା ଭୂ-ରାଜସ୍ୱ ବାବଦ 15,845 ଗୋଟି ମାମଲାରେ 35.72 କୋଟି ଟଙ୍କା ତଥା ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ ବାବଦ 136 ଗୋଟି ମାମଲାରେ 1.29 କୋଟି ଟଙ୍କାର ଅବନିର୍ଦ୍ଧାରଣ ଓ ଅନ୍ୟାନ୍ୟ ଅନିୟମିତତା ବିଭାଗ ଗ୍ରହଣ କରିଥିଲା । ତନ୍ମଧ୍ୟରୁ 2009-10 ବର୍ଷରେ ଭୂ-ରାଜସ୍ୱ ବାବଦରେ 255 ଗୋଟି ମାମଲାରେ 2.11 କୋଟି ଟଙ୍କା ତଥା ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ ବାବଦରେ 184 ଗୋଟି ମାମଲାରେ 23.33 ଲକ୍ଷ ଟଙ୍କା ଅସୁଲ ହୋଇଥିଲା ।

47.35 କୋଟି[2] ଟଙ୍କାର "ସରକାରୀ ଜମି ହସ୍ତାନ୍ତରଣ, ପଟ୍ଟା ଓ ଜବର ଦଖଲ" ସମ୍ବଳିତ ଏକ ପୁନର୍ବିଲୋକନ ତଥା 31.62 ଲକ୍ଷ ଟଙ୍କାର କେତେକ ଦୃଷ୍ଟାନ୍ତ ମୂଳକ ସମୀକ୍ଷା ଅବଲୋକନ ନିମ୍ନୋକ୍ତ ଅନୁଚ୍ଛେଦ ମାନଙ୍କରେ ବର୍ଣ୍ଣିତ ହେଲା ।

[1] ଏହା ମଧ୍ୟରେ ରାଜସ୍ୱ ଅବରୋଧ ଅନୁଚ୍ଛେଦ ଅନ୍ତର୍ଭୁକ୍ତ ହୋଇନାହିଁ ।

[2] ଏହା ମଧ୍ୟରେ ରାଜସ୍ୱ ଅବରୋଧ ଅନୁଚ୍ଛେଦ ଅନ୍ତର୍ଭୁକ୍ତ ହୋଇନାହିଁ ।

## 4.2 ସରକାରୀ ଜମି ହସ୍ତାନ୍ତରଣ, ପଟ୍ଟା ଓ ଜବର ଦଖଲ

### ମୁଖ୍ୟାଂଶ

**982.616** ଏକର ସରକାରୀ ଜମି ଅପ୍ରାଧିକୃତ ଭାବେ ଜବର ଦଖଲ ଜନିତ **17** ଗୋଟି ହସ୍ତାନ୍ତରଣ ମାମଲା ଫଏସଲା ନହେବା ଫଳରେ ଅଧିମୂଲ୍ୟ, ଭୂ-ରାଜସ୍ୱ, ସେସ୍ ତଥା ସୁଧ ବାବଦ **347.25** କୋଟି ଟଙ୍କାର ରାଜସ୍ୱ ଅବରୋଧ ।

**(ଅନୁଚ୍ଛେଦ 4.2.6.3.1 ଏବଂ 4.2.6.3.2)**

**1965** ରୁ **2004-05** ବର୍ଷ ଅବଧିରେ ସର୍ବସାଧାରଣ ବ୍ୟବହାର ଉଦ୍ଦେଶ୍ୟରେ ସରକାରଙ୍କ ଦ୍ୱାରା ଆଗୁଆ ଦଖଲ ଦିଆଯାଇଥିବା **16** ଗୋଟି ମାମଲାରେ **340.760** ଏକର ପରିମିତ ସରକାରୀ ଜମି ଅନିୟମିତୀକରଣ ଜନିତ **90.31** କୋଟି ଟଙ୍କାର ରାଜସ୍ୱ ଅବରୋଧ ।

**(ଅନୁଚ୍ଛେଦ 4.2.6.3.3)**

ସାତଜଣ ପଟ୍ଟାଦାରଙ୍କୁ ପଟ୍ଟା ଦିଆଯାଇଥିବା **384.78** ଏକର ସରକାରୀ ଜମି ବାବଦ **2.67** କୋଟି ଟଙ୍କାର ଭୂ-କର, ସେସ୍ ତଥା ସୁଧ ଅନାଦାୟ ।

**(ଅନୁଚ୍ଛେଦ 4.2.6.4)**

**92.781** ଏକର ନିର୍ଦ୍ଧାରଣଯୋଗ୍ୟ ସରକାରୀ ଜମି ପରିବର୍ତ୍ତେ **73.629** ଏକର ନିର୍ମାଣଯୋଗ୍ୟ ଜମିର ଅଧିମୂଲ୍ୟ ନିର୍ଦ୍ଧାରଣ ହେତୁ ଅଧିମୂଲ୍ୟ, ଭୂ-କର, ସେସ୍ ଓ ସୁଧ ବାବଦ **2.30** କୋଟି ଟଙ୍କା ସ୍ୱଳ୍ପାରୋପଣ ।

**(ଅନୁଚ୍ଛେଦ 4.2.6.5)**

ଆଠଗୋଟି ମାମଲାରେ ପାଞ୍ଚଗୋଟି କେନ୍ଦ୍ର ସରକାରୀ ସଂଗଠନକୁ **1439.598** ଏକର ସରକାରୀ ଜମି ହସ୍ତାନ୍ତରଣ ଜନିତ **25.07** କୋଟି ଟଙ୍କାର ପୁଞ୍ଜୀକୃତ ମୂଲ୍ୟ ଅନାରୋପଣ/ସ୍ୱଳ୍ପାରୋପଣ ।

**(ଅନୁଚ୍ଛେଦ 4.2.6.6)**

**500** ଏକରରୁ ଉର୍ଦ୍ଧ୍ୱ ଜମି ଶିଳ୍ପ ତଥା ବାଣିଜ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରୁଥିବା ନଅ ଗୋଟି ପ୍ରକଳ୍ପ ପାଇଁ ମଞ୍ଜୁରୀ ପ୍ରାପ୍ତ **4,096.175** ଏକର ଜମି ବାବଦ **13.56** କୋଟି ଟଙ୍କାର ଆନୁଷଙ୍ଗିକ ଦେୟ ଅନାରୋପଣ/ସ୍ୱଳ୍ପାରୋପଣ ।

**(ଅନୁଚ୍ଛେଦ 4.2.6.7)**

ସରକାରୀ ଦେୟ ପୈଠ କରିବାରେ ବିଳମ୍ବ ହେତୁ **3.74** କୋଟି ଟଙ୍କାର ସୁଧ ଅନାରୋପଣ ।

**(ଅନୁଚ୍ଛେଦ 4.2.6.8)**

ବିଭାଗୀୟ କର୍ମକର୍ତ୍ତା ମାନଙ୍କ ଉଦାସୀନତା ହେତୁ ନିୟମିତ ହେବା ପାଇଁ ପଡିରହିଥିବା **42** ଗୋଟି ଜବର ଦଖଲ ମାମଲା ବାବଦ **7.33** କୋଟି ଟଙ୍କାର ରାଜସ୍ୱ ଅବରୋଧ ।

**(ଅନୁଚ୍ଛେଦ 4.2.8.1)**

ପଟ୍ଟା ମଞ୍ଜୁରୀ ସର୍ତ୍ତାବଳୀ ଉଲଙ୍ଘନ କରିଥିବା ଗୋଟିଏ ଶିଳ୍ପସଂସ୍ଥା ଦ୍ୱାରା **13.94** ଏକର ଜମି ବାବଦ **1.09** କୋଟି ଟଙ୍କାର ରାଜସ୍ୱ ଅବରୋଧ ।

**(ଅନୁଚ୍ଛେଦ 4.2.8.2)**

## 4.2.1 ଉପକ୍ରମ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଶୀର୍ଷ ସ୍ତରରେ ସରକାରୀ ଜମିର ଅଭିରକ୍ଷକ । ରାଜସ୍ୱ ପର୍ଷଦ ନିଜର କ୍ଷେତ୍ର କାର୍ଯ୍ୟକର୍ତ୍ତାଙ୍କ ଜରିଆରେ ସରକାରୀ ଜମି ହସ୍ତାନ୍ତରଣ[3], ପଟ୍ଟା ପ୍ରଦାନ[4] ଏବଂ ଜବର ଦଖଲ[5] ଆଦି କାର୍ଯ୍ୟକଳାପକୁ ତଦାରଖ, ପରିଚାଳନା ତଥା ନିୟନ୍ତ୍ରଣ କରନ୍ତି । ସାମାଜିକ ଓ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ସହିତ ସରକାରୀ ଜମିର ଆବଶ୍ୟକତା ମଧ୍ୟ ବଢି ଚାଲିଛି । ଉକ୍ତ ବିଭାଗ ଓଡିଶା ସରକାରୀ ଜମିଜମା ବନ୍ଦୋବସ୍ତ ଅଧିନିୟମ, 1962 ଓ ଓଡିଶା ସରକାରୀ ଜମିଜମା ବନ୍ଦୋବସ୍ତ ନିୟମାବଳୀ, 1983 ବଳରେ ସରକାରୀ ଜମି କେନ୍ଦ୍ର ସରକାର, ସରକାରୀ ଶିଳ୍ପ ଉଦ୍ୟୋଗ, ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ବିଭାଗ, କମ୍ପାନୀ, ଫାର୍ମ, ଶିକ୍ଷା ତଥା ଦାତବ୍ୟ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ବିହିତ ସର୍ତ୍ତାବଳୀ ପୂରଣ କରୁଥିଲେ ହସ୍ତାନ୍ତରଣ/ ପଟ୍ଟାଦାରି ସୂତ୍ରେ ଦେଇପାରିବେ । ଓଡିଶା ଜମି ଜବର ଦଖଲ ନିବାରଣ ଅଧିନିୟମ, 1972 ଓ ତଦଧୀନ ପ୍ରଣୀତ ନିୟମାବଳୀ 1985 ଅନୁଯାୟୀ ବିଭାଗ ଅପ୍ରାଧିକୃତ ବ୍ୟକ୍ତି ବିଶେଷ ତଥା ସଂସ୍ଥା ଦ୍ୱାରା ସରକାରୀ ଜମି ଜବର ଦଖଲ ଉଚ୍ଛେଦ କରିପାରିବେ ।

## 4.2.2 ସାଙ୍ଗଠନିକ ବ୍ୟବସ୍ଥା

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସରକାରୀ ଜମିର ହସ୍ତାନ୍ତରଣ, ପଟ୍ଟା ପ୍ରଦାନ ତଥା ଜବର ଦଖଲ ନିମନ୍ତେ ପ୍ରାସଙ୍ଗିକ ଅଧିନିୟମ/ନିୟମାବଳୀ ପ୍ରଣୟନ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶନାମା ଜାରି କରିଥାନ୍ତି । ରାଜସ୍ୱ ପର୍ଷଦ ଏହାକୁ ତିନିଜଣ ରାଜସ୍ୱ କମିଶନର (ଆର୍.ଡି.ସି)[6], 30 ଜଣ ଜିଲ୍ଲାପାଳ[7] ଓ 172 ଜଣ ତହସିଲଦାରଙ୍କ[8] ସହାୟତାରେ କାର୍ଯ୍ୟକାରୀ କରିଥାନ୍ତି । ତହସିଲଦାର ମାନେ ସରକାରୀ ଜମି ହସ୍ତାନ୍ତରଣ, ପଟ୍ଟା ପ୍ରଦାନ ଓ ଉଚ୍ଛେଦ ଆଦି ମାମଲାଗୁଡିକୁ ପ୍ରସ୍ତୁତ କରି କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କ ମଞ୍ଜୁରୀ ନିମିତ୍ତ ପଠାଇବା ସହିତ ତା' ଉପରେ ସରକାରୀ ଦେୟ ଆଦାୟ କରି ଏହାକୁ ରାଜକୋଷରେ ଜମା କରିଥାନ୍ତି ।

## 4.2.3 ସମୀକ୍ଷାର ଉଦ୍ଦେଶ୍ୟ

ନିମ୍ନୋକ୍ତ ବିଷୟ ଗୁଡିକ ନିଶ୍ଚିତ କରିବା ନିମନ୍ତେ ପୁନର୍ବିଲୋକନଟି ସଞ୍ଚାଳନ କରାଯାଇଥିଲା ।

- ହସ୍ତାନ୍ତରିତ ତଥା ପଟ୍ଟାଧୀନ ସରକାରୀ ଜମି, ଅଧିନିୟମ ତଥା ନିୟମାବଳୀର ବିହିତ ବ୍ୟବସ୍ଥାନୁସାରେ ମଞ୍ଜୁର ହୋଇ ମଞ୍ଜୁର ହୋଇଥିବା ଉଦ୍ଦେଶ୍ୟରେ ବ୍ୟବହାର ହୋଇଅଛି କି ନାହିଁ;
- ସରକାରୀ ଜମି ବେଦଖଲ କ୍ଷେତ୍ରରେ ନିର୍ଦ୍ଧାରିତ ଦେୟ ଓ ଜୋରିମାନା ଆଦାୟ କିମ୍ବା ସରକାରୀ ଜମି ଜବର ଦଖଲ ନିୟମିତୀକରଣ କ୍ଷେତ୍ରରେ ଅଧିମୂଲ୍ୟ, ଭୂ-କର ଓ ସେସ୍ ଇତ୍ୟାଦିର ଆରୋପଣ ଓ ଆଦାୟ ପାଇଁ ଫଳପ୍ରଦ ପଦକ୍ଷେପ ନିଆଯାଇଅଛି କି ନାହିଁ; ଏବଂ
- ପ୍ରଭାବୀ ଆଭ୍ୟନ୍ତରୀଣ ସମୀକ୍ଷା ପଦ୍ଧତିର ଉପସ୍ଥିତି ଅଛି କି ନାହିଁ।

---

[3] ମୂଳ ଦଖଲକାରୀ ଠାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଜମି ହସ୍ତାନ୍ତର କରିବା ବା ଦଖଲ ଦେବା ।

[4] କୌଣସି ନିର୍ଦ୍ଦିଷ୍ଟ ଅବଧି ପାଇଁ ଜମି ଭଡା ସୂତ୍ରେ ଦେବା ଉଦ୍ଦେଶ୍ୟରେ ରାଜିନାମା ।

[5] ସରକାରୀ ଜମି ବଳପୂର୍ବକ ଦଖଲ କରିବା ।

[6] ରାଜସ୍ୱ କମିଶନର, କେନ୍ଦ୍ରୀୟ, ଉତ୍ତରାଞ୍ଚଳ, ଦକ୍ଷିଣାଞ୍ଚଳ ।

[7] ଅନୁଗୁଳ, ବାଲେଶ୍ୱର, ବରଗଡ, ଭଦ୍ରକ, ବଲାଙ୍ଗୀର, ବୌଦ୍, କଟକ, ଦେବଗଡ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ, ନବରଙ୍ଗପୁର, ନୟାଗଡ, ନୂଆପଡା, ପୁରୀ, ରାୟଗଡା, ସମ୍ବଲପୁର, ସୋନପୁର ଏବଂ ସୁନ୍ଦରଗଡ ।

[8] 6.8.2008 ସୁଦ୍ଧା ତହସିଲ ସଂଖ୍ୟା 316 କୁ ବୃଦ୍ଧି ପାଇଛି ।

## 4.2.4 ସମୀକ୍ଷାର ପରିସର

ପୁନର୍ବିଲୋକନଟି 14 ଅକ୍ଟୋବର ରୁ 21 ଡିସେମ୍ବର 2009, 18 ଜାନୁଆରୀରୁ 19 ଏପ୍ରିଲ 2010 ଏବଂ 5 ମଇ ରୁ 5 ଜୁନ୍ 2010 ମଧ୍ୟରେ ତିନିଗୋଟି ପର୍ଯ୍ୟାୟରେ ତଥା 2004-05 ରୁ 2008-09 ପର୍ଯ୍ୟନ୍ତ ଅବଧିକୁ ପରିସରଭୁକ୍ତ କରି ପ୍ରସ୍ତୁତ କରାଯାଇଛି । ଏଥିପାଇଁ ରାଜ୍ୟର ମୋଟ 30 ଟି ଜିଲ୍ଲା ମଧ୍ୟରୁ ସ୍ତରବିନ୍ୟାସ ନମୁନା ପଦ୍ଧତି ଭିତ୍ତିରେ 12[9] ଟି ଜିଲ୍ଲା ସହିତ ସର୍ବୋତ୍ତମ ବିଚାର ଭିତ୍ତିରେ 52[10] ଟି ତହସିଲକୁ ବଛାଯାଇଥିଲା । ଏହା ଛଡା ଏଥିରେ 2009-10 ତଥା ପୂର୍ବବର୍ଷର ନିୟମିତ ସମୀକ୍ଷା ଗୁଡିକରେ ଦୃଷ୍ଟ ଅନ୍ୟ ତହସିଲ ଗୁଡିକର[11] ଏତାଦୃଶ ଅନିୟମିତତା ଗୁଡିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି ।

## 4.2.5 ପ୍ରାପ୍ତି ସ୍ୱୀକାର

ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସ୍ୱତନ୍ତ୍ର ସଚିବଙ୍କ ସହିତ 6 ଅକ୍ଟୋବର 2009 ରେ ଏକ ପ୍ରାରମ୍ଭିକ ପ୍ରବେଶ ସମ୍ମିଳନୀରେ ବିଭାଗକୁ ସମୀକ୍ଷାର ପରିସର. କାର୍ଯ୍ୟପଦ୍ଧତି ତଥା ଉଦ୍ଦେଶ୍ୟ ବିଷୟରେ ସ୍ପଷ୍ଟ କରାଯାଇଥିଲା । ଭାରତର ଲେଖା ପରୀକ୍ଷା ଓ ଲେଖା ବିଭାଗ ସମୀକ୍ଷା ନିମନ୍ତେ ଆବଶ୍ୟକ ସୂଚନା ପ୍ରଦାନ କରିଥିବାରୁ ବିଭାଗର ସହଯୋଗ ପ୍ରାପ୍ତି ସ୍ୱୀକାର କରୁଅଛି । 29 ଜୁଲାଇ 2010 ରେ ଏକ ଚିଠା ସମୀକ୍ଷା ପ୍ରତିବେଦନ ସରକାରଙ୍କ ନିକଟକୁ ପଠାଯାଇଥିଲା । ପୁନରାୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ କମିଶନର-ତଥା-ସଚିବଙ୍କୁ 25 ଅଗଷ୍ଟ 2010 ରେ ଓ ତପ୍ରରେ ଟେଲିଫୋନ ମାଧ୍ୟମରେ ଅନୁରୋଧ କରାଯାଇଥିଲେ ମଧ୍ୟ ଅନ୍ତିମ ପ୍ରସ୍ଥାନ ବୈଠକ ପାଇଁ କୌଣସି ଉତ୍ତର ମିଳି ନଥିଲା (ଡିସେମ୍ବର 2010) ।

## 4.2.6 ସମୀକ୍ଷାର ସିଦ୍ଧାନ୍ତ

ପୁନର୍ବିଲୋକନରେ ପରିଲକ୍ଷିତ ଅନେକ ଅନିୟମିତତା ନିମ୍ନୋକ୍ତ ଅନୁଚ୍ଛେଦ ମାନଙ୍କରେ ଆଲୋଚନା କରାଗଲା ।

### 4.2.6.1 ସରକାରୀ ଜମି ସମ୍ପର୍କିତ ତଥ୍ୟର ଅନୁପସ୍ଥିତି

କ୍ରମବର୍ଦ୍ଧିଷ୍ଣୁ ବିକ୍ରୟ ମୂଲ୍ୟ ପରିପ୍ରେକ୍ଷୀରେ ଜମି ସରକାରଙ୍କର ଏକ ମୂଲ୍ୟବାନ ସମ୍ପତ୍ତି ହୋଇଥିବାରୁ ଲଭ୍ୟ ସରକାରୀ ଜମିର ପରିମାଣ, ଏହାର କେତେକାଂଶ ହସ୍ତାନ୍ତରଣ/ପଟ୍ଟାଦାରୀ ସୂତ୍ରେ ଦିଆଯାଇଥିବା କିମ୍ବା ଅପ୍ରାଧିକୃତ ଭାବେ ଜବର ଦଖଲ ହୋଇଥିବା ତଥା ରାଜସ୍ୱ ବିଭାଗର ବିଭିନ୍ନ ସ୍ତରରେ ପଡିରହିଥିବା ପଟ୍ଟା/ହସ୍ତାନ୍ତରଣ/ଜବର ଦଖଲ ମାମଲା ଗୁଡିକର ସଂଖ୍ୟା ଇତ୍ୟାଦିର ଏକ ସମ୍ପୂର୍ଣ୍ଣ ଓ ଅଦ୍ୟାବଧି ସଙ୍କଳିତ ତଥ୍ୟ ବିଭାଗରେ ଉପଲବ୍ଧ ହେବା ଆବଶ୍ୟକ ।

ସରକାର କିମ୍ବା ରାଜସ୍ୱ ପର୍ଷଦ ସ୍ତରରେ ଏଭଳି କୌଣସି ତଥ୍ୟ ଉପଲବ୍ଧ ନଥିବାର ଆମେ ଲକ୍ଷ୍ୟ କରିଥିଲୁ । ଏଥିରୁ ପ୍ରତୀୟମାନ ହୁଏ ଯେ ବିଭାଗ ହସ୍ତାନ୍ତରଣ, ପଟ୍ଟା ପ୍ରଦାନ ଓ ଜବର ଦଖଲର ସ୍ଥିତି ଆଦି ସରକାରୀ ଜମିଜମା ସଂକ୍ରାନ୍ତୀୟ ବିଷୟବସ୍ତୁ ପରିଚାଳନା କରିବା ପାଇଁ ଆବଶ୍ୟକ ସୂଚନା ଓ ସାଧନ ରଖିନାହାନ୍ତି ।

---

9 ଅନୁଗୁଳ, ବାଲେଶ୍ୱର, ଭଦ୍ରକ, କଟକ, ଢେଙ୍କାନାଳ, ଦେବଗଡ, ଗଞ୍ଜାମ, କେନ୍ଦୁଝର, କୋରାପୁଟ, ନୂଆପଡା, ସମ୍ବଲପୁର ଏବଂ ସୁନ୍ଦରଗଡ ।

10 ଆନନ୍ଦପୁର, ଅନୁଗୁଳ, ଆସିକା, ଆଠଗଡ, ବାଲେଶ୍ୱର, ବନହରପାଲି, ବାଙ୍କୀ, ବାମଣ୍ଡା, ବଡବିଲ, ବସ୍ତା, ଭଦ୍ରକ, ଭଞ୍ଜନଗର, ବିଶ୍ରା, ବିରମିତ୍ରପୁର, ବ୍ରହ୍ମପୁର, ଗନ୍ଧବାଳି, ଛତ୍ରପୁର, ଛେଣ୍ଡିପଦା, କଟକ, ଦେବଗଡ, ଧାମନଗର, ଢେଙ୍କାନାଳ, ଗନ୍ଦିଆ, ଘଟଗାଁ, ହିନ୍ଦୋଳ, ହିଞ୍ଜିଳିକାଟୁ, ଯୁଜୁମୁରା, କଣିହା, କନିସି, ଖଡିଆଳ, କେନ୍ଦୁଝର, କୋରାପୁଟ, କୋଟପାଡ, କୁଚିଣ୍ଡା, ମାନେଶ୍ୱର, ନୀଳଗିରି, ନୂଆପଡା, ପରଜଙ୍ଗ, ପାନପୋଷ, ପଟାଙ୍ଗୀ, ରାଜଗାଙ୍ଗପୁର, ରେମୁଣା, ରେଙ୍ଗାଲୀ, ରାଉରକେଲା, ସାଲେପୁର, ସମ୍ବଲପୁର, ସିମିଳିଗୁଡା, ସିମୁଳିଆ, ସୋରୋ, ସୁନ୍ଦରଗଡ, ତାଳଚେର ଏବଂ ଟାଙ୍ଗୀ ।

11 ଭୁବନେଶ୍ୱର, ବୌଦ୍ଧ, ବ୍ରହ୍ମଗିରି, ଜୟପୁର, ଝାରସୁଗୁଡା, କାକଟପୁର, ନିମାପଡା, ପାଟଣାଗଡ ଏବଂ ସତ୍ୟବାଦୀ ।

## 4.2.6.2 ପଡିରହିଥିବା ହସ୍ତାନ୍ତରଣ ଓ ପଟ୍ଟାଦାରୀ ମାମଲା

ଓଡିଶା ସରକାରୀ ଜମି ବନ୍ଦୋବସ୍ତ ଅଧିନିୟମ, 1962 ଏବଂ ତଦଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ ବିଭିନ୍ନ ଉଦ୍ଦେଶ୍ୟରେ ସରକାରୀ ଓ ବେସରକାରୀ ପକ୍ଷଙ୍କୁ ହସ୍ତାନ୍ତରଣ ଓ ପଟ୍ଟାଦାରୀ ମାମଲା ଗୁଡିକର ଫଏସଲା ପାଇଁ କୌଣସି ସମୟସୀମା ଧାର୍ଯ୍ୟ କରାଯାଇନାହିଁ ।

ହସ୍ତାନ୍ତରଣ ତଥା ପଟ୍ଟା ଦ୍ୱାରା ସରକାରୀ ଜମି ବନ୍ଦୋବସ୍ତ ନିମନ୍ତେ ସମସ୍ତ ଦରଖାସ୍ତ ଗୁଡିକ ସମ୍ପୃକ୍ତ ତହସିଲଦାରଙ୍କ ନିକଟରେ ଦାଖଲ ହେବା ବିଧେୟ । ଏହା ପରେ ଦରଖାସ୍ତ ସମ୍ବଳିତ ସମସ୍ତ ତଥ୍ୟ ଯଥା କ୍ରମିକ ସଂଖ୍ୟା, ଦରଖାସ୍ତ ତାରିଖ, ପଟ୍ଟା ଗ୍ରହଣର ଉଦ୍ଦେଶ୍ୟ, ଦରଖାସ୍ତକାରୀଙ୍କ ନାମ ଓ ଠିକଣା, ଗ୍ରାମର ନାମ ଓ ଅବସ୍ଥିତି, ଖାତା ନମ୍ବର, ପ୍ଲଟ ନମ୍ବର, କ୍ଷେତ୍ରର ସୀମା ଓ କ୍ଷେତ୍ରଫଳ ସହିତ ମାମଲାଟି ଫଏସଲା ହେବା ପର୍ଯ୍ୟନ୍ତ ସମୟକ୍ରମେ ଗ୍ରହଣ କରାଯାଇଥିବା ସମସ୍ତ କାର୍ଯ୍ୟାନୁଷ୍ଠାନ ଆଦି ନିର୍ଦ୍ଧାରିତ ଫାରମ୍-II ଖାତାରେ ଲିପିବଦ୍ଧ ହୁଏ । ତତ୍ପରେ ତହସିଲଦାର ନିର୍ଦ୍ଦିଷ୍ଟ ଗ୍ରାମ କିମ୍ବା ସହରାଞ୍ଚଳର ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକଙ୍କ ଜରିଆରେ ଓ ପ୍ରାସଙ୍ଗିକ ନକ୍ସା ଭିତ୍ତିରେ ଏହି ଜମିର ସତ୍ତ୍ୱାଧିକାର ଓ ବର୍ତ୍ତମାନ ସ୍ଥିତି ପରୀକ୍ଷା କରନ୍ତି ଏବଂ ନାଗରା ପିଟି କିମ୍ବା ଗ୍ରାମ ଅଥବା ସହରାଞ୍ଚଳର କୌଣସି ସର୍ବସାଧାରଣ ସ୍ଥାନରେ ବିଜ୍ଞପ୍ତି ଜାରିକରି ଏଥି ସକାଶେ ଜନସାଧାରଣଙ୍କର କିଛି ଆପତ୍ତି ଥିଲେ ଗ୍ରହଣ କରନ୍ତି । ଯଦି କୌଣସି ଆପତ୍ତି ଅଭିଯୋଗ ଥାଏ ତାକୁ ବିଚାରକୁ ନେଇ ତହସିଲଦାର ମାମଲାଟିକୁ ଉପଜିଲ୍ଲାପାଳଙ୍କ ନିକଟକୁ ସୁପାରିଶ କରନ୍ତି । ଉପଜିଲ୍ଲାପାଳ ମାମଲାଟିର ତର୍ଜମା କରି ନିଜ ମତାମତ ସହ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରନ୍ତି । ତତ୍ପରେ ଜିଲ୍ଲାପାଳ କ୍ଷମତାପନ୍ନ ଥିଲେ ମାମଲାଟିକୁ ମଞ୍ଜୁରୀ ପ୍ରଦାନ କରନ୍ତି କିମ୍ବା ନିଜସ୍ୱ ମତାମତ ସହ ରାଜସ୍ୱ କମିଶନରଙ୍କ ଅନୁମୋଦନାର୍ଥେ ପ୍ରେରଣ କରନ୍ତି । ରାଜସ୍ୱ କମିଶନର କ୍ଷମତାପନ୍ନ ଥିଲେ ମାମଲାଟିକୁ ମଞ୍ଜୁରି ପ୍ରଦାନ କରନ୍ତି କିମ୍ବା ନିଜସ୍ୱ ମତାମତ ସହ ରାଜସ୍ୱ ପର୍ଷଦର ଅନୁମୋଦନ ପାଇଁ ଉପସ୍ଥାପିତ କରନ୍ତି । ରାଜସ୍ୱ ପର୍ଷଦ କ୍ଷମତାପନ୍ନ ଥିଲେ ମାମଲାଟିକୁ ମଞ୍ଜୁରି ପ୍ରଦାନ କରନ୍ତି ଅଥବା ନିଜସ୍ୱ ମତାମତ ସହ ସରକାରଙ୍କ ଅନୁମୋଦନାର୍ଥେ ଉପସ୍ଥାପନ କରନ୍ତି । ରାଜସ୍ୱ ପର୍ଷଦ ଦ୍ୱାରା ବିଚାରାର୍ଥେ ପ୍ରେରିତ ମାମଲା ଗୁଡିକୁ ମଞ୍ଜୁରି ପ୍ରଦାନ କରିବା ନିମିତ୍ତ ସରକାର ହିଁ ଚୂଡାନ୍ତ କର୍ତ୍ତୃପକ୍ଷ । ସମ୍ପୃକ୍ତ ତହସିଲଦାର ଉପରୋକ୍ତ ଭାବେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମତେ ସମସ୍ତ ଔପଚାରିକତା ପାଳନ କରି ବିହିତ ହାରରେ ସରକାରୀ ଦେୟ ଆଦାୟ ପୂର୍ବକ ପଟ୍ଟା ଗ୍ରହୀତାଙ୍କୁ ପଟ୍ଟା ପ୍ରଦାନ ଓ ଜମି ହସ୍ତାନ୍ତରଣ କରନ୍ତି ।

52 ଗୋଟି ତହସିଲର ନଥିପତ୍ରର ନମୁନା ଯାଞ୍ଚକ୍ରମେ ଦେଖାଗଲା ଯେ 43[12] ଗୋଟି ତହସିଲରେ 3,544 ଗୋଟି ହସ୍ତାନ୍ତରଣ ଓ ପଟ୍ଟା ମାମଲା ଫଏସଲା ନହୋଇ ପଡି ରହିଥିଲା । ଫାରମ-II ଖାତା ଥିଲେ ମଧ୍ୟ ସେଥିରେ ଆବଶ୍ୟକ ବିବରଣ ଲିପିବଦ୍ଧ ହୋଇନଥିଲା । ପଡିରହିଥିବା ମାମଲା ଗୁଡିକର ବର୍ଷାନୁକ୍ରମିକ ବିଶ୍ଳେଷଣ, ମାମଲା ଗୁଡିକ ଫଏସଲା ନହୋଇ ପଡିରହିଥିବାର କାରଣ ଓ ବର୍ତ୍ତମାନର ଅବସ୍ଥା ସମୀକ୍ଷାରେ ନିରୂପଣ କରାଯାଇ ପାରିନଥିଲା । ଅବଶିଷ୍ଟ ନଅଗୋଟି[13] ତହସିଲରେ ମାମଲାଗୁଡିକ ଲିପିବଦ୍ଧ କରିବାକୁ କୌଣସି ଖାତା ନଥିବାରୁ ପଡିରହିଥିବା ମାମଲା ସଂଖ୍ୟା ମଧ୍ୟ ଜଣାପଡି ନଥିଲା । ଉପରୋକ୍ତ ସ୍ଥିତିରୁ ଜଣାଗଲା ଯେ ଅଧିମୂଲ୍ୟ ଓ ଭୂ-କର, ସେସ୍ ଏବଂ ସୁଧ ଇତ୍ୟାଦି ବାବଦରେ ରାଜ୍ୟ ପାଇଁ ପ୍ରଚୁର ରାଜସ୍ୱ ସଂଗ୍ରହ କରୁଥିବା କ୍ଷେତ୍ର ପାଇଁ ତହସିଲଦାର ମାନେ ଯଥାଯୋଗ୍ୟ ଗୁରୁତ୍ୱ ପ୍ରଦାନ କରିନାହାନ୍ତି । ଅଧିକନ୍ତୁ ଉକ୍ତ ମାମଲା ଗୁଡିକୁ ପର୍ଯ୍ୟାଲୋଚନା କରିବା ପାଇଁ ବିଭାଗର କୌଣସି ନିୟନ୍ତ୍ରଣ ବ୍ୟବସ୍ଥା ନଥିଲା । ପଡି ରହିଥିବା ମାମଲା ଗୁଡିକର

---

12 ଆନନ୍ଦପୁର, ଆସ୍କା, ଆଠଗଡ, ବାଲେଶ୍ୱର, ବନହରପାଲି, ବାଙ୍କୀ, ବାମଣ୍ଡା, ବଡବିଲ, ବସ୍ତା, ଭଦ୍ରକ, ବିସ୍ରା, ବିରମିତ୍ରପୁର, ବ୍ରହ୍ମପୁର, ଛତ୍ରପୁର, ଛେଣ୍ଡିପଦା, କଟକ, ଦେବଗଡ, ଧାମନଗର, ଢେଙ୍କାନାଳ, ଗଡିଆ, ହିନ୍ଦୋଳ, ହିଞ୍ଜିଳିକାଟୁ, ଯୁକୋମୁରା, କନିସୀ, ଖଡିଆଳ, କୋରାପୁଟ, କୋଟପାଡ, ମାନେଶ୍ୱର, ନୀଳଗିରି, ନୂଆପଡା, ପରଜଙ୍ଗ, ପାନପୋଷ, ପଟାଙ୍ଗୀ, ରାଜଗାଙ୍ଗପୁର, ରେମୁଣା, ରାଉରକେଲା, ସାଲେପୁର, ସମ୍ବଲପୁର, ସିମିଳିଗୁଡା, ସୋରୋ, ସୁନ୍ଦରଗଡ, ତାଳଚେର ଏବଂ ଟାଙ୍ଗୀ ।

13 ଅନୁଗୁଳ, ଭଞ୍ଜନଗର, ଗନ୍ଧବାଲୀ, ଘଟଗାଁ, କଣିହା, କେନ୍ଦୁଝର, କୁଚିଣ୍ଡା, ରେଙ୍ଗାଲି ଏବଂ ସିମୁଳିଆ ।

ଫଏସଲା ହୋଇପାରିଲେ, ଅଧିମୂଲ୍ୟ ଭୂ-କର, ସେସ୍ ଓ ଜୋରିମାନା ଇତ୍ୟାଦି ବାବଦରେ ରାଜ୍ୟ ରାଜସ୍ୱରେ ପ୍ରଚୁର ବୃଦ୍ଧି ହେବାର ଆଶା ଥିବାରୁ ବିଭାଗ ଏକ ପ୍ରଭାବୀ ଆନ୍ତଃ ନିୟନ୍ତ୍ରଣ ପଦ୍ଧତି ସୁନିଶ୍ଚିତ କରିବା ଦରକାର ।

## 4.2.6.3 ସରକାରୀ ଜମି ଦଖଲ ପଟ୍ଟାଦ୍ୱାରା ଫଏସଲା ନହେବାରୁ ରାଜସ୍ୱ ଅବରୋଧ

### 4.2.6.3.1 କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ହସ୍ତାନ୍ତରଣ ଓ ପଟ୍ଟା ମାମଲାଗୁଡ଼ିକ ଫଏସଲା ନହେବା

ଓଡ଼ିଶା ସରକାରୀ ଭୂ ବନ୍ଦୋବସ୍ତ ନିୟମାବଳୀ, 1983 ରେ ଥିବା ବ୍ୟବସ୍ଥା ଓ ଅକ୍ଟୋବର 1961, ମାର୍ଚ୍ଚ 1963, ଫେବୃଆରୀ, 1966, ମାର୍ଚ୍ଚ 1978 ଓ ଜାନୁଆରୀ 2005 ରେ ସରକାରୀ ଆଦେଶାବଳୀ ଅନୁଯାୟୀ ସରକାରୀ ଜମି 1993-94 ପର୍ଯ୍ୟନ୍ତ ବଜାରମୂଲ୍ୟ ଭିତ୍ତିରେ ସ୍ଥିରୀକୃତ ଅଧିମୂଲ୍ୟ ସହିତ ଅଧିମୂଲ୍ୟର ଶତକଡା ଏକ ପ୍ରତିଶତ ବାର୍ଷିକ ଭୂ-କର ଓ ଭୂ-କରର 50 ପ୍ରତିଶତ ସେସ୍ ଓ ତଦୁପରେ 75 ପ୍ରତିଶତ ହାରରେ ସେସ୍ ପ୍ରଦାନ ପୂର୍ବକ ସରକାରୀ ବିଭାଗ, ସ୍ଥାନୀୟ ସଂସ୍ଥା ସରକାରୀ ଶିଳ୍ପ ଉଦ୍ୟୋଗ, ବ୍ୟବସାୟିକ ପ୍ରତିଷ୍ଠାନ ଆଦିକୁ ପଟ୍ଟା ପ୍ରଦାନ କ୍ରମେ ଦିଆଯାଇ ପାରିବ । ଏହା ସହିତ ସରକାରୀ ଦେୟ ପ୍ରଦାନରେ ଖିଲାପ କଲେ ଜମି ଭୋଗଦଖଲ ଦିନଠାରୁ ଦେୟ ପୈଠ ହେବା ଦିନ ପର୍ଯ୍ୟନ୍ତ ଉକ୍ତ ଦେୟ ଉପରେ ଶତକଡା ବାର୍ଷିକ 6 ହାରରେ ଓ 27 ନଭେମ୍ବର 1992 ପରଠାରୁ ଶତକଡା ବାର୍ଷିକ 12 ହାରରେ ସୁଧ ପ୍ରଦାନ କରିବାକୁ ହୁଏ ।

11 ଗୋଟି ତହସିଲର ନଥିପତ୍ର ଯାଞ୍ଚକ୍ରମେ ଆମର ଦୃଷ୍ଟିଗୋଚର ହେଲା ଯେ 1980-81 ରୁ 2005-06 ଅବଧିରେ ଅପ୍ରାଧିକୃତ ଭାବେ ଦଖଲରେ ଥିବା 850.711 ଏକର ସରକାରୀ ଜମି ସମ୍ପୃକ୍ତ ତହସିଲଦାର ମାନେ ହସ୍ତାନ୍ତରଣ/ ପଟ୍ଟାଯୋଗ୍ୟ ବୋଲି ଦର୍ଶାଇଥିଲେ । ତଦନୁଯାୟୀ ମାମଲା ଗୁଡ଼ିକୁ କ୍ଷମତାପ୍ରାପ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ମଞ୍ଜୁରି ପାଇଁ ସୁପାରିଶ କରାଯାଇଥିଲେ ମଧ୍ୟ ସେଗୁଡ଼ିକ ବିଭିନ୍ନ ସ୍ତରରେ ପଡ଼ିରହିଥିଲା । 31 ମାର୍ଚ୍ଚ 2009 ସୁଦ୍ଧା ଏ ବାବଦ 206.77 କୋଟି ଟଙ୍କାର ଅଧିମୂଲ୍ୟ, ଭୂ-କର, ସେସ୍ ଓ ସୁଧ ଅନାଦାୟ ଥିଲା । ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ହେତୁ ସରକାରୀ ଜମି ଅପ୍ରାଧିକୃତ ଦଖଲରେ ଥାଇ ମଧ୍ୟ ରାଜସ୍ୱ ଅବରୋଧ ଘଟିଥିଲା । ଏହାର ସମ୍ପୂର୍ଣ୍ଣ ବିବରଣୀ ପ୍ରତିବେଦନ ସଂଲଗ୍ନ **ପରିଶିଷ୍ଟ-IV** ରେ ଦର୍ଶାଗଲା ।

ଏକ ଦୃଷ୍ଟାନ୍ତମୂଳକ ମାମଲା ନିମ୍ନରେ ପ୍ରଦତ୍ତ ହେଲା ।

ଏପ୍ରିଲ 2010 ରେ ତହସିଲଦାର କୋରାପୁଟଙ୍କ ନଥିପତ୍ର ଯାଞ୍ଚକ୍ରମେ ଆମର ଦୃଷ୍ଟିଗୋଚର ହେଲା ଯେ ଗୋଟିଏ ସରକାରୀ ଶିଳ୍ପ ଉଦ୍ୟୋଗ 1981-82 ରୁ 1986-87 ମଧ୍ୟରେ ତାଙ୍କ ଦଖଲରେ ଥିବା 568.500 ଏକର ସରକାରୀ ଜମିର ପଟ୍ଟା ପାଇଁ ନିର୍ଦ୍ଧାରିତ ଫାରମରେ 27 ମଇ 1981 ଏବଂ 24 ଫେବୃଆରୀ 1984 ରେ ତହସିଲଦାର କୋରାପୁଟଙ୍କୁ ଆବେଦନ କରିଥିଲେ । ତହସିଲଦାର, କୋରାପୁଟ ଏଥିସହିତ ସମ୍ପୃକ୍ତ ଦୁଇଟି ମାମଲାକୁ 30 ଅକ୍ଟୋବର 2006 ରେ ଓ ଅନ୍ୟ ତିନୋଟି ମାମଲାକୁ 3 ଅଗଷ୍ଟ 2007 ରେ କୋରାପୁଟ ଉପଜିଲ୍ଲାପାଳଙ୍କୁ ସୁପାରିଶ କରିଥିଲେ ମଧ୍ୟ ସେଗୁଡ଼ିକ ଅଦ୍ୟାବଧି ଫଏସଲା ନହୋଇ ପଡ଼ିରହିଥିଲା । ଏହା ଫଳରେ 14.30 କୋଟି ଟଙ୍କାର ସରକାରୀ ରାଜସ୍ୱ ଅବରୋଧ ହୋଇଥିଲା ।

### 4.2.6.3.2 କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କ ଫଏସଲା ନିମନ୍ତେ ତହସିଲଦାର ମାନଙ୍କ ଦ୍ୱାରା ସୁପାରିଶ ହୋଇନଥିବା ପଟ୍ଟା ମାମଲା

1965-66 ରୁ 2008-09 ଅବଧିରେ ଦୁଇଗୋଟି ତହସିଲର ପାଞ୍ଚଗୋଟି ମାମଲା ସମ୍ବଳିତ 77.905 ଏକର ସରକାରୀ ଜମି ଅପ୍ରାଧିକୃତ ଭାବେ ଦଖଲରେ ରହିଥିବା ଆମର ଦୃଷ୍ଟିଗୋଚର ହୋଇଥିଲା । ଦଖଲକାରୀ ମାନେ 1988 ରୁ 2009 ମଧ୍ୟରେ ହସ୍ତାନ୍ତରଣ ପାଇଁ ଆବେଦନ କରିଥିଲେ । କିନ୍ତୁ ସମ୍ପୃକ୍ତ ତହସିଲଦାର ମାନେ ଉକ୍ତ

ମାମଲା ଗୁଡିକରେ ହସ୍ତାନ୍ତରଣ ପାଇଁ ସୁପାରିଶ କରିନଥିଲେ କିମ୍ବା ଦଖଲ ଉଛେଦ ପାଇଁ କୌଣସି ପଦକ୍ଷେପ ନେଇନଥିଲେ । 31 ମାର୍ଚ୍ଚ 2009 ସୁଦ୍ଧା ତଦ୍‌ଜନିତ ଅଧିମୂଲ୍ୟ ଭୂ-କର, ସେସ୍ ଓ ସୁଧ ବାବଦ 140.48 କୋଟି ଟଙ୍କା ଅବରୋଧ ହୋଇଥିଲା । ଏହାର ସମ୍ପୂର୍ଣ୍ଣ ବିବରଣୀ ପ୍ରତିବେଦନ ସଂଲଗ୍ନ **ପରିଶିଷ୍ଟ-V** ରେ ଦର୍ଶାଯାଇଅଛି ।

ଆମେ ପରିଶିଷ୍ଟ-IV ଓ V ରେ ବିଶଦ ଭାବେ ଉଲ୍ଲିଖିତ ଦର୍ଶାଯାଇଥିବା ମାମଲା ଗୁଡିକୁ ଦର୍ଶାଇବା ପରେ ତହସିଲଦାର କଟକଙ୍କ ବ୍ୟତୀତ ଅନ୍ୟ ସମସ୍ତ ତହସିଲଦାର ଜୁଲାଇ 2009 ରୁ ଏପ୍ରିଲ 2010 ମଧ୍ୟରେ ସମସ୍ତ ପଟ୍ଟା ଓ ହସ୍ତାନ୍ତରଣ ମାମଲା ଗୁଡିକୁ ଫଏସଲା କରିବା ପାଇଁ ପଦକ୍ଷେପ ନେବାର ଜଣାଇଲେ । କଟକ ସଦର ତହସିଲଦାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି କ୍ରମେ ପଦକ୍ଷେପ ନେବାକୁ ଜଣାଇଲେ । ପରବର୍ତ୍ତୀ ଉତ୍ତର ପ୍ରାପ୍ତ ହୋଇନାହିଁ (ଡିସେମ୍ବର 2010) ।

ଅଗଷ୍ଟ 2010 ରେ, ଯାହାହେଉ, ସରକାର କହିଲେ ଯେ ସମୀକ୍ଷା ମନ୍ତବ୍ୟ ପରିଶିଷ୍ଟ-IV ରେ କ୍ରମିକ ସଂଖ୍ୟା 11 ରେ ବର୍ଣ୍ଣିତ ମାମଲାରେ ସରକାର ସମ୍ପୃକ୍ତ ରାଜସ୍ୱ କର୍ତ୍ତୃପକ୍ଷଙ୍କୁ ପଟ୍ଟା ମାମଲା ମଞ୍ଜୁରି କାର୍ଯ୍ୟ ତ୍ୱରାନ୍ୱିତ କରି ସରକାରୀ ଦେୟ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସମୀକ୍ଷାରେ ଦର୍ଶିତ ବେଞ୍ଚମାର୍କ ମୂଲ୍ୟ ଭିତ୍ତିରେ ଅଧିମୂଲ୍ୟ ଓ ଅନ୍ୟାନ୍ୟ ଦେୟର ନିର୍ଦ୍ଧାରଣ ତଥା ପିଛିଲା ବର୍ଷ ଗୁଡିକ ପାଇଁ ସେହି ହାରରେ ସୁଧ ଧାର୍ଯ୍ୟର ଯଥାର୍ଥତା ବିଭାଗ ପରୀକ୍ଷା କରୁଥିଲେ ଏବଂ ସରକାରଙ୍କ ନିଷ୍ପତ୍ତି ସମୀକ୍ଷାକୁ ଜଣାଇ ଦିଆଯିବ ।

**ପରିଶିଷ୍ଟ IV** ଓ **V** ରେ ବର୍ଣ୍ଣିତ ଅବଶିଷ୍ଟ 16 ଗୋଟି ମାମଲା ସମ୍ପର୍କରେ ସରକାରଙ୍କ ଉତ୍ତର ଏଯାବତ ହସ୍ତଗତ ହୋଇନାହିଁ (ଡିସେମ୍ବର 2010) ।

### 4.2.6.3.3 ଆଗୁଆ ଦଖଲ ଦିଆଯାଇଥିବା ଜମିର ଅଣନିୟମିତୀକରଣ

> ସରକାରୀ ଜମି ହସ୍ତାନ୍ତରଣ କିମ୍ବା ପଟ୍ଟାଦାନ ଏକ ବିଳମ୍ବିତ ପ୍ରକ୍ରିୟା ହୋଇଥିବାରୁ ବେଳେବେଳେ ଆବେଦନ କରିଥିବା ସରକାରୀ ବିଭାଗ କିମ୍ବା ଅନ୍ୟାନ୍ୟ ସଂସ୍ଥା ଗୁଡିକୁ ନିଜ ନିଜର ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ସକାଶେ ସରକାରଙ୍କ ବିନିର୍ଦ୍ଦିଷ୍ଟ ଆଦେଶ କ୍ରମେ ଜମି ଆଗୁଆ ଦଖଲ ଦିଆଯାଏ । ପରବର୍ତ୍ତୀ କାଳରେ ଉକ୍ତ ଜମିକୁ ଉପର ବର୍ଣ୍ଣିତ ଅନୁଚ୍ଛେଦ 4.2.6.2 ରେ ଦର୍ଶାଯାଇଥିବା ପ୍ରକ୍ରିୟା ମତେ ଓଡିଶା ସରକାରୀ ଭୂ-ବନ୍ଦୋବସ୍ତ ଅଧିନିୟମ/ ନିୟମାବଳୀ ଓ ସମୟାନୁକ୍ରମେ ଜାରି ସରକାରୀ ନିର୍ଦ୍ଦେଶାବଳୀ ଅନୁସାରେ ନିୟମତୀକରଣ କରାଯାଏ ।

13 ଗୋଟି ତହସିଲର ନଥିପତ୍ର ନମୁନା ଯାଞ୍ଚରୁ ଆମର ଦୃଷ୍ଟିଗୋଚର ହେଲା ଯେ 16 ଗୋଟି ମାମଲାରେ 1965 ରୁ 2004-05 ବର୍ଷ ମଧ୍ୟରେ 340.760 ଏକର ସରକାରୀ ଜମି ଜନ କଲ୍ୟାଣ ଉଦ୍ଦେଶ୍ୟରେ ଆଗୁଆ ଦଖଲ ଦିଆଯାଇଥିଲା । କିନ୍ତୁ ମାମଲା ଗୁଡିକ ଅଧିନିୟମ/ ନିୟମାବଳୀ ଅନୁସାରେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ମଞ୍ଜୁରି ଅପେକ୍ଷାରେ ନିୟମିତିକରଣ ନହୋଇ ସମ୍ପୃକ୍ତ ତହସିଲଦାରଙ୍କ ସ୍ତରରେ ପଡିରହିଥିଲା । ଫଳରେ 90.31 କୋଟି ଟଙ୍କାର ସରକାରୀ ରାଜସ୍ୱ ଅବରୋଧ ଘଟିଥିଲା । ଏହାର ସମ୍ପୂର୍ଣ୍ଣ ବିବରଣୀ ପ୍ରତିବେଦନରେ ସଂଲଗ୍ନ **ପରିଶିଷ୍ଟ-VI** ରେ ସ୍ଥାନିତ ହୋଇଛି । ଏକ ଦୃଷ୍ଟାନ୍ତଯୁକ୍ତ ମାମଲା ନିମ୍ନରେ ବର୍ଣ୍ଣିତ ହେଲା ।

ରାଉରକେଲା ତହସିଲଦାରଙ୍କ ନଥିପତ୍ର ନମୁନା ଯାଞ୍ଚକ୍ରମେ ଆମର ଦୃଷ୍ଟିଗୋଚର ହେଲା ଯେ 1 ଜୁନ୍ 2004 ର ସରକାରଙ୍କ ନିର୍ଦ୍ଦେଶାବଳୀ ଓ ତତ୍‌ସହିତ ପଠିତ 4 ଅକ୍ଟୋବର 2005 ରେ ଜମି ଅଧିଗ୍ରହଣ କମିଟି ବୈଠକର କାର୍ଯ୍ୟବିଧି ଅନୁଯାୟୀ ମେସର୍ସ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱ ବିଦ୍ୟାଳୟ (ବି.ପି.ୟୁ.ଟି) ଙ୍କୁ 134.070 ଏକର ପରିମିତ ସରକାରୀ ଜମି ଆଗୁଆ ଦଖଲ ଦିଆଯାଇଥିଲା । ମାମଲାଟି 20 ଜାନୁଆରୀ 2006 ରେ ତହସିଲଦାର ରାଉରକେଲାଙ୍କ ଦ୍ୱାରା ବି.ପି.ୟୁ.ଟିଙ୍କ ସପକ୍ଷରେ ଉକ୍ତ ଜମିର ପଟ୍ଟାପ୍ରଦାନ ପାଇଁ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲାଙ୍କୁ ସୁପାରିଶ କରାଯାଇଥିଲେ ମଧ୍ୟ ନିୟମିତିକରଣ ନହୋଇ ସମୀକ୍ଷା ହେବା ଦିନ

ପର୍ଯ୍ୟନ୍ତ ପଡିରହିଥିଲା (ଫେବୃଆରୀ 2010) । ଫଳରେ 75.54 କୋଟି ଟଙ୍କାର ସରକାରୀ ରାଜସ୍ୱ ଅବରୋଧ ଘଟିଥିଲା ।

ଅଗଷ୍ଟ 2010 ରେ ସରକାର କହିଲେ ଯେ ପରିଶିଷ୍ଟ-VI ର କ୍ରମିକ ସଂଖ୍ୟା 14 ରେ ଦର୍ଶିତ ନିମାପଡା ତହସିଲଦାରଙ୍କ ଅଧୀନସ୍ଥ ଜିଲ୍ଲା ମତ୍ସ୍ୟ ଅଧିକାରୀ, ପୁରୀଙ୍କ ବିରୋଧରେ ସମୀକ୍ଷା ମନ୍ତବ୍ୟ ମୁତାବକ ତୁରନ୍ତ ସୁଧ ପୈଠ କରିବାକୁ ସମ୍ପୃକ୍ତ ମତ୍ସ୍ୟ ଉପ ନିର୍ଦ୍ଦେଶକ ଓ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗକୁ କୁହାଯାଇ ଥିଲା । ପରବର୍ତ୍ତୀ କର୍ତ୍ତୃପକ୍ଷଙ୍କ ଜବାବ ଏଯାବତ୍ ହସ୍ତଗତ ହୋଇନାହିଁ ଏବଂ ନିର୍ଦ୍ଧାରିତ ସମୟରେ ଦେୟ ଆଦାୟ ହୋଇ ନଥିଲେ ଓଡିଶା ସରକାରୀ ପାଉଣା ଅସୁଲି ଅଧିନିୟମ ଅନୁସାରେ ସାର୍ଟିଫିକେଟ୍ ମାମଲା ଆରମ୍ଭ କରିବା ପାଇଁ ପଦକ୍ଷେପ ନିଆଯିବ । ପରିଶିଷ୍ଟ- VI ର କ୍ରମିକ ସଂଖ୍ୟା 15 ମାମଲାରେ ବି.ଏସ୍.ଏନ୍.ଏଲ୍. ବିରୋଧରେ ଦର୍ଶିତ ମନ୍ତବ୍ୟ କ୍ରମେ ସରକାର ସେପ୍ଟେମ୍ବର 2010 ରେ ଉଲ୍ଲେଖ କଲେ ଯେ ମହାପ୍ରବନ୍ଧକ ଟେଲିକମ୍ ବିଭାଗଙ୍କ ଦପ୍ତରର ଡି.ଜି.ଏମ୍ (ଗ୍ରାମାଞ୍ଚଳ) ଙ୍କୁ ମାର୍ଚ୍ଚ 2010 ସୁଦ୍ଧା ସୁଧ ସମେତ ସମସ୍ତ ଦେୟ ପୈଠ କରିବାକୁ କୁହାଯାଇଛି ଓ ତହସିଲଦାର, ସତ୍ୟବାଦୀ ମାମଲାଟିକୁ ଏପ୍ରିଲ 2010 ରେ ଜିଲ୍ଲାପାଳଙ୍କ ମଞ୍ଜୁର ପାଇଁ ଆବଶ୍ୟକ ପଦକ୍ଷେପ ନେବା ସକାଶେ ଉପ ଜିଲ୍ଲାପାଳଙ୍କୁ ସୁପାରିଶ କରିଛନ୍ତି । ପୁନଶ୍ଚ ପରିଶିଷ୍ଟ-VI ର କ୍ରମିକ ସଂଖ୍ୟା 12 ମାମଲାରେ ଦର୍ଶିତ ମନ୍ତବ୍ୟ କ୍ରମେ ସରକାର ସେପ୍ଟେମ୍ବର 2010 ରେ ଉଲ୍ଲେଖ କଲେ ଯେ ତହସିଲଦାର, ଅସ୍ତରଙ୍ଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ସେସୁ, ନିମାପଡା ବିଦ୍ୟୁତ ପ୍ରଭାଗଙ୍କୁ 8.33 ଲକ୍ଷ ଟଙ୍କାର ସରକାରୀ ଦେୟ ତୁରନ୍ତ ପୈଠ କରିବାକୁ ଦାବି ଉପସ୍ଥାପନ କରିଛନ୍ତି ଓ ଦେୟ ଆଦାୟ ଅନ୍ତେ ଅନ୍ତିମ ଅନୁପାଳନ ବିବରଣୀ ଜଣାଇ ଦିଆଯିବ । ପରିଶିଷ୍ଟ- VI ରେ ବର୍ଣ୍ଣିତ ଅବଶିଷ୍ଟ 13 ଗୋଟି ମାମଲାରେ ସରକାରଙ୍କ ଉତ୍ତର ଏଯାବତ୍ ହସ୍ତଗତ ହୋଇନାହିଁ (ଡିସେମ୍ବର 2010) ।

**ସରକାର ରାଜ୍ୟ ରାଜସ୍ୱ ହିତ ଦୃଷ୍ଟିରୁ ମାମଲା ଗୁଡିକର ଆଶୁ ସମାଧାନ କରିବାକୁ ତହସିଲଦାରଙ୍କ ସମେତ ସମସ୍ତ ରାଜସ୍ୱ କର୍ତ୍ତୃପକ୍ଷଙ୍କୁ ସମୁଚିତ ନିର୍ଦ୍ଦେଶାବଳୀ ଜାରି କରିବାକୁ ବିଚାର କରିପାରନ୍ତି ।**

### 4.2.6.4 ଭୂ-କର, ସେସ୍ ଓ ସୁଧ ଅନାଦାୟ

ପଟ୍ଟାଗ୍ରହୀତାଙ୍କ ଦେୟ ବାବଦ ଭୂ-କର ଓ ସେସ୍ ତହସିଲ ଓ ରାଜସ୍ୱ ନିରୀକ୍ଷକଙ୍କ ସ୍ତରରେ ପ୍ରଚଳିତ ଦାବି ଆଦାୟ ଓ ଅବଶେଷ ଖାତା ମାଧ୍ୟମରେ ନିରୀକ୍ଷିତ ହୁଏ । ପ୍ରତିବର୍ଷ 31 ମାର୍ଚ୍ଚ ପୂର୍ବରୁ ରାଜସ୍ୱ ନିରୀକ୍ଷକ ପଟ୍ଟାଗ୍ରହୀତାଙ୍କ ଠାରୁ ଏହି ଦେୟ ଆଦାୟ କରନ୍ତି ।

ସାତଗୋଟି ତହସିଲ କାର୍ଯ୍ୟାଳୟ ପଟ୍ଟା ପ୍ରଦାନ/ହସ୍ତାନ୍ତରଣ ନଥିପତ୍ରର ନମୁନା ଯାଞ୍ଚରୁ ଆମର ଦୃଷ୍ଟିଗୋଚର ହେଲା ଯେ ସାତଜଣ ପଟ୍ଟାଗ୍ରହୀତାଙ୍କୁ 384.78 ଏକର ପରିମିତ ସରକାରୀ ଜମି ପଟ୍ଟାସୂତ୍ରେ ଦିଆଯାଇଥିଲା । କିନ୍ତୁ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଉପରୋକ୍ତ ପଟ୍ଟାଗ୍ରହୀତାଙ୍କ ଠାରୁ 31 ମାର୍ଚ୍ଚ 2009 ସୁଦ୍ଧା ଭୂ-କର, ସେସ୍ ଓ ସୁଧ ବାବଦ ଧାର୍ଯ୍ୟ 2.67 କୋଟି ଟଙ୍କା ଆଦାୟ କରିନଥିଲେ । ଏହାର ସମ୍ପୂର୍ଣ୍ଣ ବିବରଣୀ ଏହି ପ୍ରତିବେଦନ ସଂଲଗ୍ନ **ପରିଶିଷ୍ଟ-VII** ରେ ଉଲ୍ଲେଖ କରାଗଲା ।

ଆମେ ଉକ୍ତ ମାମଲା ଗୁଡିକୁ ଦର୍ଶାଇବା ପରେ ଡିସେମ୍ବର 2009 ଓ ମାର୍ଚ୍ଚ 2010 ମଧ୍ୟରେ ତହସିଲଦାର ମାନେ ଉପରୋକ୍ତ ଦେୟ ଆଦାୟ କରିବାକୁ ସମ୍ମତ ହେଲେ । ପରବର୍ତ୍ତୀ ଉତ୍ତର ପ୍ରାପ୍ତ ହୋଇନାହିଁ (ଡିସେମ୍ବର 2010) ।

### 4.2.6.5 ଅଧିମୂଲ୍ୟ ସ୍ୱଳ୍ପାରୋପଣ

ଫେବୃଆରୀ 2010 ରେ ତହସିଲଦାର, ରାଉରକେଲାଙ୍କ ନଥିପତ୍ର ଯାଞ୍ଚକ୍ରମେ ଆମର ଦୃଷ୍ଟିଗୋଚର ହେଲା ଯେ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆର୍.ଡି.ଏ) 1998 ପୂର୍ବରୁ 142.740 ଏକର ପରିମିତ ସରକାରୀ ଜମି ଦଖଲ କରିଆସୁଥିଲେ ଏବଂ ଅଧିମୂଲ୍ୟ ବାବଦ 1.32 କୋଟି ଟଙ୍କା ପୈଠ କରି 21 ଫେବୃଆରୀ 2005 ରେ

ଏଥିପାଇଁ ପଟ୍ଟା ଦଲିଲ ନିଷ୍ପାଦିତ କରିଥିଲେ । ପ୍ରକୃତରେ ନିର୍ମାଣଯୋଗ୍ୟ 73.629 ଏକର କ୍ଷେତ୍ର ଭିତ୍ତିରେ ଅଧିମୂଲ୍ୟ ନିର୍ଦ୍ଧାରିତ ହୋଇଥିଲା ଯାହାକି ପଟ୍ଟାଦାରି କ୍ଷେତ୍ରର ଶତକଡା 51.58 ଭାଗ ଥିଲା । କିନ୍ତୁ 29 ଅକ୍ଟୋବର 2003 ର ପ୍ରବୀଣ ସରକାରୀ କମିଟିର ନିଷ୍ପତ୍ତି ଅନୁଯାୟୀ ପଟ୍ଟାଦାରି କ୍ଷେତ୍ରର ଅନୁନ୍ୟ 65 ପ୍ରତିଶତ ଅର୍ଥାତ 92.781 ଏକର ନିର୍ମାଣଯୋଗ୍ୟ କ୍ଷେତ୍ର ଭିତ୍ତିରେ ଅଧିମୂଲ୍ୟ ନିର୍ଦ୍ଧାରିତ ହେବା ବିଧେୟ । ଅତଏବ 31 ମାର୍ଚ୍ଚ 2009 ସୁଦ୍ଧା 19.152 ଏକର ଜମି ବାବଦ 2.30 କୋଟି ଟଙ୍କାର ଅଧିମୂଲ୍ୟ, ଭୂ-କର, ସେସ୍ ଓ ସୁଧ ସ୍ୱଳ୍ପାଦାୟ ହୋଇଥିଲା । ଏହାର ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

(ଟଙ୍କା ଲକ୍ଷ ଆକାରରେ)

| ପଟ୍ଟାଗ୍ରହୀତାଙ୍କ ନାମ | ଆରୋପଣ ଯୋଗ୍ୟ ଅଧିମୂଲ୍ୟ | ଆରୋପିତ ଅଧିମୂଲ୍ୟ | ଅଧିମୂଲ୍ୟ ସ୍ୱଳ୍ପାଦାୟ | ଭୂ-କର | ସେସ୍ | ଅଧିମୂଲ୍ୟ ଉପରେ ସୁଧ | ମୋଟ |
|---|---|---|---|---|---|---|---|
| ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ, ରାଉରକେଲା | 170.23 | 137.55 | 32.69 | 8.04 | 5.46 | 184.16 | 230.35 |

ଆମେ ମାମଲାଟିକୁ ଦର୍ଶାଇବା ପରେ ତହସିଲଦାର, ରାଉରକେଲା ଫେବୃଆରୀ 2010 ରେ କହିଲେ ଯେ ପଟ୍ଟାଗ୍ରହୀତାଙ୍କ ନିକଟରେ ଦାବି ଉପସ୍ଥାପନ ହେବ । ପରବର୍ତ୍ତୀ ଉତ୍ତର ପ୍ରାପ୍ତ ହୋଇନାହିଁ (ଡିସେମ୍ବର 2010) ।

### 4.2.6.6 ପୁଞ୍ଜିକୃତ ମୂଲ୍ୟ ଅନାରୋପଣ/ସ୍ୱଳ୍ପାରୋପଣ

ଓଡିଶା ସରକାରୀ ଭୂ-ବନ୍ଦୋବସ୍ତ ଅଧିନିୟମ/ନିୟମାବଳୀ ଓ ସମୟାନୁକ୍ରମେ ଜାରି ସରକାରୀ ନିର୍ଦ୍ଦେଶନାମା ତଥା 4 ସେପ୍ଟେମ୍ବର 1964 ଓ 22 ଜାନୁଆରୀ 2005 ର ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ସରକାରୀ ଜମି କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତରଣ କରିବା/ ପଟ୍ଟା ଦେବା ବାବଦରେ ଅଧିମୂଲ୍ୟ ସହିତ ଏକକାଳୀନ ବନ୍ଦୋବସ୍ତ ପାଇଁ ନିର୍ଦ୍ଧାରିତ ବାର୍ଷିକ ଭୂ-କର ଓ ସେସ୍ ର 25 ଗୁଣ ରାଶି ପୁଞ୍ଜିକୃତ ମୂଲ୍ୟ ହିସାବରେ ପୈଠ କରିବାକୁ ପଡେ ।

ସାତଟି ତହସିଲର ନଥିପତ୍ର ନମୁନା ଯାଞ୍ଚରୁ ଆମର ଦୃଷ୍ଟିଗୋଚର ହେଲା ଯେ ଆଠଗୋଟି ମାମଲା ସମ୍ବଳିତ 1439.598 ଏକର ପରିମିତ ସରକାରୀ ଜମି ପାଞ୍ଚଗୋଟି କେନ୍ଦ୍ର ସରକାରୀ ସଂସ୍ଥାକୁ ହସ୍ତାନ୍ତରଣ କରାଯାଇଥିଲା । ତା’ ଉପରେ ସରକାରୀ ଦେୟ ହିସାବ କଲାବେଳେ ତହସିଲଦାର ମାନେ ତିନିଗୋଟି ମାମଲାରେ ପୁଞ୍ଜିକୃତ ମୂଲ୍ୟ ଆରୋପଣ କରିନଥିଲେ ଓ ଅନ୍ୟ ପାଞ୍ଚଗୋଟି ମାମଲାରେ ଉଭୟ ଭୂ-କର ଓ ସେସ୍ ଉପରେ ପୁଞ୍ଜିକୃତ ମୂଲ୍ୟ ଆରୋପଣ ନକରି କେବଳ ଭୂ-କର ଉପରେ ଆରୋପଣ କରିଥିଲେ । ଫଳରେ 31 ମାର୍ଚ୍ଚ 2009 ପର୍ଯ୍ୟନ୍ତ ଲାଗୁ ହେଉଥିବା ସୁଧ ସମେତ 25.07 କୋଟି ଟଙ୍କାର ପୁଞ୍ଜିକୃତ ମୂଲ୍ୟ ଅନାରୋପଣ/ସ୍ୱଳ୍ପାରୋପଣ ହୋଇଥିଲା । ଏହାର ସମ୍ପୂର୍ଣ୍ଣ ବିବରଣୀ ପ୍ରତିବେଦନ ସଂଲଗ୍ନ **ପରିଶିଷ୍ଟ-VIII** ରେ ଦର୍ଶାଯାଇଅଛି ।

ଆମେ ଉକ୍ତ ମାମଲା ଗୁଡିକୁ ଦର୍ଶାଇବା ପରେ ତହସିଲଦାର, ବଡବିଲଙ୍କୁ ଛାଡି ଅନ୍ୟ ସମସ୍ତ ତହସିଲଦାର ମାନେ ଦାବୀ ଉପସ୍ଥାପନ କରିବାକୁ ସମ୍ମତ ହେଲେ । ଡିସେମ୍ବର 2009 ରେ ତହସିଲଦାର, ବଡବିଲ ଉଲ୍ଲେଖ କଲେ ଯେ ମାମଲା ସମ୍ପର୍କିତ ନଥିଗୁଡିକ ଅନୁଧ୍ୟାନ କଲା ପରେ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ପରବର୍ତ୍ତୀ ଉତ୍ତର ପ୍ରାପ୍ତ ହୋଇନାହିଁ (ଡିସେମ୍ବର 2010) ।

**ସରକାର ତହସିଲଦାର ମାନଙ୍କୁ ସରକାରୀ ଜମି ହସ୍ତାନ୍ତରଣ ସମ୍ପର୍କିତ ରାଜସ୍ୱ ଆଦାୟ ସଠିକ ଭାବେ ହିସାବ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ଖିଲାପି ଅଧିକାରୀ ମାନଙ୍କ ଉପରେ ତ୍ରୁଟି ପାଇଁ ଦାୟିତ୍ୱନ୍ୟସ୍ତ କରିପାରନ୍ତି ।**

### 4.2.6.7 ଆନୁସଙ୍ଗିକ ଦେୟ ପାଇଁ ଫିସ୍ ଅନାରୋପଣ/ସ୍ୱଳ୍ପାରୋପଣ

ଓଡିଶା ସରକାରୀ ଭୂ-ବନ୍ଦୋବସ୍ତ ଅଧିନିୟମ 1962 ଓ ତଦଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ 500 ଏକର ବା ତଦୁର୍ଦ୍ଧ୍ୱ ପରିମିତ କ୍ଷେତ୍ର କୌଣସି ଏକକ ସଂସ୍ଥାକୁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ (କୃଷି କିମ୍ବା ଗୃହନିର୍ମାଣ ବ୍ୟତୀତ) ହସ୍ତାନ୍ତରଣ/ପଟ୍ଟାଦାନ ସୂତ୍ରେ ଦିଆଗଲେ ତା' ଉପରେ ଆରୋପିତ ଅଧିମୂଲ୍ୟ, ଭୂ-କର, ସେସ୍ ଓ ସୁଧ ସମେତ ଜମିର ବଜାର ମୂଲ୍ୟର ଶତକଡା 10 ଭାଗ ଆନୁସଙ୍ଗିକ ଦେୟ ଧାର୍ଯ୍ୟ ହେବ ।

ଆଠଗୋଟି ତହସିଲ କାର୍ଯ୍ୟାଳୟର ହସ୍ତାନ୍ତରଣ/ ପଟ୍ଟାପ୍ରଦାନ ସମ୍ପର୍କିତ ନଥିପତ୍ର ନମୁନା ଯାଞ୍ଚକ୍ରମେ ଆମର ଦୃଷ୍ଟିଗୋଚର ହେଲା ଯେ 500 ଏକର ଓ ତଦୁର୍ଦ୍ଧ୍ୱ କ୍ଷେତ୍ରରେ ସ୍ଥାପିତ ପ୍ରକଳ୍ପ ଗୁଡିକ ବାବଦରେ 4096.175 ଏକର ପରିମିତ ସରକାରୀ ଜମି ନଅଗୋଟି ଶିଳ୍ପସଂସ୍ଥା/ କେନ୍ଦ୍ର ସରକାରୀ ସଂସ୍ଥାକୁ ଶିଳ୍ପାୟନ/ବାଣିଜ୍ୟିକ ଉଦ୍ଦେଶ୍ୟରେ ମଞ୍ଜୁରି ପ୍ରଦାନ କରଯାଇଥିଲା । କିନ୍ତୁ ତହସିଲଦାର ମାନେ ଅଧିମୂଲ୍ୟ ବାବଦ 140.39 କୋଟି ଟଙ୍କାର ଦାବି ଉପସ୍ଥାପନ କରିଥିଲେ ସୁଦ୍ଧା ପ୍ରତିବେଦନ ସଂଲଗ୍ନ **ପରିଶିଷ୍ଟ-IX** ରେ ବର୍ଣ୍ଣିତ 13.56 କୋଟି ଟଙ୍କାର ଆନୁସଙ୍ଗିକ ଦେୟ ଆରୋପଣ କରିନଥିଲେ/ସ୍ୱଳ୍ପାରୋପଣ କରିଥିଲେ ।

ଆମେ ଉକ୍ତ ମାମଲା ଗୁଡିକୁ ଦର୍ଶାଇବା ପରେ ଡିସେମ୍ବର 2009 ରୁ ମାର୍ଚ୍ଚ 2010 ମଧ୍ୟରେ ସମସ୍ତ ତହସିଲଦାର ମାନେ ଆନୁସଙ୍ଗିକ ଦେୟ ଆଦାୟ ପାଇଁ ଦାବି ଉପସ୍ଥାପନ କରିବାକୁ ସମ୍ମତି ପ୍ରକାଶ କଲେ । ପରବର୍ତ୍ତୀ ଉତ୍ତର ପ୍ରାପ୍ତ ହୋଇନାହିଁ (ଡିସେମ୍ବର 2010) ।

**ବିଭିନ୍ନ ତହସିଲ ଇଲାକାଧୀନ ନିର୍ଦ୍ଦିଷ୍ଟ ପ୍ରକଳ୍ପ ପାଇଁ ଉପରୋକ୍ତ ଶ୍ରେଣୀର ସଂସ୍ଥା ମାନଙ୍କୁ ହସ୍ତାନ୍ତରିତ ହୋଇଥିବା ମୋଟ ଜମି ଉପରେ ଆନୁସଙ୍ଗିକ ଦେୟ ଲାଗୁ କରିବା ପାଇଁ ଏକ ସଂକ୍ରିୟା ବିକଶିତ ହେବା ଦରକାର ।**

### 4.2.6.8 ବିଳମ୍ବରେ ପ୍ରଦତ୍ତ ସରକାରୀ ଦେୟ ଉପରେ ସୁଧ ଅନାରୋପଣ/ଅନାଦାୟ

**(କ)** ଦୁଇଗୋଟି ତହସିଲର ନଥିପତ୍ରର ନମୁନା ଯାଞ୍ଚକ୍ରମେ ଆମର ଦୃଷ୍ଟିଗୋଚର ହେଲା ଯେ, ସରକାରୀ ଜମି ଦଖଲ ସମ୍ବଳିତ ଦୁଇଗୋଟି ମାମଲାରେ ବିଳମ୍ବରେ ପ୍ରଦତ୍ତ ସରକାରୀ ଦେୟ ଉପରେ ସମ୍ପୃକ୍ତ ତହସିଲଦାର ମାନେ ନିମ୍ନମତେ ବର୍ଣ୍ଣିତ 34.15 ଲକ୍ଷ ଟଙ୍କାର ସୁଧ ଆରୋପଣ କରିନଥିଲେ ।

(ଟଙ୍କା ଲକ୍ଷ ଆକାରରେ)

| ତହସିଲର ନାମ<br>ପଟ୍ଟାଗ୍ରହୀତାଙ୍କ ନାମ | ଦଖଲରେ ଥିବା କ୍ଷେତ୍ର (ଏକରରେ) | ଦଖଲ ତାରିଖ | ସରକାରୀ ଦେୟ ଆଦାୟ ତାରିଖ | କେଉଁ ଅବଧି ପାଇଁ ସୁଧ ଆରୋପଣ ଯୋଗ୍ୟ | ଆରୋପଣ ଓ ଆଦାୟଯୋଗ୍ୟ ସୁଧ |
|---|---|---|---|---|---|
| ତାଳଚେର<br>ଜି.ଏମ୍. ଭାରି ଜଳ ପ୍ରକଳ୍ପ, ତାଳଚେର | 14.440 | 28.02.2001 | 31.12.2006 | ମାର୍ଚ୍ଚ 2001 ରୁ ଡିସେମ୍ବର 2006 (70 ମାସ) | 22.74 |
| ସମ୍ବଲପୁର<br>ସଚିବ, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ | 0.971 | 25.05.2005 ରୁ 06.09.2005 | 31.03.2008 | 2005-06 ରୁ 2007-08 | 11.41 |
| ମୋଟ | **15.411** | | | | **34.15** |

ଆମେ ଉକ୍ତ ମାମଲା ଗୁଡିକୁ ଦର୍ଶାଇବା ପରେ ଫେବୃଆରୀ ଓ ମାର୍ଚ୍ଚ 2010 ମଧ୍ୟରେ ତହସିଲଦାର ମାନେ ସୁଧ ଆଦାୟ କରିବାକୁ ସମ୍ମତି ଜଣାଇଲେ । ପରବର୍ତ୍ତୀ ଉତ୍ତର ପ୍ରାପ୍ତ ହୋଇନାହିଁ (ଡିସେମ୍ବର 2010) ।

**(ଖ)** ରାଉରକେଲା ତହସିଲର ନଥିପତ୍ର ନମୁନା ଯାଞ୍ଚକ୍ରମେ ଆମର ଦୃଷ୍ଟିଗୋଚର ହେଲା ଯେ, ସଚିବ, ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ବିଳମ୍ବରେ ପ୍ରଦତ୍ତ ସରକାରୀ ଦେୟ ଉପରେ ତହସିଲଦାର ସୁଧ ବାବଦ 1.85 କୋଟି ଟଙ୍କାର ଦାବି ଉପସ୍ଥାପନ କରିଥିଲେ । ପଟ୍ଟାଗ୍ରହୀତା ସୁଧଛାଡ ପାଇଁ ସରକାରଙ୍କୁ ଆବେଦନ କରିଥିଲେ । ଗୋଟିଏ ମାମଲାରେ (69.29 ଲକ୍ଷ ସୁଧ ସମ୍ବଳିତ) ସରକାର ସୁଧଛାଡ ପାଇଁ ଅସମ୍ମତି ପ୍ରକାଶ କରିଥିଲେ (ଏପ୍ରିଲ 2007) ଓ ଅନ୍ୟ ମାମଲାଟିରେ 1.16 କୋଟି ଟଙ୍କାର ସୁଧଛାଡ ପାଇଁ ସରକାରଙ୍କ ନିଷ୍ପତ୍ତି ଅଦ୍ୟାବଧି ପ୍ରାପ୍ତ ହୋଇନଥିଲା । କିନ୍ତୁ ତହସିଲଦାର ପ୍ରଚଳିତ ବିଧି ଅନୁଯାୟୀ 0.69 କୋଟି ଟଙ୍କାର ସରକାରୀ ଦେୟ ଆଦାୟ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ । ଅପର ପକ୍ଷରେ, ସରକାରୀ ଉଦାସୀନତା ହେତୁ 1.16 କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇନଥିଲା ।

ଆମେ ଉପରୋକ୍ତ ମାମଲା ଗୁଡିକୁ ଦର୍ଶାଇବା ପରେ ତହସିଲଦାର ଫେବୃଆରୀ 2010 ରେ ସାନି ଦାବି ଉପସ୍ଥାପନ କରିବାକୁ ସମ୍ମତି ପ୍ରକାଶ କଲେ । ପରବର୍ତ୍ତୀ ଉତ୍ତର ପ୍ରାପ୍ତ ହୋଇନାହିଁ (ଡିସେମ୍ବର 2010) ।

**(ଗ)** ରାଉରକେଲା ତହସିଲ କାର୍ଯ୍ୟାଳୟ ନଥିପତ୍ର ନମୁନା ଯାଞ୍ଚକ୍ରମେ ଆମର ଦୃଷ୍ଟିଗୋଚର ହେଲା ଯେ 1 ଜୁନ୍ 2001 ରୁ ପରବର୍ତ୍ତୀ 20 ବର୍ଷ ପାଇଁ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ବାର୍ଷିକ ଭୂ-କର ଓ ସେସ୍ ବାବଦରେ 1.89 କୋଟି ଟଙ୍କାର (ବାର୍ଷିକ ଭୂ-କର, 1.08 କୋଟି ଟଙ୍କା ଓ ସେସ୍ 0.81 କୋଟି ଟଙ୍କା) ଦେୟ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲାଙ୍କ ଦ୍ୱାରା ଅନନ୍ତିମ ଭାବେ ସ୍ଥିର ହୋଇଥିଲା । ତଦନୁଯାୟୀ ତହସିଲଦାର 2006-07 ପର୍ଯ୍ୟନ୍ତ ଭୂ-କର ଓ ସେସ୍ ବାବଦ 11.02 କୋଟି ଟଙ୍କାର ଦାବି ଉପସ୍ଥାପନ କରିଥିଲେ ଓ ଜୁନ୍ 2001 ରୁ 2005-06 ବର୍ଷ ମଧ୍ୟରେ ଆର୍.ଏସ୍.ପି. 5.22 କୋଟି ଟଙ୍କା ଅନନ୍ତିମ ଭାବେ ପୈଠ କରିଥିଲେ ଏବଂ 5.80 କୋଟି ଟଙ୍କା ଅନାଦାୟ ରହିଥିଲା । ଅବଶିଷ୍ଟ ରାଶି 31 ଜାନୁଆରୀ 2007 ରେ ବିଳମ୍ବରେ ପୈଠ କରାଯାଇଥବା ଯୋଗୁଁ ଉକ୍ତ ସଂସ୍ଥା ପ୍ରଦତ୍ତ ସରକାରୀ ଦେୟ ଉପରେ ସୁଧ ବାବଦ 1.55 କୋଟି ଟଙ୍କା ଦେବାକୁ ଦାୟୀ ଥିଲା ।

ଆମେ ଏହା ଦର୍ଶାଇବା ପରେ ତହସିଲଦାର ରାଉରକେଲା ଫେବୃଆରୀ 2010 ରେ ଏଥି ନିମନ୍ତେ ଦାବୀ ଉପସ୍ଥାପନ କରିବାକୁ ସମ୍ମତି ପ୍ରକାଶ କଲେ । ପରବର୍ତ୍ତୀ ଉତ୍ତର ପ୍ରାପ୍ତ ହୋଇନାହିଁ (ଡିସେମ୍ବର 2010) ।

### 4.2.7 ପଟ୍ଟାଜମି ପୁନର୍ଦ୍ଦଖଲ ନହେବା

ଅକ୍ଟୋବର 1961 ରେ ପ୍ରଣୀତ ସରକାରଙ୍କ ପଟ୍ଟା ପ୍ରଦାନ ନୀତି ଓ ପଟ୍ଟା ମଞ୍ଜୁରି ଆଦେଶର ସର୍ତ୍ତାବଳୀ ଅନୁଯାୟୀ ସରକାରୀ ଜମି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହୃତ ହେବ; ଏତଦ୍‌ଭିନ୍ନ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ପାରିବନାହିଁ । ଉକ୍ତ ଜମି ମଞ୍ଜୁରି ହୋଇଥିବା ଉଦ୍ଦେଶ୍ୟରେ ବ୍ୟବହୃତ ହୋଇନଥିଲେ ପଟ୍ଟାଦାତା ଅର୍ଥାତ ସରକାର ପଟ୍ଟାଗ୍ରହୀତାଙ୍କ ଦ୍ୱାରା ଏହା ଉପରେ କରାଯାଇଥିବା କୌଣସି ଅଭିବୃଦ୍ଧି/ ସଂରଚନାତ୍ମକ ନିର୍ମାଣ ପାଇଁ କୌଣସି କ୍ଷତିପୂରଣ ନଦେଇ ଏହାକୁ ସମସ୍ତ ଋଣଭାର ମୁକ୍ତ ହିସାବରେ ପୁନର୍ଦ୍ଦଖଲ କରିପାରିବେ ।

ଦୁଇଗୋଟି ତହସିଲର[14] ନଥିପତ୍ର ନମୁନା ଯାଞ୍ଚକ୍ରମେ ଆମର ଦୃଷ୍ଟିଗୋଚର ହେଲା ଯେ ଦୁଇଗୋଟି ମାମଲାରେ ଯଥାକ୍ରମେ ଡିସେମ୍ବର 2001 ଓ ମାର୍ଚ୍ଚ 2006 ରେ 37.95 ଏକର ସରକାରୀ ଜମି 2.96 କୋଟି ଟଙ୍କାର ବଜାର ମୂଲ୍ୟ ପରିବର୍ତ୍ତେ ରିଆତି 0.14 କୋଟି ଟଙ୍କା ମୂଲ୍ୟରେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ ନହୋଇ ଏକ ଡାକ୍ତରୀ ମହାବିଦ୍ୟାଳୟ (37.00 ଏକର) ତଥା ଧାର୍ଯ୍ୟ ସମୟର ତିନିବର୍ଷ ମଧ୍ୟରେ ଏକ ଶିକ୍ଷସଂସ୍ଥା (0.95 ଏକର) ସ୍ଥାପନ ପାଇଁ ପଟ୍ଟାସୂତ୍ରେ ମଞ୍ଜୁର ହୋଇଥିଲା । ପ୍ରଥମ ମାମଲାଟିରେ 37.00 ଏକର ସରକାରୀ ଜମି ଦଖଲ କରୁଥିବା ପଟ୍ଟାଗ୍ରହୀତା ଉକ୍ତ ଜମିକୁ ଡାକ୍ତରୀ ମହାବିଦ୍ୟାଳୟ ନିର୍ମାଣ ପାଇଁ ବ୍ୟବହାର କରି ନଥିଲେ । ଦ୍ୱିତୀୟ ମାମଲାରେ ଜମିଟି ଅଗଷ୍ଟ 2006 ରେ ପଟ୍ଟାଗ୍ରହୀତାଙ୍କୁ ଦିଆଯାଇଥିଲେ ମଧ୍ୟ ଏହା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ

[14] ବ୍ରହ୍ମପୁର ଏବଂ ସୁନ୍ଦରଗଡ ।

ମଞ୍ଜୁରି ହୋଇଥିବା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ନଥିଲା । ତହସିଲଦାରମାନେ ଏହାର ପୁନର୍ଦଖଲ ପାଇଁ କୌଣସି ପଦକ୍ଷେପ ନେଇ ନଥିଲେ ( ମାର୍ଚ୍ଚ 2010) ।

ଆମେ ଉକ୍ତ ମାମଲା ଗୁଡ଼ିକୁ ଦର୍ଶାଇବା ପରେ ତହସିଲଦାର, ସୁନ୍ଦରଗଡ ଓଡିଶା ସରକାରୀ ଭୂ-ବନ୍ଦୋବସ୍ତ ନିୟମାବଳୀ ଅନୁସାରେ ଜମି ପୁନର୍ଦଖଲ କରିବାକୁ ସମ୍ମତି ଜଣାଇଲେ ଓ ତହସିଲଦାର, ବ୍ରହ୍ମପୁର ପରବର୍ତ୍ତୀ ପଦକ୍ଷେପ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଲେ । ପରବର୍ତ୍ତୀ ଉତ୍ତର ପ୍ରାପ୍ତ ହୋଇନାହିଁ (ଡିସେମ୍ବର 2010) ।

**ସରକାର ରାଜସ୍ୱ କର୍ତ୍ତୃପକ୍ଷମାନଙ୍କୁ ପଟ୍ଟା ସୂତ୍ରେ ମଞ୍ଜୁରି ପ୍ରାପ୍ତ ଜମି ବିନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇନଥିଲେ ଏହାକୁ ପୁନର୍ଦଖଲ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରି ପାରନ୍ତି ।**

## 4.2.8 ସରକାରୀ ଜମି ଜବରଦଖଲ

ଓଡିଶା ଜବରଦଖଲ ଉଚ୍ଛେଦ ଅଧିନିୟମ 1972 ଓ ତଦଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ କୌଣସି ସରକାରୀ/ବେସରକାରୀ ସଂସ୍ଥା ସରକାରୀ ଜମି ଜବର ଦଖଲ କରିଥିଲେ ଏହାର ଉଚ୍ଛେଦ କିମ୍ବା ବନ୍ଦୋବସ୍ତ ଲାଗି କୌଣସି ସମୟସୀମାର ବ୍ୟବସ୍ଥା ନାହିଁ ।

28 ଗୋଟି ତହସିଲ କାର୍ଯ୍ୟାଳୟରୁ ପ୍ରାପ୍ତ ସୂଚନା ଆଧାରରେ ଆମେ ଦେଖିଲୁ ଯେ 31 ମାର୍ଚ୍ଚ 2009 ସୁଦ୍ଧା 44,066 ଗୋଟି ଜବର ଦଖଲ ମାମଲା ଫଏସଲା ନହୋଇ ପଡିରହିଥିଲା ଯାହାର ବର୍ଷାନୁଯାୟୀ ସ୍ଥିତି ଅନିୟମିତ ନଥି ରକ୍ଷଣାବେକ୍ଷଣ ହେତୁ ନିରୂପିତ ହୋଇ ପାରିନଥିଲା । ଏ ସଂକ୍ରାନ୍ତରେ 10 ଗୋଟି ତହସିଲ କୌଣସି ତଥ୍ୟ ପ୍ରଦାନ କରିନଥିବା ବେଳେ 14 ଗୋଟି ତହସିଲରୁ ତଥ୍ୟ ପ୍ରାପ୍ତି ପ୍ରତୀକ୍ଷା କରାଯାଇଥିଲା (ସେପ୍ଟେମ୍ବର 2010) । ଏଥିରୁ ଜବରଦଖଲ ମାମଲା ଗୁଡିକର ପର୍ଯ୍ୟାଲୋଚନା ନିମନ୍ତେ ଏକ ଉଚିତ ସଂକ୍ରିୟା ଅଭାବ ଥିବାର ସୂଚନା ମିଳେ ।

### 4.2.8.1 ଜବରଦଖଲ ମାମଲା ଗୁଡିକରେ ନିଷ୍କ୍ରିୟତା

ଓଡିଶା ଜମି ଜବରଦଖଲ ପ୍ରତିରୋଧ ଅଧିନିୟମ (ଓ.ପି.ଏଲ୍.ଇ) 1972 ଓ ତଦଧୀନ ପ୍ରଣୀତ ନିୟମାବଳୀ, 1985 ସହ ପଠିତ 2 ଫେବୃଆରୀ 1966 ର ସରକାରୀ ସ୍ପଷ୍ଟିକରଣ ଅନୁଯାୟୀ କୌଣସି ସଂସ୍ଥା, କର୍ତ୍ତୃପକ୍ଷ କିମ୍ବା ବେସରକାରୀ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରିଥିଲେ ତାଙ୍କୁ ନିର୍ଦ୍ଧାରିତ ହାରରେ ଜମାବନ୍ଦୀ ଓ ଜୋରିମାନା ଆରୋପଣ ଓ ଆଦାୟପୂର୍ବକ ଦଖଲଚ୍ୟୁତ କିମ୍ବା ତାଙ୍କଠାରୁ ସରକାରଙ୍କ ବିକ୍ରୟଯୋଗ୍ୟ ହେଲେ (କୌଣସି ଆପତ୍ତି ନଥିଲେ) ତହସିଲଦାର ସୁପାରିଶ କରିଥିବା ଦିନଠାରୁ କିମ୍ବା ଜବରଦଖଲ ଦିନ ଠାରୁ ବଜାର ମୂଲ୍ୟ ଭିତ୍ତିରେ ସ୍ଥିରୀକୃତ ଅଧିମୂଲ୍ୟ (ଯେଉଁଟି ଅଧିକ ହେବ) ସହିତ ନିର୍ଦ୍ଧାରିତ ହାରରେ ଭୂ-କର, ସେସ୍ ଓ ସୁଧ ଆଦାୟ କ୍ରମେ ଫଏସଲା କରାଯିବା ବିଧେୟ । 28 ନଭେମ୍ବର 2008 ରେ ସରକାର ନିର୍ଦ୍ଦିଷ୍ଟ କ୍ରିୟାବିଧି ଅନୁପାଳନ କ୍ରମେ ଯୋଗ୍ୟ ବିବେଚିତ ମାମଲାରେ ବିଦ୍ୟୁତ ବିତରକ କମ୍ପାନୀ ଗୁଡିକ ସରକାରୀ ଜମି ଦଖଲ କରିଥିବା ମାମଲା ଫଏସଲା କରିବାକୁ ସ୍ଥିର କରିଥିଲେ ।

13 ଗୋଟି ତହସିଲ କାର୍ଯ୍ୟାଳୟ ନଥିପତ୍ରର ନମୁନା ଯାଞ୍ଚକ୍ରମେ ଆମେ ଦେଖିଲୁ ଯେ 106.438 ଏକର ପରିମିତ ସରକାରୀ ଜମି 1 ରୁ 28 ବର୍ଷ ପର୍ଯ୍ୟନ୍ତ କେତେକ ଶିକ୍ଷ ପ୍ରତିଷ୍ଠାନ ସମେତ 42 ଜଣ ଜବର ଦଖଲକାରୀଙ୍କ ଦଖଲରେ ଥିଲା । କିନ୍ତୁ ତହସିଲଦାର ମାନେ ଓଡିଶା ଜମି ଜବରଦଖଲ ପ୍ରତିରୋଧ ଅଧିନିୟମ ଓ ତଦଧୀନ ନିୟମାବଳୀ ଅନୁପାଳନ କ୍ରମେ ସେମାନଙ୍କୁ ଦଖଲଚ୍ୟୁତ କିମ୍ବା ନିର୍ଦ୍ଧାରିତ ହାରରେ ତାଙ୍କଠାରୁ ସରକାରୀ ଦେୟ ଆଦାୟ କରି ଜମି ବନ୍ଦୋବସ୍ତ କରିନ ଥିଲେ । ସମ୍ପୃକ୍ତ ମାମଲା ନଥିରେ ତହସିଲଦାର ମାନେ ନିୟମାନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାର କୌଣସି କାରଣ ଉଲ୍ଲେଖ କରାଯାଇନଥିଲା । ତଥାପି ଜବରଦଖଲ ମାମଲା ଗୁଡିକୁ ଦଖଲଚ୍ୟୁତ କିମ୍ବା ବନ୍ଦୋବସ୍ତ ଦ୍ୱାରା ନିୟମିତୀକରଣ ନକରିବା ଫଳରେ ସମୀକ୍ଷାରେ ଉପଲବ୍ଧ ବଜାର ମୂଲ୍ୟ

ଭିତ୍ତିରେ 7.33 କୋଟି ଟଙ୍କାର ଅଧିମୂଲ୍ୟ ଅବରୋଧ ହୋଇଥିଲା । ଏହାର ସମ୍ପୂର୍ଣ୍ଣ ବିବରଣୀ ପ୍ରତିବେଦନ ସଂଲଗ୍ନ **ପରିଶିଷ୍ଟ-X** ରେ ସ୍ଥାନିତ ହୋଇଅଛି ।

ଆମେ ଉକ୍ତ ମାମଲା ଗୁଡିକୁ ଦର୍ଶାଇବା ପରେ ସମ୍ପୃକ୍ତ ତହସିଲଦାର ମାନେ ଅକ୍ଟୋବର 2009 ଓ ଏପ୍ରିଲ 2010 ମଧ୍ୟରେ ଜବରଦଖଲ ମାମଲା ଗୁଡିକୁ ନିୟମିତୀକରଣ କରିବା ସହିତ ସରକାରୀ ଦେୟ ଆଦାୟ କରିବାକୁ ପଦକ୍ଷେପ ନେବାପାଇଁ ସମ୍ମତି ପ୍ରକାଶ କରିଥିଲେ ।

**ସରକାର ସମ୍ପୃକ୍ତ ତହସିଲଦାର ମାନଙ୍କୁ ଯୋଗ୍ୟ ବିବେଚିତ ମାମଲାରେ ଜମାବନ୍ଦୀ ଓ ଜୋରିମାନା ଆଦାୟ କରି ସମ୍ପୃକ୍ତ ଜମି ବନ୍ଦୋବସ୍ତ କରିବା ପାଇଁ ଓ ଅନ୍ୟ ମାମଲାରେ ଜବରଦଖଲରୁ ବିଚ୍ୟୁତ କରିବାକୁ ନିର୍ଦ୍ଦେଶନାମା ଜାରି କରି ପାରନ୍ତି ।**

### 4.2.8.2 ସରକାରୀ ଜମିରୁ ଜବରଦଖଲକାରୀ ବିଚ୍ୟୁତ ନହେବା

ଡିସେମ୍ବର 2009 ରେ ଆମର ଦୃଷ୍ଟିଗୋଚର ହେଲା ଯେ ବଡବିଲ ତହସିଲରେ ଗୋଚର[15] କିସମ[16] ର 13.94 ଏକର ପରିମିତ ସରକାରୀ ଜମି 2002-03 ରୁ ଏକ ଶିଳ୍ପସଂସ୍ଥା ଦ୍ଵାରା ଜବରଦଖଲ ହୋଇଥିଲା, ଯାହାକୁ ଦଖଲକର୍ତ୍ତା ସୀମାବଦ୍ଧ କରିବା ସହ ଏହାର ମଧ୍ୟ ଭାଗରେ ଏକ ଭଣ୍ଡାରଗୃହ ନିର୍ମାଣ କରିଥିଲେ । ଏଥି ପାଇଁ 2003 ରେ ସଂସ୍ଥା ବିରୁଦ୍ଧରେ ଏକ ଜବରଦଖଲ ମାମଲା ଦାଖଲ କରାଯାଇଥିଲା ଓ 31 ମାର୍ଚ୍ଚ 2003 ସୁଦ୍ଧା ପିଛିଲା ଖଜଣା ଓ ଜୋରିମାନା ବାବଦ 0.29 ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା, କିନ୍ତୁ ଜବରଦଖଲରୁ ବିଚ୍ୟୁତ କରାଯାଇନଥିଲା । ଜବରଦଖଲକାରୀ 12 ମାର୍ଚ୍ଚ 2004 ରେ ଉକ୍ତ ଜମିର ପଟ୍ଟାଦାନ ଲାଗି ଆବେଦନ କରିଥିଲେ ଯାହା 27 ଡିସେମ୍ବର 2006 ରେ ସରକାରଙ୍କ ଦ୍ଵାରା 2002-03 ରୁ 2005-06 ପର୍ଯ୍ୟନ୍ତ ସୁଧ ସମେତ ଅଧିମୂଲ୍ୟ ଭୂ-କର ଓ ସେସ୍ ବାବଦ 1.09 କୋଟି ଟଙ୍କା ସ୍ଥିରୀକୃତ ହୋଇ ତଥା ଉକ୍ତ ଜମି ପ୍ରତିବଦଳରେ ଗୋଚର ଉଦ୍ଦେଶ୍ୟରେ ସମପରିମାଣର ସଂହତ କ୍ଷେତ୍ର ଦେବା ସର୍ତ୍ତରେ ମଞ୍ଜୁର କରାଯାଇଥିଲା । କିନ୍ତୁ ପଟ୍ଟାଗ୍ରହୀତା ସରକାରୀ ଦେୟ ପୈଠ କରିନଥିଲେ କିମ୍ବା ପଟ୍ଟାଗ୍ରହଣ ସର୍ତ୍ତ ମୁତାବକ ସମପରିମାଣର ଜମି ମଧ୍ୟ ଯୋଗାଇ ଦେଇ ନଥିଲେ ।

ଆମେ ଏହି ମାମଲାଟିକୁ ଦର୍ଶାଇବା ପରେ ତହସିଲଦାର ଡିସେମ୍ବର 2009 ରେ ଉଲ୍ଲେଖ କଲେ ଯେ ଉକ୍ତ ସଂସ୍ଥାକୁ ପଟ୍ଟାଦାନ ମଞ୍ଜୁରି ଆଦେଶାନୁସାରେ ସମସ୍ତ ନିବନ୍ଧନ ଓ ସର୍ତ୍ତ ଅନୁପାଳନ କରିବାକୁ ଓ ସମପରିମାଣ ଉପଯୁକ୍ତ ଜମି ଯୋଗାଇ ଦେବାକୁ ବାରମ୍ବାର ଅନୁରୋଧ କରାଯାଇ ଆସୁଅଛି । କମ୍ପାନୀ ମଧ୍ୟ କାରଣ ଦର୍ଶାଅ ବିଜ୍ଞପ୍ତିରେ ପ୍ରତିକ୍ରିୟା ପ୍ରକାଶ କରି କମ୍ପାନୀ ପକ୍ଷରୁ ଉକ୍ତ ଗ୍ରାମରେ ଗୋଚର ପାଇଁ ଉପଯୁକ୍ତ ସମ ପରିମାଣର ସଂହତ କ୍ଷେତ୍ର ଉପଲବ୍ଧ ହେଉନଥିବା ଦର୍ଶାଇ ଓ ସେଥିପାଇଁ ଜମି ଅଧିଗ୍ରହଣ ଅଧିନିୟମ ଅନୁଯାୟୀ ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ) ମାଧ୍ୟମରେ ଆଦିବାସୀମାନଙ୍କ ବେସରକାରୀ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରାଯାଇଥିବାର କହିଥିଲେ । ପ୍ରକୃତରେ ଉକ୍ତ ସଂସ୍ଥା ଡିସେମ୍ବର 2006 ରେ ସରକାରଙ୍କ ଦ୍ଵାରା ସ୍ଥିରୀକୃତ ଦେୟ ପୈଠ ନକରି ଅପ୍ରାଧିକୃତ ଭାବରେ ଗୋଚର କିସମ ସରକାରୀ ଜମି ଏଯାବତ୍ ଦଖଲ କରିଥିଲେ ଏବଂ ବିଭାଗ ଏହି ମାମଲାରେ ସରକାରୀ ଆଦେଶକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲେ ।

---

15 ଗୋଚର–ଗୋରୁମାନେ ଚରଣ କରିବା ପାଇଁ ଚିହ୍ନିତ ଜମି ।

16 କିସମ –ଜମିର ପ୍ରକାର ।

## 4.2.9 ଆଭ୍ୟନ୍ତରୀଣ ସମୀକ୍ଷା

> ଆଭ୍ୟନ୍ତରୀଣ ସମୀକ୍ଷା ଏକ ସ୍ୱାଧୀନ ସତ୍ତା ଭାବରେ ବିଭାଗୀୟ ନିୟମାବଳୀ ଓ କ୍ରିୟାବିଧି ଅନୁପାଳନ ସ୍ତରର ମୂଲ୍ୟାୟନ ଓ ପରୀକ୍ଷା କରି ବିଭାଗୀୟ/ଦପ୍ତର ମୁଖ୍ୟଙ୍କୁ ଶଙ୍କାଗ୍ରସ୍ତ ଅର୍ଥକ୍ଷେତ୍ର, ଶାସନ ତଥା ବିଭାଗୀୟ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଢାଞ୍ଚା ପର୍ଯ୍ୟାପ୍ତ କି ନୁହେଁ ସେ ବିଷୟରେ ସ୍ୱାଧୀନ ମତାମତ ତଥା ଭରସା ଦେଇଥାଏ ।

ନଥିପତ୍ରର ନମୁନା ଯାଞ୍ଚ ଓ ରାଜସ୍ୱ ପର୍ଷଦରୁ ପ୍ରାପ୍ତ ସୂଚନା କ୍ରମେ ଆମେ ଦେଖିଲୁ ଯେ ପ୍ରତ୍ୟେକ ଦଳରେ ଦୁଇଜଣ ସମୀକ୍ଷକ ଓ ଜଣେ ପିଅନ ଥାଇ 19 ଗୋଟି ସମୀକ୍ଷାଦଳକୁ ନେଇ ଏକ ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ ଏକାନ୍ତ ଭାବେ ତହସିଲ ଗୁଡ଼ିକର ସମୀକ୍ଷା ନିମନ୍ତେ ରାଜସ୍ୱ ପର୍ଷଦ ଅଧିନରେ ଥିଲେ ମଧ୍ୟ ପୁନର୍ବିଲୋକନ ଅବଧିରେ ଏଥିରୁ 17 ଗୋଟି ଦଳ କାର୍ଯ୍ୟ କରୁଥିଲେ । ପ୍ରତିବର୍ଷ ବାର୍ଷିକ ସମୀକ୍ଷା ଯୋଜନା ପ୍ରସ୍ତୁତ କରାଯାଉଥିଲା ଯାହା ଭିତ୍ତିରେ ବିଭିନ୍ନ ୟୁନିଟର ସମୀକ୍ଷା ହେଉଥିଲା ।

ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗର କାର୍ଯ୍ୟକାରିତା କ୍ଷେତ୍ରରେ ନିମ୍ନୋକ୍ତ ଅଭାବ ପରିଲକ୍ଷିତ ହେଲା ।

§ ରାଜସ୍ୱ ପର୍ଷଦ/ସରକାରଙ୍କ ଦ୍ୱାରା ଆଭ୍ୟନ୍ତରୀଣ ସମୀକ୍ଷା ପାଇଁ କୌଣସି ମାର୍ଗଦର୍ଶୀ ନୀତି ଧାର୍ଯ୍ୟ ହୋଇ ନଥିଲା ।

§ ଆଭ୍ୟନ୍ତରୀଣ ସମୀକ୍ଷାର ଫଳାଫଳ ଓ ଦର୍ଶାଯାଇଥିବା ଆପତ୍ତି ଅନୁପାଳନ ଲିପିବଦ୍ଧ କରିବା ପାଇଁ କୌଣସି ନିୟନ୍ତ୍ରଣକାରୀ ରେଜିଷ୍ଟରର ବ୍ୟବସ୍ଥା ନଥିଲା । ଅତଏବ ଆଭ୍ୟନ୍ତରୀଣ ସମୀକ୍ଷାର ପ୍ରଭାବକାରିତା ଉପରେ ଆମେ ମନ୍ତବ୍ୟ ଦେବାକୁ ଅକ୍ଷମ ଥିଲୁ ।

§ 2005-06 ଠାରୁ ସମସ୍ତ ତହସିଲ କାର୍ଯ୍ୟାଳୟରେ ଆଭ୍ୟନ୍ତରୀଣ ସମୀକ୍ଷା ହୋଇ ପାରି ନଥିଲା ।

**ବିଭାଗର ରାଜସ୍ୱ ଆଦାୟ ନିମନ୍ତେ ଅଧିନିୟମ/ନିୟମାବଳୀର ଫଳପ୍ରଦ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ସରକାର ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗକୁ ବଳଶାଳୀ କରିବାକୁ ସମୁଚିତ ପଦକ୍ଷେପ ନେଇ ପାରନ୍ତି ।**

## 4.2.10 ଉପସଂହାର

ପୁନର୍ବିଲୋକନରେ ଏକାଧିକ ଦୋଷତ୍ରୁଟି ଯଥା ପଟ୍ଟା ପ୍ରଦାନ/ହସ୍ତାନ୍ତରଣ, ଆଗୁଆ ଦଖଲ, ଜବରଦଖଲ ମାମଲା ଚୂଡ଼ାନ୍ତ ନହେବା ଫଳରେ ରାଜସ୍ୱ ଅବରୋଧ, ଅଧିମୂଲ୍ୟ, ଭୂ-କର, ସେସ୍, ସୁଧ, ପୁଞ୍ଜିକୃତ ମୂଲ୍ୟ ଓ ଆନୁଷଙ୍ଗିକ ଦେୟ ପାଇଁ ଫିସ୍ ଆଦିର ଅନାରୋପଣ/ସ୍ୱଳ୍ପାରୋପଣ ସମେତ ବିଭାଗୀୟ ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗର ଅପ୍ରଚୁରତା ଦର୍ଶାଯାଇଅଛି ।

## 4.2.11 ସୁପାରିଶ

ସରକାର ରାଜ୍ୟର ଭୂ-ରାଜସ୍ୱ ବୃଦ୍ଧି ନିମିତ୍ତ ସରକାରୀ ଜମିର ସୁପରିଚାଳନା ପାଇଁ ସରକାରୀ ପ୍ରବର୍ତ୍ତନ କଳର କ୍ରିୟାଶୀଳତା ବୃଦ୍ଧି କରିବାକୁ ନିମ୍ନୋକ୍ତ ପଦକ୍ଷେପ ମାନ ନେବା ନିମନ୍ତେ ବିଚାର କରିପାରନ୍ତି ।

- ବିଭିନ୍ନ ସ୍ତରରେ ଥିବା କ୍ଷମତାପନ୍ନ ରାଜସ୍ୱ କର୍ତ୍ତୃପକ୍ଷଙ୍କ ଦ୍ୱାରା ପଟ୍ଟାପ୍ରଦାନ/ହସ୍ତାନ୍ତରଣ, ଆଗୁଆ ଦଖଲ ଓ ଜବରଦଖଲ ମାମଲା ଗୁଡ଼ିକ ଫଏସଲା କରିବାକୁ ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିର ହେବା ଦରକାର;
- ପଟ୍ଟା ପ୍ରଦାନ/ହସ୍ତାନ୍ତରଣ ଓ ଅନ୍ୟାନ୍ୟ ମାମଲା ଗୁଡ଼ିକର ଅଗ୍ରଗତି ତଥା ଫଏସଲା ପର୍ଯ୍ୟାଲୋଚନା କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ଅବଲମ୍ବନ କରାଯିବା ସହିତ ଏହାର ସ୍ୱଚ୍ଛତା ବୃଦ୍ଧି ନିମିତ୍ତ ଏହାକୁ ସରକାରୀ ୱେବ ସାଇଟ୍‌ରେ ସ୍ଥାନ ଦେବା ଆବଶ୍ୟକ; ଏବଂ

- 2005-06 ପରଠାରୁ ତହସିଲ ଗୁଡିକର ଅସମାପ୍ତ ସମୀକ୍ଷା କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ରାଜସ୍ୱ ପର୍ଷଦର ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗକୁ ଶକ୍ତିଶାଳୀ କରିବା ଏବଂ ପ୍ରତିବର୍ଷ ଆଭ୍ୟନ୍ତରୀଣ ସମୀକ୍ଷାରେ ଦର୍ଶିତ ଫଳାଫଳ ଲିପିବଦ୍ଧ କରିବା ପାଇଁ ସମସ୍ତ ସ୍ତରରେ ଏକ ରେଜିଷ୍ଟର ପ୍ରବର୍ତ୍ତନ କରିବା ସହିତ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ଅବଲୋକନ ଗୁଡିକର ପରବର୍ତ୍ତୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନେବା ଆବଶ୍ୟକ ।

## 4.3 ଅନ୍ୟାନ୍ୟ ସମୀକ୍ଷା ଅବଲୋକନ

ଭୂ-ରାଜସ୍ୱ, ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍‌ର ନିର୍ଦ୍ଧାରଣ ଓ ଆଦାୟ ସମ୍ପର୍କିତ ନଥିପତ୍ରର ସମ୍ୟକ ପରୀକ୍ଷାରୁ ଆମର ଦୃଷ୍ଟିଗୋଚର ହୋଇଥିବା ସଂପରିବର୍ତ୍ତନ ଫିସ୍‌ର ସ୍ୱଳ୍ପାଦାୟ ତଥା ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ ଆଦିର ଅନାରୋପଣ/ସ୍ୱଳ୍ପାରୋପଣ ଏହି ଅଧ୍ୟାୟର ପରବର୍ତ୍ତୀ ଅନୁଛେଦ ମାନଙ୍କରେ ବର୍ଣ୍ଣିତ ହେଲା । ଏହି ମାମଲା ଗୁଡିକ ଦୃଷ୍ଟାନ୍ତ ମୂଳକ ଏବଂ ଆମେ କରିଥିବା ନମୁନା ଯାଞ୍ଚ ଉପରେ ପର୍ଯ୍ୟବେସିତ । ଏପରି ଦୋଷତୃଟି ନିୟମିତ ଭାବରେ ଦର୍ଶାଯାଉଥିଲେ ମଧ୍ୟ ଏହା ଯେ କେବଳ ଲାଗି ରହିଅଛି ତା ନୁହେଁ ଆମର ପରବର୍ତ୍ତୀ ସମୀକ୍ଷା ପର୍ଯ୍ୟନ୍ତ ଅଣଦେଖା ହୋଇ ରହୁଛି । ଏହି ତୃଟି ବିଚ୍ୟୁତି ପରିହାର କରିବା, ଠାବ କରିବା ଓ ସୁଧାରିବା ପାଇଁ ସରକାର ଆଭ୍ୟନ୍ତରୀଣ ସମୀକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଦରକାର ।

## ଭୂ-ରାଜସ୍ୱ

### 4.3.1 ସଂପରିବର୍ତ୍ତନ ଫିସ୍‌ର ସ୍ୱଳ୍ପାରୋପଣ

> 7 ଜୁଲାଇ 2006 ରେ ସଂଶୋଧିତ ଓଡିଶା ଭୂ-ସଂସ୍କାର ଅଧିନିୟମ 1960 ସହ ପଠିତ 28 ଜାନୁଆରୀ 2006 ର ସରକାରୀ ବିଜ୍ଞପ୍ତି ଅନୁଯାୟୀ ପ୍ରାଧିକୃତ ଅଧିକାରୀ କୌଣସି କୃଷି ଜମିକୁ ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହାର ଲାଗି ଅନୁମତି ଦେଇଥିଲେ ରୟତ ଅଧିନିୟମରେ ବିନିର୍ଦ୍ଦିଷ୍ଟ ହାରରେ ସଂପରିବର୍ତ୍ତନ ଫିସ୍ ପ୍ରଦାନ କରିବା ପରେ ଜମିର କିସମ ତଦନୁସାରେ ପରିବର୍ତ୍ତନ ହୋଇପାରେ।

ଫେବୃଆରୀ 2008 ରୁ ଡିସେମ୍ବର 2009 ମଧ୍ୟରେ ଚାରିଗୋଟି ତହସିଲର[17], ଭୂ-ରାଜସ୍ୱ ସମ୍ପର୍କିତ ନଥିପତ୍ର ନମୁନା ଯାଞ୍ଚକ୍ରମେ ଆମର ଦୃଷ୍ଟିଗୋଚର ହେଲା ଯେ ତହସିଲଦାର ମାନେ 56 ଗୋଟି ମାମଲାରେ 9.304 ଏକର ପରିମିତ କୃଷିଜମିକୁ ଅଣକୃଷି ଉଦ୍ଦେଶ୍ୟରେ ସଂପରିବର୍ତ୍ତନ କରିଥିଲେ ମଧ୍ୟ ନିର୍ଦ୍ଧାରିତ ହାରରେ ସଂପରିବର୍ତ୍ତନ ଫିସ୍ ଆଦାୟ କରାଯାଇ ନଥିଲା । ଏହା ଫଳରେ 8.14 ଲକ୍ଷ ଟଙ୍କାର ସରକାରୀ ରାଜସ୍ୱ ସ୍ୱଳ୍ପାଦାୟ ହୋଇଥିଲା ।

ଆମେ ଉକ୍ତ ମାମଲା ଗୁଡିକୁ ଦର୍ଶାଇବା ପରେ ତହସିଲଦାର ଜୟପୁରଙ୍କୁ ଛାଡି ଅନ୍ୟ ସମସ୍ତ ତହସିଲଦାର ମାନେ ଫେବୃଆରୀ 2008 ଏବଂ ଡିସେମ୍ବର 2009 ମଧ୍ୟରେ କହିଥିଲେ ଯେ ଦେୟ ଆଦାୟ ପାଇଁ ପଦକ୍ଷେପ ନିଆଯିବ ।

ମଇ 2010 ରେ ଆମେ ଉପରୋକ୍ତ ବିଷୟଟି ସରକାରଙ୍କ ଅବଗତି ନିମନ୍ତେ ଜଣାଇଥିଲୁ । ଅଗଷ୍ଟ 2010 ରେ ସରକାର ତହସିଲଦାର ଜୟପୁର ସମ୍ପର୍କିତ ମାମଲାରେ ସମୀକ୍ଷା ଅବଲୋକନକୁ ଗ୍ରହଣ କରିଥିଲେ । ଅନ୍ୟ 55 ଗୋଟି ମାମଲା ସମ୍ପର୍କିତ କୌଣସି ଉତ୍ତର ପ୍ରାପ୍ତ ହୋଇନଥିଲା (ଡିସେମ୍ବର 2010) ।

---

17 ବାଲେଶ୍ୱର, ବୌଦ୍ଧ, ଜୟପୁର ଏବଂ ସୁକିନ୍ଦା ।

## ଷ୍ଟାମ୍ପ ଶୁଳ୍କ ଏବଂ ନିବନ୍ଧନ ଫିସ୍

## 4.4 ଅଧିନିୟମ/ନିୟମାବଳୀ ତଥା ସରକାରୀ ନିର୍ଦ୍ଦେଶନାମାରେ ଥିବା ବ୍ୟବସ୍ଥାର ପାଳନ ନହେବା

*ଭାରତୀୟ ଷ୍ଟାମ୍ପ (ଆଇ.ଏସ୍.) ଅଧିନିୟମ, 1899, ଓଡିଶା ଷ୍ଟାମ୍ପ (ସଂଶୋଧିତ) ନିୟମାବଳୀ, 2003, ନିବନ୍ଧନ ଅଧିନିୟମ, 1908 ଓ ମଇ 2005 ରେ ସଂଶୋଧିତ ଓଡିଶା ସହର ଯୋଜନା ଓ ଅଭିବୃଦ୍ଧି ନ୍ୟାସ (ଓ.ଟି.ପି. ଓ ଆଇ.ଟି) ଅଧିନିୟମ, 1956 ର ବ୍ୟବସ୍ଥା ଅନୁଯାୟୀ –*

*(i) 25 ମଇ 2005 ପରେ ପୌରାଞ୍ଚଳ ସ୍ଥିତ ଅସ୍ଥାବର ସମ୍ପତ୍ତିର ଅନ୍ତରଣ କବଲା ଉପରେ ବର୍ଦ୍ଧିତ ହାରରେ ଅତିରିକ୍ତ ଷ୍ଟାମ୍ପ ଶୁଳ୍କ ଆରୋପଣ;*

*(ii) ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ପର୍କିତ ବିକ୍ରୟ କବଲା ଉପରେ ନିର୍ଦ୍ଧାରିତ ହାରରେ ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ ଆରୋପଣ; ଏବଂ*

*(iii) ନିର୍ଦ୍ଧାରିତ ଦରରେ ପଟ୍ଟା କବଲା/ବିକ୍ରୟ ରାଜିନାମାର ରେଜିଷ୍ଟ୍ରିକରଣ କରାଯାଇଥାଏ ।*

*ନିର୍ଦ୍ଧାରଣ ଅଧିକାରୀ ମାନଙ୍କ ଦ୍ୱାରା ଅନୁଚ୍ଛେଦ 4.4.1 ଓ 4.4.2 ରେ ବର୍ଣ୍ଣିତ ଉପରୋକ୍ତ କେତେକ ବ୍ୟବସ୍ଥାର ପାଳନ ନହେବାରୁ 23.53 ଲକ୍ଷ ଟଙ୍କାର ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ ହାନି/ସ୍ୱଳ୍ପାରୋପଣ ଘଟିଥିଲା ।*

### 4.4.1 ସରକାରୀ ବିଜ୍ଞପ୍ତିର ପ୍ରସାରଣ ବିଳମ୍ବିତ ହେବାରୁ ଅତିରିକ୍ତ ଷ୍ଟାମ୍ପ ଶୁଳ୍କ ହାନି

ଓଡିଶା ସହର ଯୋଜନା ଓ ଅଭିବୃଦ୍ଧି ନ୍ୟାସ (ଓ.ଟି.ପି.ଓ ଆଇ.ଟି.) ଅଧିନିୟମ ସହ ପଠିତ ସରକାରଙ୍କ 25 ମଇ 2005 ରେ ସଂଶୋଧିତ ବ୍ୟବସ୍ଥାନୁଯାୟୀ ଉପରୋକ୍ତ ଅଧିନିୟମ ଲାଗୁ ହେଉଥିବା ପୌରାଞ୍ଚଳରେ ଅବସ୍ଥିତ ସମ୍ପତ୍ତିର ଅନ୍ତରଣ କବଲାର ରେଜିଷ୍ଟ୍ରେସନ ସମୟରେ ପ୍ରାସଙ୍ଗିକ ସରକାରୀ ଅଧିନିୟମ ଓ ନିୟମାବଳୀ ଅନୁଯାୟୀ ସ୍ୱାଭାବିକ ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍ ବ୍ୟତୀତ ଅନ୍ତରଣ ହେଉଥିବା ସମ୍ପତ୍ତି ମୂଲ୍ୟର ପୂର୍ବ ହାର ଶତକଡା ଦୁଇ ପରିବର୍ତ୍ତେ ଶତକଡା ତିନି ହାରରେ ଅତିରିକ୍ତ ଷ୍ଟାମ୍ପ ଶୁଳ୍କ ଏବଂ ରେଜିଷ୍ଟ୍ରେସନ ଫିସ୍ ଲାଗୁ ହେବ ।

ଡିସେମ୍ବର 2007 ଓ ଜାନୁଆରୀ 2009 ରେ ଦୁଇଗୋଟି[18] ଜିଲ୍ଲା ଉପନିବନ୍ଧକଙ୍କ ନଥିପତ୍ର ନମୁନା ଯାଞ୍ଚ କ୍ରମେ ଆମର ଦୃଷ୍ଟିଗୋଚର ହେଲା ଯେ ମଇ 2005 ଓ ଡିସେମ୍ବର 2006 ମଧ୍ୟରେ ଓଡିଶା ସହର ଯୋଜନା ଓ ଅଭିବୃଦ୍ଧି ନ୍ୟାସ ଅଧିନିୟମ ଲାଗୁ ହେଉଥିବା ପୌରାଞ୍ଚଳରେ ଅବସ୍ଥିତ, 736 ଗୋଟି ଅସ୍ଥାବର ସମ୍ପତ୍ତି ସମ୍ପର୍କିତ ବିକ୍ରୟ କବଲା ରେଜିଷ୍ଟ୍ରୀକୃତ ହୋଇଥିଲା । କିନ୍ତୁ ନିବନ୍ଧନ ମହାନିରୀକ୍ଷକ ଓଡିଶାଙ୍କ ଦ୍ୱାରା 25 ମଇ 2005 ର ସରକାରୀ ବିଜ୍ଞପ୍ତି ବିଳମ୍ବିତ ହୋଇ 30 ଡିସେମ୍ବର 2006 ରେ ପ୍ରସାରିତ ହେବାରୁ ବର୍ଦ୍ଧିତ ହାରରେ ଅତିରିକ୍ତ ଷ୍ଟାମ୍ପ ଶୁଳ୍କ ଆଦାୟ ହୋଇ ପାରିନଥିଲା । ଫଳରେ 18.65 ଲକ୍ଷ ଟଙ୍କାର ରାଜସ୍ୱ ହାନି ଘଟିଥିଲା ।

ଆମେ ବିଷୟଟିକୁ ମଇ 2010 ରେ ସରକାରଙ୍କ ଅବଗତି ନିମନ୍ତେ ଜଣାଇଥିଲୁ; କିନ୍ତୁ ସରକାରଙ୍କ ଉତ୍ତର ପ୍ରାପ୍ତ ହୋଇ ନଥିଲା (ଡିସେମ୍ବର 2010) ।

---

18 ଢେଙ୍କାନାଳ ଏବଂ ଝାରସୁଗୁଡା ।

## 4.4.2 ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫିସ୍‌ର ସ୍ୱଳ୍ପାରୋପଣ

> ଭାରତୀୟ ଷ୍ଟାମ୍ପ ଅଧିନିୟମ, 1899 ସହ ପଠିତ 2003 ର ଓଡିଶା ସଂଶୋଧନ-1 ଅନୁଯାୟୀ ଦଲିଲରେ ଉଲ୍ଲେଖ ଥିବା ଅସ୍ଥାବର ସମ୍ପତ୍ତିର ଜରସମନ୍ ମୂଲ୍ୟ ଉପରେ ଶତକଡା 4 ହାରରେ ଓ ସ୍ଥାବର ସମ୍ପତ୍ତି ଉପରେ ଶତକଡା 5 ହାରରେ (ଅଗଷ୍ଟ 2008 ଠାରୁ) ଷ୍ଟାମ୍ପ ଶୁଳ୍କ ଆରୋପଣ ହେବା ଆବଶ୍ୟକ । ତତ୍‌ସହିତ ନିବନ୍ଧନ ଅଧିନିୟମ, 1908 ଅନୁଯାୟୀ ଜରସମନ୍ ମୂଲ୍ୟର ଶତକଡା ଦୁଇ ଭାଗ ନିବନ୍ଧନ ଫିସ୍ ଆରୋପଣ ହୁଏ ।

ସେପ୍ଟେମ୍ବର 2009 ରେ ଜିଲ୍ଲା ଉପନିବନ୍ଧକ, କୋରାପୁଟଙ୍କ ନଥିପତ୍ରର ନମୁନା ଯାଞ୍ଚକ୍ରମେ ଆମେ ଦେଖିଲୁ ଯେ ମେସର୍ସ ଉତ୍କଳ ଅଏଲ ଲିଃ, ଜୟପୁରଙ୍କ ସମ୍ପତ୍ତି ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅଗଷ୍ଟ 2008 ରେ ସମାପନ ହୋଇ 15 ସେପ୍ଟେମ୍ବର 2008 ରେ ପରିଚାଳନା ନିର୍ଦ୍ଦେଶକ, ମିତ୍ତଲ ଇନଫ୍ରା ପ୍ରୋଜେକ୍ଟସ୍ ପ୍ରା.ଲିଃ (ପୁନଃ ନାମିତ ଶିବ ଶକ୍ତି ଅଏଲ ପ୍ରା.ଲିଃ) ଙ୍କୁ ସରକାରୀ ସମାପକଙ୍କ ଦ୍ୱାରା ସ୍ଥିରୀକୃତ 1.76 କୋଟି ଟଙ୍କା ଜରସମନ୍‌ରେ (ଅସ୍ଥାବର 41.57 ଲକ୍ଷ + ସ୍ଥାବର 1.34 କୋଟି) ବିକ୍ରୟ କରାଯାଇଥିଲା । କିନ୍ତୁ ବିକ୍ରୟ କବଲା ରେଜିଷ୍ଟ୍ରେସନ ସମୟରେ ଭୁଲ ବଶତଃ ସ୍ଥାବର ସମ୍ପତ୍ତିର ମୂଲ୍ୟ 1.34 କୋଟି ବଦଳରେ 1.00 କୋଟି ଦର୍ଶାଯାଇଥିଲା ଓ 41.57 ଲକ୍ଷ ଟଙ୍କା ମୂଲ୍ୟର ଅସ୍ଥାବର ସମ୍ପତ୍ତିକୁ ଅଣଦେଖା କରାଯାଇଥିଲା । ତଦନୁସାରେ ଆରୋପଣ ଯୋଗ୍ୟ ଷ୍ଟାମ୍ପ ଶୁଳ୍କ 8.38 ଲକ୍ଷ ଓ ନିବନ୍ଧନ ଫିସ୍ 3.52 ଲକ୍ଷ ପରିବର୍ତ୍ତେ ଷ୍ଟାମ୍ପ ଶୁଳ୍କ 5.01 ଲକ୍ଷ ଓ ନିବନ୍ଧନ ଫିସ୍ 2.01 ଲକ୍ଷ ଟଙ୍କା ଆରୋପିତ ହୋଇଥିଲା । ଫଳତଃ 4.88 ଲକ୍ଷ ଟଙ୍କାର ସରକାରୀ ରାଜସ୍ୱ ସ୍ୱଳ୍ପାରୋପଣ ହୋଇଥିଲା (ଷ୍ଟାମ୍ପ ଶୁଳ୍କ 3.37 ଲକ୍ଷ + ନିବନ୍ଧନ ଫିସ୍ 1.51 ଲକ୍ଷ) ।

ଆମେ ମାମଲାଟିକୁ ଦର୍ଶାଇବା ପରେ ଜିଲ୍ଲା ଉପ ନିବନ୍ଧକ ସେପ୍ଟେମ୍ବର 2009 ରେ ଦଲିଲଟିକୁ ପରୀକ୍ଷା କରି ନିଅଣ୍ଟ ପରିମାଣ ଆଦାୟ କରିବାକୁ ଜଣାଇଥିଲେ ।

ଆମେ ମଇ 2010 ରେ ବିଷୟଟିକୁ ସରକାରଙ୍କ ଅବଗତି ନିମନ୍ତେ ଜଣାଇଥିଲୁ; ସରକାରଙ୍କ ଉତ୍ତର ପ୍ରାପ୍ତ ହୋଇନଥିଲା (ଡିସେମ୍ବର 2010) ।

## ଅଧ୍ୟାୟ-V: ରାଜ୍ୟ ଅବକାରୀ ଶୁଳ୍କ

### 5.1.1 କର ପରିଚାଳନା

ଅବକାରୀ ଶୁଳ୍କ, ଫିସ୍, ଜୋରିମାନା ଇତ୍ୟାଦିର ଆରୋପଣ ଏବଂ ଆଦାୟ ବିହାର ଏବଂ ଓଡିଶା ଅବକାରୀ ଅଧିନିୟମ 1915, ପର୍ଷଦର ଅବକାରୀ ନିୟମାବଳୀ 1965, ଓଡିଶା ଅବକାରୀ ଏକାନ୍ତ ବିଶେଷାଧିକାର ନିୟମାବଳୀ 1970, ଓଡିଶା ଅବକାରୀ (ଏକାନ୍ତ ବିଶେଷାଧିକାର) ବିଦେଶୀ ମଦ୍ୟ ନିୟମାବଳୀ 1989, ରାଜସ୍ୱ ପର୍ଷଦର ଅବକାରୀ (ମହୁଲ ଫୁଲ ଫିସ୍ ସ୍ଥିରୀକରଣ) ନିୟମାବଳୀ 1976 ଏବଂ ସରକାରଙ୍କ ଅବକାରୀ ବିଭାଗ ଦ୍ୱାରା ପ୍ରଣୀତ ବାର୍ଷିକ ଅବକାରୀ ନୀତି ଦ୍ୱାରା ନିୟନ୍ତ୍ରିତ ହୁଏ । ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସାମଗ୍ରିକ ନିୟନ୍ତ୍ରଣରେ ରାଜସ୍ୱ ପର୍ଷଦଙ୍କ ଅଧିନରେ ଅବକାରୀ କମିଶନର ବିଭାଗୀୟ ମୁଖ୍ୟ ହିସାବରେ ଅଧିନିୟମ/ନିୟମାବଳୀର ବିଭିନ୍ନ ବ୍ୟବସ୍ଥାର ପରିଚାଳନା କରନ୍ତି । ତାଙ୍କୁ ତିନିଗୋଟି ଡିଭିଜନରେ ତିନିଜଣ ଅବକାରୀ ଉପ କମିଶନର ଏବଂ 30 ଗୋଟି ଜିଲ୍ଲା ଅବକାରୀ କାର୍ଯ୍ୟାଳୟରେ 30 ଜଣ ଅବକାରୀ ଅଧୀକ୍ଷକ ଏବଂ ତଦଧୀନ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ସାହାଯ୍ୟ କରନ୍ତି ।

### 5.1.2 ରାଜସ୍ୱ ପ୍ରାପ୍ତିର ଧାରା

2005-06 ରୁ 2009-10 ମଧ୍ୟରେ ବଜେଟ ଅଟକଳ ସହିତ ରାଜ୍ୟ ଅବକାରୀ ରାଜସ୍ୱର ବାସ୍ତବ ସଂଗ୍ରହ ଏବଂ ସେହି ସମୟ ମଧ୍ୟରେ ମୋଟ କର ପାଣ୍ଠି ପରବର୍ତ୍ତୀ ସାରଣୀ ଏବଂ ଲେଖାଚିତ୍ରରେ ପ୍ରଦର୍ଶିତ ହେଲା ।

(ଟଙ୍କା କୋଟି ଆକାରରେ)

| ବର୍ଷ | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | ପରିବର୍ତ୍ତନ ଅଧିକ (+)/ ହ୍ରାସ (-) | ପରିବର୍ତ୍ତନର ଶତକଡା ହାର | ରାଜ୍ୟର ମୋଟ କର ପ୍ରାପ୍ତି | ବାସ୍ତବିକ ପ୍ରାପ୍ତି ସହିତ ମୋଟ ପ୍ରାପ୍ତିର ଶତକଡା ହାର |
|---|---|---|---|---|---|---|
| 2005-06 | 500.00 | 389.33 | (-) 110.67 | (-) 22.13 | 5,002.28 | 7.78 |
| 2006-07 | 490.00 | 430.07 | (-) 59.93 | (-) 12.23 | 6,065.07 | 7.09 |
| 2007-08 | 553.70 | 524.93 | (-) 28.77 | (-) 5.20 | 6,856.09 | 7.66 |
| 2008-09 | 620.76 | 660.07 | (+) 39.31 | (+) 6.33 | 7,995.20 | 8.26 |
| 2009-10 | 792.08 | 849.05 | (+) 56.97 | (+) 7.19 | 8,982.34 | 9.45 |



### 5.1.3 ସଂଗ୍ରୟ ଜନିତ ବ୍ୟୟ

ମୋଟ ରାଜ୍ୟ ଅବକାରୀ ରାଜସ୍ୱ ସଂଗ୍ରହ, ସଂଗ୍ରହ ଜନିତ ବ୍ୟୟ ଏବଂ ସେହି ବ୍ୟୟ ସହିତ 2007-08, 2008-09 ଓ 2009-10 ବର୍ଷର ମୋଟ ସଂଗ୍ରହ ଏବଂ 2008-09 ବର୍ଷର ସର୍ବଭାରତୀୟ ସଂଗ୍ରହ ଜନିତ ବ୍ୟୟର ହାରାହାରି ଶତକଡା ହାରର ତୁଳନାତ୍ମକ ବିବରଣୀ ନିମ୍ନରେ ଉଲ୍ଲେଖ କରାଗଲା ।

(ଟଙ୍କା କୋଟି ଆକାରରେ)

| ବର୍ଷ | ମୋଟ ଆଦାୟ | ଆଦାୟ ପାଇଁ ବ୍ୟୟ | ମୋଟ ଆଦାୟ ପାଇଁ ଖର୍ଚ୍ଚର ଶତକଡା ହାର | 2008-09 ବର୍ଷରେ ସର୍ବଭାରତୀୟ ହାରାହାରି ଶତକଡା ହାର |
|---|---|---|---|---|
| 2007-08 | 524.93 | 17.54 | 3.34 | 3.66 |
| 2008-09 | 660.07 | 24.76 | 3.75 | |
| 2009-10 | 849.05 | 30.74 | 3.62 | |

### 5.1.4 ସମୀକ୍ଷାର ପ୍ରଭାବ

#### ରାଜସ୍ୱ ପ୍ରଭାବ

ବିଗତ ପାଞ୍ଚ ବର୍ଷ (2004-05 ରୁ 2008-09) ମଧ୍ୟରେ 3,996 ଗୋଟି ମାମଲାରେ 87.37 କୋଟି ଟଙ୍କାର ଅବକାରୀ ଶୁଳ୍କ ଏବଂ ଫିସ୍ ଇତ୍ୟାଦିର ଅନାରୋପଣ/ସ୍ୱଳ୍ପାରୋପଣ, ଅନାଦାୟ/ସ୍ୱଳ୍ପାଦାୟ ହୋଇଥିବାର ସମୀକ୍ଷାରେ ଦର୍ଶାଯାଇଥିଲା । ଏଥି ମଧ୍ୟରୁ ବିଭାଗ ସମୀକ୍ଷା ମନ୍ତବ୍ୟର 1,760 ଗୋଟି ମାମଲାରେ ଜଡିତଥିବା 12.05 କୋଟି ଟଙ୍କାକୁ ସ୍ୱୀକାର କରି 1,051 ଗୋଟି ମାମଲାରେ 6.81 କୋଟି ଟଙ୍କା ଆଦାୟ କରିଥିଲା । ଯାହାର ବିଶଦ ବିବରଣୀ ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

(ଟଙ୍କା କୋଟି ଆକାରରେ)

| ବର୍ଷ | ସମୀକ୍ଷା ହୋଇଥିବା ୟୁନିଟ୍ ସଂଖ୍ୟା | ଆପତ୍ତି ହୋଇଥିବା ପରିମାଣ | | ସ୍ୱୀକାର ହୋଇଥିବା ପରିମାଣ | | ଆଦାୟ ହୋଇଥିବା ପରିମାଣ | |
|---|---|---|---|---|---|---|---|
| | | ମାମଲା ସଂଖ୍ୟା | ପରିମାଣ | ମାମଲା ସଂଖ୍ୟା | ପରିମାଣ | ମାମଲା ସଂଖ୍ୟା | ପରିମାଣ |
| 2004-05 | 34 | 427 | 29.44 | 365 | 3.13 | 371 | 1.78 |
| 2005-06 | 33 | 1,603 | 9.84 | 712 | 4.29 | 443 | 3.50 |
| 2006-07 | 32 | 1,025 | 25.14 | 243 | 0.42 | 100 | 0.14 |
| 2007-08 | 31 | 531 | 9.66 | 232 | 3.42 | 118 | 1.31 |
| 2008-09 | 31 | 410 | 13.29 | 208 | 0.79 | 19 | 0.08 |
| ମୋଟ | **161** | **3,996** | **87.37** | **1,760** | **12.05** | **1,051** | **6.81** |

ଆପତ୍ତି ହୋଇଥିବା ପରିମାଣ ତୁଳନାରେ ଅସୁଲିର ସ୍ଥିତି କମ୍ ଥିଲା । **ସରକାର ଅସୁଲିରେ ଅଭିବୃଦ୍ଧି କରିବାପାଇଁ ଅନ୍ତତଃ ସ୍ୱୀକାର ହୋଇଥିବା ମାମଲାଗୁଡିକରେ ସମୁଚିତ ପଦକ୍ଷେପ ନେଇ ପାରନ୍ତି ।**

### 5.1.5 ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗର କାର୍ଯ୍ୟକାରିତା

ବିଭାଗ ଦ୍ୱାରା ଉପଲବ୍ଧ ତଥ୍ୟ ଅନୁଯାୟୀ ବିଗତ ତିନି ବର୍ଷ ଯଥା 2007-08 ରୁ 2009-10 ମଧ୍ୟରେ ରାଜସ୍ୱ ପର୍ଷଦର ନିୟନ୍ତ୍ରଣରେ କାର୍ଯ୍ୟ କରୁଥିବା ଆଭ୍ୟନ୍ତୀଣ ସମୀକ୍ଷା ଅଙ୍ଗର ଦୁଇଟି ସମୀକ୍ଷା ଦଳ ଉଲ୍ଲିଖିତ ବର୍ଷ ଗୁଡିକର ହିସାବର ସମୀକ୍ଷା କରି ପାରିନଥିଲେ ଯେହେତୁ ସେମାନେ ପିଛଲା ଭାବେ 2003-04 ବର୍ଷ ପର୍ଯ୍ୟନ୍ତ ସମୀକ୍ଷା ସମାପନରେ ବ୍ୟସ୍ତ ଥିଲେ । ମାନବ ସମ୍ବଳର ଅଭାବ ସମୀକ୍ଷା ନହେବାର କାରଣ ରୂପେ ଦର୍ଶାଯାଇଥିଲା ।

**ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗକୁ ଜୋରଦାର କରି ପିଛିଲା ସମୀକ୍ଷା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଭାଗ ପଦକ୍ଷେପ ନେଇପାରନ୍ତି ।**

## 5.1.6 ସମୀକ୍ଷାର ପରିଣାମ

2009-10 ବର୍ଷରେ ରାଜ୍ୟ ଅବକାରୀ ସମ୍ପର୍କିତ 27 ଗୋଟି ୟୁନିଟ୍‌ର ନଥିପତ୍ର ଆମେ ନମୁନା ଯାଞ୍ଚ କରିଥିଲୁ ଏବଂ 1,936 ଗୋଟି ମାମଲାରେ ଜଡିତ 46.29 କୋଟି ଟଙ୍କାର ଅନାଦାୟ/ସ୍ୱଳ୍ପାଦାୟ, ଅନାରୋପଣ, ରାଜସ୍ୱହାନି ଇତ୍ୟାଦି ହୋଇଥିବାର ଦେଖିଥିଲୁ ଯାହାର ବର୍ଗୀକରଣ ନିମ୍ନରେ ଦର୍ଶାଗଲା ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| 1. | ଅବକାରୀ ଦୋକନ ଗୁଡିକ ସ୍ଥିରୀକୃତ ନହେବା/ବିଳମ୍ବରେ ହେବା/ନବୀକରଣ ନହେବା ହେତୁ ରାଜସ୍ୱ ହାନି | 71 | 28.15 |
| 2. | ଅବକାରୀ ଶୁଳ୍କ/ପରିବହନ ଫିସ୍‌ର ଅନାଦାୟ/ସ୍ୱଳ୍ପାଦାୟ | 349 | 1.96 |
| 3. | ଆଇ ଏମ୍ ଏଫ୍ ଏଲ/ମଦର ଭେଦାତ୍ମକ ଶୁଳ୍କର ଅନାରୋପଣ | 187 | 1.62 |
| 4. | ପ୍ରାରମ୍ଭିକ ଫିସ୍ (ଆବେଦନ ଫିସ୍, ବ୍ୟବହାରକାରୀ ଦେୟ ଓ ଲାଇସେନ୍ସ ବଦଳ ପାଇଁ ଲେବଲ ରେଜିଷ୍ଟ୍ରେସନ ଫିସ୍) ର ଅନାଦାୟ/ସ୍ୱଳ୍ପାଦାୟ | 394 | 8.59 |
| 5. | ଅନ୍ୟାନ୍ୟ ଅନିୟମିତତା | 935 | 5.97 |
| ମୋଟ | | **1,936** | **46.29** |

2009-10 ବର୍ଷରେ ସମୀକ୍ଷାରେ ଦର୍ଶାଯାଇଥିବା 799 ଗୋଟି ମାମଲାରେ 17.52 କୋଟି ଟଙ୍କାର ଶୁଳ୍କ ଅନାଦାୟ/ସ୍ୱଳ୍ପାଦାୟ ବିଭାଗ ଗ୍ରହଣ କରିଥଲେ । 2009-10 ରେ 140 ଗୋଟି ମାମଲାରେ 1.52 କୋଟି ଟଙ୍କା ଆଦାୟ ହୋଇଥିଲା ।

**ଡିଠା ଅନୁଚ୍ଛେଦ ଜାରି ହେବା ପରେ 2009-10 ବର୍ଷର ସମୀକ୍ଷାରେ ଦର୍ଶାଯାଇଥିବା ଦୁଇଗୋଟି ମାମଲାରେ ବିଭାଗ 12.33 ଲକ୍ଷ ଟଙ୍କା ଆଦାୟ କରିଥିଲେ ।**

ଦୃଷ୍ଟାନ୍ତ ମୂଳକ ଭାବେ 1.14 କୋଟି[1] ଟଙ୍କା ଜଡିତ ଥିବା କେତୋଟି ସମୀକ୍ଷା ମନ୍ତବ୍ୟ ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଆଲୋଚନା କରାଗଲା ।

## 5.2 ସମୀକ୍ଷା ମନ୍ତବ୍ୟ

ଆମେ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଗୁଡିକର ଅବକାରୀ ଶୁଳ୍କ, ଫିସ୍ ଏବଂ ଦେୟ ନିର୍ଦ୍ଧାରଣ ନଥିପତ୍ରର ସମ୍ୟକ ପରୀକ୍ଷା କରିଥିଲୁ ଏବଂ ଅଧିନିୟମ/ନିୟମାବଳୀ, ବାର୍ଷିକ ଅବକାରୀ ନୀତି ବ୍ୟବସ୍ଥାର ଅନୁପାଳନ ନହେବା ହେତୁ ଅବକାରୀ ଶୁଳ୍କ/ଫିସ୍/ଜୋରିମାନାର ଅନାରୋପଣ/ସ୍ୱଳ୍ପାରୋପଣ/ରାଜସ୍ୱହାନି ଏବଂ ଅବକାରୀ ଦ୍ରବ୍ୟକୁ ନଷ୍ଟ ନକରିବା ଇତ୍ୟାଦି କେତେକ ମାମଲା ଦେଖିଥିଲୁ ଯାହା ଏହି ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଦର୍ଶାଗଲା । ଏଗୁଡିକ ସବୁ ଦୃଷ୍ଟାନ୍ତମୂଳକ ଅଟେ ଏବଂ ଆମ ଦ୍ୱାରା ହୋଇଥିବା ନମୁନା ଯାଞ୍ଚ ଉପରେ ଆଧାରିତ । ଜିଲ୍ଲା ଅବକାରୀ କାର୍ଯ୍ୟାଳୟର ଅଧୀକ୍ଷକ ମାନଙ୍କ ଦ୍ୱାରା ଏହି ଭଳି ତ୍ରୁଟି ପ୍ରତିବର୍ଷ ସମୀକ୍ଷାରେ ଦର୍ଶାଯାଉଥିଲେ ମଧ୍ୟ ଏହା କେବଳ ଲାଗି ରହିନଥିଲା ବରଂ ସମୀକ୍ଷା ହେବା ପର୍ଯ୍ୟନ୍ତ ସନ୍ଧାନ ହୋଇନଥିଲା । ଏହି ତ୍ରୁଟି ଗୁଡିକର ପୁନରାବୃତ୍ତି ଏଡାଇବା ଉଦ୍ଦେଶ୍ୟରେ ବିଭାଗ ଆନ୍ତଃ ସମୀକ୍ଷା ଅଙ୍ଗକୁ ବଳଶାଳୀ କରିବା ସହିତ ଆନ୍ତଃ ନିୟନ୍ତ୍ରଣ ପଦ୍ଧତିରେ ବିକାଶ ଘଟାଇବା ଦରକାର ।

[1] ଏହା ମଧ୍ୟରେ ରାଜସ୍ୱ ହାନି ଜନିତ ଅନୁଚ୍ଛେଦ ଅନ୍ତର୍ଭୁକ୍ତ ହୋଇନାହିଁ ।

## 5.3 ଅଧିନିୟମ/ନିୟମାବଳୀ/ବାର୍ଷିକ ଅବକାରୀ ନୀତିର ବ୍ୟବସ୍ଥା ଏବଂ ସରକାରଙ୍କ ଅନୁଦେଶ ପାଳନ ନହେବା

*ବିହାର ଏବଂ ଓଡିଶା ଅବକାରୀ ଅଧିନିୟମ 1915 ଏବଂ ତଦଧୀନ ପ୍ରଣୀତ ସରକାର ତଥା ରାଜସ୍ୱ ପର୍ଷଦଙ୍କ ନିୟମାବଳୀ ସହ ପଠିତ ବାର୍ଷିକ ଅବକାରୀ ନୀତି ଏବଂ ସରକାରଙ୍କ ଅନୁଦେଶ ଗୁଡିକରେ ନିମ୍ନମତେ ବ୍ୟବସ୍ଥା ଅଛି –*

*(i)* *ବିହିତ ହାରରେ ଅବକାରୀ ଶୁଳ୍କ ଏବଂ ଫିସ୍‌ର ଆରୋପଣ ଏବଂ ଆଦାୟ;*

*(ii)* *ପ୍ରତିଷ୍ଠାନ ଦେୟ ଧାର୍ଯ୍ୟ ଓ ଆଦାୟ, ଅଧିକା ସମୟ ଚଳୁ ରଖିବା ଫିସ୍ କିମ୍ବା ପଣ୍ୟାଗାର ଏବଂ ପାତନଶାଳା, ମଦଭାଟି ଇତ୍ୟାଦିରେ ନିୟମିତ / ସାମୟିକ ରୂପେ ମୁତୟନ ହୋଇଥିବା ଅବକାରୀ କର୍ମଚାରୀଙ୍କ ଅଧିକାଳିକ ପାରିଶ୍ରମିକ ଫିସ୍ ବିହିତ ହାରରେ ଆଦାୟ;*

(iii) *ଗଚ୍ଛିତ ଅବକାରୀ ଦ୍ରବ୍ୟ ଯାହା ଲୋକଙ୍କ ବ୍ୟବହାର ପାଇଁ ଉପଯୁକ୍ତ ନୁହେଁ ନଷ୍ଟ କରିବା ଏବଂ ସମ୍ପୃକ୍ତ ଲାଇସେନସ୍ ପ୍ରାପ୍ତ ବ୍ୟବସାୟୀଙ୍କ ବିପକ୍ଷରେ ଜୋରିମାନା ଆରୋପଣ କରିବା;*

*(iv)* *ନିର୍ଦ୍ଧାରିତ ମୂଲ୍ୟରେ ଲାଇସେନସ୍ ପ୍ରାପ୍ତ ଦେଶୀ ମଦ ଦୋକାନୀ ମାନଙ୍କଠାରୁ ପରିବହନ ଫିସ୍‌ର ଆରୋପଣ ଓ ଆଦାୟ; ଏବଂ*

*(v)* *ଅବକାରୀ ନିୟମ ସହ ପଠିତ ବାର୍ଷିକ ଅବକାରୀ ନିୟମ ଅନୁସାରେ ମଦ ଦୋକାନ ଗୁଡିକର ବାର୍ଷିକ ସ୍ଥିରୀକରଣ କରିବା ।*

*ଅବକାରୀ ଅଧୀକ୍ଷକ ମାନେ କର ନିର୍ଦ୍ଧାରଣ ଚୂଡାନ୍ତ କାଳରେ ଉପରୋକ୍ତ ବ୍ୟବସ୍ଥାର ଅନୁପାଳନ ନକରିବା ଫଳରେ କେତେକ ମାମଲାରେ 1.14 କୋଟି [2] ଟଙ୍କାର ଅବକାରୀ ଶୁଳ୍କ/ଫିସ୍/ଦେୟ ଏବଂ ଜୋରିମାନା ଇତ୍ୟାଦିର ଅନାରୋପଣ/ସ୍ୱଳ୍ପାରୋପଣ ଏବଂ ଅନାଦାୟ ହୋଇଥିଲା ଯାହା 5.3.1 ରୁ 5.3.9 ଅନୁଚ୍ଛେଦ ମାନଙ୍କରେ ଦର୍ଶାଗଲା ।*

### 5.3.1 ନ୍ୟୁନତମ ପ୍ରତ୍ୟାଭୂତ ପରିମାଣ ମଦର ସ୍ୱଳ୍ପ ଉଠାଣ ବାବଦରେ ଶୁଳ୍କର ଅନାରୋପଣ

ଓଡିଶା ଅବକାରୀ (ଏକାନ୍ତ ବିଶେଷାଧିକାର) ବିଦେଶୀ ମଦ୍ୟ ନିୟମ 1989 ଅନୁଯାୟୀ ପ୍ରତ୍ୟେକ ଜିଲ୍ଲାପାଳ ଜାରି କରିଥିବା ଲାଇସେନ୍ସର ନିବନ୍ଧନ ଓ ସର୍ତ୍ତ ଅନୁସାରେ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀ ମାନେ ପ୍ରତ୍ୟେକ ଓପିବନ୍ଦ/ଓପିଖୋଲା ମଦ ଦୋକାନ ବାବଦରେ ନ୍ୟୁନତମ ପ୍ରତ୍ୟାଭୂତ ପରିମାଣର ମଦ ଉଠାଇବେ । ଯେଉଁ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀ ଏଥିରେ ଅସଫଳ ହେବେ ସେ ବର୍ଷ ଶେଷରେ ବାର୍ଷିକ ଅବକାରୀ ନୀତିର ବିହିତ ହାର ସହିତ ନିଅଣ୍ଟ ଅବକାରୀ ଶୁଳ୍କର 10 ପ୍ରତିଶତ ଜୋରିମାନା ଦେଇ ରାଜସ୍ୱ କ୍ଷତିର ଭରଣା କରିବେ ।

ମାର୍ଚ୍ଚ 2010 ରେ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ମୟୁରଭଞ୍ଜ (ବାରିପଦା) ର ନଥିପତ୍ର ନମୁନା ଯାଞ୍ଚ ବେଳେ ଆମେ ଲକ୍ଷ୍ୟ କଲୁ ଯେ 2008-09 ବର୍ଷରେ ସାତ ଗୋଟି[3] ଓପି ବନ୍ଦ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀ, ଜିଲ୍ଲାପାଳ ତାଙ୍କ ଲାଇସେନ୍ସରେ ନିର୍ଦ୍ଧାରିତ କରିଥିବା 19,055.448 ଏଲ୍‌ପିଏଲ ଆଇ ଏମ୍ ଏଫ୍ ଏଲ୍ ଏବଂ 39,241.06 ବିଏଲ୍ ବିଅର ଉଠାଇବା ସ୍ଥଳେ 5052.78 ଏଲ୍‌ପିଏଲ ଆଇ ଏମ୍ ଏଫ୍ ଏଲ୍ ଏବଂ 11,235.12 ବିଏଲ୍ ବିଅର

[2] ଏହା ମଧ୍ୟରେ ରାଜସ୍ୱ ହାନି ଜନିତ ଅନୁଚ୍ଛେଦ ଅନ୍ତର୍ଭୁକ୍ତ ହୋଇନାହିଁ ।

[3] ଯଶିପୁର ଆଇଏମ୍ ଏଫ୍ ଏଲ୍ ଓପିବନ୍ଦ ଦୋକାନ, ସୁକ୍ରୁଳି ଆଇଏମ୍ ଏଫ୍ ଏଲ୍ ଓପି ବନ୍ଦ ଦୋକାନ, ବିଷୋଇ ଆଇଏମ୍ ଏଫ୍ ଏଲ୍ ଓପି ବନ୍ଦ ଦୋକାନ, ବିଷୋଇ ଆଇଏମ୍ ଏଫ୍ ଏଲ୍ ଓପି ବନ୍ଦ ଦୋକାନ (ଜେମକାନୋଆ), ଝରାଡିହି ଆଇଏମ୍ ଏଫ୍ ଏଲ୍ ଓପି ବନ୍ଦ ଦୋକାନ, କରଞ୍ଜିଆ ଆଇଏମ୍ ଏଫ୍ ଏଲ୍ ଓପି ବନ୍ଦ ଦୋକାନ ଏବଂ ଷ୍ଟେସନ ବଜାର ଆଇଏମ୍ ଏଫ୍ ଏଲ୍ ଓପି ବନ୍ଦ ଦୋକାନ ।

ଉଠାଇଥିଲେ । ଏହିପରି 14,002.668 ଏଲ୍‌ପିଏଲ ଆଇ ଏମ୍ ଏଫ୍ ଏଲ୍ ଏବଂ 28,005.94 ବିଏଲ୍ ବିଅର ସ୍ୱଳ୍ପଉଠାଣ ଫଳରେ 27.11 ଲକ୍ଷ ଟଙ୍କାର ଅବକାରୀ ଶୁଳ୍କ ଅନାରୋପଣ ହୋଇଥିଲା ।

ଆମେ ଏହା ଦର୍ଶାଇଲା ପରେ ଅଗଷ୍ଟ 2010 ରେ ସରକାର ଉତ୍ତର ଦେଲେ ଯେ ନ୍ୟୁନତମ ପ୍ରତ୍ୟାଭୂତ ପରିମାଣ ମଦର ସ୍ୱଳ୍ପଉଠାଣର ସତ୍ୟାପନ କରାଯାଉଅଛି ଏବଂ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଗୁଡିକରୁ ରିପୋର୍ଟ ମିଳିଲା ପରେ ଯଥା ଶୀଘ୍ର ଅନୁପାଳନ ଉପସ୍ଥାପନ କରାଯିବ ।

## 5.3.2 ପ୍ରତିଷ୍ଠାନ ଖର୍ଚ୍ଚ ଏବଂ ଅଧିକାଳୀକ ପାରିଶ୍ରମିକର ଅନାଦାୟ/ସ୍ୱଳ୍ପାଦାୟ

> ପର୍ଷଦର ଅବକାରୀ ନିୟମ, 1965 ଅନୁଯାୟୀ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀ ମାନେ ପାତନଶାଳା ଓ ମଦଭାଟିର ପର୍ଯ୍ୟବେକ୍ଷଣ ପାଇଁ ମୁତୟନ ଅବକାରୀ କର୍ମଚାରୀଙ୍କ ମାସିକ ବେତନ ଓ ଭତ୍ତା ଅବକାରୀ କମିଶନରଙ୍କ ଦ୍ୱାରା ସମୟକୁ ସମୟ ସ୍ଥିର ହେଉଥିବା ହାରରେ ସରକାରଙ୍କ ତହବିଲରେ ଜମା କରିବା ଆବଶ୍ୟକ ।

ନଭେମ୍ବର 2009 ଏବଂ ଫେବୃଆରୀ 2010 ମଧ୍ୟରେ ଚାରି ଗୋଟି[4] ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ନଥିପତ୍ରର ନମୁନା ଯାଞ୍ଚ ବେଳେ ଆମେ ଲକ୍ଷ୍ୟ କଲୁ ଯେ ଜାନୁଆରୀ 2004 ଏବଂ ମାର୍ଚ୍ଚ 2009 ମଧ୍ୟରେ ଗଞ୍ଜାମ ଜିଲ୍ଲାର ଏକ ପାତନଶାଳା (ଆସ୍କା ସମବାୟ ଚିନିକଳ) ରୁ ପ୍ରତିଷ୍ଠାନ ଖର୍ଚ୍ଚ ବାବଦରେ 12.52 ଲକ୍ଷ ଟଙ୍କାର ଦାବି ଉପସ୍ଥାପନ କରାଯାଇ ନଥିଲା କିମ୍ବା ଆଦାୟ କରାଯାଇ ନଥିଲା । ପୁନଶ୍ଚ ଜାନୁଆରୀ 2006 ରୁ ମାର୍ଚ୍ଚ 2009 ଅବଧିରେ ଅବକାରୀ କର୍ମଚାରୀ ମାନଙ୍କର ଅଧିକାଳିକ ପାରିଶ୍ରମିକ ଫିସ୍ ବାବଦରେ ସାତଗୋଟି ପାତନଶାଳା/ମଦଭାଟିରୁ[5] 8.82 ଲକ୍ଷ ଟଙ୍କା ସ୍ୱଳ୍ପାଦାୟ ହୋଇଥିଲା ।

ଆମେ ଏହା ଦର୍ଶାଇଲା ପରେ ଅଗଷ୍ଟ 2010 ରେ ସରକାର ଦର୍ଶାଇଲେ ଯେ, ଗଞ୍ଜାମର ଅଧିକ୍ଷକଙ୍କୁ ଆସ୍କା ସମବାୟ ଚିନି କଳ ବିପକ୍ଷରେ 12.52 ଲକ୍ଷ ଟଙ୍କା ଅନାରୋପଣର ବିଶଦ ଅନୁପାଳକ ବିବରଣୀ ଦେବାପାଇଁ କୁହାଯାଇଅଛି । ଏହା ମଧ କୁହାଯାଇଥିଲା ଯେ ଅବଶିଷ୍ଟ 8.82 ଲକ୍ଷ ଆଦାୟ କରାଯିବ । ବିଷୟଟିର ଅଧିକତର ଅଗ୍ରଗତି ମୂଳକ ବିବରଣୀ ପ୍ରାପ୍ତ ହୋଇନଥିଲା (ଡିସେମ୍ବର 2010) ।

## 5.3.3 ନିର୍ଦ୍ଧାରିତ ସମୟସୀମା ବାହାରେ ପାତନଶାଳା ଚାଲୁ ରଖିବା ଫିସ୍‌ର ଅନାରୋପଣ

> ସରକାରଙ୍କ ଅକ୍ଟୋବର 2006 ଅଧିସୂଚନା ଅନୁଯାୟୀ ପାତନଶାଳା ନିର୍ଦ୍ଧାରିତ ସମୟସୀମା ଆଠ ଘଣ୍ଟାରୁ ଅଧିକ ଚାଲୁ ରଖିବା ପାଇଁ ଇଉନିଟ୍‌ର ବ୍ୟକ୍ତିଗତ ଲେଜର ଖାତାରୁ ପ୍ରତି ଅଧିକ ଘଣ୍ଟାକୁ 1000 ଟଙ୍କା ହାରରେ ଫିସ୍ ଆଦାୟ କରାଯିବ ।

ଡିସେମ୍ବର 2009 ରେ ଗଞ୍ଜାମ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଅଧିନରେ ଥିବା ଆସ୍କା ସମବାୟ ଚିନି କଳର ନଥିପତ୍ରର ନମୁନା ଯାଞ୍ଚ ବେଳେ ଆମେ ଲକ୍ଷ୍ୟ କଲୁ ଯେ ଯଦିଓ ଅଗଷ୍ଟ 2008 ରୁ ମାର୍ଚ୍ଚ 2009 ମଧ୍ୟରେ ଇଉନିଟ୍‌ଟି 1475 ଘଣ୍ଟା ନିର୍ଦ୍ଧାରିତ ସମୟ ସୀମା ବାହାରେ ଚାଲିଥିଲା, ଅଧିକା ସମୟ ଫିସ୍ 14.75 ଲକ୍ଷ ଟଙ୍କା ସେହି ଇଉନିଟ୍ ଠାରୁ ଆଦାୟ ହୋଇନଥିଲା ।

ଆମେ ଏହା ଦର୍ଶାଇଲା ପରେ ଅଗଷ୍ଟ 2010 ରେ ସରକାର ଉତ୍ତର ଦେଲେ ଯେ, ଚୂଡାନ୍ତ ଅନୁପାଳନ ଦାଖଲ କରିବାକୁ ଅଧିକ କିଛି ସମୟ ଲାଗିବ । ଉତ୍ତର ଏପର୍ଯ୍ୟନ୍ତ ପ୍ରାପ୍ତି ହୋଇନଥିଲା (ଡିସେମ୍ବର 2010)।

---

4 ବଲାଙ୍ଗୀର, ଗଞ୍ଜାମ, ଖୋର୍ଦ୍ଧା ଏବଂ ରାୟଗଡା ।

5 ଡେଙ୍କେଙ୍ଗ୍ ମଦ ଭାଟି, ଜୟପୁର ଚିନି କମ୍ପାନୀ ଲିଃ, ଶକ୍ତି ପାତନଶାଳା ଲିମିଟେଡ, ଓରିଏଣ୍ଟାଲ ବଟଲିଙ୍ଗ, ଇଉନାଇଟେଡ୍ ବ୍ରିଓ୍ୱେରିଜ୍, ଇଉନାଇଟେଡ୍ ସ୍ପିରିଟ୍ ଲିମିଟେଡ୍ ଏବଂ ଉତ୍କଳ ପାତନଶାଳା ।

## 5.3.4 ଦେଶୀ ସ୍ପିରିଟ୍‌ର ସ୍ୱଳ୍ପ ଯୋଗାଣରେ ଜୋରିମାନା ଅନାରୋପଣ

2007-08 ଏବଂ 2008-09 ବାର୍ଷିକ ଅବକାରୀ ନୀତି ଅନୁଯାୟୀ ଯଦି ଦେଶୀ ସ୍ପିରିଟ୍‌ର ପ୍ରାଧିକୃତ ଯୋଗାଣକାରୀ ଚାହିଦା ଅନୁସାରେ ଦେଶୀ ସ୍ପିରିଟ୍‌ର ସମୟୋଚିତ ଯୋଗାଣରେ ସକ୍ଷମ ନହୁଅନ୍ତି ତେବେ ତାଙ୍କୁ ବାର୍ଷିକ 10 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରାଯିବ ।

ଡିସେମ୍ବର 2009 ରେ ଗଞ୍ଜାମ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଅଧିନରେ ଥିବା ରାଜ୍ୟରେ ଦେଶୀ ସ୍ପିରିଟ୍‌ର ପ୍ରାଧିକୃତ ପାଇକାରୀ ଯୋଗାଣକାରୀ ରୂପେ କାର୍ଯ୍ୟ କରୁଥିବା ଆସ୍କା ସମବାୟ ଚିନିକଳର ନଥିପତ୍ରର ନମୁନା ଯାଞ୍ଚ ବେଳେ ଆମେ ଲକ୍ଷ୍ୟ କଲୁ ଯେ 2007-08 ଏବଂ 2008-09 ବର୍ଷରେ ଉକ୍ତ ଚିନି କଳଟି ବଜାରର ଚାହିଦା ମୁତାବକ ଦେଶୀ ସ୍ପିରିଟ ଯୋଗାଇବାରେ ଅସମର୍ଥ ହେବାରୁ 20 ଲକ୍ଷ ଟଙ୍କା ଜୋରିମାନା ଆରୋପଣ ଯୋଗ୍ୟ ଥିଲା; କିନ୍ତୁ ଉକ୍ତ ଜୋରିମାନା ଆରୋପଣ ହୋଇ ନଥିଲା ।

ଆମେ ଏହା ଦର୍ଶାଇଲା ପରେ ଅଗଷ୍ଟ 2010 ରେ ସରକାର ଉତ୍ତର ଦେଲେ ଯେ 2008-09 ବର୍ଷ ପାଇଁ ମାର୍ଚ୍ଚ 2010 ରେ 10 ଲକ୍ଷ ଟଙ୍କା ଆଦାୟ ହୋଇଥିଲା ଏବଂ 2007-08 ର ଜୋରିମାନା ଅନାରୋପଣ ବାବଦରେ ଚୂଡାନ୍ତ ଅନୁପାଳନ ଦାଖଲ କରିବାକୁ ଆଉ କିଛି ସମୟ ଲାଗିବ । ଅଧିକତର ଉତ୍ତର ଏ ପର୍ଯ୍ୟନ୍ତ ପ୍ରାପ୍ତ ହୋଇ ନଥିଲା (ଡିସେମ୍ବର 2010) ।

## 5.3.5 ମହୁଲ ଫୁଲର ଭେଦାତ୍ମକ ମହଜୁଦ୍ ଫିସ୍ ଅନାଦାୟ

2007-08 ଏବଂ 2008-09 ର ବାର୍ଷିକ ଅବକାରୀ ନୀତି ଅନୁଯାୟୀ ଗୋଦାମ ଘରର ମହଜୁଦ୍ କରିବାର କ୍ଷମତାକୁ ଭିତ୍ତିକରି ମହୁଲ ଫୁଲର ମହଜୁଦ୍ ପରମିଟ୍ ଫିସ୍ ବ୍ୟବସାୟୀଙ୍କ ପାଇଁ ଏବଂ ଲାଇସେନ୍ସ ପ୍ରାପ୍ତ ପାତନକାରୀଙ୍କ ପାଇଁ ଧାର୍ଯ୍ୟ କରାଯାଏ । ମହୁଲ ଫୁଲ ମହଜୁଦ୍ କରିବାର ପରମିଟ୍ କ୍ୟାଲେଣ୍ଡର ବର୍ଷ ଅନୁସାରେ ଜାରି ହେଉଥିବା ସ୍ଥଳେ ବାର୍ଷିକ ଅବକାରୀ ନୀତି ଆର୍ଥିକ ବର୍ଷ ଅନୁସାରେ ହୋଇଥାଏ ।

ଡିସେମ୍ବର 2009 ଏବଂ ଜାନୁଆରୀ 2010 ରେ ଦୁଇଗୋଟି[6] ଜିଲ୍ଲା ଅବକାରୀ କାର୍ଯ୍ୟାଳୟରେ 2008 କ୍ୟାଲେଣ୍ଡର ବର୍ଷ ପାଇଁ ମହୁଲ ଫୁଲ ଭଣ୍ଡାର ଏଜେଣ୍ଟ ପରମିଟ୍ ଫିସ୍ ସମ୍ପର୍କିତ ନଥିପତ୍ର ଯାଞ୍ଚ ବେଳେ ଆମେ ଲକ୍ଷ୍ୟକଲୁ ଯେ 2007-08 ବର୍ଷର ଅବକାରୀ ନୀତି ଆଧାରରେ 159 ଦେଶୀ ମଦ ଦୋକାନ ପାଇଁ ବିହିତ ମହଜୁଦ୍ ପରମିଟ୍ ଫିସ୍ ଆଦାୟ ହୋଇଥିଲା । ଯେହେତୁ 2008-09 ବାର୍ଷିକ ଅବକାରୀ ନୀତି ଅନୁଯାୟୀ ଏପ୍ରିଲ 2008 ରୁ ମହଜୁଦ୍ ଫିସ୍‌ର ଉର୍ଦ୍ଧଗାମୀ ବୃଦ୍ଧି କରାଯାଇଥିଲା, ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀମାନେ ଭେଦାତ୍ମକ ମହଜୁଦ୍ ଫିସ୍ ବାବଦକୁ 4.57 ଲକ୍ଷ ଟଙ୍କା ଜମା କରିବାର ଥିଲା କିନ୍ତୁ ସମ୍ପୃକ୍ତ ଅବକାରୀ ଅଧୀକ୍ଷକମାନେ ଉକ୍ତ ଭେଦାତ୍ମକ ଫିସ୍‌ର ଆଦାୟ ପାଇଁ ଦାବି ଉପସ୍ଥାପନ କରି ନଥିଲେ ।

ଆମେ ମାମଲାଗୁଡିକ ଦର୍ଶାଇଲା ପରେ 1 ଡିସେମ୍ବର 2009 ରେ ଛତ୍ରପୁର ଅବକାରୀ ଅଧୀକ୍ଷକ ଭେଦାତ୍ମକ ଦେୟ ଆଦାୟ କରିବାକୁ ସମ୍ମତ ହେଲେ, ଏବଂ ଅବକାରୀ ଆୟୁକ୍ତ ଜୁନ୍ 2010 ରେ ଜଣାଇଲେ ଯେ ନବରଙ୍ଗପୁର ଅବକାରୀ ଅଧୀକ୍ଷକଙ୍କ ଦ୍ୱାରା 0.60 ଲକ୍ଷ ଟଙ୍କା ଆଦାୟ ହୋଇଥିଲା ଏବଂ ଅବଶିଷ୍ଟ 1.73 ଲକ୍ଷ ଟଙ୍କା ପାଇଁ ଦାବି ଉପସ୍ଥାପନ ହୋଇଥିଲା । ଅଗଷ୍ଟ 2010 ରେ ସରକାର ଅବକାରୀ ଆୟୁକ୍ତଙ୍କ ମତକୁ ସମର୍ଥନ କରିଥିଲେ ।

---

6 ଛତ୍ରପୁର (ଗଞ୍ଜାମ) ଏବଂ ନବରଙ୍ଗପୁର ।

## 5.3.6 ଲେବୁଲ ରେଜିଷ୍ଟ୍ରେସନ ଫିସ୍‌ର ଅନାରୋପଣ

ବାର୍ଷିକ ଅବକାରୀ ନୀତି ଅନୁଯାୟୀ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଓଡିଶା ରାଜ୍ୟ ପାନୀୟ ନିଗମକୁ ଯୋଗାଇଥିବା ଆଇ.ଏମ୍.ଏଫ୍.ଏଲ/ବିଅରର ଲେବୁଲ ରେଜିଷ୍ଟ୍ରେସନ ଫିସ୍ ପରବର୍ତ୍ତୀ ଆର୍ଥିକ ବର୍ଷରେ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀଙ୍କଠାରୁ ପରିମାଣ (ପେଟି) ଅନୁଯାୟୀ ବିହିତ ସ୍ଲାବ ହାରରେ ଆଦାୟ କରାଯିବା ଉଚିତ ।

ଜୁନ୍ 2009 ଏବଂ ଅକ୍ଟୋବର 2009 ରେ ଅବକାରୀ ଆୟୁକ୍ତଙ୍କ କାର୍ଯ୍ୟାଳୟର ନଥିପତ୍ରର ନମୁନା ଯାଞ୍ଚ ବେଳେ ଆମେ ଲକ୍ଷ୍ୟ କଲୁ ଯେ ବାର୍ଷିକ ଅବକାରୀ ନୀତି 2007-08 ଏବଂ 2008-09 ଅନୁଯାୟୀ ବଲାଙ୍ଗୀର ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଇଲାକାରେ ଥିବା ମଇକାଲ ବ୍ରିୱେରିଜ୍ (ପ୍ରା) ଲିମିଟେଡର 1,81,827 ପେଟି ମଇକାଲ 8000 ସୁପରଷ୍ଟ୍ରଙ୍ଗ ବିଅର (35,790 ପେଟି 2006 ରେ ଏବଂ 1,46,037 ପେଟି 2007 ରେ) ଓଡିଶା ରାଜ୍ୟ ପାନୀୟ ନିଗମକୁ ଯୋଗାଇବା ବାବଦକୁ 2.90 ଲକ୍ଷ ଟଙ୍କାର ଲେବୁଲ ରେଜିଷ୍ଟ୍ରେସନ ଫିସ୍ ଆଦାୟ ହୋଇ ନଥିଲା ।

ଆମେ ଏହା ଦର୍ଶାଇଲା ପରେ ଅଗଷ୍ଟ 2010 ରେ ସରକାର ଜଣାଇଲେ ଯେ ଯେହେତୁ ବିଷୟଟି ନୀତିଗତ ନିଷ୍ପତ୍ତି ସହ ଜଡିତ, ଏହାର ଚୂଡାନ୍ତ ଅନୁପାଳନରେ କିଛି ସମୟ ଲାଗିବ । ଅଧିକତର ଉତ୍ତର ଏପର୍ଯ୍ୟନ୍ତ ପ୍ରାପ୍ତି ହୋଇ ନଥିଲା (ଡିସେମ୍ବର 2010) ।

## 5.3.7 ମଣିଷ ବ୍ୟବହାର ଅନୁପଯୁକ୍ତ କାଣ୍ଟି ବିଅରକୁ ନଷ୍ଟ ନକରିବା ଏବଂ ଜୋରିମାନାର ଅନାରୋପଣ

ପର୍ଷଦର ଅବକାରୀ ନିୟମ, 1965 ଅନୁଯାୟୀ ଯେତେବେଳେ କୌଣସି ମାଦକ ଦ୍ରବ୍ୟ ରାସାୟନିକ ପରୀକ୍ଷାଦ୍ୱାରା ଜଣାପଡେ ଯେ ତାହା ମଣିଷ ବ୍ୟବହାର ପାଇଁ ଅନୁପଯୁକ୍ତ ଏହାର ନିର୍ଗମ ରୋକାଯିବ ଏବଂ ଗଚ୍ଛିତ ଦ୍ରବ୍ୟକୁ ନଷ୍ଟ କରିଦିଆଯିବ । ପୁନଶ୍ଚ ଯଦି ସେହି ଦ୍ରବ୍ୟର ଗୁଣର ଅପଚୟ ଦୀର୍ଘଦିନ ଗଚ୍ଛିତ ରହିବା କିମ୍ବା ଅନ୍ୟ କୌଣସି କାରଣ ପାଇଁ ହୋଇଥାଏ ତେବେ ଲାଇସେନ୍ସଧାରୀ ସେଥିପାଇଁ ଦାୟୀ ରହିବେ ଏବଂ ନଷ୍ଟ ହୋଇଯାଇଥିବା/ ଧ୍ୱଂସ ହୋଇଥିବା ଦ୍ରବ୍ୟର ବିହିତ ଶୁଳ୍କ ପ୍ରଦେୟର ପାଞ୍ଚଗୁଣ ଜୋରିମାନା ଦେବାକୁ ଦାୟୀ ରହିବେ ।

ଅଗଷ୍ଟ 2009 ରେ ଜଗତସିଂହପୁର ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ନଥିପତ୍ରର ନମୁନା ଯାଞ୍ଚ ବେଳେ ଆମେ ଲକ୍ଷ୍ୟ କଲୁ ଯେ ମେସର୍ସ ଏସ୍.କେ.ଓ.ଏଲ୍. ବ୍ରିୱେରିଜ୍, ପାରାଦୀପର 15,327 ବଲ୍କଲିଟର ବିଅର ସରକାରୀ ଔଷଧ ପରୀକ୍ଷଣ ଓ ଗବେଷଣା ପ୍ରୟୋଗଶାଳା, ଭୁବନେଶ୍ୱରରେ ଡିସେମ୍ବର 2003 ରେ ରାସାୟନିକ ପରୀକ୍ଷା ପରେ ମଣିଷ ବ୍ୟବହାର ପାଇଁ ଅନୁପଯୁକ୍ତ ଥିବାର ଜଣା ପଡିଥିଲା । କିନ୍ତୁ ସେହି ଗଚ୍ଛିତ ବିଅର ନଷ୍ଟ କରାଯାଇ ନଥିଲା କିମ୍ବା ଅବକାରୀ ଅଧୀକ୍ଷକ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀଙ୍କ ବିପକ୍ଷରେ 16.06 ଲକ୍ଷ ଟଙ୍କା ଜୋରିମାନା ଆରୋପଣ କରି ନଥିଲେ ।

ଆମେ ମାମଲା ଦର୍ଶାଇବା ପରେ ଅଗଷ୍ଟ 2010 ରେ ଅବକାରୀ ଆୟୁକ୍ତ କହିଲେ ଯେ 16.06[7] ଲକ୍ଷ ଟଙ୍କା ଦାବି ଉପସ୍ଥାପନ ଉପରେ ଲାଇସେନ୍ସଧାରୀ ରାଜ୍ୟର ମାନ୍ୟବର ଉଚ୍ଚ ନ୍ୟାୟାଳୟ ଦେଇଥିବା ମଧ୍ୟବର୍ତ୍ତୀ କାଳୀନ ଆଦେଶ ଅନୁସାରେ ସ୍ୱାଭାବିକ ଅବକାରୀ ଶୁଳ୍କ 3.01 ଲକ୍ଷ ଟଙ୍କା ମାର୍ଚ୍ଚ 2010 ରେ ଜମା କରିଥିଲେ । ଅବକାରୀ କମିଶନର ଜୁନ୍ 2010 ରେ ଲାଇସେନ୍ସଧାରୀଙ୍କୁ ଭଣ୍ଡାର ଘରେ ଗଚ୍ଛିତ ଥିବା 1965 ପେଟି ପୁରୁଣା କାଣ୍ଟି ବିଅରକୁ ରିଟ୍ ଆବେଦନ ଫଏସଲା ମୁତାବକ ନଷ୍ଟ କରିବାକୁ ଅନୁମତି ଦେଇଥିଲେ ।

[7] ହେୱାର୍ଡ ଲେଜର ବିଅର - 202800 ବିଏଲ (5% v/v ରୁ ଅଧିକ ନୁହେଁ), 18 ଟଙ୍କା ପ୍ରତି ବିଏଲ ଶୁଳ୍କ ଆରୋପଣ ଏବଂ ହେୱାର୍ଡ 2000 ଏକ୍ସଟ୍ରାଷ୍ଟ୍ରଙ୍ଗ ବିଅର 15124.200 ବିଏଲ (5.1 ରୁ 7 ପ୍ରତିଶତ v/v), 21 ଟଙ୍କା ପ୍ରତି ବିଏଲ ଶୁଳ୍କ ଆରୋ ପଣ ହେବ ସରକାରଙ୍କ ଅବକାରୀ ନୀତି 2008-09 ଓ 2009-10 ଅନୁଯାୟୀ ।

## 5.3.8 ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଦୋକାନୀମାନଙ୍କ ଠାରୁ ପରିବହନ ଫିସ୍ ଅନାଦାୟ

ପର୍ଷଦର ଅବକାରୀ (ମହୁଲ ଫିସ୍ ସ୍ଥିରୀକରଣ) ନିୟମାବଳୀ 1976 ସହ ପଠିତ ମାର୍ଚ୍ଚ 2008 ରେ ଜାରି ହୋଇଥିବା ବାର୍ଷିକ ଅବକାରୀ ନିୟମ 2008-09 ଅନୁଯାୟୀ ନିଜ ରାଜ୍ୟ ମଧ୍ୟରେ ମହୁଲ ଫୁଲର ପରିବହନ ଫିସ୍‌ର ହାର କ୍ୱିଣ୍ଟାଲ ପ୍ରତି 15 ଟଙ୍କା ଅଟେ ।

ଜୁଲାଇ 2009 ରେ ନଥିପତ୍ରର ନମୁନା ଯାଞ୍ଚ ବେଳେ ଆମେ ଲକ୍ଷ୍ୟକଲୁ ଯେ ଅନୁଗୁଳ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଅଧିନରେ ଥିବା 17 ଗୋଟି ମଦ ଦୋକାନରେ ସ୍ଥିରୀକୃତ ନ୍ୟୁନତମ ପ୍ରତ୍ୟାଭୂତ ପରିମାଣ 2008-09 ପାଇଁ 50,076 କ୍ୱିଣ୍ଟାଲ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀ ମାନେ ପ୍ରତି କ୍ୱିଣ୍ଟାଲ 15 ଟଙ୍କା ହାରରେ 7.51 ଲକ୍ଷ ଟଙ୍କାର ପରିବହନ ଫିସ୍ ଜମା କରିନଥିଲେ । ଏହି ବିଚ୍ୟୁତି ଅନୁଗୁଳ ଅବକାରୀ ଅଧୀକ୍ଷକଙ୍କ ଦ୍ୱାରା ସନ୍ଧାନ ହୋଇ ନଥିଲା ।

ଆମେ ମାମଲା ଦର୍ଶାଇଲା ପରେ ଅନୁଗୁଳ ଅବକାରୀ ଅଧୀକ୍ଷକ ଉଲ୍ଲିଖିତ ପରିବହନ ଫିସ୍ ଆଦାୟ ପାଇଁ ଦାବି ଉପସ୍ଥାପନ କରିବାକୁ ରାଜି ହେଲେ । ଅଧିକ ଉତ୍ତର ଏପର୍ଯ୍ୟନ୍ତ ପ୍ରାପ୍ତ ହୋଇନଥିଲା (ଡିସେମ୍ବର 2010) ।

ଏହି ବିଷୟ ଆମେ ଫେବୃୟାରୀ 2010 ରେ ସରକାର/ଅବକାରୀ ଆୟୁକ୍ତଙ୍କୁ ଜଣାଇ ଥିଲୁ । ସେମାନଙ୍କର ଉତ୍ତର ଏପର୍ଯ୍ୟନ୍ତ ପ୍ରାପ୍ତି ହୋଇନାହିଁ (ଡିସେମ୍ବର 2010) ।

## 5.3.9 ମଦ ଦୋକାନ ଗୁଡିକ ସ୍ଥିରିକୃତ ନହେବାରୁ ରାଜସ୍ୱ ହାନି

ବଳବତ୍ତର ଥିବା ଅବକାରୀ ନିୟମ ସହ ପଠିତ ବାର୍ଷିକ ଅବକାରୀ ନୀତି ଅନୁଯାୟୀ ସବୁ ବିଦ୍ୟମାନ ଆଇ ଏମ୍ ଏଫ୍ ଏଲ୍ ଓ଼ିପି ବନ୍ଦ ଏବଂ ଦେଶୀ ମଦ ଦୋକାନ ଗୁଡିକରୁ ବିହିତ ସରଜମନ ରାଶି ଆଦାୟ ହୋଇ ପ୍ରତିବର୍ଷ ନବୀକରଣ କରାଯାଏ । ଯେଉଁଠି ଦୋକାନ ଗୁଡିକ ନବୀକରଣ ହୋଇ ପାରିଲା ନାହିଁ; ସେହି ଜିଲ୍ଲାର ଜିଲ୍ଲାପାଳ ଆଗ୍ରହୀ ବ୍ୟକ୍ତିଙ୍କଠାରୁ ଦରଖାସ୍ତ ଆହ୍ୱାନ ଦ୍ୱାରା ସେଗୁଡିକ ସ୍ଥିରିକୃତ କରିବାକୁ ତୁରନ୍ତ ପଦକ୍ଷେପ ନିଅନ୍ତି । ଯଦି ଏକାଧିକ ଦରଖାସ୍ତ ମିଳିଲା, ଦୋକାନଟି ଲଟେରୀ ମାଧ୍ୟମରେ ଜଣଙ୍କ ସପକ୍ଷରେ ସ୍ଥିରୀକୃତ କରାଯିବ । ଏହି ପ୍ରକ୍ରିୟା ପରେ, ଯଦି କୌଣସି ଦେଶୀ ମଦ/ଆଇ.ଏମ୍.ଏଫ୍.ଏଲ. ଓ଼ିପି ବନ୍ଦ ଦୋକାନ ସ୍ଥିରୀକୃତ ହୋଇନପାରେ, ବାର୍ଷିକ ଅବକାରୀ ନୀତିରେ ବିନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅନୁଯାୟୀ ସେହି ଦୋକାନ ଗୁଡିକ ଯେ କୌଣସି ସରକାରୀ ଉଦ୍ୟୋଗ, ସମବାୟ ସଂଗଠନ ଏବଂ ଓଡିଶା ରାଜ୍ୟ ପାନୀୟ ନିଗମ ଦ୍ୱାରା ପରିଚ୍ଛଳନା କରାଯାଇପାରେ ।

ଜାନୁଆରୀ ଏବଂ ମାର୍ଚ୍ଚ 2010 ମଧ୍ୟରେ ପାଞ୍ଚଟି ଜିଲ୍ଲା ଅବକାରୀ କାର୍ଯ୍ୟାଳୟର ନଥିପତ୍ର ନମୁନା ଯାଞ୍ଚ ବେଳେ ଆମେ ଲକ୍ଷ୍ୟ କଲୁ ଯେ 2004-05 ରୁ 2008-09 ବର୍ଷ ମଧ୍ୟରେ 23 ଟି ଅବକାରୀ ଦୋକାନ[8] ସ୍ଥିରିକୃତ ନହେବା ଫଳରେ 20.05 କୋଟି ଟଙ୍କାର ଅବକାରୀ ରାଜସ୍ୱ ହାନି ହୋଇଥିଲା । ନିକଟସ୍ଥ ଦୋକାନର ଧାର୍ଯ୍ୟ ରାଶି ତୁଳନାରେ ବିଭାଗ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଅଧିକ ଜରସମନ ରାଶି ପାଇଁ ସେହି ଦୋକାନ ଗୁଡିକ ସ୍ଥିରୀକୃତ ହୋଇ ନଥିଲା । ବିଭାଗ ମଧ୍ୟ ସେହି ଦୋକାନ ଗୁଡିକ ଓଡିଶା ରାଜ୍ୟ ପାନୀୟ ନିଗମ କିମ୍ବା ସମବାୟ ସଂସ୍ଥା ଦ୍ୱାରା ଖୋଲିବା ଏବଂ ଚଳୁ ରଖିବାକୁ ଅସଫଳ ହୋଇଥିଲେ ।

ଆମେ ଏହି ମାମଲା ଗୁଡିକ ଦର୍ଶାଇଲା ପରେ ସରକାର (ଅଗଷ୍ଟ 2010) ରେ ସହମତ ହେଲେ ଯେ ଦୋକାନ ଗୁଡିକ ଅଧିକ ଜରସମନ ରାଶି ପାଇଁ ସ୍ଥିରୀକୃତ ହୋଇ ନଥିଲା । ବଳବତ୍ତର ଥିବା ବାର୍ଷିକ ଅବକାରୀ ନୀତି

---

8 ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଅଧିନରେ **:** ଅନୁଗୁଳ - ପାଞ୍ଚଗୋଟି ଆଇ ଏମ୍ ଏଫ୍ ଏଲ ଓ଼ିପି ବନ୍ଦ ଦୋକାନ, ବରଗଡ-ଦୁଇଟି ଆଇ ଏମ୍ ଏଫ୍ ଏଲ ଓ଼ିପି ବନ୍ଦ ଦୋକାନ, ବଲାଙ୍ଗୀର – ଗୋଟିଏ ଆଇ.ଏମ୍.ଏଫ୍.ଏଲ. ଓ଼ିପି ବନ୍ଦ ଦୋକାନ, କଟକ - ଛଅଟି ଆଇ ଏମ୍ ଏଫ୍ ଏଲ ଓ଼ିପି ବନ୍ଦ ଦୋକାନ ଏବଂ ଗୋଟିଏ ଦେଶୀ ମଦ ଦୋକାନ ଏବଂ ଗଞ୍ଜାମ - ଦଶ ଗୋଟି ଆଇ ଏମ୍ ଏଫ୍ ଏଲ ଓ଼ିପି ବନ୍ଦ ଦୋକାନ ।

ଅନୁଯାୟୀ ବରଗଡ ଜିଲ୍ଲାର ଦୁଇଟି ଆଇ.ଏମ୍.ଏଫ୍.ଏଲ. ଠିପିବନ୍ଦ ଦୋକାନକୁ ନଭେମ୍ବର 2006 ରେ ଓଡିଶା ରାଜ୍ୟ ପାନୀୟ ନିଗମକୁ ଆବଣ୍ଟନ କରାଯାଇଥିଲେ ମଧ୍ୟ ସେ ଦୋକାନ ଖୋଲିବାକୁ ବିଫଳ ହୋଇଥିଲେ ।

ଯାହା ହେଉ, ତଥ୍ୟ ଏହି ଯେ ଅବାସ୍ତବ ଜରସମନ ରାଶି ଧାର୍ଯ୍ୟ ହୋଇଥିବାରୁ ଦୋକାନ ଗୁଡିକ ସରକାରୀ ଉଦ୍ୟୋଗ କିମ୍ବା ସମବାୟ ସଂସ୍ଥା ଦ୍ୱାରାବି ଖୋଲା ଯାଇପାରିଲା ନାହିଁ; ଫଳରେ ରାଜସ୍ୱ ହାନି ଘଟିଥିଲା ।

# ଅଧ୍ୟାୟ-VI : ବନ ପ୍ରାପ୍ତି

## 6.1.1 ଅଣକର ରାଜସ୍ୱ ପରିଚାଳନା

ବନ ଓ ବନ୍ୟପ୍ରାଣୀ ବିଭାଗରେ ବନ ପ୍ରାପ୍ତିର ଆରୋପଣ ଏବଂ ସଂଗ୍ରହ ଓଡିଶା ବନ ଅଧିନିୟମ, 1972, ଓଡିଶା ବନ ବିଭାଗ (ଓଏଫ୍‌ଡି) ସଂହିତା 1979 ଓ ଓଡିଶା ବନ ଠିକା ନିୟମାବଳୀ 1966 ସହ ବିଭିନ୍ନ ସମୟରେ ଜାରି ସରକାରୀ ଆଦେଶ ଏବଂ ଅନୁଦେଶ ଅନୁସାରେ ନିୟନ୍ତ୍ରିତ ହୋଇଥାଏ । ଉପରୋକ୍ତ ଅଧିନିୟମ, ସଂହିତା ଓ ନିୟମାବଳୀ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ସଚିବଙ୍କ ସାମଗ୍ରୀକ ନିୟନ୍ତ୍ରଣରେ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକମାନଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ଏଥିରେ ତାଙ୍କୁ ସର୍କଲ ଓ ବନଖଣ୍ଡ ମାନଙ୍କରେ ବନ ସଂରକ୍ଷକ, ପ୍ରଭାଗୀୟ ବନଖଣ୍ଡ ଅଧିକାରୀ ଏବଂ ଭୂଭାଗୀୟ, ବନ୍ୟପ୍ରାଣୀ ଓ କେନ୍ଦୁପତ୍ର ଅଙ୍ଗ ମାନଙ୍କର କ୍ଷେତ୍ର ସ୍ତରୀୟ ଅଧିକାରୀମାନେ ସାହାଯ୍ୟ କରିଥାନ୍ତି । ବନ ପ୍ରାପ୍ତି ମୁଖ୍ୟତଃ କେନ୍ଦୁପତ୍ର ତଥା ଅନ୍ୟ ବନଜାତ ଦ୍ରବ୍ୟର ରାଜଭାଗ ଓ ପରିବେଶ ସମ୍ପର୍କିତ ବନ ପ୍ରାପ୍ତି ପ୍ରାଣୀ ଉଦ୍ୟାନ ମାନଙ୍କରୁ ସଂଗ୍ରହ ହୋଇଥାଏ ।

## 6.1.2 ରାଜସ୍ୱ ପ୍ରାପ୍ତିର ଧାରା

2005-06 ରୁ 2009-10 ବର୍ଷ ମଧ୍ୟରେ ବନ ବିଭାଗର ବାସ୍ତବ ପ୍ରାପ୍ତି ତଥା ମୋଟ ଅଣକର ପ୍ରାପ୍ତିର ବିବରଣୀ ନିମ୍ନ ସାରଣୀ ଓ ଲେଖାଚିତ୍ରରେ ପ୍ରଦର୍ଶିତ ହୋଇଅଛି ।

(ଟଙ୍କା କୋଟି ଆକାରରେ)

| ବର୍ଷ | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | ପରିବର୍ତ୍ତନ ବୃଦ୍ଧି (+)/ ହ୍ରାସ (-) | ପରିବର୍ତ୍ତନର ଶତକଡା ହାର | ରାଜ୍ୟର ସମୁଦାୟ କର ପ୍ରାପ୍ତି | ସମୁଦାୟ ଅଣକର ପ୍ରାପ୍ତି ଓ ବାସ୍ତବ ପ୍ରାପ୍ତିର ଶତକଡା ହାର |
|---|---|---|---|---|---|---|
| 2005-06 | 95.00 | 59.13 | (-) 35.87 | (-) 37.76 | 1,531.90 | 3.86 |
| 2006-07 | 80.00 | 130.63 | (+) 50.63 | (+) 63.29 | 2,588.12 | 5.05 |
| 2007-08 | 62.26 | 82.66 | (+) 20.40 | (+) 32.77 | 2,653.58 | 3.12 |
| 2008-09 | 127.52 | 139.29 | (+) 11.77 | (+) 9.23 | 3,176.15 | 4.39 |
| 2009-10 | 120.00 | 109.03 | (-) 10.97 | (-) 9.14 | 3,212.20 | 3.39 |

ରାଜସ୍ୱ ପ୍ରାପ୍ତିର ଧାରା ଦର୍ଶାଉଅଛି ଯେ ବର୍ଷକୁ ବର୍ଷ ଏହାର ହ୍ରାସ ବୃଦ୍ଧି ହେଉଥିଲା ଏବଂ ରାଜ୍ୟର ସମୁଦାୟ ଅଣକର ପ୍ରାପ୍ତିର ଶତକଡା 3.12 ରୁ 5.05 ମଧ୍ୟରେ ରହିଥିଲା ।




ବଜେଟ ଅଟକଳ ଓ ବାସ୍ତବ ପ୍ରାପ୍ତି ମଧ୍ୟରେ ବ୍ୟାପକ ହ୍ରାସ ବୃଦ୍ଧିର କାରଣ ଯଥାକ୍ରମେ 2005-06 ବର୍ଷରେ ଓଡିଶା ବନ ଉନ୍ନୟନ ନିଗମ ଲିଃ (ଓଏଫ୍‌ଡିସି) ରାଜଭାଗ ପୈଠ ନକରିବା ଏବଂ 2006-07 ତଥା 2007-08 ରେ କେନ୍ଦୁପତ୍ର, ଗଡିକାଠ ଏବଂ ଅନ୍ୟ ବନଜାତ ଦ୍ରବ୍ୟ ପାଇଁ ଅତ୍ୟଧିକ ରାଜଭାଗ ପୈଠ କରିବା ଯୋଗୁଁ ହୋଇଥିବାର ଆରୋପିତ କରାଯାଇଥିଲା ।

ବଜେଟ ଅଟକଳ ଓ ବାସ୍ତବ ପ୍ରାପ୍ତି ମଧ୍ୟରେ ବ୍ୟାପକ ତାରତମ୍ୟ ସୂଚିତ କରୁଅଛି ଯେ ବଜେଟ ଅଟକଳ ଅବାସ୍ତବ ଥିଲା । **ବଜେଟ ଅଟକଳକୁ ବାସ୍ତବ ପ୍ରାପ୍ତିର ନିକଟତମ କରିବାକୁ ବାସ୍ତବବାଦୀ ବଜେଟ ଅଟକଳ ପ୍ରସ୍ତୁତ କରିବା ପାଇଁ ସରକାର ବିଭାଗକୁ ନିର୍ଦ୍ଦେଶ ଜାରି କରିବାକୁ ବିଚାର କରିବାପାଇଁ ଆମେ ସୁପାରିଶ କରୁଅଛୁ ।**

## 6.1.3 ସମୀକ୍ଷାର ପ୍ରଭାବ

### ରାଜସ୍ୱ ପ୍ରଭାବ

ବିଗତ ପାଞ୍ଚବର୍ଷ ଯଥା 2004-05 ରୁ 2008-09 ବର୍ଷ ମଧ୍ୟରେ 15,317 ଗୋଟି ମାମଲାରେ 186.25 କୋଟି ଟଙ୍କାର ରାଜସ୍ୱ ହାନି, ଅନାରୋପଣ/ସ୍ୱଳ୍ପାରୋପଣ ରାଜଭାଗ ଓ ସୁଧ ଅନାଦାୟ/ସ୍ୱଳ୍ପାଦାୟ ଏବଂ ଅନ୍ୟାନ୍ୟ ଅନିୟମିତତା ଆମେ ଦର୍ଶାଇ ଥିଲୁ । ତନ୍ମଧ୍ୟରୁ ବିଭାଗ 12,553 ଗୋଟି ମାମଲାରେ 44.22 କୋଟି ଟଙ୍କାର ସମୀକ୍ଷା ମନ୍ତବ୍ୟ ଗ୍ରହଣ କରିଥିଲେ ଏବଂ ନଅ ଗୋଟି ମାମଲାରେ 2.43 କୋଟି ଟଙ୍କା ଆଦାୟ କରିଥିଲେ । ବିଶଦ ବିବରଣୀ ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

| (ଟଙ୍କା କୋଟି ଆକାରରେ) | | | | | | | | | |
|---|---|---|---|---|---|---|---|---|---|
| ବର୍ଷ | ସମୀକ୍ଷିତ ୟୁନିଟ୍ ସଂଖ୍ୟା | ଆପତ୍ତିର ପରିମାଣ | | ସ୍ୱୀକୃତିର ପରିମାଣ | | ଅସୁଲିର ପରିମାଣ | | ସ୍ୱୀକୃତି ପରିମାଣ ସହିତ ଅସୁଲି ପରିମାଣର ଶତକଡା ହାର |
| | | ମାମଲା ସଂଖ୍ୟା | ପରିମାଣ | ମାମଲା ସଂଖ୍ୟା | ପରିମାଣ | ମାମଲା ସଂଖ୍ୟା | ପରିମାଣ | |
| 2004-05 | 45 | 3,356 | 131.04 | 2,939 | 18.15 | 5 | 0.46 | 2.53 |
| 2005-06 | 46 | 2,806 | 22.52 | 2,545 | 12.94 | - | - | - |
| 2006-07 | 45 | 3,946 | 25.93 | 3,836 | 11.22 | 4 | 1.97 | 17.56 |
| 2007-08 | 45 | 1,895 | 3.07 | 1,377 | 1.05 | - | - | - |
| 2008-09 | 45 | 3,314 | 3.69 | 1,856 | 0.86 | - | - | - |
| ମୋଟ | **226** | **15,317** | **186.25** | **12,553** | **44.22** | **9** | **2.43** | |

ସ୍ୱୀକୃତ ମନ୍ତବ୍ୟ ଅନୁପାତରେ ଅସୁଲିର ସ୍ଥିତି ବହୁତ କମ୍, ଯାହା ଶତକଡା 2.53 ରୁ 17.56 ମଧ୍ୟରେ ଥିଲା । **ଅନ୍ତତଃ ପକ୍ଷେ ସ୍ୱୀକୃତ ହୋଇଥିବା ମାମଲା ଗୁଡିକରେ ଜଡିତ ପରିମାଣର ଅସୁଲ ସୁନିଶ୍ଚିତ କରିବାକୁ ବିଭାଗ ଯଥାଯୋଗ୍ୟ ପଦକ୍ଷେପ ନେବା ପାଇଁ ଆମେ ସୁପାରିଶ କରୁଅଛୁ ।**

## 6.1.4 ସମୀକ୍ଷାର ପରିଣାମ

ଆମେ 2009-10 ବର୍ଷରେ 51 ଗୋଟି ୟୁନିଟର ବନ ପ୍ରାପ୍ତି ସମ୍ପର୍କିତ ନଥିପତ୍ରର ନମୁନା ଯାଞ୍ଚରୁ 4,487 ଗୋଟି ମାମଲାରେ 6.70 କୋଟି ଟଙ୍କାର ସୁଧ ଅନାରୋପଣ/ସ୍ୱଳ୍ପାରୋପଣ, ରାଜଭାଗ ଅନାଦାୟ, ସନ୍ଧାନ ହୋଇ ନଥିବା ବନ ଅପରାଧ ମାମଲାରେ ଜବତ ଗଡିକାଠର ନିକାଶ ନହେବା ଏବଂ ଅନ୍ୟାନ୍ୟ ଅନିୟମିତତା ଦେଖିଥିଲୁ, ଯାହାର ବର୍ଗୀକରଣ ନିମ୍ନରେ ପ୍ରଦାନ କରାଗଲା ।

| (ଟଙ୍କା କୋଟି ଆକାରରେ) | | | |
|---|---|---|---|
| କ୍ରମିକ ସଂଖ୍ୟା | ବର୍ଗ | ମାମଲା ସଂଖ୍ୟା | ପରିମାଣ |
| 1. | ବିଳମ୍ବରେ ପ୍ରଦତ୍ତ ରାଜଭାଗ ଉପରେ ସୁଧ ଅନାରୋପଣ/ ସ୍ୱଳ୍ପାରୋପଣ | 2,070 | 5.11 |
| 2. | ରାଜଭାଗର ଅନାଦାୟ | 270 | 0.52 |
| 3. | ସନ୍ଧାନ ହୋଇ ନଥିବା ବନ ଅପରାଧ ମାମଲାରେ ଜବତ ଗଡିକାଠ ଗୁଡିକର ଅଣନିକାଶ | 1,127 | 0.79 |
| 4. | ଅନ୍ୟାନ୍ୟ ଅନିୟମିତା | 1,020 | 0.28 |
| ମୋଟ | | **4,487** | **6.70** |

2009-10 ବର୍ଷରେ ଦର୍ଶାଯାଇ ଥିବା ମାମଲା ଗୁଡିକରୁ ବିଭାଗ ସେହି ବର୍ଷରେ 2,829 ଗୋଟି ମାମଲାରେ 5.46 କୋଟି ଟଙ୍କାର ସୁଧ ଅନାରୋପଣ/ସ୍ୱଳ୍ପାରୋପଣ, ରାଜଭାଗ ଅନାଦାୟ, ସନ୍ଧାନ ହୋଇ ନଥିବା ବନ ଅପରାଧ ମାମଲାରେ ଜବତ ଗଡିକାଠର ଅଣନିକାଶ ତଥା ଅନ୍ୟାନ୍ୟ ଅନିୟମିତତା ବିଷୟ ଗ୍ରହଣ କରିଥିଲେ ।

5.02 କୋଟି[1] ଟଙ୍କାର କେତେକ ଦୃଷ୍ଟାନ୍ତମୂଳକ ମାମଲା ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ପ୍ରଦାନ କରାଗଲା ।

---

[1] ଏହା ମଧ୍ୟରେ ରାଜସ୍ୱ ହାନି ଜନିତ ଅନୁଚ୍ଛେଦ ଅନ୍ତର୍ଭୁକ୍ତ ହୋଇନାହିଁ ।

## 6.2 ସମୀକ୍ଷା ମନ୍ତବ୍ୟ

ଆମେ ବିଭିନ୍ନ ପ୍ରଭାଗୀୟ ବନଖଣ୍ଡ ତଥା ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ, ବନ ସଂରକ୍ଷକ ଏବଂ ପ୍ରଭାଗୀୟ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁରକ୍ଷଣ କରାଯାଇଥିବା ନଥିପତ୍ରର ସମ୍ୟକ ପରୀକ୍ଷା କରି ଦେଖିଲୁ ଯେ ଅନେକ ମାମଲାରେ ଅଧିନିୟମ/ନିୟମାବଳୀ ଓ ସମୟକୁ ସମୟ ଜାରି ହୋଇଥିବା ସରକାରୀ ଆଦେଶର ପାଳନ ନହେବା ଫଳରେ ସରକାରଙ୍କ ରାଜସ୍ୱ ଅନାରୋପଣ/ସ୍ୱଳ୍ପାରୋପଣ ତଥା ଅବରୋଧ ହୋଇଥିଲା ଯାହା ଏହି ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଦିଆଗଲା । ଉକ୍ତ ମାମଲା ଗୁଡ଼ିକ ଦୃଷ୍ଟାନ୍ତମୂଳକ ଯାହା ଆମ ସମୀକ୍ଷାର ନମୁନା ଯାଞ୍ଚ ଉପରେ ଆଧାରିତ । ଏହି ତୃଟି ଗୁଡ଼ିକ ବାରମ୍ବାର ଦର୍ଶାଯାଇଥିଲେ ମଧ୍ୟ ଏହା କେବଳ ଲାଗି ରହିନଥିଲା ବରଂ ସମୀକ୍ଷା ନହେବା ପର୍ଯ୍ୟନ୍ତ ଏଗୁଡ଼ିକ ବିଭାଗ ଦ୍ୱାରା ସନ୍ଧାନ କରାଯାଇ ନଥିଲା । ଏପ୍ରକାର ତୃଟିର ପୁନରାବୃତ୍ତି ନହେବା ପାଇଁ ଅଧିନିୟମ/ନିୟମାବଳୀ ସହ ପଠିତ ସରକାରଙ୍କ ଆଦେଶ/ଅନୁଦେଶ ଗୁଡ଼ିକର କଡ଼ାକଡ଼ି ଅନୁପାଳନ ନିମନ୍ତେ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାରେ ଉନ୍ନତି କରିବା ପାଇଁ ଅନୁଦେଶ ଜାରି କରିବା ବିଷୟ ସରକାର ବିଚାର କରିପାରନ୍ତି ।

## 6.3 ଆଇନ ବ୍ୟବସ୍ଥା ତଥା ସରକାରୀ ଆଦେଶର ଅନୁପାଳନ ନହେବା

*ଓଡ଼ିଶା ବନ ଠିକା ନିୟମାବଳୀ, 1966 ଏବଂ ସରକାରଙ୍କ ଫେବୃଆରୀ 1977, ଅଗଷ୍ଟ 2005, ମଇ 2006 ତଥା ନଭେମ୍ବର 2008 ଆଦେଶ ନିମ୍ନମତେ ବ୍ୟବସ୍ଥା କରେ :-*

*(i) ବିଳମ୍ବରେ ପ୍ରଦତ୍ତ ରାଜଭାଗ ପାଇଁ ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ ଉପରେ ବିହିତ ହାରରେ ସୁଧ ଆରୋପଣ;*

*(ii) ଜବତ ଦ୍ରବ୍ୟ ଗୁଡ଼ିକର ଠିକ ସମୟରେ ନିକାଶ; ଏବଂ*

*(iii) ଓଡ଼ିଶା ବନଖଣ୍ଡ ଉନ୍ନୟନ ନିଗମ ଲିଃ ଉପରେ କାର୍ଯ୍ୟକାରୀ କୁପ୍ ଯୋଗାଣ ପାଇଁ ବିହିତ ହାରରେ ରାଜଭାଗ ଦାବୀ ଉତ୍ଥାପନ ।*

*ପ୍ରଭାଗୀୟ ବନ ଅଧିକାରୀମାନଙ୍କ ଦ୍ୱାରା ଉପରୋକ୍ତ ଆଇନ ବ୍ୟବସ୍ଥା ତଥା ଆଦେଶ ଗୁଡ଼ିକରୁ କେତେକ ଅନୁପାଳନ ନହେବା ଫଳରେ 5.02 କୋଟି[2] ଟଙ୍କାର ସରକାରୀ ରାଜସ୍ୱ ଅନାରୋପଣ/ସ୍ୱଳ୍ପାରୋପଣ ଏବଂ ଅବରୋଧ ହୋଇଥିଲା, ଯାହା ପରବର୍ତ୍ତୀ ଅନୁଚ୍ଛେଦ 6.3.1 ରୁ 6.3.3 ଗୁଡ଼ିକରେ ଦର୍ଶାଗଲା ।*

### 6.3.1 ବିଳମ୍ବରେ ପ୍ରଦତ୍ତ ରାଜଭାଗ ଉପରେ ସୁଧ ଅନାରୋପଣ

ଓଡ଼ିଶା ବନ ଠିକା ନିୟମାବଳୀ 1966 ଅନୁଯାୟୀ ଜଣେ ଠିକାଦାର ବନଜାତ ଦ୍ରବ୍ୟର ବିକ୍ରି ଉପରେ ପ୍ରଦତ୍ତ ରାଜଭାଗର କୌଣସି କିସ୍ତି ଧାର୍ଯ୍ୟ ତାରିଖ ଯଥା ପ୍ରତ୍ୟେକ ବର୍ଷ 31 ମାର୍ଚ୍ଚ ସୁଦ୍ଧା ପୈଠ ନକଲେ ତାଙ୍କୁ ବିଳମ୍ବିତ କିସ୍ତି ଦାଖଲ ପାଇଁ ଖିଲାପ ପରିମାଣ ଉପରେ ବାର୍ଷିକ 6.25 ପ୍ରତିଶତ ହାରରେ ସୁଧ ଦେବାକୁ ପଡ଼େ । ଓଡ଼ିଶା ସରକାରଙ୍କ ଫେବୃଆରୀ 1977 ଅନୁଦେଶ ଅନୁସାରେ ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ ଠିକାଦାର ହୋଇଥିବାରୁ ରାଜଭାଗ ପ୍ରଦାନ ଖିଲାପ ପାଇଁ ସୁଧ ଦେବାକୁ ଦାୟୀ ଅଟେ ।

ଏପ୍ରିଲ 2009 ରୁ ଫେବୃଆରୀ 2010 ମଧ୍ୟରେ 26 ଗୋଟି ବନଖଣ୍ଡର[3] ନଥିପତ୍ରର ନମୁନା ଯାଞ୍ଚକ୍ରମେ ଆମେ ଦେଖିଲୁ ଯେ ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ 1989-90 ରୁ 2007-08 ମଧ୍ୟରେ 1900 ଗୋଟି ଥୋକ ଉପରେ 14.25 କୋଟି ଟଙ୍କାର ରାଜଭାଗ ଜୁନ୍ 2008 ରୁ

[2] ଏହା ମଧ୍ୟରେ ରାଜସ୍ୱ ହାନି ଜନିତ ଅନୁଚ୍ଛେଦ ଅନ୍ତର୍ଭୁକ୍ତ ହୋଇନାହିଁ ।

[3] ଅନୁଗୁଳ, ଆଠଗଡ଼, ଆଠମଲ୍ଲିକ, ବରଗଡ଼, ବାରିପଦା, ଭୁବନେଶ୍ୱର (ସିଟି ଡିଭିଜନ), ବଲାଙ୍ଗୀର(ପଶ୍ଚିମ), ବଣାଇ, ବୌଦ୍ଧ, ଚନ୍ଦକା (ବନ୍ୟପ୍ରାଣୀ), ଢେଙ୍କାନାଳ, ଘୁମୁସର(ଉତ୍ତର), ଘୁମୁସର(ଦକ୍ଷିଣ), ଜୟପୁର, କରଞ୍ଜିଆ, ଖଡ଼ିଆଳ, ଖୋର୍ଦ୍ଧା, କେନ୍ଦୁଝର, ମାଲକାନଗିରି, ନୟାଗଡ଼, ନବରଙ୍ଗପୁର, ପାରଳାଖେମୁଣ୍ଡି, ଫୁଲବାଣୀ, ରାୟଗଡ଼ା, ସମ୍ବଲପୁର (ଦକ୍ଷିଣ) ଏବଂ ସୁନାବେଡ଼ା (ବନ୍ୟପ୍ରାଣୀ) ।

ମାର୍ଚ୍ଚ 2009 ମଧ୍ୟରେ ଧାର୍ଯ୍ୟ ସମୟର ତିନି ମାସରୁ 228 ମାସ ବିଳମ୍ବରେ ପୈଠ କରିଥିଲେ । କିନ୍ତୁ ପ୍ରଭାଗୀୟ ବନଖଣ୍ଡ ଅଧିକାରୀମାନେ ଏହି ବିଳମ୍ବିତ ପୈଠ ଉପରେ ଓଡିଶା ବନ ଉନ୍ନୟନ ନିଗମ ଲିଃ ଉପରେ ଲାଗୁ ହେବାକୁଥିବା 4.96 କୋଟି ଟଙ୍କାର ସୁଧ ଲାଗୁ କରିନଥିଲେ ।

ଆମେ ମାମଲା ଗୁଡିକ ଦର୍ଶାଇବା ପରେ ପାଞ୍ଚଜଣ ପ୍ରଭାଗୀୟ ବନଖଣ୍ଡ ଅଧିକାରୀ[4] ଡିସେମ୍ବର 2009 ଓ ଫେବୃଆରୀ 2010 ମଧ୍ୟରେ 97.73 ଲକ୍ଷ ଟଙ୍କାର ଦାବୀ ଉତ୍ଥାପନ କରିଥିଲେ । ଅବଶିଷ୍ଟ ପ୍ରଭାଗୀୟ ବନଖଣ୍ଡ ଅଧିକାରୀମାନେ ମଇ 2009 ଏବଂ ଜାନୁଆରୀ 2010 ମଧ୍ୟରେ ସୁଧ ପାଇଁ ଦାବୀ ଉତ୍ଥାପନ କରିବା ପାଇଁ ରାଜି ହୋଇଥିଲେ । ଅଧିକତର ଅଗ୍ରଗତି ମୂଳକ ରିପୋର୍ଟ ଆମର ହସ୍ତଗତ ହୋଇନାହିଁ (ଡିସେମ୍ବର 2010) ।

ଆମେ ଏହି ବିଷୟଟି ଏପ୍ରିଲ 2010 ରେ ସରକାରଙ୍କ ଦୃଷ୍ଟିକୁ ଆଣିଥିଲୁ । ଉତ୍ତର ମିଳିନଥିଲା (ଡିସେମ୍ବର 2010) ।

## 6.3.2 ଗଡିକାଠ ଓ ଖୁଣ୍ଟ ଗୁଡିକର ଅଣନିକାଶ

ଦୀର୍ଘଦିନ ସଂରକ୍ଷଣ ହେତୁ, ସନ୍ଧାନ ହୋଇ ନଥିବା ବନ ଅପରାଧ ମାମଲାରେ ଜବତ ଗଡିକାଠ ତଥା ଖୁଣ୍ଟ ଗୁଡିକର ଗୁଣାତ୍ମକ ମୂଲ୍ୟହ୍ରାସ ଜନିତ ରାଜସ୍ୱହାନିକୁ ରୋକିବା ପାଇଁ ସରକାର ଅଗଷ୍ଟ 2005 ରେ ସେଗୁଡିକ ଜବତ ହୋଇଥିବା ଦିନଠାରୁ ଦୁଇ ମାସ ମଧ୍ୟରେ ସର୍ବ ସାଧାରଣରେ ନିଲାମ ଅଥବା ଓଡିଶା ବନ ଉନ୍ନୟନ ନିଗମ ଲିଃ କୁ ଶୀଘ୍ର ନିକାଶ ନିମନ୍ତେ ନିର୍ଦ୍ଦେଶନାମା ଜାରି କରିଥିଲେ ।

ମଇ 2009 ଓ ଫେବୃଆରୀ 2010 ମଧ୍ୟରେ 26 ଗୋଟି[5] ପ୍ରଭାଗୀୟ ବନଖଣ୍ଡ ଅଧିକାରୀଙ୍କର ସନ୍ଧାନ ହୋଇ ନଥିବା ବନ ଅପରାଧ ମାମଲାର ନଥିପତ୍ର ନମୁନା ଯାଞ୍ଚକ୍ରମେ ଆମେ ଦେଖିଲୁ ଯେ 2007-08 ରୁ 2008-09 ମଧ୍ୟରେ 926 ଗୋଟି ଜବତ ମାମଲାରେ 22,652.55 ଘନଫୁଟ ଗଡିକାଠ ତଥା 496 ଟି ଖୁଣ୍ଟ ସମୀକ୍ଷା ହେବା ପର୍ଯ୍ୟନ୍ତ ସର୍ବସାଧାରଣରେ ନିଲାମ କିମ୍ବା ଓଡିଶା ବନ ଉନ୍ନୟନ ନିଗମ ଲିଃକୁ ସମ୍ପୃକ୍ତ ପ୍ରଭାଗୀୟ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ନିକାଶ ନହୋଇ ପଡି ରହିଥିଲା । ଏହା ଫଳରେ ଉପରୋକ୍ତ ଗଚ୍ଛିତ କାଠର ମୂଲ୍ୟ ବାବଦକୁ 35.60 ଲକ୍ଷ ଟଙ୍କାର ସରକାରୀ ରାଜସ୍ୱ ଅବରୋଧ ହୋଇଥିଲା ।

ଆମେ ମାମଲା ଗୁଡିକୁ ଦର୍ଶାଇବା ପରେ ପ୍ରଭାଗୀୟ ବନଖଣ୍ଡ ଅଧିକାରୀମାନେ ମଇ 2009 ରୁ ଫେବୃଆରୀ 2010 ମଧ୍ୟରେ କହିଲେ ଯେ ବନଜାତ ଦ୍ରବ୍ୟ ଗୁଡିକର ନିକାଶ ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅଧିକତର ଅଗ୍ରଗତି ମୂଳକ ବିବରଣୀ ହସ୍ତଗତ ହୋଇନାହିଁ (ଡିସେମ୍ବର 2010) ।

ଆମେ ଏହି ବିଷୟ ଏପ୍ରିଲ 2010 ରେ ସରକାରଙ୍କୁ ଜଣାଇଥିଲୁ; ସରକାରଙ୍କଠାରୁ ଉତ୍ତର ମିଳି ନାହିଁ (ଡିସେମ୍ବର 2010) ।

## 6.3.3 ଅନୁଚିତ ହାର ପ୍ରୟୋଗ ହେତୁ ରାଜଭାଗ ସ୍ୱଳ୍ପଦାବୀ ଉତ୍ଥାପନ

2007-08 ଓ 2008-09 ବର୍ଷପାଇଁ ପ୍ରତି କାର୍ଯ୍ୟକ୍ଷମ କୁପ୍ (ଠିଆ ହୋଇଥିବା ଗଛ) ଉପରେ ୟୁନିଟ୍ ପିଛା 1,040 ଟଙ୍କା ଦରରେ ରାଜଭାଗ ଆଦାୟ ପାଇଁ ସରକାର ନିର୍ଦ୍ଦେଶନାମା ଜାରି କରିଥିଲେ (ନଭେମ୍ବର 2008) । ଏହି ଉଦ୍ଦେଶ୍ୟରେ 8 ମଇ 2006 ର ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ବିଭିନ୍ନ ବର୍ଗର କାଠର ୟୁନିଟ୍ ହିସାବ କରାଯିବା କଥା ।

ମଇ 2009 ରେ କଟକ ବନଖଣ୍ଡର ନଥିପତ୍ରର ନମୁନା ଯାଞ୍ଚକ୍ରମେ ଆମେ ଦେଖିଲୁ ଯେ ଏପ୍ରିଲ 2007 ରୁ ମାର୍ଚ୍ଚ 2009 ମଧ୍ୟରେ 6,288 ଗୋଟି ଗଛ

4 ଆଠଗଡ, ବରଗଡ, ବୌଦ୍ଧ, ଢେଙ୍କାନାଳ ଏବଂ ସମ୍ବଲପୁର (ଦକ୍ଷିଣ) ।

5 ଅନୁଗୁଳ, ଆଠମଲ୍ଲିକ, ବରଗଡ, ବ୍ରହ୍ମପୁର, ବଲାଙ୍ଗୀର (ପଶ୍ଚିମ), ବଣାଇ, ବୌଦ, ସିଟି ଡିଭିଜନ (ଭୁବନେଶ୍ୱର), କଟକ, ଦେବଗଡ, ଢେଙ୍କାନାଳ, ଘୁମୁସର (ଉତ୍ତର), ଘୁମୁସର(ଦକ୍ଷିଣ), କଳାହାଣ୍ଡି (ଦକ୍ଷିଣ), କରଞ୍ଜିଆ, କେନ୍ଦୁଝର, ଖଡିଆଳ, ଖୋର୍ଦ୍ଧା, ନବରଙ୍ଗପୁର, ନୟାଗଡ, ଫୁଲବାଣୀ, ରେଢାଖୋଲ, ରାୟଗଡା, ସମ୍ବଲପୁର (ଉତ୍ତର), ସମ୍ବଲପୁର (ଦକ୍ଷିଣ) ଏବଂ ସୁନାବେଡା (ବନ୍ୟପ୍ରାଣୀ), ନୂଆପଡା ।

12 ଗୋଟି ଥୋକରେ ଓଡିଶା ବନ ଉନ୍ନୟନ ନିଗମ ଲିଃକୁ ଦିଆଯାଇଥିଲା, ଯାହାର ଆକଳିତ ଉତ୍ପନ୍ନ ପରିମାଣ 1,591.24 ୟୁନିଟ୍ ଥିଲା ଓ ତା' ଉପରେ 1,040 ଟଙ୍କା ଦରରେ 16.55 ଲକ୍ଷ ଟଙ୍କା ରାଜଭାଗ ହେବା କଥା । କିନ୍ତୁ ପ୍ରଭାଗୀୟ ବନଖଣ୍ଡ ଅଧିକାରୀ 2007-08 ବର୍ଷ ପାଇଁ 530 ଟଙ୍କା ହାରରେ ତଥା 2008-09 ବର୍ଷ ପାଇଁ 780 ଟଙ୍କା ହାରରେ 10.62 ଲକ୍ଷ ଟଙ୍କାର ଦାବୀ ଉତ୍ଥାପନ କରିଥିଲେ ଯାହା ପୁରାତନ ପଦ୍ଧତିରେ ପ୍ରତ୍ୟେକ ବନଖଣ୍ଡ ପାଇଁ ସମ୍ପୃକ୍ତ ସର୍କଲ ସ୍ତରୀୟ ବନ ସଂରକ୍ଷକଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା । ଏହା ଫଳରେ 5.93 ଲକ୍ଷ ଟଙ୍କାର ସ୍ୱଳ୍ପଦାବୀ ଉତ୍ଥାପନ ହୋଇଥିଲା ।

ଆମେ ଏହି ମାମଲା ଗୁଡିକ ଦର୍ଶାଇବା ପରେ କଟକ ପ୍ରଭାଗୀୟ ବନଖଣ୍ଡ ଅଧିକାରୀ ଅକ୍ଟୋବର 2009 ରେ ଓଡିଶା ବନ ଉନ୍ନୟନ ନିଗମ ଲିଃକୁ ହସ୍ତାନ୍ତର ହୋଇଥିବା 12 ଗୋଟି ଥୋକ ଉପରେ 5.93 ଲକ୍ଷ ଟଙ୍କାର ଅତିରିକ୍ତ ରାଜଭାଗ ଦାବୀ ଉତ୍ଥାପନ କରିଥିଲେ । ଏହି ଦାବି ଆଦାୟର ବିବରଣୀ ହସ୍ତଗତ ହୋଇନାହିଁ (ଡିସେମ୍ବର 2010) ।

ଆମେ ଏହି ବିଷୟଟି ଏପ୍ରିଲ 2010 ରେ ସରକାରଙ୍କୁ ଜଣାଇଥିଲୁ; ସରକାରଙ୍କଠାରୁ ଉତ୍ତର ମିଳିନାହିଁ (ଡିସେମ୍ବର 2010) ।

# ଅଧ୍ୟାୟ-VII: ଖଣିଜ ପ୍ରାପ୍ତି

## 7.1.1 ଅଣକର ରାଜସ୍ୱ ପରିଚ୍ଛଳନା

ଖଣିଜ ପ୍ରାପ୍ତିର ଆରୋପଣ ଓ ସଂଗ୍ରହ ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟନ୍ତ୍ରଣ) ଅଧିନିୟମ 1957 ଓ ତଦଧୀନ ପ୍ରଣୀତ ଖଣିଜ ଦ୍ରବ୍ୟ ରିଆତି ନିୟମାବଳୀ 1960 ଅଧୀନରେ ପରିଚ୍ଛଳିତ ହୁଏ । ଉପରୋକ୍ତ ଅଧିନିୟମ/ନିୟମାବଳୀ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗର କମିଶନର ତଥା ସଚିବଙ୍କ ସାମଗ୍ରୀକ ନିୟନ୍ତ୍ରଣରେ ଖଣି ନିର୍ଦ୍ଦେଶକ (ଡି.ଏମ୍) ଓଡିଶାଙ୍କ ଦ୍ୱାରା ପରିଚ୍ଛଳିତ ହୋଇଥାଏ । ତାଙ୍କୁ ମୁଖ୍ୟ ଦପ୍ତରରେ ଯୁଗ୍ମ ଖଣି ନିର୍ଦ୍ଦେଶକ ଏବଂ ଜୋନ୍ ଓ ସର୍କଲ ଗୁଡିକରେ ଉପଖଣି ନିର୍ଦ୍ଦେଶକ (ଡି.ଡି.ଏମ୍) ଏବଂ ଖଣି ଅଧିକାରୀ (ଏମ୍.ଓ) ମାନେ ସହାୟତା କରିଥାନ୍ତି । ଖଣିଜ ପ୍ରାପ୍ତି ମୁଖ୍ୟତଃ ଖଣି ଉତ୍ତୋଳନ ସମୟରେ ଆଦାୟ ହେଉଥିବା ରାଜଭାଗ, ଫିସ୍ ଓ ଜୋରିମାନା ଇତ୍ୟାଦିରୁ ସଂଗ୍ରହ ହୋଇଥାଏ ।

## 7.1.2 ରାଜସ୍ୱ ପ୍ରାପ୍ତିର ଧାରା

2005-06 ରୁ 2009-10 ବର୍ଷଗୁଡିକ ମଧ୍ୟରେ ଖଣିଗୁଡିକରୁ ସଂଗୃହୀତ ବାସ୍ତବ ପ୍ରାପ୍ତି ଓ ସେହି ସମୟ ମଧ୍ୟରେ ସଂଗୃହୀତ ଅଣକର ରାଜସ୍ୱ ପ୍ରାପ୍ତି ସହିତ ନିମ୍ନ ସାରଣୀ ଓ ଲେଖାଚିତ୍ରରେ ପ୍ରଦର୍ଶନ କରାଗଲା ।

(ଟଙ୍କା କୋଟି ଆକାରରେ)

| ବର୍ଷ | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | ପରିବର୍ତ୍ତନ ଅଧିକା (+) | ପରିବର୍ତ୍ତନର ହାର | ରାଜ୍ୟର ମୋଟ ଅଣକର ପ୍ରାପ୍ତି | ମୋଟ ଅଣକର ପ୍ରାପ୍ତି ତୁଳନାରେ ବାସ୍ତବ ପ୍ରାପ୍ତିର ଶତକଡା ହାର |
|---|---|---|---|---|---|---|
| 2005-06 | 736.00 | 805.03 | (+) 69.03 | (+) 9.38 | 1,531.90 | 52.55 |
| 2006-07 | 900.00 | 936.60 | (+) 36.60 | (+) 4.07 | 2,588.12 | 36.19 |
| 2007-08 | 1,060.00 | 1,126.06 | (+) 66.06 | (+) 6.23 | 2,653.58 | 42.44 |
| 2008-09 | 1,250.00 | 1,380.60 | (+) 130.60 | (+) 10.45 | 3,176.15 | 43.47 |
| 2009-10 | 1,550.00 | 2,020.76 | (+) 470.76 | (+) 30.37 | 3,212.20 | 62.91 |



ଉପରୋକ୍ତ ସାରଣୀ ଦର୍ଶାଏ ଯେ ବର୍ଷକୁ ବର୍ଷ ଖଣିଜ ପ୍ରାପ୍ତିରେ ଅବିଚଳ ଭାବେ ବୃଦ୍ଧି ହୋଇଅଛି ଏବଂ 2009-10 ବର୍ଷରେ ଏହା ଅଣକର ପ୍ରାପ୍ତିର ମୁଖ୍ୟ ଉତ୍ସ (ପ୍ରାୟ 63 ପ୍ରତିଶତ) ହୋଇଅଛି ।

## 7.1.3 ସମୀକ୍ଷାର ପ୍ରଭାବ

### ରାଜସ୍ୱରେ ପ୍ରଭାବ

ବିଗତ 2004-05 ରୁ 2008-09 ପାଞ୍ଚବର୍ଷ ମଧ୍ୟରେ 885 ଗୋଟି ମାମଲାରେ ଜଡିତ 658.83 କୋଟି ଟଙ୍କାର ରାଜସ୍ୱ ଅନାରୋପଣ/ସ୍ୱଳ୍ପାରୋପଣ, ରାଜଭାଗ, ଅଚଳ ଖଜଣା, ପୃଷ୍ଠ ଖଜଣା ଓ ସୁଧ ଇତ୍ୟାଦିର ଅନାଦାୟ/ସ୍ୱଳ୍ପାଦାୟ ହୋଇଥିବା ଆମେ ଦର୍ଶାଇଥିଲୁ । ବିଭାଗ ଏଥି ମଧ୍ୟରୁ 264 ଗୋଟି ମାମଲାରେ ଜଡିତ 78.80 କୋଟି ଟଙ୍କାର ସମୀକ୍ଷା ମନ୍ତବ୍ୟକୁ ସ୍ୱୀକାର କରି 59 ଗୋଟି ମାମଲାରେ 33.45 କୋଟି ଟଙ୍କା ଆଦାୟ କରିଥିଲେ । ବିଶଦ ବିବରଣୀ ନିମ୍ନ ସାରଣୀରେ ଦର୍ଶାଗଲା ।

(ଟଙ୍କା କୋଟି ଆକାରରେ)

| ବର୍ଷ | ସମୀକ୍ଷା ହୋଇଥିବା ୟୁନିଟ୍ ସଂଖ୍ୟା | ଆପତ୍ତି ହୋଇଥିବା ପରିମାଣ | | ସ୍ୱୀକାର ହୋଇଥିବା ପରିମାଣ | | ଆଦାୟ ହୋଇଥିବା ପରିମାଣ | | ସ୍ୱୀକାର ହୋଇଥିବା ପରିମାଣ ତୁଳନାରେ ଆଦାୟର ପ୍ରତିଶତ |
|---|---|---|---|---|---|---|---|---|
| | | ମାମଲା ସଂଖ୍ୟା | ପରିମାଣ | ମାମଲା ସଂଖ୍ୟା | ପରିମାଣ | ମାମଲା ସଂଖ୍ୟା | ପରିମାଣ | |
| 2004-05 | 15 | 83 | 58.54 | 30 | 44.96 | 26 | 25.73 | 57.23 |
| 2005-06 | 15 | 87 | 116.84 | 60 | 3.58 | 01 | 1.95 | 54.47 |
| 2006-07 | 15 | 423 | 55.08 | 53 | 14.27 | 14 | 3.04 | 21.30 |
| 2007-08 | 15 | 104 | 225.85 | 52 | 9.05 | 17 | 2.50 | 27.62 |
| 2008-09 | 15 | 188 | 202.52 | 69 | 6.94 | 01 | 0.23 | 3.32 |
| ମୋଟ | **75** | **885** | **658.83** | **264** | **78.80** | **59** | **33.45** | **42.45** |

ବିଭାଗ ସ୍ୱୀକୃତ ପରିମାଣରେ ମାତ୍ର 42.45 ପ୍ରତିଶତ ଅସୁଲ କରିଥିଲେ ।

**ଅନ୍ତତଃ ପକ୍ଷେ ସ୍ୱୀକାର ହୋଇଥିବା ମାମଲାଗୁଡିକରେ ଜଡିତ ପରିମାଣର ଆଦାୟକୁ ସୁନିଶ୍ଚିତ କରିବା ନିମନ୍ତେ ବିଭାଗ ଏହାର ରାଜସ୍ୱ ଅସୁଲି ସଂକ୍ରିୟାର ଉନ୍ନତି ନିମନ୍ତେ ରୂପ ପରିବର୍ତ୍ତନ କରିବାକୁ ଆମେ ସୁପାରିଶ କରୁଅଛୁ ।**

## 7.1.4 ସମୀକ୍ଷାର ପରିଣାମ

ଆମେ 2009-10 ବର୍ଷ ମଧ୍ୟରେ 20 ଗୋଟି ୟୁନିଟର ଖଣିଜ ପ୍ରାପ୍ତି ସମ୍ପର୍କୀତ ନଥିପତ୍ରର ନମୁନା ଯାଞ୍ଚ କରିଥିଲୁ ଏବଂ 356 ଗୋଟି ମାମଲାରେ ଜଡିତ 269.95 କୋଟି ଟଙ୍କାର ରାଜଭାଗ, ଅଚଳ ଖଜଣା, ପୃଷ୍ଠ ଖଜଣା ଅନାରୋପଣ/ସ୍ୱଳ୍ପାରୋପଣ, ସୁଧ ଅନାଦାୟ/ସ୍ୱଳ୍ପାଦାୟ ଏବଂ ଅନ୍ୟାନ୍ୟ ଅନିୟମିତତା ହୋଇଥିବାର ଦେଖିଥିଲୁ ଯାହାର ବର୍ଗୀକରଣ ନିମ୍ନରେ ପ୍ରଦାନ କରାଗଲା ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| 1. | ରାଜଭାଗ/ଅଚଳ ଖଜଣା/ପୃଷ୍ଠ ଖଜଣା ଅନାରୋପଣ/ସ୍ୱଳ୍ପାରୋପଣ | 94 | 242.50 |
| 2. | ସୁଧ ଅନାଦାୟ/ସ୍ୱଳ୍ପାଦାୟ | 12 | 0.58 |
| 3. | ବିଭିନ୍ନ ପ୍ରକାର ଅନିୟମିତତା | 250 | 26.87 |
| | ମୋଟ | **356** | **269.95** |

ବର୍ଷ ମଧ୍ୟରେ ବିଭାଗ 2009-10 ବର୍ଷରେ ଦର୍ଶାଯାଇଥିବା 335 ଗୋଟି ମାମଲାରେ ଜଡିତ 35.81 କୋଟି ଟଙ୍କାର ଅବନିର୍ଦ୍ଧାରଣ ଓ ଅନ୍ୟାନ୍ୟ ଅନିୟମିତତା ସ୍ୱୀକାର କରିଥିଲେ । ତନ୍ମଧ୍ୟରୁ 28 ଗୋଟି ମାମଲାରେ 57.95 ଲକ୍ଷ ଟଙ୍କା 2009-10 ବର୍ଷରେ ଅସୁଲ କରିଥିଲେ ।

**ଚିଠା ଅନୁଚ୍ଛେଦ ଜାରି ହେବା ପରେ 2009-10 ରେ ଦର୍ଶାଯାଇଥିବା ଗୋଟିଏ ସମୀକ୍ଷା ମନ୍ତବ୍ୟରେ ଜଡିତ ଦୁଇଗୋଟି ମାମଲାରେ ବିଭାଗ 29.40 ଲକ୍ଷ ଟଙ୍କା 2010 ଫେବୃଆରୀ (29.21 ଲକ୍ଷ ଟଙ୍କା) ଏବଂ ଏପ୍ରିଲ (0.19 ଲକ୍ଷ ଟଙ୍କା) ରେ ଆଦାୟ କରିଥଲେ ।**

19.24 କୋଟି ଟଙ୍କା ଜଡିତ ଦୁଇଗୋଟି ଦୃଷ୍ଟାନ୍ତ ମୂଳକ ମାମଲା ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଉଲ୍ଲେଖ କରାଗଲା ।

## 7.2 ସମୀକ୍ଷା ମନ୍ତବ୍ୟ

ଆମେ ଖଣି ଉପନିର୍ଦ୍ଦେଶକ (ଡି.ଡି.ଏମ୍) ଏବଂ ଖଣି ଅଧିକାରୀ (ଏମ୍.ଓ) ମାନଙ୍କର କାର୍ଯ୍ୟାଳୟ ଗୁଡିକରେ ଅନୁରକ୍ଷିତ ନଥିପତ୍ର ଗୁଡିକର ସମ୍ୟକ ପରୀକ୍ଷା କରି ଦେଖିଲୁ ଯେ କେତେକ ମାମଲାରେ ରାଜଭାଗ ସ୍ୱଳ୍ପାରୋପଣ ହୋଇଥିଲା ଯାହା ଏହି ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ଉଲ୍ଲେଖ କରାଗଲା । ଏହି ମାମଲା ଗୁଡିକ ଦୃଷ୍ଟାନ୍ତମୂଳକ ଏବଂ ଆମ ଦ୍ୱାରା ହୋଇଥିବା ନମୁନା ଯାଞ୍ଚ ଉପରେ ଆଧାରିତ । ଏପରି ତୃଟି ଗୁଡିକ ବାରମ୍ବାର ଦର୍ଶାଯାଇଥିଲେ ମଧ୍ୟ ଲାଗିରହିଥିଲା ଏବଂ ସମୀକ୍ଷା ହେବା ପର୍ଯ୍ୟନ୍ତ ସନ୍ଧାନ ହୋଇ ନଥିଲା । ଏହି ତୃଟି ଗୁଡିକର ପୁନରାବୃତ୍ତି ଏଡାଇବାକୁ ସରକାର ଏକ ପ୍ରଭାବୀ ଆନ୍ତଃ ନିୟନ୍ତ୍ରଣ ପଦ୍ଧତି ନିମନ୍ତେ ଅନୁଦେଶ ଜାରି କରିବାକୁ ବିଚାର କରିପାରନ୍ତି ।

## 7.3 ଅଧିନିୟମ/ନିୟମାବଳୀ ବ୍ୟବସ୍ଥା ଅନୁପାଳନ ନହେବା

*ଖଣି ଓ ଖଣିଜ ପଦାର୍ଥ (ବିକାଶ ଓ ନିୟନ୍ତ୍ରଣ) (ଏମ୍.ଏମ୍.ଡି.ଆର) ଅଧିନିୟମ 1957 ଏବଂ ଖଣିଜ ପଦାର୍ଥ ରିଆତି (ଏମ୍.ସି) ନିୟମାବଳୀ 1960 ଅଧୀନରେ ନିମ୍ନମତେ ଅସୁଲି ବ୍ୟବସ୍ଥା ଅଛି :-*

*(i)* *ପଟ୍ଟାଭୁକ୍ତ ଅଞ୍ଚଳରୁ ବିଭିନ୍ନ ଶ୍ରେଣୀର ଖଣିଜ ପଦାର୍ଥ ଉପରେ ବିହିତ ହାରରେ ରାଜଭାଗ ଆଦାୟ; ଏବଂ*

*(ii)* *ରନ୍-ଅଫ୍-ମାଇନ୍*[1] *ଖଣିଜ ପଦାର୍ଥ ବ୍ୟତୀତ ଅନ୍ୟ ଖଣିଜ ପଦାର୍ଥ ପ୍ରକ୍ରୀୟାକରଣ କ୍ଷେତ୍ରରେ ଅଣ ପ୍ରକ୍ରୀୟାକୃତ ଖଣିଜ ପଦାର୍ଥ ଉପରେ ରାଜଭାଗ ଆଦାୟ ।*

*ଉପରୋକ୍ତ ବ୍ୟବସ୍ଥା ମଧ୍ୟରୁ କେତେକ ପାଳନ ନହେବା ଫଳରେ 19.24 କୋଟି ଟଙ୍କାର ରାଜଭାଗ ସ୍ୱଳ୍ପାରୋପଣ ହୋଇଥିଲା ଯାହା ଅନୁଚ୍ଛେଦ 7.3.1 ଏବଂ 7.3.2 ରେ ଉଲ୍ଲେଖ କରାଗଲା ।*

### 7.3.1 ଲୌହ ପଥର ଉପରେ ରାଜଭାଗ ସ୍ୱଳ୍ପାରୋପଣ

ଖଣିଜ ପଦାର୍ଥ ରିଆତି ନିୟମାବଳୀ 1960 ଅନୁଯାୟୀ ପଟ୍ଟାଭୁକ୍ତ ଅଞ୍ଚଳର ରନ-ଅଫ୍-ମାଇନ୍ ଖଣିଜ ପଦାର୍ଥ ପ୍ରକ୍ରୀୟାକରଣ ହୋଇ ଉତ୍ପାଦନ ହୋଇଥିଲେ ଏହି ଉତ୍ପାଦନ ଉପରେ ରାଜଭାଗ ଲାଗୁ ହୁଏ । ରନ-ଅଫ୍-ମାଇନ୍ ଖଣିଜ ପଦାର୍ଥ ବ୍ୟତୀତ ସିମ୍ପ୍ଳ ଉତ୍ତୋଳିତ ଖଣିଜ ଦ୍ରବ୍ୟ ଉପରେ ଅଣ ପ୍ରକ୍ରିୟାକୃତ ଖଣିଜ ଦ୍ରବ୍ୟ ହିସାବରେ ରାଜଭାଗ ଲାଗୁ ହୋଇଥାଏ ।

ଆମେ ଖଣି ଉପ ନିର୍ଦ୍ଦେଶକ ଯୋଡାଙ୍କ ଅଧିନରେ ଥିବା ଜଜାଙ୍ଗ ଲୌହ ପଥର ଖଣିର ନିର୍ଦ୍ଧାରଣ ନଥିପତ୍ର ଓ ମାସିକ ରିଟର୍ଣ୍ଣ ଗୁଡିକର ନମୁନାଯାଞ୍ଚ ଫେବୃଆରୀ 2009 ରେ କରିଥିଲୁ ଏବଂ ଦେଖିଲୁ ଯେ ପଟ୍ଟାଧାରୀ

[1] କ୍ରସିଂ ପ୍ଲାଣ୍ଟକୁ ଅଣାଯାଇଥିବା ବିସ୍ଫୋରିତ ଲୁହା ପଥର ଖଣ୍ଡ ଯେଉଁଥିରେ କି ଅନ୍ୟାନ୍ୟ ପଦାର୍ଥ ମିଶି ରହିଥାଏ ।

2007-08 ବର୍ଷରେ 51.95 ଲକ୍ଷ ମେଟ୍ରିକ ଟନ୍ ଲୌହ ପଥର ପ୍ରକ୍ରୀୟାକରଣ ପ୍ଲାଣ୍ଟ ମଧ୍ୟକୁ ପ୍ରବେଶ କରାଇଥିଲେ । ଏହି ଲୌହ ପଥରକୁ ରନ-ଅଫ୍-ମାଇନ୍ସ ଖଣିଜ ପଦାର୍ଥ ଭାବେ ଶ୍ରେଣୀ ବିଭାଗ କରାଯାଇ ବିଭିନ୍ନ ବର୍ଗର ଲୌହ ପଥର ଉପରେ ବିହିତ ହାରରେ 11.02 କୋଟି ଟଙ୍କାର ରାଜଭାଗ ଆଦାୟ ହୋଇଥିଲା ଏବଂ ବିଭାଗ ମଧ୍ୟ ଏହାକୁ ଗ୍ରହଣ କରିଥିଲେ । କିନ୍ତୁ ଆମେ ଦେଖିଲୁ ଯେ 51.95 ଲକ୍ଷ ମେଟ୍ରିକ ଟନ୍ ଲୌହ ପଥର ପ୍ରକ୍ରୀୟାକରଣ ପ୍ଲାଣ୍ଟରେ ନିବେଶ ହୋଇ ସମପରିମାଣର ଉତ୍ପାଦନ ହୋଇଅଛି । ଏଥିରୁ ସ୍ପଷ୍ଟ ଯେ ନିବେଶ ହୋଇଥିବା ଲୌହ ପଥର ମୁଣ୍ଡା ଆକାରରେ ଥିଲା । ଅତଏବ ଏହାକୁ ଅଣ ପ୍ରକ୍ରୀୟାକୃତ ଖଣିଜ ପଦାର୍ଥ ରୂପେ ବିବେଚନା କରାଯାଇ 14.03 କୋଟି ଟଙ୍କାର ରାଜଭାଗ ଧାର୍ଯ୍ୟ ହେବା କଥା । ଫଳରେ ଭ୍ରମାତ୍ମକ ଶ୍ରେଣୀ ବିଭାଗ ହେତୁ 3.01 କୋଟି ଟଙ୍କାର ରାଜଭାଗ ସ୍ୱଳ୍ପାରୋପଣ ହୋଇଥିଲା ।

ଆମେ ଏହି ମାମଲାଟି ଦର୍ଶାଇବା ପରେ ସରକାର ଜୁଲାଇ 2010 ରେ କହିଲେ ଯେ ହସ୍ତ ପ୍ରସ୍ତୁତ ଲୌହ ପଥର ମୁଣ୍ଡାଗୁଡ଼ିକ କର୍ଦ୍ଦମାକ୍ତ ନଥିଲା ଏବଂ ଏହା କ୍ରସର ପ୍ଲାଣ୍ଟରେ ଶୁଷ୍କ ପଦ୍ଧତିରେ ପ୍ରକ୍ରୀୟାକରଣ ହୋଇଥିବାରୁ ପ୍ରକ୍ରୀୟାକରଣ ଜନିତ କୌଣସି କ୍ଷତି ହୋଇନଥିଲା ଏବଂ ଏହା ରନ୍-ଅଫ୍-ମାଇନ୍ସ ଭାବରେ ନିବେଶ ହୋଇଥିଲା । ଯାହା ହେଉ ଏହା ସତ୍ୟ ଯେ କର୍ଦ୍ଦମାକ୍ତ ନଥିବାରୁ ଓ ବାହ୍ୟ ପଦାର୍ଥ ବିହୀନ ହୋଇଥିବାରୁ ଏହା ଉଚ୍ଚମାନର ଲୌହ ପଥର ଏବଂ ରନ୍-ଅଫ୍-ମାଇନ୍ସ ପରିଭାଷା ମଧ୍ୟକୁ ଆସୁନାହିଁ । ଏଣୁ ଅଣ ପ୍ରକ୍ରୀୟାକୃତ ଲୌହ ପଥର ଖଣ୍ଡ ଭଳି ଏହା ଉଚ୍ଚତର ହାରରେ ରାଜଭାଗ ଲାଗୁ ହେବାକୁ ଯୋଗ୍ୟ ।

## 7.3.2 ଭ୍ରମାତ୍ମକ ହାର ପ୍ରୟୋଗ ହେତୁ ରାଜଭାଗ ସ୍ୱଳ୍ପାରୋପଣ

ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟନ୍ତ୍ରଣ) ଅଧିନିୟମ 1957 ସହ ପଠିତ ଭାରତ ସରକାରଙ୍କ ଅଗଷ୍ଟ 2007, 12 ଡିସେମ୍ବର 2007 ଅଧିସୂଚନା ଏବଂ କୋଲ ଇଣ୍ଡିଆ ଲିଃ (ସି.ଆଇ.ଏଲ) ର ପ୍ରାସଙ୍ଗିକ ମୂଲ୍ୟସୂଚୀ ଅନୁସାରେ 13 ଡିସେମ୍ବର 2007 ଠାରୁ ରନ୍-ଅଫ୍-ମାଇନ୍‌ର 100 ମିଲି ମିଟର ପର୍ଯ୍ୟନ୍ତ ଆକାରର 'ଏଫ୍' ଗ୍ରେଡ୍ କୋଇଲାର ରାଜଭାଗ ହାର; କର, ଲେଭି ଓ ଅନ୍ୟାନ୍ୟ ଦେୟକୁ ବାଦ ଦେଇ ବିନିର୍ଦ୍ଧିଷ୍ଟ ସ୍ଥିର ହାର ମେଟ୍ରିକ ଟନ୍ ପିଛା 55 ଟଙ୍କା ଯୁକ୍ତ ପରିବର୍ତ୍ତନୀୟ ମୂଲ୍ୟାନୁଯାୟୀ ମୌଳିକ ଖଣିମୁହଁ ଦର ମେଟ୍ରିକ ଟନ୍ ପିଛା ବିକ୍ରୟ ବହନ ପତ୍ରରେ ପ୍ରତିଫଳିତ ଥିବା 495 ଟଙ୍କାର ପାଞ୍ଚ ପ୍ରତିଶତ ହାରର ସଂଯୋଗ ଅଟେ ।

ଆମେ ଖଣି ଉପ ନିର୍ଦ୍ଦେଶକ ତାଳଚେରଙ୍କ ନଥିପତ୍ରର ସମ୍ୟକ ପରୀକ୍ଷା ଅଗଷ୍ଟ 2009 ରେ କରିଥିଲୁ ଏବଂ ଦେଖିଲୁ ଯେ ମହାନଦୀ କୋଲ ଫିଲ୍ଡ ଲିଃ (ଏମ୍.ସି.ଏଲ) ର ସାତ ଗୋଟି[2] କୋଇଲା ଖଣିର ଖଣିମୁହଁରୁ ଡିସେମ୍ବର 2007 ରୁ ମାର୍ଚ୍ଚ 2009 ମଧ୍ୟରେ 590.26 ଲକ୍ଷ ମେଟ୍ରିକ ଟନ୍ 'ଏଫ୍' ଗ୍ରେଡ କୋଇଲା ଉତ୍ତୋଳନ ହୋଇ ନିକାଶ ହୋଇଥିଲା । ଏହି କୋଇଲା ଉପରେ ରାଜଭାଗ ମେଟ୍ରିକ ଟନ୍ ପିଛା 77 ଟଙ୍କା ଧାର୍ଯ୍ୟ ହୋଇଥିଲା । ଏହି 77 ଟଙ୍କା ବିନିର୍ଦ୍ଧିଷ୍ଟ ହାର ମେଟ୍ରିକ ଟନ୍ ପିଛା 55 ଟଙ୍କା ଯୁକ୍ତ ମୂଲ୍ୟାନୁଯାୟୀ 22 ଟଙ୍କା ଯାହା 440 ଟଙ୍କାର ପାଞ୍ଚ ପ୍ରତିଶତ ହାର ଥିଲା ଓ ଯୋଗ କରାଯାଇ ଧାର୍ଯ୍ୟ କରାଯାଇଥିଲା । ସି.ଆଇ.ଏଲ. ର 13 ଡିସେମ୍ବର 2007 ର ମୂଲ୍ୟ ସୂଚୀ ଅନୁସାରେ କୋଇଲାକୁ ସାଇଜ କରିବା ଦେୟ ମେଟ୍ରିକ ଟନ୍ ପିଛା 55 ଟଙ୍କା ମିଶାଯାଇ କୋଇଲାର ମୂଲ୍ୟ ମେଟ୍ରିକ ଟନ୍ ପିଛା 495 ଟଙ୍କା ଥିଲା । ମୂଲ୍ୟାନୁଯାୟୀ କୋଇଲାର ମେଟ୍ରିକ ଟନ୍ ପିଛା 495 ଟଙ୍କାର ପାଞ୍ଚ ପ୍ରତିଶତ ହାର ହିସାବକୁ ଗ୍ରହଣ କରାନଯାଇ ଭ୍ରମାତ୍ମକ ଭାବେ 440 ଟଙ୍କାର ପାଞ୍ଚ ପ୍ରତିଶତ ହାର ପ୍ରୟୋଗ ହେତୁ ମେଟ୍ରିକ ଟନ୍ ପିଛା 2.75 ଟଙ୍କା (55 ଟଙ୍କାର ପାଞ୍ଚ ପ୍ରତିଶତ) ହିସାବରେ 16.23 କୋଟି ଟଙ୍କାର ରାଜଭାଗ ସ୍ୱଳ୍ପାରୋପଣ ହୋଇଥିଲା ।

---

2 ଅନନ୍ତ ଓସିପି, ବଳରାମ ଓସିପି, ଭରତପୁର ଓସିପି, ଭୁବନେଶ୍ୱରୀ ଓସିପି, ହିଙ୍ଗୁଳା ଓସିପି, ଜଗନ୍ନାଥ ଓସିପି ଓ ଲିଙ୍ଗରାଜ ଓସିପି ।

ଆମେ ଏହି ମାମଲାଟି ଦର୍ଶାଇବା ପରେ ସରକାର ଜୁଲାଇ 2010 ରେ କହିଲେ ଯେ ଏମ୍.ସି.ଏଲର ସମସ୍ତ କୋଲିଆରୀର ପ୍ରକଳ୍ପ ଅଧିକାରୀମାନଙ୍କୁ ଅତିରିକ୍ତ ରାଜଭାଗ ଜମା କରିବାକୁ କୁହାଯାଇଅଛି । ଏହା ଉପରେ ପ୍ରକଳ୍ପ ଅଧିକାରୀମାନେ କୋଇଲା ସାଇଜ କରିବା ଦେୟ ଉପଭୋକ୍ତାଙ୍କ ଉପରେ ସେବା ବାବଦରେ ଅତିରିକ୍ତ ଦେୟ ହୋଇଥିବାରୁ ଏହାକୁ ଖଣିମୁହଁ ମୂଲ୍ୟ ସହିତ ଯୋଗ କରାଯାଇ ସରକାରଙ୍କ 1 ଅଗଷ୍ଟ 2007 ଅଧିସୂଚନା ଅନୁସାରେ ରାଜଭାଗ ସ୍ଥିର କରାଯାଇ ପାରିବ ନାହିଁ ଆଳରେ ପ୍ରତିବାଦ ଜଣାଇ ଅଛନ୍ତି । ଯାହାହେଉ ଏହା ସତ୍ୟ ଯେ ଖଣିଜ ପଦାର୍ଥ ରିଆତି ଓ ବିକାଶ ନିୟମାବଳୀ 1988 ଅନୁଯାୟୀ ରିଟର୍ଣ୍ଣ ଦାଖଲ କରିବାର ମାର୍ଗଦର୍ଶିକାରେ ଖଣିମୁହଁ କୋଇଲା ମୂଲ୍ୟର ପରିଭାଷାରେ କୋଇଲା ସାଇଜ କରିବା ଦେୟକୁ ବିନିର୍ଦ୍ଦିଷ୍ଟ ଭାବେ ବାଦ ଦେଇ କୋଇଲା ମୂଲ୍ୟ ସ୍ଥିର ହେବାର ବ୍ୟବସ୍ଥା ନାହିଁ ।

# ଅଧ୍ୟାୟ -VIII: ଅନ୍ୟାନ୍ୟ ବିଭାଗୀୟ ପ୍ରାପ୍ତି

## 8.1 ସମୀକ୍ଷାର ପରିଣାମ

ଆମେ 2009-10 ବର୍ଷ ମଧ୍ୟରେ ସମବାୟ, ଶକ୍ତି, ସାଧାରଣ ପ୍ରଶାସନ (ରେଣ୍ଟ), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇସ୍ପାତ ଓ ଖଣି ଏବଂ ପୂର୍ତ୍ତ ବିଭାଗ ମାନଙ୍କର 44 ଗୋଟି ୟୁନିଟରେ ବିଭାଗୀୟ ପ୍ରାପ୍ତି ସମ୍ବନ୍ଧୀୟ ନଥିପତ୍ର ଗୁଡିକର ନମୁନା ଯାଞ୍ଚ କରିଥିଲୁ ଏବଂ 812 ଗୋଟି ମାମଲାରେ 247.58 କୋଟି ଟଙ୍କାର ରାଜସ୍ୱ ଅନାଦାୟ, ରାଜସ୍ୱ ଅନାରୋପଣ/ସ୍ୱଳ୍ପାରୋପଣ ଏବଂ ଅନ୍ୟାନ୍ୟ ଅନିୟମିତତା ହୋଇଥିବାର ଦେଖିଥିଲୁ ଯାହାର ବର୍ଗୀକରଣ ନିମ୍ନରେ ପ୍ରଦାନ କରାଗଲା ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| **ସମବାୟ ବିଭାଗ** | | | |
| 1. | ରାଜସ୍ୱ ଅନାଦାୟ | 220 | 0.67 |
| 2. | ରାଜସ୍ୱ ଅନାରୋପଣ/ସ୍ୱଳ୍ପାରୋପଣ | 24 | 0.39 |
| 3. | ଅନ୍ୟାନ୍ୟ ଅନିୟମିତତା | 2 | 2.59 |
| | ମୋଟ | **246** | **3.65** |
| **ଶକ୍ତି ବିଭାଗ** | | | |
| 1. | ରାଜସ୍ୱ ଅନାଦାୟ | 440 | 85.59 |
| 2. | ରାଜସ୍ୱ ଅନାରୋପଣ/ସ୍ୱଳ୍ପାରୋପଣ | 40 | 66.62 |
| 3. | ଅନ୍ୟାନ୍ୟ ଅନିୟମିତତା | 34 | 78.41 |
| | ମୋଟ | **514** | **230.62** |
| **ସାଧାରଣ ପ୍ରଶାସନ (ରେଣ୍ଟ) ବିଭାଗ** | | | |
| 1. | ରାଜସ୍ୱ ଅନାଦାୟ | 4 | 8.92 |
| 2. | ଅନ୍ୟାନ୍ୟ ଅନିୟମିତତା | 37 | 0.15 |
| | ମୋଟ | **41** | **9.07** |
| **ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ** | | | |
| 1. | ଅନ୍ୟାନ୍ୟ ଅନିୟମିତତା | 1 | 0.14 |
| | ମୋଟ | **1** | **0.14** |
| **ଇସ୍ପାତ ଓ ଖଣି ବିଭାଗ** | | | |
| 1. | ରାଜସ୍ୱ ଅନାରୋପଣ/ସ୍ୱଳ୍ପାରୋପଣ | 6 | 0.15 |
| 2. | ଅନ୍ୟାନ୍ୟ ଅନିୟମିତତା | 1 | 0.31 |
| | ମୋଟ | **7** | **0.46** |
| **ପୂର୍ତ୍ତ ବିଭାଗ** | | | |
| 1. | ଅନ୍ୟାନ୍ୟ ଅନିୟମିତତା | 3 | 3.64 |
| | ମୋଟ | **3** | **3.64** |
| | ଗାଏ ମୋଟ | **812** | **247.58** |

2009-10 ବର୍ଷରେ ଦର୍ଶାଯାଇଥିବା 366 ଗୋଟି ମାମଲାରେ 108.99 କୋଟି ଟଙ୍କାର ଅନାରୋପଣ/ ସ୍ୱଳ୍ପାରୋପଣ, ରାଜସ୍ୱ ହାନି ଇତ୍ୟାଦି ସମ୍ପୃକ୍ତ ବିଭାଗମାନେ 2009-10 ବର୍ଷରେ ସ୍ୱୀକାର କରିଥିଲେ । ଏଥି ମଧ୍ୟରୁ ସମବାୟ ବିଭାଗ 18 ଗୋଟି ମାମଲାରେ 12.52 ଲକ୍ଷ ଟଙ୍କା 2009-10 ରେ ଆଦାୟ କରିଥଲେ ।

**ଚିଠା ଅନୁଚ୍ଛେଦ ଜାରି ହେବା ପରେ ଆମ ଦ୍ୱାରା 2009-10 ରେ ଦର୍ଶାଯାଇଥିବା ଗୋଟିଏ ସମୀକ୍ଷା ମନ୍ତବ୍ୟରେ ଶକ୍ତି ବିଭାଗ 21.99 ଲକ୍ଷ ଟଙ୍କା ଆଦାୟ କରିଥିଲେ ।**

101.19 କୋଟି ଟଙ୍କା ଜଡିତ ଦୃଷ୍ଟାନ୍ତ ମୂଳକ କେତେକ ସମୀକ୍ଷା ମନ୍ତବ୍ୟ ନିମ୍ନ ଅନୁଚ୍ଛେଦ ଗୁଡିକରେ ଆଲୋଚନା କରାଗଲା ।

## 8.2 ସମୀକ୍ଷା ମନ୍ତବ୍ୟ

ଆମେ ଶକ୍ତି ବିଭାଗର ବିଭାଗୀୟ ପ୍ରାପ୍ତି ସମ୍ବନ୍ଧୀୟ ନିର୍ଦ୍ଧାରଣ ଓ ଅନ୍ୟାନ୍ୟ ସମ୍ପର୍କିତ ନଥିପତ୍ରର ନମୁନା ଯାଞ୍ଚ ଏବଂ ଗୃହ ତଥା ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ (ଏଫ୍ ଆଣ୍ଡ ଏ ଆର ଡି) ବିଭାଗ ଗୁଡିକର ପ୍ରୋକ୍ତ ନଥିପତ୍ରର ଯାଞ୍ଚ କରିଥିଲୁ ଏବଂ ବିଦ୍ୟୁତ ଶୁଳ୍କ, ଆରକ୍ଷୀ ପ୍ରାପ୍ତି, ମତ୍ସ୍ୟ ପ୍ରାପ୍ତି ତଥା ସୁଧ ପ୍ରାପ୍ତି ଇତ୍ୟାଦି ବାବଦରେ ରାଜସ୍ୱ ହାନି, ଅନାରୋପଣ, ଅନାଦାୟ/ସ୍ୱଳ୍ପାଦାୟ ହୋଇଥିବାର ଦେଖିଥିଲୁ ଯାହା ଏହି ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ଉଲ୍ଲେଖ କରାଗଲା । ଏହି ମାମଲା ଗୁଡିକ କେବଳ ଦୃଷ୍ଟାନ୍ତ ମୂଳକ ଏବଂ ସମୀକ୍ଷା କରାଯାଇଥିବା ନମୂନା ଯାଞ୍ଚ ଉପରେ ଆଧାରିତ । ଏହି ତ୍ରୁଟି ଗୁଡିକ କେବଳ ଲାଗିରହି ନଥିଲା ବରଂ ଏଗୁଡିକ ସମୀକ୍ଷା ହେବା ପର୍ଯ୍ୟନ୍ତ ସନ୍ଧାନ କରାଯାଇ ନଥିଲା । ଏହି ତ୍ରୁଟି ଗୁଡିକର ପୁନରାବୃତ୍ତି ଏଡାଇବା ଉଦ୍ଦେଶ୍ୟରେ ପ୍ରଭାବୀ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ନିମନ୍ତେ ଅନୁଦେଶ ଜାରି କରିବା କଥା ସରକାର ବିଚାର କରିପାରନ୍ତି ।

## ଶକ୍ତି ବିଭାଗ

## 8.3 ଅଧିନିୟମ/ନିୟମାବଳୀ ବ୍ୟବସ୍ଥା ଏବଂ ନିଷ୍ପତ୍ତିର ଅନୁପାଳନ ନହେବା

*ଓଡିଶା ବିଦ୍ୟୁତ ଶୁଳ୍କ (ଓ.ଇ.ଡି) ଅଧିନିୟମ 1961 ଏବଂ ତଦଧୀନ ପ୍ରଣୀତ ନିୟମାବଳୀ ସହ ପଠିତ ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓ.ଇ.ଆର.ସି) ଙ୍କ ବିଦ୍ୟମାନ ନିଷ୍ପତ୍ତି ସହ ଓଡିଶା ସରକାରଙ୍କ ଅଧିସୂଚନା ନିମ୍ନମତେ ବ୍ୟବସ୍ଥା କରେ :-*

*(i)* *କ୍ଷମତାପନ୍ନ ପ୍ରାଧିକାରୀଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ଭାବରେ ଛାଡପ୍ରାପ୍ତ ହୋଇ ନଥିଲେ ସହାୟକ/ନିଜସ୍ୱ ବ୍ୟବହୃତ ବିଦ୍ୟୁତ ଶକ୍ତି ବାବଦ ବିଦ୍ୟୁତ ଶୁଳ୍କ (ଇ.ଡି) ଦେୟ ବ୍ୟବହାର ହୋଇଥିବା ମାସର 30 ଦିନ ମଧ୍ୟରେ ସ୍ୱନିର୍ଦ୍ଧାରିତ ହୋଇ ପୈଠ ହେବ;*

*(ii)* *ଜଳବିଦ୍ୟୁତ ପ୍ରକଳ୍ପ (ଏଚ ଇ ପି) ଗୁଡିକରେ ରୂପାନ୍ତରଣ ଜନିତ କ୍ଷତିକୁ ମୋଟ ଉତ୍ପାଦିତ ବିଦ୍ୟୁତ ଶକ୍ତିର ଅଧିକତମ 0.5 ପ୍ରତିଶତ ମଧ୍ୟରେ ସୀମିତ ରଖାଯିବ;*

*(iii)* *ବିତରଣ କମ୍ପାନୀ (ଡିସକ୍‌କୋଜ୍) ଯଥା ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଇ ଇଉଟିଲିଟି (ସେସୁ), ନର୍ଦ୍ଦର୍ଣ୍ଣ ଇଲେକ୍ଟ୍ରିସିଟି ସପ୍ଲାଇ କମ୍ପାନୀ (ନେସ୍‌କୋ), ସଦର୍ଣ୍ଣ ଇଲେକ୍ଟ୍ରିସିଟି ସପ୍ଲାଇ କମ୍ପାନୀ (ସାଉଥକୋ) ଏବଂ ୱେଷ୍ଟର୍ଣ୍ଣ ଇଲେକ୍ଟ୍ରିସିଟି ସପ୍ଲାଇ କମ୍ପାନୀ (ୱେସକୋ) ମାନଙ୍କର ସଂଚରଣ ଓ ବିତରଣ ଜନିତ କ୍ଷତିକୁ ଗ୍ରୀଡ କରପୋରେସନ୍ ଅଫ୍ ଓଡିଶା ଲିଃ (ଗ୍ରିଡକୋ) ନିକଟରୁ ବିକ୍ରୟ ନିମନ୍ତେ ଅଣାଯାଉଥିବା ମୋଟ ବିଦ୍ୟୁତ ଶକ୍ତିର (ଅଧିକ ଉଚ୍ଚଶକ୍ତି ସମ୍ପନ୍ନ ଖାଉଟିଙ୍କୁ ବିକ୍ରୟ ହେଉଥିବା ବିଦ୍ୟୁତ ଶକ୍ତିକୁ ବାଦ ଦେଇ) ନିର୍ଦ୍ଦିଷ୍ଟ ପ୍ରତିଶତକୁ କମାଯିବ;ଏବଂ*

*(iv)* *ବିଳମ୍ବରେ ପୈଠ ବିଦ୍ୟୁତ ଶୁଳ୍କ ଉପରେ ସୁଧ ଆରୋପଣ କରାଯିବ ।*

*ଆମେ ଦେଖିଲୁ ଯେ ଉପରୋକ୍ତ କେତେକ ବ୍ୟବସ୍ଥା ଅନୁଚ୍ଛେଦ 8.3.1 ରୁ 8.3.3 ଗୁଡିକରେ ଅନୁପାଳନ ନହେବା ଫଳରେ 61.98 କୋଟି ଟଙ୍କାର ରାଜସ୍ୱ ଅନାରୋପଣ/ଅନାଦାୟ ହୋଇଥିଲା ।*

## 8.3.1 ବିଦ୍ୟୁତ ଶକ୍ତିର ସହାୟକ ବ୍ୟବହାର ଉପରେ ବିଦ୍ୟୁତ ଶୁଳ୍କ ଅନାରୋପଣ

ଓଡିଶା ବିଦ୍ୟୁତ ଶୁଳ୍କ ଅଧିନିୟମ 1961 ଏବଂ ତଦଧୀନ ପ୍ରଣୀତ ନିୟମାବଳୀ ସହ ପଠିତ ସରକାରଙ୍କ 6 ନଭେମ୍ବର 1999 ର ସ୍ପଷ୍ଟିକରଣ ଏବଂ 1 ଜାନୁଆରୀ 2006 ଅଧିସୂଚନା ଅନୁସାରେ ବିଦ୍ୟୁତ ଶକ୍ତିର ସହାୟକ ବ୍ୟବହାର ଉପରେ ଇଉନିଟ୍ ପିଛା 20 ପଇସା ହାରରେ ବିଦ୍ୟୁତ ଶୁଳ୍କ ଲାଗୁ ହେବ ଏବଂ ସରକାରୀ ତହବିଲରେ ବିହିତ ସମୟ ମଧ୍ୟରେ ପୈଠ ହେବ । ଏଥିରେ ବ୍ୟତିକ୍ରମ ଘଟିଥିଲେ ବାର୍ଷିକ 18 ପ୍ରତିଶତ ହାରରେ ସୁଧ ଲାଗୁ କରାଯିବ ।

ଅଧିକ୍ଷଣ ଯନ୍ତ୍ରୀ (ପ୍ରକଳ୍ପ)-ତଥା-ବିଦ୍ୟୁତ ନିରୀକ୍ଷକ {ଏସଇ (ପି) କମ୍ ଇଆଇ} କେନ୍ଦୁଝରଙ୍କ ନଥିପତ୍ର ନମୁନା ଯାଞ୍ଚ କାଳରେ ଜୁଲାଇ 2009 ରେ ଆମେ ଦେଖିଲୁ ଯେ ନିଜସ୍ୱ ବିଦ୍ୟୁତ ପ୍ଲାଣ୍ଟ ଥିବା ମେସର୍ସ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିଃ ଅନୁଗୁଳ ସହାୟକ ବ୍ୟବହାର[1] ନିମନ୍ତେ ମାର୍ଚ୍ଚ 2008 ରୁ ମାର୍ଚ୍ଚ 2009 ମଧ୍ୟରେ 639.5642 ମେଗା ଇଉନିଟ୍ ବିଦ୍ୟୁତ ଶକ୍ତି ଉପଯୋଗ କରିଥିଲେ ଯାହା ଉପରେ 12.79 କୋଟି ଟଙ୍କାର ବିଦ୍ୟୁତ ଶୁଳ୍କ ଧାର୍ଯ୍ୟ ହେବାର ଥିଲା । ଯଦିଚ ଇଉନିଟଟି ସହାୟକ ବ୍ୟବହାର ନିମନ୍ତେ ଉପଯୋଗ ହୋଇଥିବା ବିଦ୍ୟୁତ ଶକ୍ତିର ପରିମାଣ ଉଲ୍ଲେଖ କରି ନିୟମିତ ରିଟର୍ଣ୍ଣ ଦାଖଲ କରିଥିଲେ, ତଦନୁସାରେ ବିଦ୍ୟୁତ ଶୁଳ୍କ ପୈଠ କରିନଥିଲେ ଏବଂ ସମ୍ପୃକ୍ତ ବିଦ୍ୟୁତ ନିରୀକ୍ଷକ ଅନାଦାୟ ସରକାରୀ ଦେୟ ବାବଦରେ ଦାବୀ ଉତ୍ଥାପନ କରିନଥିଲେ । ଏହା ଫଳରେ ସରକାରୀ ତହବିଲରେ ଦେୟ ଜମା କରିବାରେ ଖିଲାପ ହୋଇଥିବାରୁ ସୁଧ ବାବଦକୁ 2.68 କୋଟି ଟଙ୍କା ସହ 15.48 କୋଟି ଟଙ୍କାର ବିଦ୍ୟୁତ ଶୁଳ୍କ ଅନାରୋପଣ ହୋଇଥିଲା ।

ଆମେ ମାମଲାଟିକୁ ଦର୍ଶାଇବା ପରେ ସରକାର କହିଲେ (ଅକ୍ଟୋବର 2010) ଯେ ନଭେମ୍ବର 1999 ପରିପତ୍ର ଅନୁସାରେ କମ୍ପାନୀ ଉପରେ ବିଦ୍ୟୁତ୍ ଶୁଳ୍କ ଦାବି ହୋଇଅଛି। କମ୍ପାନୀ ଆପତ୍ତି କରି ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଗୋଟିଏ ମାମଲା ଦାଏର କରିଥିଲେ । ମାମଲାଟିର ଚୂଡାନ୍ତ ରାୟ 6 ମଇ 2010 ରେ ପ୍ରକାଶ ହୋଇଥିଲା ଏବଂ ମାନ୍ୟବର ଉଚ୍ଚ ନ୍ୟାୟାଳୟ କମ୍ପାନୀକୁ ସହାୟକ ବ୍ୟବହାର ନିମନ୍ତେ ବିଦ୍ୟୁତ୍ ଶୁଳ୍କ ପୈଠ କରିବାକୁ 6 ମଇ 2010 ରେ ନିର୍ଦ୍ଦେଶ ଦେଇଅଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ମଧ୍ୟ 15 ସେପ୍ଟେମ୍ବର 2010 ରେ କମ୍ପାନୀକୁ ବିଦ୍ୟୁତ୍ ଶୁଳ୍କ ଦେୟ ପୈଠ କରିବାକୁ କହିଅଛନ୍ତି। ଆଦାୟର ଉପରେ ରିପୋର୍ଟ ପ୍ରାପ୍ତ ହୋଇନାହିଁ (ଡିସେମ୍ବର 2010) ।

## 8.3.2 ବିଦ୍ୟୁତ ଶୁଳ୍କ ଅନାରୋପଣ

ଓଡିଶା ବିଦ୍ୟୁତ ଶୁଳ୍କ ଅଧିନିୟମ 1961 ଏବଂ ତଦଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ ନିଜସ୍ୱ ବିଦ୍ୟୁତ କେନ୍ଦ୍ର ଗୁଡିକର ନିଜସ୍ୱ ବ୍ୟବହାର ନିମନ୍ତେ ଇଉନିଟ୍ ପିଛା 20 ପଇସା ହାରରେ ବିଦ୍ୟୁତ ଶୁଳ୍କ ରାଜ୍ୟ ସରକାରଙ୍କୁ ବିହିତ ସମୟ ମଧ୍ୟରେ ପୈଠ କରିବାକୁ ହୁଏ । ଏଥିରେ ବ୍ୟତିକ୍ରମ ଘଟିଥିଲେ ବାର୍ଷିକ 18 ପ୍ରତିଶତ ହାରରେ ସୁଧ ଲାଗୁ କରାଯାଏ ।

ଅଧିକ୍ଷଣ ଯନ୍ତ୍ରୀ (ପ୍ରକଳ୍ପ) ତଥା-ବିଦ୍ୟୁତ ନିରୀକ୍ଷକ (ଉତ୍ପାଦନ) ସର୍କଲ-I କେନ୍ଦୁଝରଙ୍କ ନଥିପତ୍ରର ଜୁଲାଇ 2009 ରେ ହୋଇଥିବା ନମୁନା ଯାଞ୍ଚ କାଳରେ ଆମେ ଦେଖିଲୁ ଯେ ଦୁଇଟି ଶିଳ୍ପ ସଂସ୍ଥା (ଆଇୟୁ) ଏପ୍ରିଲ 2007 ରୁ ମାର୍ଚ୍ଚ 2009 ମଧ୍ୟରେ ସେମାନଙ୍କର ନିଜସ୍ୱ ବିଦ୍ୟୁତ କେନ୍ଦ୍ରରୁ ବିଦ୍ୟୁତ ଶକ୍ତି ଉତ୍ପାଦନ କରି ଶିଳ୍ପନୀତି ସଂକଳ୍ପ (ଆଇପିଆର) ରେ କ୍ଷମତାପନ୍ନ ପ୍ରାଧିକାରୀଙ୍କ ନିକଟରୁ ଅବ୍ୟାହତି ପ୍ରମାଣପତ୍ର ପାଇବା ଆଶାରଖି ସ୍ୱେଚ୍ଛାକୃତ ଭାବେ 6.83 କୋଟି ଟଙ୍କାର ବିଦ୍ୟୁତ ଶୁଳ୍କ ଜମା କରିନଥିଲେ । ବିଦ୍ୟୁତ ଶୁଳ୍କ ଦେୟ ଅଟକ ରଖିବା ଅନିୟମିତ ଥିଲା ଏବଂ ସରକାରୀ ଦେୟ ଅନାଦାୟ ଥିବା ସତ୍ତ୍ୱେ ବିଭାଗ ଦ୍ୱାରା ଶିଳ୍ପ ସଂସ୍ଥାଗୁଡିକ ଉପରେ ପ୍ରତ୍ୟେକ ମାସରେ ଦାବୀ ଉତ୍ଥାପନ ନହେବା ଫଳରେ ଡିସେମ୍ବର 2009 ସୁଦ୍ଧା 1.69

---

[1] ପାୱାର ପ୍ଲାଣ୍ଟରେ ବିଦ୍ୟୁତ ଶକ୍ତି ଉତ୍ପାଦନ ପ୍ରକ୍ରୀୟାରେ ବ୍ୟବହୃତ ବିଦ୍ୟୁତ ଶକ୍ତି ।

କୋଟି ଟଙ୍କାର ସୁଧ ସହ 8.52 କୋଟି ଟଙ୍କାର ବିଦ୍ୟୁତ ଶୁଳ୍କ ଅନାରୋପଣ ହୋଇଥିଲା । ଯାହାର ବିଶଦ ବିବରଣୀ ନିମ୍ନ ସାରଣୀରେ ଦର୍ଶାଗଲା ।

(ଟଙ୍କା କୋଟି ଆକାରରେ)

| ଶିଳ୍ପ ସଂସ୍ଥାର ନାମ | ନିଜସ୍ୱ ବିଦ୍ୟୁତ କେନ୍ଦ୍ର ଇଉନିଟ୍ | ବ୍ୟବହାରର ଅବଧି | ନିଜସ୍ୱ ବ୍ୟବହୃତ ମୋଟ ବିଦ୍ୟୁତ ଶକ୍ତି ଇଉନିଟ୍ | ଆରୋପଣ ଯୋଗ୍ୟ ବିଦ୍ୟୁତ ଶୁଳ୍କ | ଆରୋପଣ ଯୋଗ୍ୟ ସୁଧ |
|---|---|---|---|---|---|
| ମେସର୍ସ ଆରତି ଷ୍ଟିଲ ଲିଃ | 40 ମେଗା ୱାଟ କ୍ଷମତା | ମଇ 2008 ରୁ ମାର୍ଚ୍ଚ 2009 | 13,91,71,461 | 2.78 | 0.58 |
| ମେସର୍ସ ଶ୍ରୀ ମେଟାଲିକ୍ସ ଲିଃ | 8 ମେଗା ୱାଟ କ୍ଷମତା | ଏପ୍ରିଲ 2007 ରୁ ଫେବୃଆରୀ 2009 | 7,18,52,020 | 1.44 | 0.44 |
| | 20 ମେଗା ୱାଟ କ୍ଷମତା | ଅଗଷ୍ଟ 2007 ରୁ ଫେବୃଆରୀ 2009 | 13,08,34,970 | 2.61 | 0.67 |
| ମୋଟ | | | **34,18,58,451** | **6.83** | **1.69** |

ଆମେ ମାମଲାଗୁଡିକ ଦର୍ଶାଇବା ପରେ ସରକାର ଅକ୍ଟୋବର 2010 ରେ କହିଲେ ଯେ ମୋଟ ବିଦ୍ୟୁତ୍ ଶକ୍ତି ଉତ୍ପାଦନରୁ ରପ୍ତାନିକୁ ବାଦ୍ ଦେଇ (ଗ୍ରୀଡ୍‌କୋକୁ ବିକ୍ରୟ) ଅନନ୍ତିମ ଭାବେ 0.25 କୋଟି ଟଙ୍କାର ସୁଧକୁ ଅନ୍ତର୍ଭୁକ୍ତ କରି 3.03 କୋଟି ଟଙ୍କାର ବିଦ୍ୟୁତ୍ ଶୁଳ୍କ ଦାବି ମେସର୍ସ ଆରତି ଷ୍ଟିଲ୍ସ ଲିଃ ଉପରେ ଉତ୍ଥାପନ ହୋଇଅଛି। ସେହିପରି ମେସର୍ସ ଶ୍ରୀ ମେଟାଲିକ୍ସ ଲିଃ ଉପରେ 5.16 କୋଟି ଟଙ୍କାର ବିଦ୍ୟୁତ୍ ଶୁଳ୍କ ଜୁଲାଇ 2009 ରେ ଧାର୍ଯ୍ୟ ହୋଇଅଛି। ଯେହେତୁ ପରବର୍ତ୍ତୀ ଶିଳ୍ପାନୁଷ୍ଠାନ ଆପତ୍ତି ଉଠାଇ ମାନ୍ୟବର ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଦନ କରିଅଛନ୍ତି, ଚୂଡାନ୍ତ ରାୟ ପ୍ରକାଶ ପରେ ସୁଧ ସହ ବିଦ୍ୟୁତ୍ ଶୁଳ୍କ ଆଦାୟ ନିମନ୍ତେ କାର୍ଯ୍ୟାନୁଷ୍ଠାନ ହେବ। ଅଧିକତର ରିପୋର୍ଟ ପ୍ରାପ୍ତ ହୋଇନାହିଁ (ଡିସେମ୍ବର 2010) ।

## 8.3.3 ବ୍ୟବହାର ବିବେଚିତ ବିଦ୍ୟୁତ ଶୁଳ୍କରୁ ନିସ୍ତାର

ଓଡିଶା ବିଦ୍ୟୁତ ଶୁଳ୍କ ଅଧିନିୟମ 1961 ଏବଂ ତଦଧୀନ ପ୍ରଣୀତ ନିୟମାବଳୀ ସହ ପଠିତ ସରକାରଙ୍କ 1 ଜାନୁଆରୀ 2006 ଅଧିସୂଚନା ଅନୁସାରେ କୌଣସି ବ୍ୟକ୍ତିଙ୍କ ଦ୍ୱାରା ବିଦ୍ୟୁତ ଶକ୍ତି ଉତ୍ପାଦନ ହୋଇ ନିଜସ୍ୱ ବ୍ୟବହାରରେ ଉପଯୋଗ ହୋଇଥିଲେ ଇଉନିଟ୍ ପିଛା 20 ପଇସା ହାରରେ ବିଦ୍ୟୁତ ଶୁଳ୍କ ଲାଗୁ ହୁଏ, ଅଧିକନ୍ତୁ ମୁଖ୍ୟ ବିଦ୍ୟୁତ ନିରୀକ୍ଷକ (ସିଇଆଇ) ଙ୍କ ଦ୍ୱାରା ମାର୍ଚ୍ଚ 2003 ରେ ପ୍ରସାରଣ ହୋଇଥିବା ଭାରତ ସରକାରଙ୍କ ମାର୍ଚ୍ଚ 1992 ଅଧିସୂଚନା ଅନୁଯାୟୀ ଏଚ୍‌ଇପି କ୍ଷେତ୍ରରେ ଅଧିକତମ ରୂପାନ୍ତରଣ କ୍ଷତି ମୋଟ ଉତ୍ପାଦିତ ବିଦ୍ୟୁତ ଶକ୍ତିର 0.5 ପ୍ରତିଶତରେ ସୀମିତ ରହିବ ।

**8.3.3.1** ଅଧିକ୍ଷଣ ଯନ୍ତ୍ରୀ (ପ୍ରକଳ୍ପ) ଓ ବିଦ୍ୟୁତ ନିରୀକ୍ଷକ କେନ୍ଦୁଝରଙ୍କ ନଥିପତ୍ରର ଜୁଲାଇ 2009 ରେ ନମୁନା ଯାଞ୍ଚ କାଳରେ ଆମେ ଦେଖିଲୁ ଯେ ଓଡିଶା ଜଳ ବିଦ୍ୟୁତ ନିଗମ ଲିଃ (ଓଏଚ୍‌ପିସିଏଲ୍) 2007-08 ଏବଂ 2008-09 ବର୍ଷରେ 1865.148 ମେଗା ଇଉନିଟ୍ ବିଦ୍ୟୁତ ଶକ୍ତି ଉତ୍ପାଦନ କରିଥିଲେ । ଉତ୍ପାଦିତ ବିଦ୍ୟୁତ ଶକ୍ତିର 0.5 ପ୍ରତିଶତ ଗ୍ରହଣୀୟ ରୂପାନ୍ତରଣ କ୍ଷତି ବାବଦକୁ 9.326 ମେଗା ଇଉନିଟ୍ ବିଦ୍ୟୁତ ଶକ୍ତିକୁ ବାଦ ଦେଇ କମ୍ପାନୀ ଅବଶିଷ୍ଟ 1,855.822 ମେଗା ଇଉନିଟ୍ ବିଦ୍ୟୁତ ଶକ୍ତି ଉପରେ ବିଦ୍ୟୁତ ଶୁଳ୍କ ପୈଠ କରିବା କଥା । ଆମେ ଦେଖିଲୁ ଯେ କମ୍ପାନୀ 1,814.894 ମେଗା ଇଉନିଟ ବିଦ୍ୟୁତ ଶକ୍ତି ଗ୍ରିଡକୋକୁ ବିକ୍ରୟ, 3.221 ମେଗା ଇଉନିଟ୍ ବିଦ୍ୟୁତ ଶକ୍ତି ସହାୟକ ବ୍ୟବହାର ଏବଂ 21.869 ମେଗା ଇଉନିଟ୍ ବିଦ୍ୟୁତ ଶକ୍ତି କଲୋନୀ ବ୍ୟବହାର ଦର୍ଶାଇ ତା ଉପରେ ବିଦ୍ୟୁତ ଶୁଳ୍କ ଜମା କରିଥିଲେ । ଅବଶିଷ୍ଟ 15.838 ମେଗା ଇଉନିଟ୍ ବିଦ୍ୟୁତ ଶକ୍ତିକୁ ଓ.ଏଚ୍.ପି.ସି.ଏଲ୍‌ର ନିଜସ୍ୱ ବ୍ୟବହାର ରୂପେ ବିବେଚନା କରାଯାଇ ମେଗା ଇଉନିଟ୍ ପିଛା ଦୁଇ ଲକ୍ଷ ଟଙ୍କା ହିସାବରେ ବିଦ୍ୟୁତ ଶୁଳ୍କ ଧାର୍ଯ୍ୟ ଯୋଗ୍ୟ ଥିଲା । ଫଳରେ 31.68 ଲକ୍ଷ ଟଙ୍କାର ବିଦ୍ୟୁତ ଶୁଳ୍କ ନିସ୍ତାର ପାଇଥିଲା ।

ଆମେ ମାମଲାଟିକୁ ଦର୍ଶାଇବା ପରେ ସରକାର କହିଲେ (ଅକ୍ଟୋବର 2010) ଯେ 1975 ଏ.ଆଇ.ଆର୍. ରେ ପ୍ରକାଶିତ ମହୀଶୂର ରାଜ୍ୟ ବନାମ ୱେଷ୍ଟ କୋଷ୍ଟ ପେପର ମିଲ୍ସ ଲିଃ ଓ ଅନ୍ୟଜଣଙ୍କ ମାମଲାରେ ମାନ୍ୟବର ଉଚ୍ଚତମ ନାୟ୍ୟାଳୟଙ୍କ ନିର୍ଣ୍ଣୟ ମତେ ଏବଂ ଭାରତ ସରକାରଙ୍କ ଅଧିସୂଚନା ଏବଂ କେନ୍ଦ୍ର ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ଆଦେଶ ଅନୁସାରେ ରୂପାନ୍ତରଣ କ୍ଷତି ମାନାଦର୍ଶ ଗ୍ରହଣ, ଏଚ୍.ଇ.ପି. ଗୁଡ଼ିକର ଆଦର୍ଶ କାର୍ଯ୍ୟ ଦକ୍ଷତାର କେବଳ ମାତ୍ର ମାର୍ଗଦର୍ଶିକା ହୋଇଥିବାରୁ ରୂପାନ୍ତରଣ କ୍ଷତି ବ୍ୟବହୃତ ବିଦ୍ୟୁତ୍ ଶକ୍ତି ଭାବେ ବିବେଚିତ ହୋଇ ବିଦ୍ୟୁତ୍ ଶୁଳ୍କ ଧାର୍ଯ୍ୟ ହୋଇ ପାରିବ ନାହିଁ। ବିଭାଗ ଦ୍ୱାରା ଗଠିତ ଉଚ୍ଚ କ୍ଷମତାପନ୍ନ ବୈଷୟିକ କମିଟିର ମତ ଅନୁସାରେ ରେଙ୍ଗାଲି ଏଚ୍.ଇ.ପି. ରୁ 30 ପ୍ରତିଶତ ପୁରୁଣା ଅଯୋଗ୍ୟ ଜେନେରେଟର, ଟ୍ରାନ୍ସଫର୍ମର୍ ଓ ସହାୟକ ଯନ୍ତ୍ରପାତି ଗୁଡ଼ିକର ବ୍ୟବହାର ଦ୍ୱାରା ଯଦିଓ ସାମାନ୍ୟ ଅଧିକ ରୂପାନ୍ତରଣ କ୍ଷତି ହେଉଥିଲା ତଥାପି ସେଗୁଡ଼ିକୁ ବଦଳାଇବାରେ ଅତ୍ୟଧିକ ବ୍ୟୟ ଦୃଷ୍ଟିରୁ ତଥା ସର୍ବସାଧାରଣଙ୍କ ହିତ ଦୃଷ୍ଟିରୁ ଚାଲୁ ରଖାଯାଇଥିଲା। ସରକାରଙ୍କ ଏହି ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ସମଗ୍ର ଦେଶର ଏଚ୍.ଇ.ପି. ଗୁଡ଼ିକର କର୍ମ ସମ୍ପାଦନର ପୁଙ୍ଖାନୁପୁଙ୍ଖ ପରୀକ୍ଷା ପରେ ଏବଂ ବୈଷୟିକ ଓ ପ୍ରଶାସନିକ ସମସ୍ୟାକୁ ଆଖି ଆଗରେ ରଖି ଗ୍ରହଣୀୟ ରୂପାନ୍ତରଣ କ୍ଷତିର ମାନାଦର୍ଶ ଭାରତ ସରକାରଙ୍କ ଦ୍ୱାରା ବ୍ୟବସ୍ଥିତ ଏବଂ କେନ୍ଦ୍ର ବିଦ୍ୟୁତ୍ ନିୟାମକ ଆୟୋଗ ଦ୍ୱାରା ଅକ୍ଟୋବର 2000 ରେ ସମର୍ଥିତ ଥିଲା । ଅଧିକନ୍ତୁ ଓଡିଶା ବିଦ୍ୟୁତ୍ ଶୁଳ୍କ ଅଧିନିୟମ ଓ ନିୟମାବଳୀରେ ରୂପାନ୍ତରଣ କ୍ଷତିକୁ ବାଦ୍‌ଦେଇ ବିଦ୍ୟୁତ୍ ଶକ୍ତି ବ୍ୟବହାରର ସଜ୍ଞା ଅଦ୍ୟାବଧି ନିରୂପଣ ହୋଇନାହିଁ। ଏହା ସତ୍ୟ ଯେ ସ୍ଥିରୀକୃତ ମାନାଦର୍ଶ ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ରାଜ୍ୟର ରାଜସ୍ୱ ହିତ ଦୃଷ୍ଟିରୁ ଅନୁପାଳନ ହେବା ପାଇଁ ମାର୍ଚ୍ଚ 2003 ରେ ପ୍ରସାରିତ ହୋଇଥିଲା; ମାତ୍ର ଏଚ୍.ଇ.ପି. ଦ୍ୱାରା ଏହା ଅନୁସୃତ ନହେବାଫଳରେ ବିଦ୍ୟୁତ୍ ଶୁଳ୍କ ନିସ୍ତାରଣ ହୋଇଥିଲା।

ଓଡିଶା ବିଦ୍ୟୁତ ଶୁଳ୍କ ଅଧିନିୟମ 1961 ଏବଂ ତଦଧୀନ ପ୍ରଣୀତ ନିୟମାବଳୀ ସହ ପଠିତ ସରକାରଙ୍କ 1 ଜାନୁଆରୀ 2006 ଅଧିସୂଚନା ଅନୁଯାୟୀ କୌଣସି ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତିଙ୍କର କିମ୍ବା ବୋର୍ଡର ନିଜ ପରିସର ମଧ୍ୟରେ ବ୍ୟବହୃତ ବିଦ୍ୟୁତ ଶକ୍ତି ନିମନ୍ତେ ଇଉନିଟ୍ ପିଚ୍ଛା ଛଅ ପଇସା ହାରରେ ବିଦ୍ୟୁତ ଶୁଳ୍କ ଧାର୍ଯ୍ୟ ହୋଇଥାଏ । ଅଧିକନ୍ତୁ 2006-07, 2007-08 ଏବଂ 2008-09 ବର୍ଷ ଗୁଡିକ ନିମନ୍ତେ ଓଡିଶା ବିଦ୍ୟୁତ ଶକ୍ତି ବିତରଣ କମ୍ପାନୀ ମାନଙ୍କର (ଡିସଟ୍‌କୋଜ୍) ଯଥା ସେସୁ, ୱେସକୋ, ସାଉଥକୋ ଏବଂ ନେସକୋର ସଞ୍ଚାରଣ ଓ ବିତରଣ ଜନିତ କ୍ଷତିକୁ ଗ୍ରିଡକୋ ଦ୍ୱାରା ଯୋଗାଣ ହେଉଥିବା ବିଦ୍ୟୁତ ଶକ୍ତିର ଇଏଚ୍ ଟି ବର୍ଗର ଉପଭୋକ୍ତାଙ୍କୁ ବିକ୍ରୟ ହେଉଥିବା ବିଦ୍ୟୁତ ଶକ୍ତିକୁ ବାଦ ଦେଇ 25 ରୁ 33 ପ୍ରତିଶତ ପରିସର ମଧ୍ୟରେ କମାଇ ରଖିବାକୁ ଓଡିଶା ବିଦ୍ୟୁତ ନିୟାମକ ଆୟୋଗ ମାନାଦର୍ଶର ବ୍ୟବସ୍ଥା କରିଥିଲେ ।

**8.3.3.2** ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର ଏବଂ ରାଉରକେଲା ବିଦ୍ୟୁତ ନିରୀକ୍ଷକଙ୍କ ନଥି ପତ୍ରର ଜୁଲାଇ-ଅଗଷ୍ଟ 2009 ଏବଂ ଜାନୁଆରୀ-ଫେବୃଆରୀ 2010 ରେ କରାଯାଇଥିବା ନମୁନା ଯାଞ୍ଚରୁ ଏବଂ ଚାରିଗୋଟି ଡିସଟ୍‌କୋରୁ ସଂଗ୍ରହ ହୋଇଥିବା ସୂଚନାରୁ ଆମେ ଦେଖିଲୁ ଯେ ଇଏଚ୍‌ଟି ଖାଉଟି ମାନଙ୍କୁ ବିକ୍ରୟ ପରେ ଏବଂ ଓଡିଶା ବିଦ୍ୟୁତ ନିୟାମକ ଆୟୋଗ ଦ୍ୱାରା ସ୍ଥିରୀକୃତ ଗ୍ରହଣୀୟ ସଞ୍ଚାରଣ ଓ ବିତରଣ ଜନିତ କ୍ଷତିକୁ ଛାଡି ଅବଶିଷ୍ଟ ବିଦ୍ୟୁତ ଶକ୍ତି (ଯାହା ଉପରେ ଡିସଟ୍‌କୋ ମାନଙ୍କ ଦ୍ୱାରା ଗ୍ରୀଡକୋକୁ ବିଦ୍ୟୁତ ବାବଦ ଦେୟ ଥିଲା) ଉପରେ ବିଦ୍ୟୁତ ଶୁଳ୍କ ଧାର୍ଯ୍ୟ ଯୋଗ୍ୟ ଥିଲେ ହେଁ କ୍ଷେତ୍ରାଧିକାରୀ ବିଦ୍ୟୁତ ନିରୀକ୍ଷକମାନେ ଏହା ଉପରେ ଧ୍ୟାନ ନଦେବା ହେତୁ ଡିସଟ୍‌କୋ ମାନଙ୍କ କ୍ଷେତ୍ରରେ 37.66 କୋଟି ଟଙ୍କାର ବିଦ୍ୟୁତ ଶୁଳ୍କ ସ୍ୱଳ୍ପାରୋପଣ ହୋଇଥିଲା । ଡିସଟ୍‌କୋ ମାନଙ୍କ ଦ୍ୱାରା ବିଦ୍ୟୁତ ଶକ୍ତିର କ୍ରୟ ବିକ୍ରୟ ଏବଂ ବିଦ୍ୟୁତ ଶୁଳ୍କର ସ୍ୱଳ୍ପାରୋପଣର ବିଶଦ ବିବରଣୀ **ପରିଶିଷ୍ଟ-XII** ରେ ଉଲ୍ଲେଖ ହୋଇଅଛି । ଦୃଷ୍ଟାନ୍ତ ମୂଳକ ଗୋଟିଏ ମାମଲା ନିମ୍ନରେ ବର୍ଣ୍ଣନା କରାଗଲା ।

ଜୁଲାଇ 2009 ରେ ବାଲେଶ୍ୱର ବିଦ୍ୟୁତ ନିରୀକ୍ଷକଙ୍କ ନଥିପତ୍ରର ନମୁନା ଯାଞ୍ଚରୁ ଏବଂ ଡିସଟ୍‌କୋ (ନେସ୍କୋ) ର କର୍ପୋରେଟ୍ କାର୍ଯ୍ୟାଳୟରୁ ସଂଗୃହୀତ ସୂଚନାରୁ ଆମେ ଦେଖିଲୁ ଯେ ଉକ୍ତ କମ୍ପାନୀ 2008-09 ବର୍ଷରେ 4,544.978 ମେଗା ଇଉନିଟ୍ ବିଦ୍ୟୁତ ଶକ୍ତି କ୍ରୟ କରି 1,448.636 ମେଗା ଇଉନିଟ୍ ବିଦ୍ୟୁତ ଶକ୍ତି ଇଏଚ୍‌ଟି

ଖାଉଟି ମାନଙ୍କୁ ବିକ୍ରୟ କରିଥିଲେ । ଅତଏବ କମ୍ପାନୀ ନିକଟରେ 3,096.342 ମେଗା ଇଉନିଟ୍ ବିଦ୍ୟୁତ ଶକ୍ତି ଉପଲବ୍ଧ ଥିଲା ଯେଉଁଥିରୁ ଓଇଆରସି ସ୍ଥିର କରିଥିବା ମାନାଦର୍ଶ ଅନୁଯାୟୀ ସଞ୍ଚାରଣ ଓ ବିତରଣ ଜନିତ କ୍ଷତି ବାବଦକୁ 25.5 ପ୍ରତିଶତ ହାରରେ 789.567 ମେଗା ଇଉନିଟ୍ ବିଦ୍ୟୁତ ଶକ୍ତି ବାଦ କରାଯାଇ ବଳକା 2,306.775 ମେଗା ଇଉନିଟ୍ ବିଦ୍ୟୁତ ଶକ୍ତି ଉପରେ ବିହିତ ହାରରେ ବିଦ୍ୟୁତ ଶୁଳ୍କ ଆରୋପଣ ଓ ଆଦାୟଯୋଗ୍ୟ ଥିଲା । କିନ୍ତୁ କମ୍ପାନୀ ମାତ୍ର 1,525.073 ମେଗା ଇଉନିଟ୍ ବିଦ୍ୟୁତ ଶକ୍ତି ବିକ୍ରୟ ଉପରେ ବିଦ୍ୟୁତ ଶୁଳ୍କ ଦେୟ ଦର୍ଶାଇ ନିଜ ଦ୍ୱାରା ବ୍ୟବହୃତ ହୋଇଥିବା ଅବଶିଷ୍ଟ 781.702 ମେଗା ଇଉନିଟ୍ ବିଦ୍ୟୁତ ଶକ୍ତି ଉପରେ ବିଦ୍ୟୁତ ଶୁଳ୍କ ଦେୟ ପୈଠ କରିନଥିଲା । ଏହା ଫଳରେ ମେଗା ଇଉନିଟ୍ ପିଛା 60,000 ଟଙ୍କା ହିସାବରେ କମ୍ପାନୀ ଉପରେ 4.69 କୋଟି ଟଙ୍କାର ବିଦ୍ୟୁତ ଶୁଳ୍କ ସ୍ୱଳ୍ପାରୋପଣ ଏବଂ ସ୍ୱଳ୍ପାଦାୟ ହୋଇଥିଲା ଯାହା ବିଦ୍ୟୁତ ନିରୀକ୍ଷକଙ୍କ ଦ୍ୱାରା ସନ୍ଧାନ ହୋଇ ପାରିନଥିଲା ।

ଆମେ ଏହି ମାମଲା ଗୁଡ଼ିକୁ ଦର୍ଶାଇବା ପରେ ସରକାର ଅକ୍ଟୋବର 2010 ରେ କହିଲେ ଯେ ସଞ୍ଚାରଣ ଓ ବିତରଣ ଜନିତ କ୍ଷତିକୁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ (ଏ.ଆଇ.ଆର୍. 1975) ମହୀଶୂର ରାଜ୍ୟ ବନାମ ଓ୍ୱେଷ୍ଟ କୋଷ୍ଟ ପେପର ମିଲ୍ସ ଲିଃ ମାମଲାର ନିର୍ଣ୍ଣୟ ମତେ ଏବଂ ନିକଟରେ ନାଲ୍କୋ ବନାମ ଓଡ଼ିଶା ରାଜ୍ୟ ସରକାର ମାମଲାରେ (ଓ.ଜେ.ସି. 2682) ରାଜ୍ୟ ଉଚ୍ଚତମ ନ୍ୟାୟାଳୟଙ୍କ ଦ୍ୱାରା 6 ମଇ 2010 ର ନିର୍ଣ୍ଣୟରେ ପ୍ରସଙ୍ଗକ୍ରମେ ଉଲ୍ଲିଖିତ ହୋଇଥିବାରୁ ଏହି କ୍ଷତିକୁ ବିଦ୍ୟୁତ୍ ଶକ୍ତି ବ୍ୟବହାର ରୂପେ ବିବେଚନା କରାଯିବନାହିଁ। ଅତଏବ ମେସର୍ସ ସେସୁ, ଓ୍ୱେସ୍କୋ, ସାଉଥକୋ ଏବଂ ନେସ୍କୋ ଦ୍ୱାରା ବିଦ୍ୟୁତ୍ ଶୁଳ୍କ ପୈଠ ହେବନାହିଁ। ଅଧିକନ୍ତୁ ଏହା କୁହାଯାଇଥିଲା ଯେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ପଦ୍ଧତିର କାର୍ଯ୍ୟ ଦକ୍ଷତା ନିମନ୍ତେ ସଞ୍ଚାରଣ ଓ ବିତରଣ ଜନିତ ଗ୍ରହଣୀୟ କ୍ଷତିର ସୁପାରିଶ କରିଅଛନ୍ତି ଏବଂ ତାଙ୍କର ମାର୍ଗଦର୍ଶିକାରେ ପଦ୍ଧତିର କାର୍ଯ୍ୟ ଦକ୍ଷତା ନିମନ୍ତେ ବିଭିନ୍ନ ବର୍ଷମାନଙ୍କରେ କ୍ଷତିକୁ ନିମ୍ନତମ କରିବା ପାଇଁ ଜୋର୍ ଦେଇଅଛନ୍ତି। ବିଭାଗ ଅଧିକନ୍ତୁ ଯୁକ୍ତି କରିଥିଲେ ଯେ ସଞ୍ଚାରଣ ଓ ବିଦ୍ୟୁତ୍ ଶକ୍ତି ପରିବହନ ପ୍ରଣାଳୀରେ ବିଦ୍ୟୁତ୍ ଶକ୍ତି ବିତରଣ କେନ୍ଦ୍ର ଗୁଡ଼ିକ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରଠାରୁ ବହୁ ଦୂରରେ ଥିବାରୁ ସଞ୍ଚାରଣ ଓ ବିତରଣ ଜନିତ କ୍ଷତି ହୋଇଅଛି। ସରକାରଙ୍କ ମତ ଗ୍ରହଣୀୟ ନୁହେଁ ଯେହେତୁ ଓଡ଼ିଶା ବିଦ୍ୟୁତ୍ ସଂସ୍କାର ଅଧିନିୟମ, 1995 ର ପ୍ରବର୍ତ୍ତନ ପରେ ବିଦ୍ୟୁତ୍ ଶକ୍ତି ବିତରଣ ପଦ୍ଧତିର ପରବର୍ତ୍ତୀ ନିୟାମକ ବର୍ଷଗୁଡ଼ିକରେ ସଞ୍ଚାରଣ ଓ ବିତରଣ ଜନିତ କ୍ଷତିକୁ ବାଦ୍‌ଦିଆଯାଇ 'ବିଦ୍ୟୁତ୍ ଶକ୍ତି ବ୍ୟବହାର' ଶବ୍ଦର ସଜ୍ଞା ବିନିର୍ଦ୍ଦିଷ୍ଟ ହେବା ପାଇଁ ଓଡ଼ିଶା ବିଦ୍ୟୁତ୍ ଶୁଳ୍କ ଅଧିନିୟମ ଓ ନିୟମାବଳୀରେ ଅଦ୍ୟାବଧି ସଂଶୋଧନ ହୋଇନାହିଁ। ଦେଶର ବିଭିନ୍ନ ଉପଯୋଗୀ ସଂସ୍ଥାମାନଙ୍କର ସଞ୍ଚାରଣ ଓ ବିତରଣ ଜନିତ କ୍ଷତି ସହ ରାଜ୍ୟର ଉପଯୋଗୀ ସଂସ୍ଥାମାନଙ୍କର କ୍ଷତିକୁ ତୁଳନା କରି ଓ ସେମାନଙ୍କର ବୈଷୟିକ ଓ ପ୍ରଶାସନିକ ସମସ୍ୟାକୁ ପରିକ୍ଷଣ କରି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଏହି କ୍ଷତିର ମାନଦର୍ଶ ସ୍ଥିର କରିଥିବାରୁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ମାନାଦର୍ଶ ସ୍ତର ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଆରୋପଣ ଉପରେ ଆମେ ମତାମତ ଦେଇନାହୁଁ। ଅଧିକନ୍ତୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଡିସ୍‌ଟକୋ ମାନଙ୍କୁ ଏହି କ୍ଷତି ସ୍ଥିର ରଖିବାକୁ ନିର୍ଦ୍ଦେଶ (ସୁପାରିଶ ନୁହେଁ) ଦେଇଅଛନ୍ତି। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଶୁଳ୍କସୂଚୀ ସ୍ଥିର କରିବା ନିବନ୍ଧନ ଓ ସର୍ତ୍ତାବଳୀ) ନିୟମର ଧାରା 3 (ଗ) ଅନୁସାରେ କ୍ଷତି ହ୍ରାସ ଲକ୍ଷ୍ୟର ଅସଫଳତା ଜନିତ କ୍ଷତି ଲାଇସେନ୍ସ ପ୍ରାପ୍ତ ସଂସ୍ଥା ବହନ କରିବାର ବ୍ୟବସ୍ଥା ଅଛି । ତେଣୁ ସଞ୍ଚାରଣ ଓ ବିତରଣ ଜନିତ ଅଧିକ କ୍ଷତି ବାବଦକୁ ବିଦ୍ୟୁତ୍ ଶୁଳ୍କ ଦେୟ ଡିସ୍‌ଟକୋ ମାନେ ଭରଣା କରିବା ଆବଶ୍ୟକ, ଯେହେତୁ ଏହା ସେମାନଙ୍କ ଦ୍ୱାରା ଉପଯୋଗ ହୋଇଥିବା ବିଦ୍ୟୁତ୍ ଶକ୍ତି ରୂପେ ବିବେଚନା ହୁଏ। ଏହା ସତ୍ୟ ଯେ ରାଜସ୍ୱ ହିତ ଦୃଷ୍ଟିରୁ ଡିସ୍‌ଟକୋ ମାନଙ୍କ ଉପରେ ବିଦ୍ୟୁତ୍ ଶୁଳ୍କ ଦାବିର ସ୍ୱଳ୍ପାରୋପଣ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉପେକ୍ଷିତ ହୋଇଥିଲା।

# ଗୃହ ବିଭାଗ

## 8.4 ଅଧିନିୟମ ଓ ନିୟମାବଳୀର ବ୍ୟବସ୍ଥା ପାଳନ ନହେବା

*ଆରକ୍ଷୀ ଅଧିନିୟମ 1861 ଓ ତଦଧୀନ ପ୍ରଣୀତ ନିୟମାବଳୀର ଅନୁପାଳନ ନହେବାରୁ ସେବା ଗ୍ରହଣକାରୀ ସରକାରୀ ବିଭାଗ ଏବଂ ଅନ୍ୟାନ୍ୟ ସଙ୍ଗଠନ ଗୁଡିକରେ ଆରକ୍ଷୀ କର୍ମଚାରୀ ବର୍ଗଙ୍କ ମୁତୟନ ବାବଦରେ ହାରାହାରି ଖର୍ଚ୍ଚ ଆଧାରରେ ଖର୍ଚ୍ଚ ଦାବୀ ଠିକ ସମୟରେ ଉତ୍ଥାପନ ନହେବା ଫଳରେ 29.97 କୋଟି ଟଙ୍କା ସ୍ୱଳ୍ପ ଦାବୀ ହୋଇଥିବାର କେତେକ ମାମଲା ଆମେ ଦେଖିଥିଲୁ ।*

### 8.4.1 ଆରକ୍ଷୀ କର୍ମଚାରୀ ବର୍ଗଙ୍କ ମୁତୟନ ଦେୟ ସ୍ୱଳ୍ପାରୋପଣ

> ଓଡିଶା ଆରକ୍ଷୀ ଅଧିନିୟମ 1861 ଏବଂ ତଦଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ କେନ୍ଦ୍ର/ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ସଙ୍ଗଠନ ଗୁଡିକରେ ମୁତୟନ ହେଉଥିବା ସ୍ଥାୟୀ ଆରକ୍ଷୀ କର୍ମଚାରୀ ବର୍ଗଙ୍କ ବେତନ ଓ ଭତ୍ତା, ଛୁଟି ଦରମା ଅଂଶଦାନ, ପେନ୍‌ସନ୍ ଅଂଶଦାନ ଏବଂ ଅନ୍ୟାନ୍ୟ ପ୍ରତ୍ୟେକ୍ଷ ହକ ବାବଦକୁ ହାରାହାରି ଖର୍ଚ୍ଚ ଦାବୀ ବାର୍ଷିକ ଆରୋପଣ କରାଯାଏ ।

ରାଜ୍ୟ ଆରକ୍ଷୀ ମୁଖ୍ୟ ଦପ୍ତର (ଏସପିଏଚ୍) ଏବଂ 19 ଗୋଟି ଜିଲ୍ଲା ଆରକ୍ଷୀ ସଦର ମହକୁମା[2] (ଡିପିଏଚ୍) ର ନଥିପତ୍ର ଗୁଡିକର ନଭେମ୍ବର ଓ ଡିସେମ୍ବର 2009 ରେ ହୋଇଥିବା ନମୁନା ଯାଞ୍ଚରୁ ଆମ୍ଭେମାନେ ଦେଖିଲୁ ଯେ 80 ଗୋଟି ସେବା ଗ୍ରହଣକାରୀ କର୍ତ୍ତୃପକ୍ଷଙ୍କ ଉପରେ ଜାନୁଆରୀ 2006 ରୁ ମାର୍ଚ୍ଚ 2009 ଅବଧି ନିମନ୍ତେ ଆରକ୍ଷୀ କର୍ମଚାରୀ ବର୍ଗଙ୍କ ମୁତୟନ ବାବଦ ହାରାହାରି ଖର୍ଚ୍ଚଦାବୀ ପୁନରୀକ୍ଷଣ ପୂର୍ବବର୍ତ୍ତୀ ବେତନ ହାରରେ କରାଯାଇଥିଲା । ବିଭାଗ ଦ୍ୱାରା 1 ଜାନୁଆରୀ 2006 ଠାରୁ ଲାଗୁ ହୋଇଥିବା ଷଷ୍ଠ ବେତନ କମିଶନଙ୍କ ସଂଶୋଧନ ବେତନ ହାର ଅନୁଯାୟୀ ଉପରୋକ୍ତ ଅବଧିର ଭେଦାତ୍ମକ ହାରାହାରି ଖର୍ଚ୍ଚ ଦାବୀ ଉତ୍ଥାପନ କରାଯାଇ ନଥିଲା । ଏହା ଫଳରେ ଆରକ୍ଷୀ କର୍ମଚାରୀ ବର୍ଗଙ୍କ ମୁତୟନ ବାବଦକୁ 29.97 କୋଟି ଟଙ୍କା ସ୍ୱଳ୍ପାରୋପଣ ହୋଇଥିଲା । ସେବା ଗ୍ରହଣକାରୀ କର୍ତ୍ତୃପକ୍ଷ ଓ୍ୱାରି ଆରକ୍ଷୀ ପ୍ରାପ୍ତିର ସ୍ୱଳ୍ପାରୋପଣ ଦାବୀର ବିଶଦ ବିବରଣୀ **ପରିଶିଷ୍ଟ-XII** ରେ ଦର୍ଶାଗଲା । ଗୋଟିଏ ଦୃଷ୍ଟାନ୍ତମୂଳକ ମାମଲା ନିମ୍ନରେ ଦିଆଗଲା ।

ଡିସେମ୍ବର 2009 ରେ ରାଜ୍ୟ ଆରକ୍ଷୀ ମୁଖ୍ୟ ଦପ୍ତର ନଥିପତ୍ରର ନମୁନା ଯାଞ୍ଚରୁ ଆମେ ଦେଖିଲୁ ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱରରେ ମୁତୟନ ହୋଇଥିବା ବିଭିନ୍ନ କ୍ୟାଡରର 63 ଜଣ ଆରକ୍ଷୀ କର୍ମଚାରୀ ବର୍ଗଙ୍କ ପୁନରୀକ୍ଷଣ ପୂର୍ବବର୍ତ୍ତୀ ବେତନ ହାର ଅନୁଯାୟୀ ଜାନୁଆରୀ 2008 ରୁ ମାର୍ଚ୍ଚ 2009 ଅବଧି ପାଇଁ 2.87 କୋଟି ଟଙ୍କାର ହାରାହାରି ଖର୍ଚ୍ଚଦାବୀ ଉତ୍ଥାପିତ ହୋଇଥିଲା । ଜାନୁଆରୀ 2006 ରୁ ଲାଗୁ ହୋଇଥିବା ସଂଶୋଧିତ ବେତନ ହାର ହିସାବରେ କର୍ମଚାରୀ ମାନଙ୍କ ମୁତୟନ ବାବଦ ଦେୟ 6.38 କୋଟି ଟଙ୍କା ହେବା କଥା । କିନ୍ତୁ ରାଜ୍ୟ ଆରକ୍ଷୀ ମୁଖ୍ୟ ଦପ୍ତର ଭାରତୀୟ ରିଜର୍ଭ ବ୍ୟାଙ୍କ ନିକଟରେ ଭେଦାତ୍ମକ 3.51 କୋଟି ଟଙ୍କାର ଦାବୀ ଉତ୍ଥାପନ ନକରିବା ଫଳରେ ମୁତୟନ ଦେୟ ସ୍ୱଳ୍ପାରୋପଣ ହୋଇଥିଲା ।

ଆମେ ମାମଲା ଗୁଡିକ ଦର୍ଶାଇବା ପରେ ସରକାର ଅଗଷ୍ଟ 2010 ରେ କହିଲେ ଯେ ଆରକ୍ଷୀ ପ୍ରହରୀ ମାନଙ୍କର ସଂଶୋଧିତ ହାରରେ ଭେଦାତ୍ମକ ଦାବୀ ଉତ୍ଥାପନ କରିବାକୁ ସମସ୍ତ ଜିଲ୍ଲା ଆରକ୍ଷୀ ସଦର ମହକୁମା ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି । ଏ ବିଷୟରେ ଅଧିକତର ଅଗ୍ରଗତି ମୂଳକ ରିପୋର୍ଟ ମିଳିନଥିଲା (ଡିସେମ୍ବର 2010) ।

---

[2] ଆରକ୍ଷୀ ଉପ କମିଶନର ଭୁବନେଶ୍ୱର ଓ କଟକ, ଆରକ୍ଷୀ ଅଧିକ୍ଷକ ରେଲୱେ କଟକ ଏବଂ ରାଉରକେଲା, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ବରଗଡ, ଗଜପତି, ଗଞ୍ଜାମ, ବ୍ରହ୍ମପୁର, ଯାଜପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ (ବାରିପଦା), ନୟାଗଡ, ପୁରୀ, ରାଉରକେଲା, ସମ୍ବଲପୁର ଏବଂ ଦୁର୍ଗପତି ପ୍ରଥମ ବାଟାଲିୟନ ଓଏଏସ୍‌ପି, ଝରିବାଟିଆ ।

## ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ

## 8.5 ବିଭାଗୀୟ ମତ୍ସ୍ୟ ଫାର୍ମ ଗୁଡିକ ଲିଜ୍ ଦେବାରେ ରାଜ୍ୟ ଜଳ ଭଣ୍ଡାର ମତ୍ସ୍ୟ ନୀତିର ଅନିୟମିତ କାର୍ଯ୍ୟାନ୍ୱୟନ ଏବଂ ସରକାରଙ୍କ ନିଷ୍ପତ୍ତି/ମାର୍ଗଦର୍ଶିକା ଅନୁପାଳନ ନହେବା

*ରାଜ୍ୟ ଜଳ ଭଣ୍ଡାର ମତ୍ସ୍ୟ (ଏସଆରଏଫ୍) ନୀତି, 2003, 40 ହେକ୍ଟରରୁ ଉର୍ଦ୍ଧ୍ୱ ହାରାହାରି ଜଳ ପରିବ୍ୟାପ୍ତ [3] (ଏମଡବ୍ଲୁଏସ୍) କ୍ଷେତ୍ରଫଳ ବିଶିଷ୍ଟ ଜଳ ଭଣ୍ଡାର ଗୁଡିକରେ ମାଛ ଧରିବା ଅଧିକାର ଯଥା ସମୟରେ ଲିଜ ଦେବା ନିମନ୍ତେ ନିମ୍ନମତେ ନିର୍ଦ୍ଧାରଣ କରିଥିଲେ :-*

*(i)* *ଆଗ୍ରହୀ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି (ପିଏଫ୍ ସିଏସ୍), ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଓ.ଇଜି) ଇତ୍ୟାଦି ମାନଙ୍କୁ ବିହିତ ହାରରେ ଲିଜ ମୂଲ୍ୟ ଓ ରାଜଭାଗ ଆଦାୟ ପୂର୍ବକ; ଏବଂ*

*(ii)* *ବେସରକାରୀ ବ୍ୟକ୍ତି ବିଶେଷ/ଔଦ୍ୟୋଗିକ ସଂସ୍ଥା/ସରକାରୀ ଉଦ୍ୟୋଗ/ରେଜିଷ୍ଟରଡ୍ କମ୍ପାନୀ ଇତ୍ୟାଦିଙ୍କୁ ଖୋଲା ନିଲାମ କିମ୍ବା ମୁଦଦିଆ ଟେଣ୍ଡର ମାଧ୍ୟମରେ ନିଲାମ ଡାକ ମୂଲ୍ୟ ଠିକ ସମୟରେ ଆଦାୟ କରି*

*ପରିଶେଷରେ ସରକାରୀ ତହବିଲରେ ଯଥା ସମୟରେ ଜମା କରାଯାଇ ଏବଂ ଲିଜଧାରୀଙ୍କ ସହିତ ବିହିତ ଫର୍ମାଟରେ ରେଜିଷ୍ଟ୍ରିକୃତ ଚୁକ୍ତି କରାଯାଇ ମାଛଧରା ଅଧିକାର ଦିଆଯିବ।*

*ଅଧିକନ୍ତୁ ଓଡିଶା କୋଷାଗାର ସଂହିତା (ଓଟିସି), 1943 ରେ ବିକ୍ରୟ ଆୟରୁ ସଂଗୃହୀତ ବିଭାଗୀୟ ପ୍ରାପ୍ତିରୁ ବିଭାଗୀୟ ଖର୍ଚ୍ଚକୁ ମନା କରାଯାଇଅଛି ।*

*ଆମେ ଦେଖିଲୁ ଯେ ଉପରୋକ୍ତ କେତେକ ବ୍ୟବସ୍ଥା ଅନୁପାଳନ ନହେବା ଫଳରେ 9.24 କୋଟି ଟଙ୍କାର ରାଜସ୍ୱ ହାନି, ଅନାଦାୟ/ସ୍ୱଳ୍ପାଦାୟ ତଥା ସରକାରୀ ତହବିଲରେ ରାଜସ୍ୱ ଜମା କରାଯାଇନଥିଲା ଯାହା ଅନୁଚ୍ଛେଦ 8.5.1 ରୁ ଅନୁଚ୍ଛେଦ 8.5.4 ଗୁଡିକରେ ଦର୍ଶାଗଲା ।*

### 8.5.1 ଲିଜ ଦିଆଯାଇଥିବା ଜଳ ଭଣ୍ଡାରରୁ ରାଜସ୍ୱ ସ୍ୱଳ୍ପାଦାୟ

ରାଜ୍ୟ ଜଳ ଭଣ୍ଡାର ମତ୍ସ୍ୟ ନୀତି ଅନୁଯାୟୀ ଜଳ ଭଣ୍ଡାର ଗୁଡିକର ଲିଜ ଓ ନିଲାମର ପ୍ରାରମ୍ଭିକ ମିମାଂସା ଓ ଏହାର ନବୀକରଣ ଅନୁମୋଦିତ ଚୁକ୍ତି ସମ୍ପାଦନ ଦ୍ୱାରା ହୋଇଥାଏ । ଅସନ୍ତୋଷ ଜନକ କାର୍ଯ୍ୟକଳାପ ଓ ନିର୍ଦ୍ଧାରିତ ନିବନ୍ଧନ ଓ ସର୍ତ୍ତ ଉଲ୍ଲଂଘନ ହୋଇଥିଲେ ଯେ କୌଣସି ସମୟରେ ଯଥା ନୋଟିସ କରାଯାଇ ଲିଜ/ନିଲାମ ବାତିଲ କରାଯିବ ଏବଂ ବିଭାଗ ଦ୍ୱାରା ଲିଜ ଅଞ୍ଚଳ ନିଜ ହାତକୁ ନିଆଯାଇ ଲିଜଧାରୀଙ୍କ ଉପରେ କ୍ଷତିପୂରଣ ଦାବୀ କରାଯିବ ।

11 ଗୋଟି ସହକାରୀ ମତ୍ସ୍ୟ ନିର୍ଦ୍ଦେଶକଙ୍କ ନଥିପତ୍ରର ଅକ୍ଟୋବର 2009 ଏବଂ ଜାନୁଆରୀ 2010 ମଧ୍ୟରେ ହୋଇଥିବା ନମୁନା ଯାଞ୍ଚରୁ ଆମେ ଦେଖିଲୁ ଯେ 45 ଗୋଟି ଜଳ ଭଣ୍ଡାର କ୍ଷେତ୍ରରେ ସମ୍ପୃକ୍ତ ଅଧିକାରୀମାନେ ରାଜ୍ୟ ଜଳ ଭଣ୍ଡାର ମତ୍ସ୍ୟ ନୀତିର ବ୍ୟବସ୍ଥା ଗୁଡିକ ପ୍ରୟୋଗ କରିବାରେ ବିଫଳ ହୋଇଥିବାରୁ 2.22 କୋଟି ଟଙ୍କାର ରାଜସ୍ୱ ସ୍ୱଳ୍ପାଦାୟ ହୋଇଥିଲା । 45 ଗୋଟି ଜଳ ଭଣ୍ଡାରରେ ହୋଇଥିବା 2.22 କୋଟି ଟଙ୍କାର ରାଜସ୍ୱ ସ୍ୱଳ୍ପାରୋପଣର ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ ୱାରି ବିଶଦ ବିବରଣୀ **ପରିଶିଷ୍ଟ-XIII** ରେ ଦର୍ଶାଗଲା ।

ମାମଲା ଗୁଡିକୁ ଆମେ ଦର୍ଶାଇବା ପରେ ସରକାର ଜୁଲାଇ 2010 ରେ କହିଲେ ଯେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ଖିଲାପକାରୀ କର୍ତ୍ତୃପକ୍ଷଙ୍କ ଠାରୁ ଲିଜ ମୂଲ୍ୟ ଆଦାୟ କରିବା ପ୍ରକ୍ରିୟା ତ୍ୱରାନ୍ୱିତ କରୁଅଛନ୍ତି । ଲିଜ ମୂଲ୍ୟ ଆଦାୟର ରିପୋର୍ଟ ପ୍ରାପ୍ତି ହୋଇ ନଥିଲା (ଡିସେମ୍ବର 2010) ।

[3] ଜଳର ଅଧିକତମ ଓ ନ୍ୟୁନତମ ପରିବ୍ୟାପ୍ତିର ହାରାହାରି କ୍ଷେତ୍ରଫଳ ।

## 8.5.2 ଜଳ ଭଣ୍ଡାର ଗୁଡିକ ଲିଜ ନଦେବା ହେତୁ ରାଜସ୍ୱ ହାନି

ଓଡିଶା ରାଜ୍ୟ ଜଳ ଭଣ୍ଡାର ମତ୍ସ୍ୟ ନୀତି 2003 ଅନୁଯାୟୀ 40 ହେକ୍ଟରରୁ ଅଧିକ ହାରାହାରି କ୍ଷେତ୍ରଫଳ ବିଶିଷ୍ଟ ଜଳ ପରିବ୍ୟାପ୍ତ ଜଳ ଭଣ୍ଡାରର ମାଛ ଧରିବା ଅଧିକାର ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗକୁ ହସ୍ତାନ୍ତର କରାଯାଇଅଛି; ଯିଏକି ଏହି କ୍ଷେତ୍ରକୁ ଓଡିଶା ସମବାୟ ସମିତି ଅଧିନିୟମ 1962 ଅଧିନରେ ଗଠିତ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି କିମ୍ବା ଓଡିଶା ସ୍ୱୟଂ ସହାୟକ ସଙ୍ଘ ଅଧିନିୟମ 2001 ଅଧିନରେ ଗଠିତ ସ୍ୱୟଂ ସହାୟକ ଗୋଷ୍ଠୀକୁ ବିହିତ ଲିଜ ମୂଲ୍ୟ ଆଦାୟ ପୂର୍ବକ ଲିଜ ସୂତ୍ରରେ ଦେଇ ପାରିବେ । ବୃହତ ଓ ମଧ୍ୟମ ଜଳ ଭଣ୍ଡାର ଗୁଡିକର ଲିଜ ମୂଲ୍ୟ ହେକ୍ଟର ପିଛା ବାର୍ଷିକ 200 ଟଙ୍କା ସ୍ଥିର ହୋଇଅଛି ଯେଉଁଥିରୁ କି ହେକ୍ଟର ପିଛା 40 ଟଙ୍କା ସରକାରୀ ତହବିଲରେ ଜମା କରାଯିବ । କ୍ଷୁଦ୍ର ଜଳ ଭଣ୍ଡାର ଗୁଡିକର ହେକ୍ଟର ପିଛା ବାର୍ଷିକ ଲିଜ ମୂଲ୍ୟ 300 ଟଙ୍କା ଅଟେ ଯେଉଁଥିରୁ କି ବାର୍ଷିକ ହେକ୍ଟର ପିଛା 60 ଟଙ୍କା ସରକାରୀ ତହବିଲରେ ଜମା କରାଯାଏ । ଏତଦ୍ ବ୍ୟତୀତ ଲିଜ ମୂଲ୍ୟ ସହିତ ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳ ଭଣ୍ଡାର ଗୁଡିକର ରାଜଭାଗ ବାବଦରେ ବାର୍ଷିକ ହେକ୍ଟର ପିଛା ଯଥାକ୍ରମେ 10 ଟଙ୍କା 20 ଟଙ୍କା ଓ 40 ଟଙ୍କା ଆଦାୟ କରାଯାଇ ସରକାରୀ ତହବିଲରେ ଜମା କରାଯିବ । ଯେଉଁଠି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଗଠନ ହୋଇ ପାରୁନଥିବ କିମ୍ବା ପୂର୍ବରୁ ଥିବା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଜଳ ଭଣ୍ଡାରକୁ ଲିଜ ସୂତ୍ରେ ନେବାକୁ ଆଗ୍ରହ ପ୍ରକାଶ କରୁ ନଥିବେ ସେହି ଜଳ ଭଣ୍ଡାରକୁ ଖୋଲା ନିଲାମ/ମୁଦଦିଆ ଟେଣ୍ଡର ମାଧ୍ୟମରେ ଲିଜ ଦିଆଯାଇ ପାରିବ ଏବଂ ସମସ୍ତ ଲିଜ ମୂଲ୍ୟ ଓ ରାଜଭାଗ ସରକାରୀ ତହବିଲରେ ଜମା ଦିଆଯିବ ।

ନଅ ଗୋଟି ସହକାରୀ ମତ୍ସ୍ୟ ନିର୍ଦ୍ଦେଶକଙ୍କ ନଥିପତ୍ରର ଅକ୍ଟୋବର ଓ ଡିସେମ୍ବର 2009 ମଧ୍ୟରେ ହୋଇଥିବା ନମୁନା ଯାଞ୍ଚରୁ ଆମେ ଦେଖିଲୁ ଯେ 2004-05 ରୁ 2008-09 ବର୍ଷ ଗୁଡିକ ମଧ୍ୟରେ 10 ଗୋଟି ଜଳ ଭଣ୍ଡାର ଲିଜ ଦିଆଯାଇ ନଥିବାରୁ 6.84[4] କୋଟି ଟଙ୍କାର ରାଜସ୍ୱ ହାନି ହୋଇଥିଲା । ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ ଓ୍ୱାରୀ ରାଜସ୍ୱ ହାନିର ବିଶଦ ବିବରଣୀ **ପରିଶିଷ୍ଟ-XIV** ରେ ଦିଆଗଲା । ଗୋଟିଏ ଦୃଷ୍ଟାନ୍ତ ମୂଳକ ମାମଲା ନିମ୍ନରେ ଦର୍ଶାଗଲା ।

ଡିସେମ୍ବର 2009 ରେ ବରଗଡ ସହକାରୀ ମତ୍ସ୍ୟ ନିର୍ଦ୍ଦେଶକଙ୍କ ନଥିପତ୍ରର ନମୁନା ଯାଞ୍ଚରୁ ଆମେ ଦେଖିଲୁ ଯେ ବିଭାଗ ଦ୍ୱାରା ଗଠିତ ଏକ ବୈଷୟିକ କମିଟି ଦ୍ୱାରା ଜୁଲାଇ 2004 ରେ ହୀରାକୁଦ ବୃହତ ଜଳ ଭଣ୍ଡାରର ସେକ୍ଟର VI ର ହାରାହାରି ଜଳ ପରିବ୍ୟାପ୍ତ କ୍ଷେତ୍ରଫଳ 2,963 ହେକ୍ଟର ସ୍ଥିର କରାଯାଇଥିଲା । ବିଭାଗ କୌଣସି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି/ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ବ୍ୟକ୍ତି ବିଶେଷ/ଔଦ୍ୟୋଗିକ ସଂସ୍ଥା/ସରକାରୀ ଉଦ୍ୟୋଗ ଇତ୍ୟାଦିକୁ ଖୋଲା ନିଲାମ ଅଥବା ମୁଦଦିଆ ଟେଣ୍ଡର ମାଧ୍ୟମରେ 2004-05 ରୁ 2008-09 ମାଛଧରା ବର୍ଷ ଗୁଡିକ ନିମନ୍ତେ ଏହି ଜଳ ଭଣ୍ଡାରଟିକୁ ଲିଜ ଦେବାରେ ବିଫଳ ହୋଇଥିଲା । ଏପରିକି ସରକାର ତାଙ୍କର ଜୁନ 2004 ଆଦେଶରେ କ୍ଷେତ୍ରୀୟ ଅଧିକାରୀଙ୍କୁ ବିନିର୍ଦ୍ଦିଷ୍ଟ ଭାବରେ ଅନୁଦେଶ ଦେଇଥିଲେ ହେଁ ଜଳ ଭଣ୍ଡାରକୁ ଲିଜ ଦିଆଯାଇ ପାରିନଥିଲା । ଏହିପରି ସହକାରୀ ମତ୍ସ୍ୟ ଅଧିକାରୀଙ୍କ ନିଷ୍କ୍ରିୟତା ଫଳରେ 31.11 ଲକ୍ଷ ଟଙ୍କାର ରାଜସ୍ୱ ହାନି ହୋଇଥିଲା ।

ଆମେ ଏହି ମାମଲା ଗୁଡିକ ଦର୍ଶାଇବା ପରେ ସରକାର ଜୁଲାଇ 2010 ରେ କହିଥିଲେ ଯେ ଯଦିଚ ସରକାର ଜୁନ 2004 ରେ ଜଳ ଭଣ୍ଡାର ଗୁଡିକୁ କୌଣସି ପ୍ରାଥମିକ ମତ୍ସଜୀବୀ ସମବାୟ ସମିତି କିମ୍ବା ନିଲାମ ମାଧ୍ୟମରେ ବ୍ୟକ୍ତି ବିଶେଷଙ୍କୁ ଲିଜ ଦେବାକୁ ଅନୁଦେଶ ଦେଇଥିଲେ, ଲିଜ ମୂଲ୍ୟ ଓ ରାଜଭାଗ ଅଧିକତର ହାରରେ ସ୍ଥିର ହୋଇଥିବାରୁ ଏବଂ ପ୍ରାଥମିକ ମତ୍ସଜୀବୀ ସମବାୟ ସମିତିର ସଭ୍ୟମାନେ ଗରିବ ହୋଇଥିବାରୁ ଜଳ ଭଣ୍ଡାର ଗୁଡିକ ଲିଜ ନେବା ପାଇଁ ଆଗ୍ରହ ଦେଖାଇ ନଥିଲେ । ଅଧିକନ୍ତୁ ସରକାରଙ୍କ ନୀତି ଅନୁଯାୟୀ କେତେକ ଜଳ ଭଣ୍ଡାରରେ ଖୋଲା ନିଲାମ ଆହ୍ୱାନ କରାଯାଇଥିଲେ ମଧ୍ୟ ଉପଯୁକ୍ତ ନିଲାମ ଡକାଳି ମିଳି ନଥିଲେ ଏବଂ ପୁନଶ୍ଚ ଏହା କୁହାଯାଇଥିଲା ଯେ ଲିଜ ମୂଲ୍ୟ ପୁନରାୟ ସ୍ଥିର ହେବା ସରକାରଙ୍କ ବିଚାରଧିନ ଥିଲା । ମାତ୍ର ଏହା ସତ୍ୟ

---

[4] ଲିଜ ମୂଲ୍ୟ 6.47 କୋଟି ଟଙ୍କା ଏବଂ ରାଜଭାଗ 36.77 ଲକ୍ଷ ଟଙ୍କା ।

ଯେ ରାଜ୍ୟ ମତ୍ସ୍ୟ ନୀତି 2003 ରେ ଲିଜ ମୂଲ୍ୟ ଓ ରାଜଭାଗର ଅବାସ୍ତବ ସ୍ଥିରୀକରଣ ଏବଂ ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ ମାନଙ୍କ ନିଷ୍କ୍ରିୟତା ହେତୁ ସରକାର କ୍ଷତି ସହିଥିଲେ ।

## 8.5.3 ଲିଜ ଦଲିଲ ଗୁଡିକ ରେଜେଷ୍ଟ୍ରି ନହେବାରୁ ରାଜସ୍ୱ ହାନି/ଅନାଦାୟ

ଭାରତୀୟ ଷ୍ଟାମ୍ପ ଅଧିନିୟମ 1899 ଏବଂ ରେଜିଷ୍ଟ୍ରେସନ ଅଧିନିୟମ 1908 ସହ ପଠିତ ଓଡିଶା ଷ୍ଟାମ୍ପ ସଂଶୋଧିତ ନିୟମାବଳୀ 2003 ଓ ସରକାରଙ୍କ 30 ଜାନୁଆରୀ 2001 ଅଧିସୂଚନା ଅନୁଯାୟୀ କୌଣସି ସ୍ଥାବର ସମ୍ପତ୍ତିର ଲିଜ ଦଲିଲ ଲିଜ ମୂଲ୍ୟର ବିହିତ ହାରରେ ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେସନ ଫିସ୍ ପ୍ରଦାନ ପୂର୍ବକ ଲିଜ ଦେବା ସମୟରେ ରେଜିଷ୍ଟ୍ରି ହେବା ବିଧେୟ ।

ନଭେମ୍ବର ଓ ଡିସେମ୍ବର 2009 ରେ ଛଅଗୋଟି ସହକାରୀ ମତ୍ସ୍ୟ ନିର୍ଦ୍ଦେଶକଙ୍କ ନଥିପତ୍ରର ନମୁନା ଯାଞ୍ଚରୁ ସମ୍ପୃକ୍ତ ଅଧିକାରୀମାନେ 27 ଗୋଟି ମତ୍ସ୍ୟ ଫାର୍ମର ଲିଜ ଦଲିଲ ବୈଧ ସମୟରେ ରେଜିଷ୍ଟ୍ରି କରିବାରେ ବିଫଳ ହେବାରୁ 1.86 ଲକ୍ଷ ଟଙ୍କାର ଷ୍ଟାମ୍ପ ଶୁଳ୍କ ଏବଂ ରେଜିଷ୍ଟ୍ରେସନ ଫିସ୍ ହାନି ହୋଇଥିବା ଓ ସମୀକ୍ଷା ଦିନ ପର୍ଯ୍ୟନ୍ତ ବୈଧ ଥିବା 0.29 ଲକ୍ଷ ଟଙ୍କାର ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେସନ ଫିସ୍ ଅନାଦାୟ ଥିବା ଆମେ ଦେଖିଥିଲୁ । 29 ଗୋଟି ମତ୍ସ୍ୟ ଫାର୍ମର ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରି ଫିସ୍‌ର ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ ଓ୍ୱାରି ହାନିର ବିଶଦ ବିବରଣୀ **ପରିଶିଷ୍ଟ-XV** ରେ ଦର୍ଶାଗଲା ।

ମାମଲାଟି ଆମେ ଦର୍ଶାଇବା ପରେ ସରକାର ଜୁଲାଇ 2010 ରେ କହିଲେ ଯେ ମତ୍ସ୍ୟ ନିର୍ଦ୍ଦେଶକ ଓଡିଶା ସମ୍ପୃକ୍ତ ଜିଲ୍ଲା ନିବନ୍ଧନ କର୍ତ୍ତୃପକ୍ଷଙ୍କ ନିକଟରେ ଲିଜ ଦଲିଲର ରେଜିଷ୍ଟ୍ରି କରିବା କାର୍ଯ୍ୟ ତ୍ୱରାନ୍ୱିତ କରୁଥିଲେ । ବିଷୟଟିର ଅଧିକତର ଅଗ୍ରଗତି ମୂଳକ ରିପୋର୍ଟ ମିଳି ନଥିଲା (ଡିସେମ୍ବର 2010) ।

## 8.5.4 ବିକ୍ରୟଲବ୍ଧ ଅର୍ଥ ଅପ୍ରେରଣ

ଓଡିଶା କୋଷାଗର ସଂହିତା (ଓଟିସି) 1943 ଅନୁଯାୟୀ ବିକ୍ରୟ ଆୟରୁ ସଂଗୃହୀତ ଅର୍ଥ ଅବିଳମ୍ବେ ପ୍ରାପ୍ତିର ସାତଦିନ ମଧ୍ୟରେ ସରକାରୀ ତହବିଲରେ ଜମା କରାଯିବା ଆବଶ୍ୟକ । ଅଧିକନ୍ତୁ ବିକ୍ରୟଲବ୍ଧ ବିଭାଗୀୟ ପ୍ରାପ୍ତିରୁ ବିଭାଗୀୟ ଖର୍ଚ୍ଚରେ ବିନିଯୋଗକୁ ଅର୍ଥ ବିଭାଗ ଦ୍ୱାରା କଡାକଡି ମନା କରାଯାଇଅଛି ।

ଛଅଗୋଟି ସହକାରୀ ମତ୍ସ୍ୟ ନିର୍ଦ୍ଦେଶକଙ୍କ ନଥିପତ୍ରର ନଭେମ୍ବର 2009 ରେ ହୋଇଥିବା ନମୁନା ଯାଞ୍ଚରୁ ଆମେ ଦେଖିଲୁ ଯେ 15.98 ଲକ୍ଷ ଟଙ୍କାର ବିକ୍ରୟ ଆୟ ସମ୍ପୃକ୍ତ ସହକାରୀ ମତ୍ସ୍ୟ ନିର୍ଦ୍ଦେଶକମାନଙ୍କ ଦ୍ୱାରା ସରକାରଙ୍କ କୋଷାଗାରରେ ଜମା କରାନଯାଇ ଅପ୍ରାଧିକୃତ ଭାବେ ବିଭାଗୀୟ ବ୍ୟୟ ବାବଦକୁ ଖର୍ଚ୍ଚ କରାଯାଇଥିଲା । 15.98 ଲକ୍ଷ ଟଙ୍କା ବିକ୍ରୟ ଆୟ ଅର୍ଥ ଅପ୍ରେରଣର ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ ଓ୍ୱାରି ବିଶଦ ବିବରଣୀ **ପରିଶିଷ୍ଟ-XVI** ରେ ଦର୍ଶାଗଲା ।

ଆମେ ମାମଲା ଗୁଡିକ ଦର୍ଶାଇବା ପରେ ସରକାର ଜୁଲାଇ 2010 ରେ କହିଲେ ଯେ ଫାର୍ମଗୁଡିକ 2010-11 ବର୍ଷର ଆଲଟ୍‌ମେଣ୍ଟ ପାଇସାରିଛନ୍ତି ଓ ଆଶା କରାଯାଏ ଯେ ଅବଶିଷ୍ଟ ବିକ୍ରୟ ଆୟ 15.98 ଲକ୍ଷ ଟଙ୍କା ଇତି ମଧ୍ୟରେ କୋଷାଗାରରେ ଜମା ହୋଇ ସାରିଥିବ । ଏହା ସତ୍ୟ ଯେ ସରକାରୀ ମତ୍ସ୍ୟ ନିର୍ଦ୍ଦେଶକ ମାନେ ଏପରି କରିବାକୁ ପ୍ରାଧିକୃତ ନଥିଲେ । ଅର୍ଥ ପ୍ରେରଣରେ ବାସ୍ତବ ସ୍ଥିତି ଏବଂ ବିକ୍ରୟ ଆୟର ଏଭଳି ଅପ୍ରାଧିକୃତ ବିନିଯୋଗ ଉପରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନର ରିପୋର୍ଟ ମିଳିନଥିଲା (ଡିସେମ୍ବର 2010) ।

**ଭୁବନେଶ୍ୱର** **(ସୌଭାଗ୍ୟ ରଞ୍ଜନ ଧଳ)**
**ତାରିଖ** **ମହାଲେଖାକାର (ବାଣିଜ୍ୟିକ, ନିର୍ମାଣ ଏବଂ ପ୍ରାପ୍ତି ସମୀକ୍ଷା)**

**ପ୍ରତି ସ୍ୱାକ୍ଷରିତ**

**ନୂଆଦିଲ୍ଲୀ** **(ବିନୋଦ ରାୟ)**
**ତାରିଖ** **ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**

# ପରିଶିଷ୍ଟ

# ପରିଶିଷ୍ଟ -I

## (ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.4.1.1.)

### ରେଞ୍ଜ ଅନୁଯାୟୀ ଏବଂ ମଣ୍ଡଳ ଅନୁଯାୟୀ ତୃଟିଯୁକ୍ତ ଘୋଷଣାପତ୍ରର ଗ୍ରହଣ କିମ୍ବା ବୈଧ ଘୋଷଣାପତ୍ରର ଅଭାବ ଏବଂ ଅନ୍ୟାନ୍ୟ କାରଣ ହେତୁ କରର ଅନାରୋପଣ/ସ୍ୱଳ୍ପାରୋପଣର ବିଶଦ ବିବରଣୀ

(ଟଙ୍କା ଲକ୍ଷ ଆକାରରେ)

